# ଓଡ଼ିଆ-ଖଡ଼ିଆ

# ଶବ୍ଦକୋଷ

ଜନଜାତି•ସଂସ୍କୃତି•ପ୍ରଗତି

**ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ସୁନ୍ଦରଗଡ଼**

ଯୋଜନା ଓ ସଂଯୋଜନ ବିଭାଗ

ଓଡ଼ିଶା ସରକାର

# ଓଡ଼ିଆ-ଖଡ଼ିଆ ଶବ୍ଦକୋଷ

**ସଂକଳନ :**

ଶ୍ରୀ ଅର୍ଜୁନ ନାୟକ

ଶ୍ରୀ ପ୍ରବୀଣ କୁମାର ଡନ୍‌ସେନା

ଶ୍ରୀ ମହେନ୍ଦ୍ର ବାଗ

ଶ୍ରୀମତୀ ଗୀତାଞ୍ଜଳି ବାଗ୍

**ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ସୁନ୍ଦରଗଡ଼**

**ଯୋଜନା ଓ ସଂଯୋଜନ ବିଭାଗ**

**ଓଡ଼ିଶା ସରକାର**

# ଓଡିଆ-ଖଡ଼ିଆ ଶବ୍ଦକୋଷ

**ସଂକଳନ** : ଶ୍ରୀ ଅର୍ଜୁନ ନାୟକ
ଶ୍ରୀ ପ୍ରବୀଣ କୁମାର ଡନ୍‌ସନା
ଶ୍ରୀ ମହେନ୍ଦ୍ର ବାଗ
ଶ୍ରୀମତୀ ଗୀତାଞ୍ଜଳି ବାଗ

**ପ୍ରକାଶକ** : ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ସୁନ୍ଦରଗଡ଼
ଯୋଜନା ଓ ସଂଯୋଜନ ବିଭାଗ,
ଓଡ଼ିଶା ସରକାର

**ପ୍ରଥମ ପ୍ରକାଶ** : ନଭେମ୍ବର, ୨୦୧୮

**ମୁଦ୍ରଣ** : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

**ODIA-KHADIA SABDAKOSH**

**Compilation** : Sri Arjun Naik
Sri Pravin Kumar Dansana
Sri Mahendra Bag
Smt Gitanjali Bag

**Publisher** : Special Development Council, Sundargarh,
Planning & Convergence Department,
Govt. of Odisha

**First Edition** : November, 2018

**Printed at** : Odisha State Bureau of Textbook Preparation and Production, Bhubaneswar

# ମୁଖବନ୍ଧ

ଓଡ଼ିଶାରେ ବସବାସ କରୁଥିବା ଜନଜାତି ମାନଙ୍କର ସଂସ୍କୃତି ଖୁବ୍ ପ୍ରାଚୀନ । ସେମାନଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟା, ପୂଜା ପାର୍ବଣ, ଭାଷା, ଲୋକ ପରଂପରା ଅନ୍ୟମାନଙ୍କ ଠାରୁ ଖୁବ୍ ନିଆରା । ନିଜ ପରିବେଶ ଆଧାରିତ ଭାଷା-ସଂସ୍କୃତି-କଳା- ପାରଂପରିକ ଜ୍ଞାନ କୌଶଳ ସେମାନଙ୍କ ଜୀବନ ସହ ପ୍ରବାହମାନ । ମୁଖ୍ୟ ସ୍ରୋତ ଠାରୁ ଦୂରରେ ରହି  ମଧ ଏମାନଙ୍କ ସଂଗ୍ରାମ ଓ ସ୍ୱାଭିମାନ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ବାହ୍ୟ ସଂସ୍କୃତିର ପ୍ରଭାବ ଓ ବୈଦ୍ୟୁତିକ ଯୋଗାଯୋଗ ବ୍ୟବସ୍ଥା କ୍ଷୀପ୍ରତର ହେବା ଦ୍ୱାରା ସଂପ୍ରତି ତାଙ୍କର ଭାଷା- ସଂସ୍କୃତିରେ ପରିବର୍ତ୍ତନ ପରିଲିକ୍ଷିତ ହେବାରେ ଲାଗିଛି । ଏହି ପରିବର୍ତ୍ତନରେ ତାଙ୍କ ପାରମ୍ପରିକ ସାମାଜିକ- ସାଂସ୍କୃତିକ ବ୍ୟବସ୍ଥା ଏକ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ଜନଜାତି ସମାଜ ନିଜ ସଂସ୍କୃତି ପରିସରରୁ ବାହାରି ମୁଖ୍ୟ ସ୍ରୋତ ସହ ସାମିଲ ହେବା ପ୍ରକ୍ରିୟାରେ ଭାଷା ହେଉଛି ଏକ ପ୍ରମୁଖ ମାଧ୍ୟମ । ଭାଷା ହେଉଛି ପରମ୍ପରା ଓ ପ୍ରଗତିର ଏକ ସଂଯୋଜକ ସେତୁ, ବିକାଶକୁ ଯୋଡ଼ିବାର ମୁଖ୍ୟ ମାର୍ଗ । ନିଜ ଭାଷା ମାଧ୍ୟମରେ ବିକାଶର ଭାଷାକୁ ବୁଝି ପାରିଲେ ଜନଜାତିଙ୍କ ଉନ୍ନୟନର ମାର୍ଗ ପ୍ରଶସ୍ତ ହୋଇ ପାରିବ ।

ଉନ୍ନୟନ ବ୍ୟବସ୍ଥାର ଅନ୍ୟତମ ମୁଖ୍ୟ ଅଂଗ ହେଲା ଶିକ୍ଷା । ଶିକ୍ଷା ବ୍ୟବସ୍ଥାର ଆଦ୍ୟ ସୋପାନରେ ଶିଶୁ ସହ ପରିଚିତ ହେବା ଅର୍ଥ ତା ଭାଷା ସହ ପରିଚିତ ହେବା । ଶିଶୁ ତା ଆଦ୍ୟ ବୟସରେ ମା'ର ଭାଷା ସହ ପରିଚିତ ହୋଇଥାଏ । ତେଣୁ ଶିଶୁର ମାତୃଭାଷା ସହ ନିଜକୁ ସାମିଲ କରାଇ ତାକୁ ଶିକ୍ଷା ବ୍ୟବସ୍ଥା ସହ ଯୋଡିବାର ଆବଶ୍ୟକତା ରହିଥାଏ । ଶିଶୁ ତା' ଭାଷାରେ ତା ଜଗତକୁ, ପ୍ରକାରାନ୍ତରେ ତା ସଂସ୍କୃତି ସହ ପରିଚିତ ହୋଇଥାଏ । ଏଣୁ ଶିଶୁକୁ ଶିକ୍ଷାଦାନ କରିବା ମାଧ୍ୟମରେ ଶିକ୍ଷାର ମାର୍ଗ ପ୍ରଶସ୍ତ କରିବା ଅର୍ଥ ଜନଜାତି ଭାଷା ଓ ସଂସ୍କୃତିକୁ ଜାଣିବା ।

ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଭାଷାର ଆବଶ୍ୟକତାକୁ ଆଖି ଆଗରେ ରଖି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜନଜାତି ଅଂଚଳର ପ୍ରମୁଖ ୨୧ଗୋଟି ଭାଷା ଉପରେ ଦ୍ୱିଭାଷୀ ଶବ୍ଦକୋଷ ପ୍ରଣୟନ କରିଛି । ଏହା ଏକ ପ୍ରାରମ୍ଭିକ ଉପକ୍ରମ । ଜନଜାତି ଭାଷା ଗୁଡ଼ିକର ଏକ ପୂର୍ଣ୍ଣାଙ୍ଗ ଶବ୍ଦକୋଷ ପ୍ରଣୟନର ଆବଶ୍ୟକତା ରହିଛି । ଏହା କଲେ ଜନଜାତି ସଂସ୍କୃତିର ସଂରକ୍ଷଣ ସମ୍ଭବ ହୋଇପାରିବ ।

ଜନଜାତି ଭାଷା ଗୁଡ଼ିକର ଆଂଚଳିକ ଭେଦ ରହିଛି । କେଉଁଠି ବଂଶ ଆଧାରରେ ତ କେଉଁଠି ଭୌଗୋଳିକ ଆଧାରରେ ଏହି ଭେଦ ଜଣାପଡ଼େ ।ଏହା ମୁଖ୍ୟତଃ ସ୍ୱନିମିକ । ତେବେ ବସ୍ତୁ ସଂସ୍କୃତିରେ କିଛି ଆଗତ ଶବ୍ଦ ମଧ ଭାଷାକୁ ସଂକ୍ରମିତ କରିଥିବାରୁ ପାର୍ଥକ୍ୟ ରହିବା ସ୍ୱାଭାବିକ । ପ୍ରସଂଗକୁ ଜାଣିଲେ ଶବ୍ଦର ଅର୍ଥ ପାଇବାରେ କୌଣସି ଅସୁବିଧା ନ ଥାଏ ।ତେବେ ବିଭିନ୍ନ ଅଂଚଳର ଭାଷାକୁ ସ୍ଥାନୀତ କରିବା ସୀମିତ ସମୟ ମଧ୍ୟରେ ସମ୍ଭବପର ହେଉ ନଥିବାରୁ ସଂକଳିତ ଶବ୍ଦକୋଷ ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା ଓ ବଡଗାଁ ଅଂଚଳସ୍ଥ ଡେଲକି ଖଡ଼ିଆଙ୍କ ଭାଷାକୁ ଆଧାର କରି ପ୍ରସ୍ତୁତ କରାଯାଇଛି ।

ଆମେ ଆଶା କରୁଛୁ ପ୍ରସ୍ତୁତ **ଓଡ଼ିଆ – ଖଡ଼ିଆ ଶବ୍ଦକୋଷ**କୁ ପାଠକେ ଉଦାରତାର ସହ ଗ୍ରହଣ କରିବେ ଏବଂ ଉଦ୍ଦେଶ୍ୟ ସାଧନ ଦିଗରେ ଆମକୁ ସହଯୋଗ କରିବେ ବୋଲି ଆଶା ଓ ବିଶ୍ୱାସ ।

ଅଧ୍ୟକ୍ଷ
ସ୍ୱତନ୍ତ୍ର ଉନ୍ନୟନ ପରିଷଦ
ସୁନ୍ଦରଗଡ଼

# ଖଡ଼ିଆ ଭାଷାକୋଷ

## (ଅ)

| | | | |
|---|---|---|---|
| ଓ- | ଅତିଥି | - | ଆମଘରକୁ ଅତିଥି ଆସିଛନ୍ତି । |
| ଖ- | ଗତିଆ | - | ଏଲାଃ ଅଃ ବୁଙ୍ଗ୍ ଗତିଆ ଡେଲ୍ସିଗ୍ ମେନ୍ । |
| ଓ- | ଅଙ୍କନ | - | ଗୋଟିଏ କାଉର ଚିତ୍ର ଅଙ୍କନ କର । |
| ଖ- | ଛାପା | - | ମୁଇଙ୍ଗ୍ କୁଆ ଗାଃ ଛାପା ବାୟେ । |
| ଓ- | ଅଭିଭାବକ | - | ଅଭିଭାବକ ମାନେ ତୁମର ଯତ୍ନ ନିଅନ୍ତି । |
| ଖ- | ଗମ୍କେ | - | ଗମ୍କେ କି ଆମ୍ପାଃ ଯତନ୍ ଡତ୍ତେକି । |
| ଓ- | ଅଭ୍ୟାସ | - | ଗୀତ ଗାଇବା ଅଭ୍ୟାସ କର । |
| ଖ- | ଅଭିଆସ୍ | - | ଆଲଙ୍ଗ୍ ଆଲଙ୍ଗ୍ ନାଃଥମ୍ ଅଭିଆସ୍ ବାୟେ । |
| ଓ- | ଅଭିନୟ | - | ରବି ଭଲ ଅଭିନୟ କରି ଜାଣେ । |
| ଖ- | କୁଇଗ୍ନା | - | ରବି ବନେ ପାଟ୍ ବାଏନା/ କୁଇଗ୍ନା ସଏଗ୍ ତେ । |
| ଓ- | ଅଜା | - | ଆମ ଅଜାଙ୍କ ନାମ ମଙ୍ଗ୍ଲୁ / ମଙ୍ଗଲୁ ମାଝୀ । |
| ଖ- | ଆଜା | - | ଏଲାଃ ଆଜାଃ ନା ମଙ୍ଗ୍ଲୁ ମାଝୀ । |
| ଓ- | ଅଧିକ | - | ମୁଁ ଅଧିକ ପାଠ ଜାଣେ । |
| ଖ- | ଅଏତ୍କା | - | ଇଙ୍ଗ୍ ଅଏତ୍କା ପାଠ୍ ସଏଗ୍ ତିଙ୍ଗ୍ । |
| ଓ- | ଅମୃତ | - | ଅମୃତ ଖାଇବା ଦେହ ପକ୍ଷେ ହିତକର । |
| ଖ- | ପବିତା | - | ପବିତା ନଅନା ନିରିଆଃଥମ୍ ବନେ ହାଏ । |
| ଓ- | ଅଣ ଓସାରିଆ | - | ଆମ ଗ୍ରାମକୁ ଅଣ ଓସାରିଆ ରାସ୍ତାଟିଏ ଅଛି । |
| ଖ- | ସାଁକୁର୍ | - | ଏଲାଃ କେଲ୍କେତେ ସାଁକୁର୍ ଗଏଗ୍ଝୁଙ୍ଗ୍ ମୁଇଙ୍ଗ୍ ଆଃଇ । |
| ଓ- | ଅକ୍ଷର | - | ତୁମର ଅକ୍ଷର ବହୁତ ସୁନ୍ଦର ଅଟେ । |
| ଖ- | ଲେଖା | - | ଆମାଃ ଲେଖା ବଡ଼ା ସୁନ୍ଦର ଆଃଇ । |
| ଓ- | ଅଠା | - | ଅଠାରେ କାଗଜ ଲଗାଯାଏ । |
| ଖ- | ଲସା | - | ଲସାବୁଙ୍ଗ୍ କାଗତ୍ ଲଟକାଏ ତେକି । |
| ଓ- | ଅପେକ୍ଷା | - | ମୁଁ ତୁମକୁ ଅପେକ୍ଷା କରି ଆସିବି । |
| ଖ- | ଆଗୁର୍ | - | ଇଙ୍ଗ୍ ଆମ୍ତେ ଆଗୁର୍ କରି ଡେଲ୍ନାଏଙ୍ଗ୍ । |
| ଓ- | ଅକଲ ଗୁଡୁମ୍ | - | ମୃତ୍ୟୁଖବର ପାଇ ମୋ ଅକଲ ଗୁଡୁମ ହେଲା । |
| ଖ- | ବୁଃଧି ସିଡ୍ଗାଃକି | - | ଗୋଏଗ୍ନା/ନାସେନା ଖବର୍ କୁଇ କରି ଇଙ୍ଗାଃ ବୁଃଦ୍ଧି ବେଣାଏ ଗଃକି । |
| ଓ- | ଅଧଃକ୍ରମ | - | ମୁଁ ଅଧଃକ୍ରମରେ ନାମ ଗୁଡିକ ପଢିଲି । |
| ଖ- | ତୁତାବୁଙ୍ଗ୍ତୁତା | - | ଇଙ୍ଗ୍ ତୁତାବୁଙ୍ଗ୍ତୁତା ନା’କି ପଢେ କିଙ୍ଗ୍ । |

| | | | |
|---|---|---|---|
| ଓ- | ଅମ୍ଳ | - | ଅମ୍ଳରସ ପିଇ ହୁଏ ନାହିଁ । |
| ଖ- | ରଜଟ୍ | - | ରଜଟ୍ ରସ୍ ଉଡ୍‌ନା ଉମ୍ ହଏତା । |
| ଓ- | ଅନ୍ନ | - | ଅନ୍ନ ବିନା ଆମେ ବଂଚି ପାରିବା ନାହିଁ । |
| ଖ- | ଅରନ୍ | - | ଅରନ୍ ମଃଲାଃ ଆନିଙ୍ଗ୍ ବାନ୍‌ଚେନା ଉମ୍ ପାଲେନିଙ୍ଗ୍ । |
| ଓ- | ଅଂଟା | - | ବୁଢ଼ାବୁଢ଼ୀମାନେ ଅଂଟା ସିଧା କରିପାରନ୍ତି ନାହିଁ । |
| ଖ- | କଡ଼ି | - | କେଣର୍ ବଃ କାଣାୟ୍ କି କଡ଼ି ସଲ୍‌ଖାଏନା ଉମ୍ ପାଲ୍‌ତେକି । |
| ଓ- | ଅଁଳା | - | ଅଁଳା ତେଲ କେଶକୁ ଭଲ । |
| ଖ- | ଆଉଁଲା | - | ଆଉଁଲା ଜୋଲ୍ ଉଲିଆଃ ଥମ୍ ବନେ ହାଏ । |
| ଓ- | ଅଂଚଳ | - | ଆମ ଅଂଚଳ ଜଙ୍ଗଲରେ ପୂର୍ଣ୍ଣ । |
| ଖ- | ଇଲାକା | - | ଏଲାଃ ଇଲାକାଯେଃ ଆଡାୟ ବୁଙ୍ଗ୍ ଭରପୂର । |
| ଓ- | ଅଧ୍ୟୟନ | - | ଧର୍ମ ପୁସ୍ତକ ଅଧ୍ୟୟନ ଜୀବନ ପାଇଁ ଭଲ । |
| ଖ- | ପଢ଼େନା | - | ଧରମ୍ ବହି ପଢ଼େନା ଜୀବନ୍ ଆଃଥମ୍ ବନେ । |
| ଓ- | ଅରମା | - | ଆମେ ଆମ ବାଡ଼ିର ଅରମା ସଫା କରୁ । |
| ଖ- | କାଚ୍‌ରା | - | ଏଲେ ଏଲାଃ ବାଡ଼ିଆଃ କାଚ୍‌ରା ସାଫା ବାୟ୍‌ତେ ଲେ । |
| ଓ- | ଅନୁଚ୍ଛେଦ | - | ତୁମେ ପ୍ରତି ଦିନ ପାଞ୍ଚୋଟି ଅନୁଚ୍ଛେଦ ସାହିତ୍ୟ ପଢ଼ । |
| ଖ- | ଖଣ୍ ଭେର୍ | - | ଆମ୍ ଝାକି ଦିନ ପାଂଚ୍ ଖଣ୍ ଭେର୍ ସାହିତ୍ୟ ପଢ଼େନାମ୍ । |
| ଓ- | ଅସନା | - | ପିଲାଟି ବହୁତ ଅସନା ହୋଇଛି । |
| ଖ- | କେଚ୍‌କେଚା | - | ବେଟା ଯେଃ ବଡା କେଚ୍‌କେଚା ହଏସିଗ୍ । |
| ଓ- | ଅକଲ | - | ବଣରେ ବାଘ ଦେଖି ମୋର ଅକଲ ହଜିଗଲା । |
| ଖ- | ବୁଃଦ୍ଧି | - | ଆଡାୟେତେ କିଡଃ ଜୟ୍ କଲା ଇଙ୍ଗାଃ ବୁଃଦ୍ଧି ସିଡ୍‌ଗଃକି । |
| ଓ- | ଅଟ୍ଟାଳିକା | - | ଧନିକ ମାନେ ଅଟ୍ଟାଳିକାରେ ରହନ୍ତି । |
| ଖ- | ବେଲ୍‌ଡିଙ୍ଗ୍ | - | ଧନୀ ଲେବୁକି ବେଲ୍‌ଡିଙ୍ଗ୍ ଅଃତେ ରହେତାକି । |
| ଓ- | ଅଳନ୍ଧୁ | - | ରୋଷେଇ ଘରେ ଅଳନ୍ଧୁ ଲାଗେ । |
| ଖ- | ଅନ୍ଧୁ | - | ରାନ୍ଧା ଅଃତେ ଅନ୍ଧୁ ଲାଃତା । |
| ଓ- | ଅଳପ | - | ମଦ ଖାଇଲେ ଅଳପ ଆୟୁ ହୁଏ । |
| ଖ- | କମେନା | - | ଝାରା ଉଥଃଲାଃ ଆୟୁ କମେ ଗଃତା । |
| ଓ- | ଅଳିଆ | - | ଅଳିଆ ଖାତରେ ଗଦାକରି ପୋତି ପକାଅ । |
| ଖ- | କାଚ୍‌ରାକୁଟା | - | କାଚ୍‌ରାକୁଟା ଢ଼ଡାତେ କୁଧା କରି ତିଲ୍ ଗଡେପେ । |
| ଓ- | ଅନ୍ଧା | - | ଅନ୍ଧକୁ ବାଟ ଦେଖାଇ ଦିଅ । |
| ଖ- | ଆନ୍ଧା | - | ଆନ୍ଧାତେ ଗଏଗ୍‌ଝୁଙ୍ଗ୍ ଅବ୍‌ଜଃ ଗଡେ । |

ଓ– ଅସୁମାରି – ରାତିରେ ଅସୁମାରି ତାରା ଦେଖାଯାଆନ୍ତି ।
ଖ– ଖୋବ୍ – ଇଡିବ୍‌ତେ ଖୋବ୍ ଜୁଙ୍ଗ୍‌ଜୁଙ୍ଗିଆ ତରେ ଜୟତା କି ।
ଓ– ଅସମ୍ଭବ – ଅସମ୍ଭବ ବୋଲି କେବେ କହ ନାହିଁ ।
ଖ– ଉମ୍‌ପାଲ୍‌ନା – ଉମ୍‌ପାଲ୍‌ନା ଗାମ୍ କରି ଆବୁ ଗାମେପେ / ଉମ୍‌ପାଲ୍‌ନା ଗାମ୍‌କରି ଇଭେରେଜ ଆବୁ ଗାମେପେ ।
ଓ– ଅମ୍ବର – ନୀଳ ଅମ୍ବର ଭାରି ସୁନ୍ଦର ।
ଖ– ତିରିବ୍ – ନିଲିଆ ତିରିବ୍ ମୁରୁକ୍ ସୁନ୍ଦର୍ ।
ଓ– ଅସ୍ତ – ଅସ୍ତବେଳେ ସୂର୍ଯ୍ୟଲାଲ୍ ଦେଖାଯାଏ ।
ଖ– ବିଁଡିବ୍‌ନା – ବିଁଡିବ୍‌ନା ଭେରେ ବେଡ ଲାଲ୍ ଜୟ୍‌ତା ।
ଓ– ଅମର – ଦେଶ ପାଇ ପ୍ରାଣ ଦେବା ବ୍ୟକ୍ତି ଅମର ହୁଅନ୍ତି ।
ଖ– ଉମ୍ ଗଏଗ୍‌ନା – ଦେଶ ଆଃ ଥମ୍ ଜୀବନ୍ ତେର୍‌ତେର୍ ଲେବୁ କେଭେ ଉମ୍ ଗୋଏଗ୍‌ତା ।
ଓ– ଅପରିଷ୍କାର – ଅପରିଷ୍କାର ରହିଲେ ରୋଗ ହୁଏ ।
ଖ– ପୁହ୍‌ରିଆ – ପୁହ୍‌ରିଆ ରହେକିଲା ରୁଗିଆ ହଏତା ।
ଓ– ଅମଳ – ଫସଲ ଅମଳ ସମୟରେ ଚାଷୀ ଖୁସି ରହେ ।
ଖ– ଆମଦାନୀ – ଫସଲ କିର୍‌ସି ଜାଏତ ଆମ୍‌ଦାନୀ ଭେରେ ଚାଷି ଲେରୈଃ ତା ।
ଓ– ଅପାର – ଅପାର ଧନ ଅପେକ୍ଷା ପ୍ରେମ ଉତ୍ତମ ।
ଖ– ଖୋବ୍ – ଖୋବ୍ ଧନ୍ ଦରବ୍ ତାୟ ଦୁଲାର୍ ଏକଦମ୍ ବାରୁ ।
ଓ– ଅବଶିଷ୍ଟ – ଅବଶିଷ୍ଟ ସମୟ ମୁଁ ବଗିଚା କାମ କରେ ।
ଖ– ବାକି – ବାକି ବେଡାତେ ଇଙ୍ଗ୍ ବାଡିତେ କାମୁ ତାଏଙ୍ଗ୍ ।
ଓ– ଅଦୁର – ମନ୍ଦ ଅଭ୍ୟାସକୁ ନିଜଠାରୁ ଦୂର କର ।
ଖ– ଅଲ୍‌ଗାୟେ – ଖାରାବ୍ ଅଭିଆସ୍ ନିରିତାୟ ଅଲ୍‌ଗାୟେ ।
ଓ– ଅଳ୍ପ – ମୁଁ ଅଳ୍ପ କହେ ବେଶି କରେ ।
ଖ– ଇଚିଃ – ଇଙ୍ଗ୍ ଇଚିଃ ଗାମ୍‌ତିଙ୍ଗ୍ ଖୋବ୍ କାମୁତାଏଙ୍ଗ୍ ।
ଓ– ଅଳ୍ପାୟୁ – ନିଶା ସେବନ କଲେ ଅଳ୍ପାୟୁ ହୁଏ ।
ଖ– ଆୟୁ କମେନା – ନିଶା ଜିନିଷ୍ ଉଥଃଲାଃ ଆୟୁ କମେ ଗଃତା ।
ଓ– ଅମଙ୍ଗ – ମଲ୍ଲୀ ବଣକୁ ଯିବାକୁ ଅମଙ୍ଗ ହେଲା ।
ଖ– ଉମ୍ ମାନେକି – ମଲି ଆଡାୟ ସାନ୍ ନାଃଥମ୍ ଉମ୍ ମାନେ କି / ମନ୍ ବାୟଃ ।
ଓ– ଅସ୍ତ୍ର – ଯେ ଅସ୍ତ୍ର ଧାରଣ କରେ ସେ ଅସ୍ତ୍ରରେ ମରେ ।
ଖ– ହାଥିୟାର୍ – ବେର୍ ହାଥିଆର୍ ଧଃତେ ତେ ଆଡି ହାଥି ଆର୍ ତେ ଗୋଏଗ୍‌ତା ।
ଓ– ଅଳି – ମିନି ସ୍କୁଲକୁ ଯିବା ନିମନ୍ତେ ଅଳି କରୁଛି ।
ଖ– ଅଲ୍‌ଝଟ୍ – ମିନି ଇସ୍କୁଲ ସାନ୍ ନାଃଥମ୍ ଅଲ୍‌ଝଟ୍ ତାଏଗ୍ / ବାଏତାଏଗ୍ ।

| | | | |
|---|---|---|---|
| ଓ- | ଅର୍ଦ୍ଧରାତ୍ର | - | ଚୋର ଅର୍ଦ୍ଧରାତ୍ରରେ ବାହାରେ । |
| ଖ- | ନିଶାନ୍ ଇଡିବତେ- | | ସୁରୁମ୍ ଲେବୁ ନିଶାନ୍ ଇଡିବ୍‌ତେ ମୁଃତା । |
| ଓ- | ଅଦ୍ଭୁତ | - | ଆକାଶରେ ବେଳେ ବେଳେ ଅଦ୍ଭୁତ ଦୃଶ୍ୟ ଦେଖାଯାଏ । |
| ଖ- | ଅଜବ୍ | - | ଶୂଇନ୍ ତେ ମେସନ୍ ମେସନ୍ ଅଜବ୍ ଜିନିଷ୍ ଜୟ୍‌ତା । |
| ଓ- | ଅଧା | - | ବଗିଚାର ଅଧା କାମ ଆମେ କରିବୁ । |
| ଖ- | ଆଧା | - | ବାଡିଆଃ ଆଧା କାମୁ ଏଲେ ବାୟେଲେ । |
| ଓ- | ଅଧିର | - | ଦୁଃଖ ବେଳେ ଆମେ ଅଧିର ହେଉ । |
| ଖ- | ନିରାଶ୍ | - | କସୁଭେରେ ଆନିଙ୍ଗ୍ ନିରାଶ୍ ହଏତାନିଂ । |
| ଓ- | ଅଦାଲତ | - | ଆମ ରାଜ୍ୟରେ ସର୍ବୋଚ୍ଚ ଅଦାଲତ ରହିଛି । |
| ଖ- | କଛ୍‌ରୀ | - | ଆନିଆଃ ରାଏଜ୍‌ତେ ଝାକିଆତାୟ୍ ମାହା କଛ୍‌ରୀ ଆଃଇ । |
| ଓ- | ଅବିବେକି | - | ଅବିବେକୀ ବିନଷ୍ଟ ହେବ । |
| ଖ- | ନିର୍‌ବୁଧିଆ | - | ନିର୍‌ବୁଧିଆ ଖାରବ୍ ହଏ୍ ଗଅନା । |
| ଓ- | ଅବଜ୍ଞା | - | ବାପାମାଙ୍କ ଆଦେଶ ଅବଜ୍ଞା କରନାହିଁ । |
| ଖ- | ହେଲାଃ | - | ବୁଆ ମାଁ କାୟମ୍‌ତେ ହେଲାଃ ଆବୁ ବାୟେପେ । |
| ଓ- | ଅଫିସର | - | ଆମ ସାହିକୁ ଜଣେ ଅଫିସର ଆସିଥିଲେ । |
| ଖ- | ସାହେବ୍ | - | ଏଲାଃ ପାଡାବୁଙ୍ଗ୍ ମୁଇଙ୍ଗ୍ ସାହେବ୍ ଡେଲ୍‌ସିଥଃ । |
| ଓ- | ଅଶେଷ | - | ପ୍ରେମ ଅଶେଷ ଅଟେ। |
| ଖ- | ଉମ୍ ବଙ୍ଗ୍‌ତା | - | ପେରେମ୍ ବଙ୍ଗ୍‌ନା ହାଏ। |
| ଓ- | ଅବଶ୍ୟ | - | ଆମକୁ ଅବଶ୍ୟ ସମାଜ ସେବା କରିବାକୁ ହେବ । |
| ଖ- | ଯେନ୍ତାଲାଃଜ | - | ଆନିଙ୍ଗ୍‌ତେ ଯେନ୍ତାଲାଃଜ ସମାଜ୍ ସେବା ବାୟ୍‌ନା ଗୁର୍‌ନା । |
| ଓ- | ଅଳ୍ପକ୍ଷଣ | - | ଇନ୍ଦ୍ରଧନୁ ଅଳ୍ପକ୍ଷଣ ଦେଖାଯାଏ । |
| ଖ- | ଇଚିଃଆଃଥମ୍ | - | ରାମଧୁନ୍ ଇଚିଃ ଆଃଥମ୍ ଜୟ୍‌ତା । |
| ଓ- | ଅସ୍ଥି | - | ଆମ ଦେହରେ ୨୦୬ ଖଣ୍ଡ ଅସ୍ଥି ଅଛି । |
| ଖ- | ଜାଙ୍ଗ୍ | - | ଆନିୟାଃ ନିରିତେ ୨୦୬ ଖଣ୍ ଜାଙ୍ଗ୍ ଆଃଇ । |
| ଓ- | ଅସହଯୋଗ | - | ଅସହଯୋଗ କଲେ ସମାଜ ବିକାଶ ହେବ ନାହିଁ । |
| ଖ- | ଖାପ୍‌ଛଡା | - | ଖାପ୍‌ଛଡା ବାୟଲାଃ ସମାଜ୍ ଆଘ୍‌ଲି ଉମ୍ ବଢ଼େଡା । |
| ଓ- | ଅଝଟ | - | ଅଝଟ କରିବା ମନ୍ଦ ଅଟେ । |
| ଖ- | ଅଲ୍‌ଝଟ୍ | - | ଅଲ୍‌ଝଟ୍ ବାୟ୍‌ନା ଖାରାପ୍ ହାଏ । |
| ଓ- | ଧନ | - | ପରିଶ୍ରମ କରି ଧନ ଉପାର୍ଜନ କର । |
| ଖ- | ସମ୍ପତି | - | କାମୁକାଠାଏ୍‌କଲା ସମ୍ପତି ଉନେପେ । |

ଓ- ଅବସ୍ଥିତି - ନଈର ଅବସ୍ଥିତି ଆମ ପାଇଁ ମଙ୍ଗଳ ଜନକ ।
ଖ- ରହେନା - ଖିରମ୍ ରହେନା ଆନିଆଃଲାଗି ଖୋବ୍ ଭଲ୍ ହାଏ୍ ।
ଓ- ଅନୁମାନ - ଅନୁମାନ ଦ୍ୱାରା କାର୍ଯ୍ୟ ସଫଳ ହୁଏ ନାହିଁ ।
ଖ- ଅନ୍‌ମାନିକ୍ - ଅନ୍‌ମାନିକ୍ ତେ କାମୁ ପୁରା ଉମ୍ ହଏ୍ତା ।
ଓ- ଅନେକ - ଆମ ସମାଜରେ ଅନେକ ସମସ୍ୟା ଅଛି ।
ଖ- କିଃତେ ନା କିଃତେ - ଆନିଆଃ ସମାଜ୍‌ତେ କିଃତେ ନା କିଃତେ ଜଞ୍ଜାଲ୍ ଆଃଇ ।
ଓ- ଅଦଳବଦଳ - ପୂର୍ବ କାଳରେ ଅଦଳ ବଦଳ ଦ୍ୱାରା କିଣା ବିକା ହେଉଥିଲା ।
ଖ- ଆଦ୍‌ଲାବାଦ୍‌ଲା - ଅସ୍ଲେଗ୍ ଆଃ ବେଡାତେ ଆଦ୍‌ଲାବାଦ୍‌ଲା ବୁଙ୍ଗ୍ ସଙ୍ଗ୍‌ନା ଅବ୍‌ସଙ୍ଗ୍‌ନା ହଏ ଖାନ୍ତା
ସେଙ୍ଗାଃ ଯୁଗ୍‌ତେ ଆଦ୍‌ଲାବାଦ୍‌ଲା ବୁଙ୍ଗ୍ ସଙ୍ଗ୍ ଅବ୍‌ସଙ୍ଗ୍ ହଏଖାନ୍‌ତା ।
ଓ- ଅଣ୍ଡା - ଅଣ୍ଡାର କେଶର ଦେହ ପାଇଁ ହିତକାରକ ।
ଖ- ଆଣା - ଆଣାଃ କେଶର୍ ଉମ୍ ନିରି ଆଃଥମ୍ ଖୋବ୍ ଭଲ୍ ହାଏ୍ ।
ଓ- ଅଷ୍ଟମ - ମୋ ବଡ ଭଉଣୀ ଅଷ୍ଟମ ଶ୍ରେଣୀରେ ପଢ଼େ ।
ଖ- ଆଟ୍ - ଇଙ୍ଗାଃ ବାଇଗିଙ୍ଗ୍ ଆଠ୍ କିଲାସ୍‌ତେ ପଢ଼େତା ।
ଓ- ଅନୁସାରେ - ଉଚ୍ଚତା ଅନୁସାରେ ଠିଆ ହୁଅ ।
ଖ- ହିସାବ୍ ତେ - ମାହାଁ କନ୍‌ହନ୍ ହିସାବ୍‌ତେ ତଙ୍ଗ୍‌ହନ୍ ନାପେ ।
ଓ- ଅନ୍ତନଳୀ - ଅନ୍ତନଳୀ ସଫାରଖିବାକୁ ଯଥେଷ୍ଟ ପାଣି ଆବଶ୍ୟକ ।
ଖ- ଭିଃତାର୍‌ନଳୀ - ଲାଏଗ୍ ଭିଃତାର୍ ଆଃ ନଳୀ ସଫା ଉନ୍‌ନାଃଥମ୍ ଖୋବ୍ ଡାଃ ଉଡ୍‌ନାଃ କାୟମ୍ ।
ଓ- ଅନାଇବା - ଭିକାରୀଟି କରୁଣ ଦୃଷ୍ଟିରେ ଅନାଇଛି ।
ଖ- ଜୟ୍‌ତାଏଗ୍ - ମଙ୍ଗ୍‌ତରୀ ଯେଃ ଗଡ୍‌ଗଡାଡାଃ ଜୟ୍‌ତାଏଗ୍ ।
ଓ- ଅଣ୍ଡାକୃତି - ପୃଥିବୀର କକ୍ଷପଥ ଅଣ୍ଡାକୃତି ଅଟେ ।
ଖ- ଆଣାଗୁଡ୍ - ପୁର୍‌ଥି ଆଃ କିନ୍ଦ୍‌ରେନା ଗଏଗ୍‌ଝୁଙ୍ଗ୍ ଆଣାଗୁଡ୍ ହାଏ୍ ।
ଓ- ଅନ୍ଧାର - ଅନ୍ଧାର ରାତିରେ ଚୋରର ଭୟ ଥାଏ ।
ଖ- ଇଡିବ୍ - ନେଲୁଂ ଇଡିବ୍‌ତେ ସୁରୁମ୍ ଆଃ ବତଙ୍ଗ୍ ଆତା ।
ଓ- ଅର୍ଦ୍ଧେକ ଅଂଶ - ମୋ ମିଠେଇର ଅର୍ଦ୍ଧେକ ଅଂଶ ମୋ ଭାଇକୁ ଦେଲି ।
ଖ- ଆଧା ଭାଗ୍ - ଇଙ୍ଗାଃ ମିଠେଆଃ ଆଧାଭାଗ୍ ଭାଇ ଗିଙ୍ଗ୍ ତେ ତେରେଗ୍ ।
ଓ- ଅଭାବୀ - ଆମ ସମାଜରେ ଅନେକ ଅଭାବୀ ଲୋକ ଅଛନ୍ତି ।
ଖ- ଅଭାବୀ - ଏଲାଃ ସାମାଜ୍‌ତେ ଖୋବ୍ ଅଭାବୀ ଲେବୁ ଆଇଗ୍ କି ।
ଓ- ଅପକାରିତା - ଧୂମପାନର ଅପକାରିତା ଅତି ଭୟଙ୍କର ।
ଖ- ଖାରାପ୍ - କୁହୁଲା ଉଡ୍‌ନା ଖୋବ୍ ଖାରାପ୍ ହାଏ୍ ।
ଓ- ଅଭାବ୍ - ପରିଶ୍ରମୀର ଅଭାବ ନ ଥାଏ ।
ଖ- ଅଭାବ - ଜାଙ୍ଗଡ୍ ବାହାଁ ଲେବୁଆଃ ଅଭାବ୍ ଉମ୍ ଆତା ।

ଓ- ଅନୁସରଣ - ଆମେ ଧାର୍ମିକର ଅନୁସରଣ କରିବା ଉଚିତ୍ ।
ଖ- ପଛ୍‌ଲାପଛ୍‌ଲା - ଆନିଙ୍ଗ୍ ଧରମ୍ ଲେବୁଆଃ ପଛ୍‌ଲା ପଛ୍‌ଲା ସାନ୍‌ନାଃ କାୟମ୍ ।
ଓ- ଅକାଳ - ମଦ୍ୟପାନ ହେତୁ ତାଙ୍କର ଅକାଳରେ ମୃତ୍ୟୁ ହେଲା ।
ଖ- ଅଦିନ୍ ଦିନ୍‌ତେ - ଝାରା, ଆରଖ୍ଯ ଆଃଥମ୍, ଆଡିଆଃ ଅଦିନ୍ ଦିନ୍‌ତେ ଗୋଏଗ୍ ଗଃକି ।
ଓ- ଅଶ୍ୱତଥ - ଅଶ୍ୱତ୍‌ଥ ଗଛର ଛାଇ ଭାରି ଥଣ୍ଡା ଲାଗେ ।
ଖ- ପାକ୍‌ରି/ଜାରାଃ - ପାକ୍‌ରି/ଜାରାଃ ଦାରୁଆଃ ଲଙ୍ଗେ ବନେ ଠଣ୍‌ହାଃ ଲାଃତା ।

## (ଆ)

ଓ- ଆଲୋଚନା - ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୁଏ ।
ଖ- କାୟମ୍ କାଥା - କାୟମ୍ କାଥା ବୁଙ୍ଗ୍ ଝାମ୍‌ଲା ବନେ ଗଃତା ।
ଓ- ଆଦାୟ - ଚାଷୀମାନେ ଜମିରୁ ଫସଲ ଆଦାୟ କରନ୍ତି ।
ଖ- ଅସୁଲ୍ - ତାସିଆର୍‌କି ଆଙ୍କାଲ୍ ତାଏ୍ କିର୍‌ସିଜାଏତ୍ ଅସୁଲ୍ ତେକି ।
ଓ- ଆଖିରେ ରଖିବା - ପିତାମାତା ନିଜପିଲାକୁ ଆଖିରେ ରଖିବା ଉଚିତ୍ ।
ଖ- ମଡ୍‌ମଡ୍ ଜୟ୍‌ନା - ବୁଆ ମା ନିଜର୍ ନିଜର୍ କୁଣ୍ଡୁଃତେ ମଡ୍ ମଡ୍ ଜୟ୍‌ନାଃ କାୟମ୍ ।
ଓ- ଆଗ୍ରହ - ପାଠପଢ଼ା ସହିତ କ୍ରୀଡାରେ ଆଗ୍ରହ ରଖିଥାଅ ।
ଖ- ମନ୍‌ଉନ୍‌ନା - ପାଟ୍‌ପଢ୍‌ନାଃ ସରିସରି ଖେଲ୍‌କୁଦ୍‌ତେଜ ମନ୍ ଉନ୍‌ନାଃ କାୟମ୍ ।
ଓ- ଆଖି - ଆମେ ଆଖିର ଯତ୍ନ ନେବା ଉଚିତ ।
ଖ- ମଡ୍ - ଆନିଙ୍ଗ୍ ମଡ୍‌ଆଃ ଯତନ୍ ଉଡ୍‌ନାଃ କାୟମ୍ ।
ଓ- ଆବିଷ୍କାର - କଲମ୍ବସ ଆମେରିକା ଖୋଜିବା ପାଇଁ ଯାଇଥିଲେ ।
ଖ- ଲାମ୍‌ନା - କଲମ୍ବସ ଆମେରିକା ଲାମ୍‌ନାଃଥମ୍ ସାନ୍‌ସିଥଃ ।
ଓ- ଆବୃତି - ରବି ଶ୍ରେଣୀରେ କବିତା ଆବୃତ୍ତି କଲା ନାହିଁ ।
ଖ- ଆଲଙ୍ଗ୍ - ରବି କିଲାସ୍‌ତେ ବହିଆଃ ଆଲଙ୍ଗ୍ ଉମ୍ ଆଲଙ୍ଗ୍ କି ।
ଓ- ଆକାଶ - ନୀଳ ଆକାଶ ତଳେ ଆମେ ସମସ୍ତେ ରହିଛୁଁ ।
ଖ- ଶୂଇନ୍ - ନୀଳିଆ ତିରିବ୍ ତୁତାତେ ଆନିଙ୍ଗ୍ ଝାକିଗା ରହେ ସିଗ୍‌ନିଙ୍ଗ୍ ।
ଓ- ଆମ୍ବ - ଗ୍ରୀଷ୍ମଋତୁରେ ଆମ୍ବ ପାଚେ ।
ଖ- କାୟାର୍ - ବୈଶାଖ୍ ଲେରାଙ୍ଗ୍ କାୟାର୍ ବେଲମ୍‌ତା ।
ଓ- ଆହା - ଆହା; ବୁଢୀଟି କେତେ ଦୁଃଖ ପାଉଛି ।
ଖ- ଅହ୍‌ରେମା - ଅହ୍‌ରେମାଁ ବୁଢୀ ଲେବୁ ଯେ କିଃତେ କସୁ କୁଇ ତାଏଗ୍ ।
ଓ- ଆହ୍ଲାଦ - ନୂଆ ବହି ଦେଖି କୁନି ଆହ୍ଲାଦ ପାଉଛି ।
ଖ- ଲେରୈଃ - ତମ୍‌ନେ ବହି ଜୟ୍ କରି କୁନି ଲେରୈଃ ଗଃତାଏଗ୍ ।
ଓ- ଆଶ୍ୱାସନା - ବାପାମତେ ଆଶ୍ୱାସନା ଦେଲେ ।
ଖ- ଅବ୍ ବୁଝାୟ୍‌ନା - ବୁଆଗିଙ୍ଗ୍ ଇଙ୍ଗ୍‌ତେ ଅବ୍ ବୁଝାୟ ଅଃ ।

ଓ– ଆୟୋଜନ – ବିଦ୍ୟାଳୟରେ କ୍ରୀଡା ଆୟୋଜନ କରାଗଲା ।
ଖ– ବେବସ୍ଥା – ଇସ୍‌କୁଲ୍‌ତେ ଖେଲ୍‌କୁଦ ଆଃଥମ୍ ବେବସ୍ଥା ବାୟଃକି ।
ଓ– ଆବାସ – ଜଙ୍ଗଲ ହାତୀମାନଙ୍କର ଆବାସ ସ୍ଥଳ ଅଟେ ।
ଖ– ରହେନା – ଆଡାୟ୍ ହାତୀ କିଆଃ ରହେନା ଜାଗା ହାୟ୍ ।
ଓ– ଆବଶ୍ୟକ – ଗୁରୁଜନଙ୍କର ଆଦେଶ ମାନିବା ଆବଶ୍ୟକ ।
ଖ– ଦାର୍‌କାର୍ – ମାହାଲେବୁ କିଆଃ କାୟମ୍ ମାନେ ନାଃ କାୟମ୍ / ଦର୍‌କାର୍ ।
ଓ– ଆଲୋକ – ସୂର୍ଯ୍ୟଠାରୁ ପୃଥିବୀକୁ ଆଲୋକ ଆସେ ।
ଖ– ପାତାର୍ – ବେଡଆଃତାୟ୍ ଧର୍‌ତିବୁଙ୍ଗ୍ ପାତାର୍ ଡେଲ୍‌ତା ।
ଓ– ଆପଣାପର – ଆପଣାପର ଭାବିବା ପାପ ଅଟେ ।
ଖ– ହଡ଼ମ୍ ଲେବୁ ଆଃ – ହଡ଼ମ୍ ଲେବୁଆଃ / ହଡ଼ମ୍ କିଆଃ ଖାରାପ୍ ଚିନ୍ତା ବାୟ୍‌ନା ପାପ୍ ହାଏ୍ ।
ଓ– ଆରୋଗ୍ୟ – ମୁଁ ତୁମର ଆରୋଗ୍ୟ କାମନା କରେ ।
ଖ– ବାରୁହଏନା – ଇଙ୍ଗ୍ ଆମାଃ ବାରୁ ହଏନାଃ ଥମ୍ ବିନ୍‌ତି ବାଏତିଙ୍ଗ୍ ।
ଓ– ଆଚରଣ – ଆମ ଆଚରଣ ମାର୍ଜିତ ହେବା ଉଚିତ୍ ।
ଖ– ବେଭାର୍ – ଆନିଆଃ ବେଭାର୍ ଠିକ୍‌ଠାକ୍ ହଏନାଃ କାୟମ୍ ।
ଓ– ଆମ୍ବଗଛ – ଆମ ବାରିରେ ଗୋଟିଏ ଆମ୍ବ ଗଛ ଅଛି ।
ଖ– କାୟାର୍ ଦାରୁ – ଏଲାଃ ବାଡିତେ ମୁଇଙ୍ଗ୍ କାୟାର୍ ଦାରୁ ଆଃଇ ।
ଓ– ଆଡମ୍ବର – ଲୋକେ ନୂଆବର୍ଷ ଆଡମ୍ବର ସହିତ ପାଳନ୍ତି ।
ଖ– ଜାକ୍‌ଜମକ୍ – ଲେବୁକି ତମ୍‌ନେବରଷ୍ ଜାକ୍‌ଜମକ୍‌ତେ ମାନାୟ୍‌ତେକି ।
ଓ– ଆଙ୍କିବା – ଚିତ୍ର ଆଙ୍କିବା ଅଭ୍ୟାସ କର ।
ଖ– ଛାପା ବାଏନା – ଛାପା ବାଏନାଃ ଅଭିଆସ୍ ବାୟେ ।
ଓ– ଆଦିମ ମଣିଷ – ଆଦିମ ମଣିଷ ଶିକ୍ଷିତ ନ ଥିଲେ ।
ଖ– ଅସ୍ମେଗ୍ ଆଃ ଲେବୁ – ଅସ୍‌ମେଗ୍ ଆଃ ଲେବୁକି / ସେଙ୍ଗଆଃ ଲେବୁକି ଲେଖା ପଢ଼ା ମଃ ଆନାକି ।
ଓ– ଆମ୍‌ଲେଟ୍ – ଅଣ୍ଡା ଆମ୍‌ଲେଟ୍ ଖାଇବାକୁ ରୁଚିକର ଲାଗେ ।
ଖ– ଆଣା କଲଙ୍ଗ/ ଆମ୍‌ଲେଟ୍ – ଆଣା କଲଙ୍ଗ ନଃନାଃଥମ୍ ସେବୁଲ୍ ଲାଃତା ।
ଓ– ଆବଶ୍ୟକ – ବ୍ୟାୟାମ ଆମ ଶରୀର ପାଇଁ ଆବଶ୍ୟକ ଅଟେ ।
ଖ– ଜରୁରୀ – କସ୍‌ରତ୍ ବାୟ୍‌ନା ଆନିଆଃନିରିଆଃଥମ୍ ଜରୁରୀ ହାଏ୍ ।
ଓ– ଆମ ଗାଁ – ଆମ ଗାଁ ଉପର ମୁଣ୍ଡରେ ପାହାଡଟିଏ ଅଛି ।
ଖ– ଏଲାଃ କେଲ୍‌କେ – ଏଲାଃ କେଲ୍‌କେ ଆଃ ତହଲୁଙ୍ଗ୍‌ତିଗ୍ ମୁଇଙ୍ଗ୍ ବିରୁ ଆଃଇ ।
ଓ– ଆମ୍ବ ଟାକୁଆ – ଆଦିବାସୀମାନେ ଆମ୍ବ ଟାକୁଆର କୋଇଲି ଖାଆନ୍ତି ।
ଖ– କାୟାର୍ (ଟାଙ୍କୁ) – ଆଦିବାସୀ ଲେବୁକି କାୟାର୍ ଟାଁକୁ ଆଃ କୁଇଲିତେ ନଅତେ କି ।

| | | | |
|---|---|---|---|
| ଓ- | ଆତୁର | - | ପରୀକ୍ଷା ଫଳ ଜାଣିବା ପାଇଁ ପିଲେ ଆତୁର ହୋଇଥାନ୍ତି । |
| ଖ- | ଉଚୁଲ୍‌ଛୁଛୁଲ୍ | - | ପାସ୍ ଫେଲ୍ ଅଣ୍ଡର୍ ନାଃ ଥମ୍ କୁଣୁଃକି ଉଚୁଲ୍‌ଛୁଛୁଲ୍ ହଏତାକି । |
| ଓ- | ଆସ୍ଫାଳନ | - | ମନୁଷ୍ୟର ଆସ୍ଫାଳନ ବୃଥା ହୋଇଥାଏ । |
| ଖ- | ଡିଙ୍ଗ୍‌ତାର୍‌ନା | - | ଲେବୁଆଃତେ ଡିଙ୍ଗ୍ ତାର୍‌ନା ବେକାର୍ ହାଏ । |
| ଓ- | ଆସ୍ପର୍ଦ୍ଧା | - | ଗର୍ବୀର ଆସ୍ପର୍ଦ୍ଧା ତା'ର ବିନାଶର କାରଣ । |
| ଖ- | ଛାତିଡେରେନା | - | ଗର୍ବୀଲେବୁ ଛାତିଡେରେକଲା କାୟମ୍‌ନା ବିନାଶ୍ ଆଃ କାରନ୍ ହାଏ । |
| ଓ- | ଆଙ୍ଗୁଠି | - | ଆଙ୍ଗୁଠି ଧରିବାରେ ସାହାଯ୍ୟ କରେ । |
| ଖ- | ଆଙ୍ଗ୍‌ଠି | - | ଆଙ୍ଗ୍‌ଠି ଧଃତେ ନାଃଥମ୍ ସାହେଜ୍ ବାୟ୍‌ତେ । |
| ଓ- | ଆଖଡାଘର | - | ପୂର୍ବକାଳର ଆଖଡାଘର ବର୍ତ୍ତମାନ ଆଉ ନାହିଁ । |
| ଖ- | ଗାଦିଅଃ | - | ଆଘ୍‌ଲି ଆଃ ଗାଦି ଅଃ ତାମା ମଃଡେଗ୍ । |
| ଓ- | ଆଶ୍ୱସ୍ତ | - | ଭଲ ଫସଲ ଦେଖି ଚାଷୀ ଆଶ୍ୱସ୍ତ ହୁଅନ୍ତି । |
| ଖ- | ଧୀରଜ୍ ବାଏନା | - | ଭଲ୍‌ଚାଷ ଜୟ୍‌କଲା ଚାଷୀ ମନ୍‌ତେ ଧୀରଜ୍ ବାୟ୍‌ତେ କି । |
| ଓ- | ଆଗ୍ରହୀ | - | ପିଲାମାନେ ପାଠପଢ଼ାରେ ଅଧିକ ଆଗ୍ରହୀ ହେବା ଉଚିତ୍ । |
| ଖ- | ଇଚ୍ଛା | - | ବେଟାକି ପାଟ୍ ପଢ଼େନାଃଥମ୍ ଅଏତ୍‌କା ଇଚ୍ଛା ବାୟ୍‌ନା କାୟମ୍ । |
| ଓ- | ଆନନ୍ଦ | - | ଈଶ୍ୱର ଭୟ ପ୍ରକୃତ ଆନନ୍ଦ ଦିଏ । |
| ଖ- | ଲେରୈଃ | - | ଭଗବାନ୍ ତେ ବତଙ୍ଗ୍ କିଲାଃ ପରକୁତ୍ ଲେରୈଃ ତେର୍‌ତେ/ କୁଇତା। |
| ଓ- | ଆସ | - | ଆସ ସ୍କୁଲକୁ ଯିବା । |
| ଖ- | ଆଏ | - | ଆଏ ଇସ୍‌କୁଲ୍ ସାନାନାଙ୍ଗ୍ । |
| ଓ- | ଆଗ | - | ଆଗ ଧାଡିରେ ବସିଲେ ଶିକ୍ଷାଦାନ ଭଲ ଶୁଭେ । |
| ଖ- | ଆଘ୍‌ଲି | - | ଆଘ୍‌ଲି ଧାଡିତେ ଡକକିଲାଃ ପଢ଼ାଏ୍ ତେକି ପାଟ୍ ବନେ ଅଣ୍ଡର୍‌ତା । |
| ଓ- | ଆରମ୍ଭ | - | ପ୍ରାର୍ଥନା କରି କାର୍ଯ୍ୟ ଆରମ୍ଭ କରିବା ଭଲ । |
| ଖ- | ସୁରୁ | - | ବିନ୍‌ତି ବାୟ୍ କରି କାମୁ ସୁରୁ ବାୟ୍‌ନା ଭଲ୍ ହାଏ । |
| ଓ- | ଆତ | - | ଆତ ଫଳ ଭାରି ସୁଆଦିଆ ଲାଗେ । |
| ଖ- | ବଢ଼ଲ୍ | - | ବଢ଼ଲ୍ ଲକୁ ନଅନା ବଡା ସେବୁଲ୍ ଲାଃତା । |
| ଓ- | ଆଶା | - | ପରିଶ୍ରମ ବିହୀନ ଆଶା ବୃଥାରେ ଯାଏ । |
| ଖ- | ଆଶା | - | ଏନେମ୍ କାମୁକଲା ଆଶା ବାୟ୍‌ନା ବେକାର୍ ହାଏ । |
| ଓ- | ଆଲମିରା | - | ଆଲମିରାରେ ବହିପତ୍ର ସୁରକ୍ଷିତ ରହେ । |
| ଖ- | ଆଲ୍‌ମାରି | - | ଆଲ୍‌ମାରିତେ ବହିଖାତା ଯତନ୍ କରି ରହେତା । |
| ଓ- | ଆଙ୍କୁଡି | - | ଆଙ୍କୁଡି ସାହାଯ୍ୟରେ ଆମ୍ବ ତୋଳାଯାଏ । |
| ଖ- | ଆଙ୍ଗ୍‌ସା | - | ଲାଠିଆଃ ଆଙ୍ଗ୍‌ସା ବୁଙ୍ଗ୍ କାୟାର୍ କେଗ୍‌ତେ କି । |

ଓ- ଆହ୍ଲାଦ - ନୂଆ ବହି ଦେଖି କୁନି ଆହ୍ଲାଦିତ ହେଉଛି ।

ଖ- ଲେରୈଃ - ତମ୍‌ନେ ବହି ଜୟ୍ କରି କୁନି ଲେରୈଃ ତାଏଗ୍ ।

ଓ- ଆୟୋଜନ - ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଆୟୋଜନ କରାଯାଏ ।

ଖ- ବେବସ୍ଥା - ଇସ୍‌କୁଲ୍‌ତେ ବରଷ୍ ଗଟାଃ ତିହାର୍ ମାନାୟ୍‌ନାଃଥମ୍ ବେବସ୍ଥା ବାୟତେକି ।

ଓ- ଆହୁରି - ଭଲ ଫଳ ପାଇବାକୁ ହେଲେ ଆହୁରି ପରିଶ୍ରମ କର ।

ଖ- ଅଡଃ - ବନେ ଲକ୍ଷ୍ଯ କୁଇନାଃଥମ୍ ଅଡଃ ଯୋଡ୍‌ଦାର୍ ଚେରେଷ୍ଟା ବାୟେପେ ।

## (ଇ)

ଓ- ଈଶ୍ୱର - ଈଶ୍ୱର ଆମର ସୃଷ୍ଟି କର୍ତ୍ତା ଅଟନ୍ତି ।

ଖ- ମାହାପୁରୁ - ମାହାପୁରୁ ଆନିଙ୍ଗ୍‌ତେ ଜନମ୍ ଜାଏତ୍ ବାଏସିଗ୍ ।

ଓ- ଇଟା - ଇଟା ମାଟିରେ ତିଆରେ ହୁଏ ।

ଖ- ଇଟା - ଇଟା ଲଃଖାତେ ବନେତା ।

ଓ- ଇସ୍ତ୍ରୀ - ଇସ୍ତ୍ରୀ କରିବା ପରେ ପୋଷାକ ପିନ୍ଧିବା ଭଲ ।

ଖ- ଆଏରନ୍ - ଆଏରନ୍ ତାର୍ କଲା କୁର୍‌ତା ପେଁଟ୍ ସୁଇନା ଭଲ ହାଏ ।

ଓ- ଉତ୍ତର - ପ୍ରଶ୍ନର ସଠିକ୍ ଉତ୍ତର ଦିଅ ।

ଖ- ଉତର୍ - ପର୍‌ଶନ ଆଃ ସଠିକ୍ ଉତର୍ ତେରେପେ ।

ପର୍‌ଶନ ଆଃ ସୁଆଲ୍ ଜବାବ୍ ତେରେପେ ।

ସୁଆଲ୍ ଆଃ ସଠିକ୍ ଜାବାବ୍ ତେରେପେ ।

ଓ- ଉଚିତ - ପିଲାମାନଙ୍କୁ ଉଚିତ ଶିକ୍ଷା ଦିଅନ୍ତୁ ।

ଖ- ଠିକ୍ - କୁଣ୍ଡୁଃକିତେ ଠିକ୍ ଶିକ୍ଷା ତେରେପେ ।

ଓ- ଉଦୟ - ପ୍ରତିଦିନ ଠିକ୍ ସମୟରେ ସୂର୍ଯ୍ୟ ଉଦୟ ହୁଏ ।

ଖ- ମୁଃସିଂନା - ଝାକିଦିନ ଠିକ୍ ବେଡାତେ ବେଡ ମୁଃସିଂତା ।

ଓ- ଉପାଧୀ - ବିଜ୍ଞଲୋକମାନଙ୍କୁ ଯୋଗ୍ୟ ଉପାଧୀ ଦିଆଯାଏ ।

ଖ- ମାହାଆସନ୍ - ବୁଦ୍ଧିମାନ୍ ଲେବୁକିତେ ମାହା ଆସନ୍ କୁଇତା / ତେର୍‌ଡମତା ।

## (ଉ)

ଓ- ଉପଯୁକ୍ତ - ରୋଗୀକୁ ଉପଯୁକ୍ତ ଚିକିତ୍ସା ଆବଶ୍ୟକ ।

ଖ- ଠିକ୍ - କସୁରାଙ୍ଗା ଲେବୁତେ/ବେମାରୀତେ ଠିକ୍ ସେବା ଦାର୍‌କାର୍ ।

ଓ- ଉଦ୍ଭାବନ - ମାର୍କୋନୀ ରେଡିଓ ଉଦ୍ଭାବନ କରିଥିଲେ ।

ଖ- ତମ୍‌ନେ - ମାର୍କୋନୀ ତମ୍‌ନେ ରିଡିଓ ବାଏସିଥଃ/ଅଃମୁଃସିଥଃ ।

ଓ- ଉହାଡ - ପାହାଡ ଉହାଡରେ ସୂର୍ଯ୍ୟ ଲୁଚିଗଲେ ।

ଖ- ହାନ୍‌ପାଖ - ବିରୁ ଆଃ ହାନ୍‌ପାଖ ବେଡ ଲେଡ୍ ଗଡ୍‌କି / ଗଃକିମେନ୍ ।

ଓ- ଉପାୟ - ମନ ଥିଲେ ଉପାୟ ଆସେ ।

ଖ- ଉପାୟ୍ - ମନ୍ ଆକିଲାଃ ଉପାୟ୍ ଡେଲ୍‌ତା ।

ଓ- ଉଚ୍ଚତା - ରବି ଉଚ୍ଚତାରେ ସବୁଠୁ ଡେଙ୍ଗା ପିଲା ଅଟେ ।

ଖ- ଉଚାତେ - ରବି ଉଚାତେ ଝାକିଆଃତାୟ ମାହା ବେଟା ହାୟ୍ ।

ଓ- ଉନ୍ନତି - ପିତାମାତା ପିଲାମାନଙ୍କର ଉନ୍ନତି କାମନା କରନ୍ତି ।

ଖ- ଉନ୍‌ନତି - ବୁଆ ମାଁ କୁଣ୍ଡୁଃ କିଆଃଥମ୍ ଉନ୍‌ନତି ଚିନ୍ତା ବାୟ୍‌ତେକି ।

ଓ- ଉର୍ଦ୍ଧ୍ୱକ୍ରମ - ଉର୍ଦ୍ଧ୍ୱକ୍ରମରେ ସଜାଇ ରଖ ।

ଖ- ମାହାକନ୍‌ହନ୍ - ତହଲଙ୍ଗ ଆଃତହଲୁଙ୍ଗ ସାଜାୟ୍ କରି ଉନେପେ ।

ଓ- ଉତ୍ସାହିତ - ପ୍ରଶଂସା ମିଳିଲେ ସମସ୍ତେ ଉତ୍ସାହିତ ହୁଅନ୍ତି ।

ଖ- ସୁହଁରାଏନା - ସୁହୁଁରାଏୟଲାଃ ଝାକିଗା ଉସାସ୍ ମନେତେକି ।

ଓ- ଉପରେ - ଚାଳ ଉପରେ କାଉଟିଏ ବସିଛି ।

ଖ- ତଃଲୁଙ୍ଗ୍‌ତେ - ଖପର ତଃଲୁଙ୍ଗ୍‌ତେ କୁଆଃ ମୁଇଙ୍ଗ୍ ଡକସିଗ୍ ।

ଓ- ଉତ୍ତମ - ମୀନା ଜଣେ ଉତ୍ତମ ବାଳିକା ଅଟେ ।

ଖ- ଆଚ୍ଛା/ବନେ - ମୀନା ମୁଇଙ୍ଗ୍ ଆଚ୍ଛା ବେଟି ହାଏ ।

ଓ- ଉଦୁଉଦିଆ - ଉଦୁଉଦିଆ ଖରାରେ ପଦାକୁ ବାହାରନ୍ତୁ ନାହିଁ ।

ଖ- ହାଅ ହାଅ ଗିଡିଂ/ ଲକ୍‌ଲକ୍‌ଗିଡିଂ/ ତିମ୍‌ସମଗୁଡ୍‌ଗିଡିଂ- ହାଅ ହାଅ ଗିଡିଂତେ ବାହରିଆବୁ ମୁଃନାପେ ।

ଓ- ଉଡିବା - ଛୁଆପକ୍ଷୀ ମାଆଠାରୁ ଉଡିବା ଶିଖେ ।

ଖ- ଲେଙ୍ଗ୍‌ନା - କୁଣ୍ଡୁଃ କନ୍‌ତେଡ୍ ମାଡମ୍ ଆଃ ତାୟ୍ ଲେଙ୍ଗ୍‌ନା ଶିଖେତା ।

ଓ- ଉପଦେଶ - ଗୁରୁଜନ ମାନଙ୍କର ଉପଦେଶ ମାନିଚଳ ।

ଖ- ବାରୁକାୟମ୍ - ଗୁରୁ ଲେବୁକିଆଃ ବାରୁକାୟମ୍‌ତେ ମାନେ କରି ଚଲେନାପେ ।

ଓ- ଉଭା - ଘନମେଘ ଆସ୍ତରଣ ମଧ୍ୟରେ ସୂର୍ଯ୍ୟ ଉଭା ହେଲେ ।

ଖ- ଜୟ୍‌କି - ତିରିବ୍ ବଟ୍‌ବଟ୍‌ତେ ବେଡ ଜୟ୍‌କି ।

ଓ- ଉଚ୍ଚସ୍ୱର - ରମା ମୋତେ ଉଚ୍ଚସ୍ୱରରେ ଡାକିଲା ।

ଖ- କିର୍‌ଲାଏନା - ରମା ଇଙ୍ଗ୍‌ତେ ଖୋବ୍ ଆଁଟେ କିର୍‌ଲାଏ କରି ରେମାଖଃ ।

ଓ- ଉପକାର - ଅସହାୟ ଲୋକର ଉପକାର କର ।

ଖ- ଉପ୍‌କାର୍ - ବେସାହାରା ଲେବୁଆଃ ଉପ୍‌କାର୍ ବାୟେପେ ।

ଓ- ଉଦ୍‌ଯୋଗ - ଦେଶ ସେବାରେ ଉଦ୍‌ଯୋଗ ହେବା ଆବଶ୍ୟକ ।

ଖ- ଭାଗିଦାରି - ଦେଶ୍‌ଆଃ ସେବା କାମୁତେ ଭାଗିଦାରି ହଏ୍‌ନାଃ କାୟମ୍ ।

| | | | |
|---|---|---|---|
| ଓ- | ଉଇ | - | ଉଇ ବହିପତ୍ର ଖାଇଯାଏ । |
| ଖ- | ତବ୍‌ଦିର୍ | - | ତବ୍‌ଦିର୍ ବହିଖାତା ନଃ ଗଃତେ । |
| ଓ- | ଉତ୍ତାପ | - | ଜ୍ୱର ହେଲେ ଦେହର ଉତ୍ତାପ ବଢ଼େ । |
| ଖ- | ଲବ୍‌ନା | - | କୁଲଡାଃ ହଏ କିଲାଃ ନିରିଆଃ ଲବ୍‌ନା ବଢେତା । |
| ଓ- | ଉତ୍ପାଦନ | - | କୃଷି ଉତ୍ପାଦନ ବଢ଼ାଇବା ଆବଶ୍ୟକ । |
| ଖ- | ଅଏତ୍‌କା | - | ଚାଷ୍ ବାସ୍ ଅଏତ୍‌କା ବଢ଼ାଏନାଃ କାୟମ୍ । |
| ଓ- | ଉଷୁମ | - | ଶୀତ ଦିନେ ଉଷୁମ ପାଣିରେ ଗାଧୋଇବା ଭଲ । |
| ଖ- | ଉଷୁମ୍ | - | ରାଙ୍ଗାଲେରାଙ୍ଗ୍ ଉଷୁମ୍ ଡାଃ ତେ ଉଆଃନା ଭଲ୍ । |
| ଓ- | ଉଚିତ୍ | - | ପିଲାମାନେ ପିତାମାତାଙ୍କର ଆଜ୍ଞାବହ ହେବା ଉଚିତ୍ । |
| ଖ- | କାୟମ୍ | - | କୁଣ୍ଡଃକି ବୁଆମାଁ ଝାନାଃ କାୟମ୍‌ତେ ମାନେ ନା କାୟମ୍ । |
| ଓ- | ଉପକରଣ | - | ପାଠ ଉପକରଣ ସାଇତି ରଖ । |
| ଖ- | ସାମାନ୍ | - | ପାଟ୍‌ପଢା ସାମାନ୍ କିତେ ବନେ ଉନେପେ । |
| ଓ- | ଉପସ୍ଥିତ | - | ଶିକ୍ଷକ ଡାକିବା ମାତ୍ରେ ମୁଁ ଉପସ୍ଥିତ ରହେ । |
| ଖ- | ରେମାଃତେ ନଗା | - | ମାଷ୍ଟର ରେମାଃତେ ନଗା ସରିସରି ଇଙ୍ଗ୍ ଏକର୍‌ବୁଙ୍ଗ ଡାମ୍‌ତାଏଙ୍ଗ୍ । |
| ଓ- | ଉକୁଣି | - | ଅପରିଷ୍କାର ମୁଣ୍ଡରେ ଉକୁଣି ଜାତ ହୁଅନ୍ତି । |
| ଖ- | ବକପ୍‌ତେ | - | କେଚ୍‌କେଚା ବକପ୍‌ତେ ସେଃ ହଏତାକି । |
| ଓ- | ଉତ୍ତରଦିଗ | - | ଉତ୍ତର ଦିଗରୁ ଥଣ୍ଡା ପବନ ବହେ । |
| ଖ- | ଉତ୍‌ର ତିଗ୍ | - | ଉତ୍‌ର ତିଗ୍ ତାଏ ଠଣ୍ହା କୟତାର୍‌ତେ । |
| ଓ- | ଉତ୍କୃଷ୍ଟ | - | କନ୍ଧମାଳରେ ଉତ୍କୃଷ୍ଟ ହଳଦୀ ଉତ୍ପାଦନ କରାଯାଏ । |
| ଖ- | ଖୋବ୍ ବଁଢ଼ିଆ | - | କନ୍ଧମାଲ୍‌ତେ ଖୋବ୍‌ବଁଢ଼ିଆ ସାଙ୍ଗସାଙ୍ଗ୍ ଚାଷ୍ ହଏତା । |
| ଓ- | ଉତ୍ପାଦିକା | - | ଜମିର ଉତ୍ପାଦିକା ଶକ୍ତି କମିଗଲାଣି । |
| ଖ- | ଉପ୍‌ଜେନା | - | ଆଙ୍କାଲଆଃ ଉବ୍‌ଜେନା ଶକ୍ତି କମେ ଗଡ୍‌କି ଡିଗ୍ । |
| ଓ- | ଉଚ୍ଚ | - | ଶାଗୁଣା ଖୁବ୍‌ଉଚ୍ଚରେ ଉଡିପାରେ । |
| ଖ- | ତଭଲୁଙ୍ଗ | - | ରାବନ୍ ଖୋବ୍ ତଭଲୁଙ୍ଗ୍‌ତେ ଲେଙ୍ଗ୍‌ନା ପାଲ୍‌ତେ । |
| ଓ- | ଉଚ୍ଚାସନ | - | ସମ୍ମାନନୀୟ ଅତିଥିଙ୍କୁ ଉଚ୍ଚଆସନରେ ବସାଯାଏ । |
| ଖ- | ମାହାକୁର୍‌ଚି | - | ମାହାଗତିଆ କିତିଗ୍ ମାହାକୁର୍‌ଚି ତଭଲୁଙ୍ଗ୍‌ତେ ଡବ୍‌କତେକି । |
| ଓ- | ଉଚ୍ଛନ | - | ଦୁର୍ଘଟଣାରେ ତା'ର ସବୁ ଉଚ୍ଛନ୍ନ ହୋଇଗଲା । |
| ଖ- | ବଙ୍ଗ୍‌ଗଃନା | - | ବଜଡ୍‌ନଃନାତେ ଆଡି ଆଃ ଝାକି ବଙ୍ଗ୍‌ଗଡ୍‌କି । |
| ଓ- | ଉତ୍‌ପାତ | - | ଦୁଷ୍ଟମାନଙ୍କର ଉତ୍ପାତ ବଢିବାରେ ଲାଗିଛି । |
| ଖ- | ଉତ୍‌ପାତ୍ | - | ବଦ୍‌ମାସ୍‌କିଆଃ ଉତ୍‌ପାତ୍ ବଢେନାଲାଃସିଗ୍ । |

ଓ- ଉତ୍କଟ - କିଛିବର୍ଷପରେ ଖଣିଜତୈଳର ଉତ୍କଟ ଅଭାବ ହେବ ।
ଖ- ଖୋବ୍ - କିଃତେ ମେମନ୍ ପରେ ଉସ୍‌ଲଅଃ ଜୋଲ୍ ଖୋବ୍ ଅଭାବ୍ ହଏନା ।
ଓ- ଉତ୍ପତ୍ତି - ଜମିରହୁଥିବା ପାଣି ମଶାର ଉତ୍ପତ୍ତି ସ୍ଥଳ ଅଟେ ।
ଖ- ଜନ୍ମେନା - ଜମେ ରହେନା ଡାଃ ତେ ମଶାଃ ଜନମ୍ ଠାଣ ହାଏ ।
ଓ- ଉତ୍ସ - ଗ୍ରୀଷ୍ମ ଋତୁରେ ଜଳସ୍ରୋତର ଉତ୍ସ ଶୁଖିଯାଏ ।
ଖ- ଝରନ୍‌ଡାଃ - ଗିଡିଙ୍ଗ୍ ଲେରାଙ୍ଗ୍ ଝରନ୍‌ଡାଃ ଆଜୋଡ୍ ଗଡ୍‌ତା /ଗଃତା ।
ବଏଶାଖ୍ ରିତୁତେ ଝରନ୍ ଡାଃ ରାଗାୟ୍ ଗଃତା ।
ଓ- ଉତ୍ସାହୀ - ଉତ୍ସାହୀ ବ୍ୟକ୍ତି ସବୁ କାମରେ ସଫଳ ହୁଏ ।
ଖ- ଉତ୍ସାହୀ - ଉତ୍ସାହୀ ଲେବୁ ଝାକି କାମୁତେ ସଫଲ୍ କୁଏତେ ।
ଓ- ଉତ୍ତୋଳନ - ଖଣିରୁ ଖଣିଜ ପଥର ଉତ୍ତୋଳନ କରାଯାଏ ।
ଖ- ଅଃମୁଃନା - ଖଏଣ୍ଡ୍ରାୟ୍ ଖନିଜ୍ ସରେଙ୍ଗ୍ ଅଃମୁଃନା ହଏତା ।
ଓ- ଉପବାସ - ଉପବାସ ଦ୍ୱାରା ପାକସ୍ଥଳୀ ବିଶ୍ରାମ ପାଇଥାଏ ।
ଖ- ଉପାସ୍ - ଉପାସ୍ ରହେକିଲାଃ /ରହେନାବୁଙ୍ଗ୍ ଲାଏଗ୍ ଆରାମ କୁଏତେ ।
ଓ- ଉଠାଇ - ବେଳେବେଳେ ପବନ ଚାଳକୁ ଉଠାଇ ନେଇଥାଏ ।
ଖ- ଉଡାଏ - ମେସନ୍ ମେସନ୍ କୟ ଛାଉନିତେ ଉଡାଏ ଡଡ୍‌ଡୁଃତେ ।
ଓ- ଉଭୟ - ବିଦ୍ୟାଳୟ ସଫାରଖିବା ଛାତ୍ରଛାତ୍ରୀ ଉଭୟଙ୍କ କର୍ତ୍ତବ୍ୟ ଅଟେ ।
ଖ- ଝାକିଆଃ - ଇସ୍‌କୁଲ୍ ସଫାସୁଥର୍ ଉନ୍‌ନା ଝାକି ପାଠ୍‌ପଢା ବେଟାବେଟି କିଆଃ କାମୁହାଏ ।
ଓ- ଉଇକେଟ୍ - କ୍ରିକେଟ୍‌ରେ ଗୋଟିଏ ଦଳରେ ଏଗାରଟା ଉଇକେଟ୍ ଥାଏ ।
ଖ- ଇଇକେଟ୍ - କିରକେଟ୍‌ତେ ମୁଇଙ୍ଗ୍ ପାରତେ ଏଗାରଟା ଉଇକେଟ୍ ଆତା ।
ଓ- ଉପହାର - ପବନ ଈଶ୍ୱର ଆମକୁ ଦେଇଥିବା ଉପହାର ଅଟେ ।
ଖ- ପୁରୁସ୍କାର୍ - କୟ, ଭଗମାନ୍ ଆନିଂତେ ପୁରୁସ୍କାର ତେରସିଗ୍ /
ଭଗବାନ ଆନିଂତେ କୟତେ ପୁରୁସ୍କାର୍ ତେରସିଗ୍ /
କୟ ଆନିଂତେ ଭଗମାନ୍ ଆଃତେର୍ ତେର୍ ପୁରୁସ୍କାର ହାଏ ।
ଓ- ଉପର - ବାୟୁମଣ୍ଡଳର ଉପର ଭାଗରେ ମହାଶୂନ୍ୟ ରହିଛି ।
ଖ- ତହଲୁଙ୍ଗ୍‌ତେ - କୟୋ ଆଃ ତହଲୁଙ୍ଗ୍‌ଭାଗ୍‌ତେ ମାହାଶୂଇନ୍ ଆଃଇ ।
ଓ- ଉର୍ବର - ପ୍ରଚୁର ଫସଲ ନିମନ୍ତେ ଉର୍ବର ମାଟି ଆବଶ୍ୟକ ।
ଖ- ଖତେନ୍‌ଲଃଖା - ଖୋବ୍‌ତାଷ / ବଡ଼ିଆତାସ୍ ହଏନାଥମ୍ ଖତେନ୍ ଲଃଖା ହଏନାଃ କାୟମ୍ ।
ଖୋବ / ବନେବଃ ତାଷ ହଏନାଃଥମ୍ ହାଲ୍‌କା ଲଃଖା ହଏନାଃ କାୟମ୍ ।
ଓ- ଉଣା - ପାଠପଢ଼ା ଉଣା କର ନାହିଁ ।
ଖ- ନାଗା - ପାଟ୍‌ପଢ଼େନାତେ ନାଗା ଆବୁ ବାୟୋ/ବାୟମ୍ ।

| | | | |
|---|---|---|---|
| ଓ- | ଓଳି | - | ଗ୍ରୀଷ୍ମ ଋତୁରେ ଏକଓଳି କାମ କରିବା ଭଲ । |
| ଖ- | ଏକ୍‌ବେଳିଆ | - | ଗିଡିଂଲେରାଙ୍ଗ୍ ଏକ୍‌ବେଳିଆ କାମୁନା ଭଲ୍ ହାଏ । |
| ଓ- | ଋତୁ | - | ଗ୍ରୀଷ୍ମ ଋତୁରେ ଆମ୍ବ ପାଚେ । |
| ଖ- | ରିତୁ | - | ବଇଶାଖ୍ ଲେରାଙ୍ଗ୍ କାୟର୍ ବେଲମ୍‌ତା । |

## (ଏ)

| | | | |
|---|---|---|---|
| ଓ- | ଏଣେତେଣେ | - | ଆବର୍ଜନା ଏଣେତେଣେ ପକାନ୍ତୁ ନାହିଁ । |
| ଖ- | ଉତିକ୍ ହାନ୍‌ତିକ | - | କାଚ୍‌ରାକୁଟା ଉତିକ୍ ହାନ୍‌ତିକ୍ ଆବୁ ଘାଲେ ପେ । |
| ଓ- | ଏଣ୍ଡୁଅ | - | ଏଣ୍ଡୁଅ କଙ୍କି ମାରି ଖାଏ । |
| ଖ- | ଟେଟ୍‌ଙ୍ଗା | - | ଟେଟ୍‌ଙ୍ଗା ପାଟ୍‌ପନିହା ତାର୍ ନଃତେ । |
| ଓ- | ଏକ | - | କୁକୁର ଏକ ବିଶ୍ୱସ୍ତ ପ୍ରାଣୀ ଅଟେ । |
| ଖ- | ମୁଇଙ୍ଗ୍ | - | ସଲଃ ମୁଇଙ୍ଗ୍ ବିଶ୍ୱାସୀ ଜଁତୁ ହାଏ । |
| ଓ- | ଏକ ବାର ଛୁ | - | କୁକୁରକୁ ଦେଖି ମାଙ୍କଡ ଏକବାର ଛୁ । |
| ଖ- | ଜୟଃନ | - | ସଲଃତେ ଜୟଃନ ମଃଗା ବାନ୍ଦ୍‌ରା ବତ୍‌କେ ଗଃକି । |
| ଓ- | ଏକଜୁଟ | - | ଗାଁ ଲୋକ ଏକଜୁଟ ହୋଇ ରାସ୍ତା ମରାମତି କଲେ । |
| ଖ- | ଝାକିଗା ମୁଇଙ୍ଗ୍ | - | ପାଡାଃ ଲେବୁକି ଝାକିଗା ମୁଇଙ୍ଗ୍ ହଏ କଲା ସଡ୍‌କ୍‌ତେ ସାଫା ବାୟୁଃକିଃ / ଉଜ୍‌ଡେ ସଡକ୍‌ତେ ବାୟଃକି / ଖାରାପ୍ ସଡକ୍‌ତେ ବାୟଃକି । |
| ଓ- | ଏକକ | - | ମିଟର ଦୂରତା ମାପିବାର ଏକକ ଅଟେ । |
| ଖ- | ଯନ୍ତର୍ | - | ମିଟର ଡିସାଃ ଏଡ୍‌ନାଃ ମୁଇଙ୍ଗ୍ ଯନ୍ତର୍ ହାଏ । |
| ଓ- | ଏଇଠି | - | ଏଇଠି ବସି ମୁଁ ନିତି ବହି ପଢେ । |
| ଖ- | ଉତେ | - | ଉତେ ଡକ୍‌କରି ଇଙ୍ଗ୍ ଝାକି ଦିନ ବହି ପଢେତାଏଙ୍ଗ୍ । |
| ଓ- | ଏକତା | - | ଏକତା ହିଁ ବଳ ଅଟେ । |
| ଖ- | ସଲ୍‌ହ | - | ସଲ୍‌ହ ଯେ ଅସଲ୍ ବଡ ହାଏ । |
| ଓ- | ଏକଲା | - | ଆମ ଗ୍ରାମରୁ ମୁଁ ଏକଲା କଲେଜ ଯାଏ । |
| ଖ- | ଏକ୍‌ଲା | - | ଏଲାଃ ପାଡାତାୟ ଇଙ୍ଗ୍ ଏକ୍‌ଲା କଲେଜ୍ ସାନ୍‌ତାଏଙ୍ଗ୍ । |
| ଓ- | ଏମନ୍ତ | - | ଏମନ୍ତ କରି ଦେଖାଅ, ଯାହା ଲୋକ ଦେଖି ଖୁସି ହେବେ । |
| ଖ- | ଉଘାୟ୍ | - | ଉଘାୟ୍ ବାୟ୍ କରି ଅବ୍‌ଜୟେପେ, ଲେବୁ ଜୟ କଲା ଲେରୈଃ ନାକି । |
| ଓ- | ଏବେ | - | ଏବେ ପାଠ ପଢ଼ାର ସମୟ ଅଟେ । |
| ଖ- | ତାମା | - | ତାମା ପାଠ୍ ପଢ଼େନାଃ ବେଡାହାଏ । |
| ଓ- | ଏଟିଏମ୍ | - | ଏଟିଏମ୍‌ରୁ ଯେକୌଣସି ସମୟରେ ଟଙ୍କା ଉଠାଯାଏ । |
| ଖ- | ଏଟିଏମ୍ | - | ଏଟିଏମ୍‌ତାୟ ଯେନ୍ ସମୟତେ ଲାଃଜ ରୁପିଆ ଅଃଫେର୍‌ନା ହଏ୍‌ତା । |

| | | | |
|---|---|---|---|
| ଓ- | ଐତିହାସିକ | - | ଐତିହାସିକ ଆମ ଜନ୍ମସ୍ଥାନ ଅଟେ । |
| ଖ- | ଜନମ୍ ଅଃ | - | ଜନମ୍ ଅଃ ଆନିଆଃ ଜନମ୍ ଜାଗା ହାଏ । |
| ଓ- | ଏକ ଟଙ୍କିଆ | - | ଆଜିକାଲି ଏକଟଙ୍କିଆ ନୋଟ୍ ଦେଖାଯାଏ ନାହିଁ । |
| ଖ- | ମୁଇଙ୍ ରୁପିଆ | - | ଉପାଡି ମୁଇଙ୍‌ରୁପିଆ ଲୋଟ୍ ଉମ୍ ଜୟତା / ଜୟନା ଉମ୍ କୁଇ ତାଏଗ୍ । |
| ଓ- | ଏକାଦଶ୍ | - | ମୁଁ ଏକାଦଶ ବାର ଚିଲିକା ଦେଖିଛି । |
| ଖ- | ଦଶେବାରେ | - | ଇଙ୍ ଦଶେବାରେ ଥର୍ ଚିଲିକା ଜୟସିଙ୍ (ଦଶେବାରେ) । |
| ଓ- | ଏକାଠି | - | ପରିବାରର ସମସ୍ତେ ଏକାଠି ରହନ୍ତି । |
| ଖ- | ମୁଇଙ୍‌ତେ | - | ଅଗାଃ ଝାକିଗା ମୁଇଙ୍‌ତେ ରହେତାକି । |
| ଓ- | ଏକଧିକ | - | ମୋ ପାଖରେ ଏକାଧିକ ଗଣିତ ବହି ଅଛି । |
| ଖ- | ଖୋବ୍ (ଜୁଘାଏ)- | | ଇଙ୍‌ଆଃତେ ଖୋବ୍ ଗଣିତ୍ ବହି ଆଃଇ / ଇଙ୍ଗାଃ ତେ ଜୁଘାୟ ଗଣିତ୍ ବହି ଆଃଇ । |
| ଓ- | ଏକାଡିଆଁ | - | ମାଙ୍କଡଟି ଏକାଡିଆଁରେ ପଳାଇଲା । |
| ଖ- | ମେସନ୍ ଗା ପୁଡ୍ କଲା - | | ବାନ୍ଦ୍‌ରା ମେସନ୍ ଗା ପୁଡ୍ କଲା ଜାରଃ । |
| | | | / ବାନ୍ଦରା ମୁଇଙ୍ ପୁଡ୍‌ପୁଡ୍‌ତେଗା ଜାରଃ । |
| ଓ- | ଏକପ୍ରକାର | - | ସୈନିକମାନେ ଏକପ୍ରକାର ପୋଷାକ ପିନ୍ଧନ୍ତି । |
| ଖ- | ମୁଇଙ୍‌ରକମ୍‌ଆଃ - | | ସଇନିକି ମୁଇଙ୍‌ରକମ୍‌ଆଃ ଛିଡା ପାଟା ସୁଇତେକି / ପେଁଟ କୁର୍‌ତା ସୁଇତେକି / ବର୍‌ଦି ସୁଇତେକି । |
| ଓ- | ଏହି | - | ଏହି ଦେଶ ଆମ ଜନ୍ମଭୂମି ଅଟେ । |
| ଖ- | ଉ | - | ଉ ଦେଶ୍ ଆନିଆଃ ଜନମ୍ ମାଏଟ୍ ହାଏ / ଉ ରାଏଜ୍ ଆନିଆଃ ଜନମ୍‌ଠାଣ ହାଏ । |

## (ଐ)

| | | | |
|---|---|---|---|
| ଓ- | ଐରାବତ | - | ଐରାବତ ହାତୀମାନଙ୍କ ଦଳପତି ଅଟେ । |
| ଖ- | ଐରାବତ୍ | - | ଐରାବତ୍ ହାଁଥୀ କିଆଃ ରାଜା ହାଏ । |

## (ଓ/ଔ)

| | | | |
|---|---|---|---|
| ଓ- | | - | ମାଛ ଓ ମାଂସ ଶରୀରର ବୃଦ୍ଧି ଘଟାଏ । |
| ଖ- | | - | କାଣଙ୍ ର କୁମାଙ୍ ନିରିତେ ବଢାୟତେ । |
| ଓ- | ଓଳି | - | ଗୋଟିଏ ଓଳି କାମ କଲେ ଅଧା ମଜୁରୀ ପାଇବ । |
| ଖ- | ମୁଇଙ୍‌ବେଳା | - | ମୁଇଙ୍‌ବେଳା କାମୁକିଲାଃ ଆଧା ମଞ୍ଜୁରୀ କୁଏପେ । |
| ଓ- | ଓଠ | - | ଶୀତ ଦିନେ ଓଠ ଫାଟେ । |
| ଖ- | ଚଁଣ୍ | - | ରାଙ୍ଗାଦିନ ଚଁଣ୍ ପାଃତା / ଠଣ୍ହାଃ ଲେରାଙ୍ ଚଁଣ୍ ପାଃତା । |
| ଓ- | ଓସାର | - | ଓସାର ଲମ୍ବା ଅପେକ୍ଷା ସାନ ଅଟେ । |
| ଖ- | ଅସାର୍ | - | ଅସାର୍ ଲମ୍‌ଆଃ ତାୟ୍ କନ୍‌ହନ୍ ହାଏ/ ଚଉଡା ଝେଲବ୍‌ଆଃତାୟ କନ୍‌ହନ୍ ଆଏ । |

| | | | |
|---|---|---|---|
| ଓ- | ଓଜନ | - | ଚାଷୀମାନେ ଓଜନ କରି ପନିପରିବା ବିକିବା ଉଚିତ୍ । |
| ଖ- | ଉଜନ୍ | - | ପାର୍‌ଜାକି ତଉଲାଏକରି ଜିନିଷ ଅବ୍‌ସଙ୍ଗ୍‌ନାଃ କାୟମ୍ । / ତାସିଲେବୁକି ଉଜନ୍ ବାଏକରି ସବ୍‌ଜୀ ଅବସଙ୍ଗ୍‌ନାଃ କାୟମ୍ । |
| ଓ- | ଓଧ | - | ଓଧ ପାଣିରେ ଯା ଆସ କରିପାରେ । |
| ଖ- | ଉଦ୍ | - | ଉଦ୍ ଡାଃତେ ସାନ୍‌ନା ଡେଲ୍‌ନା ପାଲ୍‌ତେ । |
| ଓ- | ଓହ୍ଲାଇବା | - | ସାବଧାନରେ ସାଇକେଲରୁ ଓହ୍ଲାଇବା ଉଚିତ୍ । |
| ଖ- | ଉତ୍‌ରେନା | - | ସାବ୍‌ଧାନିତେ ସାଏକଲ୍‌ତାୟ୍ ଉତ୍‌ରେନାଃ କାୟମ୍ । |
| ଓ- | ଓଟ | - | ଓଟ ମରୁଭୂମିର ଜାହାଜ ଅଟେ । |
| ଖ- | ଉଁଟ୍ | - | ଉଁଟ୍ ମରୁଭୂମିଆଃ ବିବାନ୍ ହାଏ । |
| ଓ- | ଓସାରିଆ | - | ଗାଁ ଗହଳିରେ ଓସାରିଆ ରାସ୍ତା ନ ଥାଏ । |
| ଖ- | ଅସାର୍ | - | ପାଡାକିତେ ଅସାର୍ ଗଃଝୁଙ୍ଗ୍ ଉମ୍ ଆତା । |
| ଓ- | ଓଷ୍ଠ | - | କଥା କହିବାରେ ଓଷ୍ଠ ସାହାଯ୍ୟ କରେ । |
| ଖ- | ତଉଲୁଙ୍ଗ୍‌ଚଁଣ୍ | - | କାୟମ୍‌ନାତେ ତଉଲୁଙ୍ଗ୍ ଚଣ୍ ସାହେଜ୍ ବାୟ୍‌ତେ । |
| ଓ- | ଓଲ୍‌ଟାଇ | - | ଘୂର୍ଣ୍ଣିବାୟୁ ଘରର ଚାଳ ଓଲଟାଇ ଫିଙ୍ଗେ । |
| ଖ- | ଉଲ୍‌ଟାଏ | - | ବାର୍‌ଣ୍ଡୋ ଅଗାଃ ଛାଉନି ଉଲ୍‌ଟାଏ ଖାବ୍‌ଡାୟତେ । |
| ଓ- | ଓଡିଶୀ | - | ଓଡିଶୀ ନୃତ୍ୟ ବିଶ୍ୱଦରବାରରେ ଆଦର ପାଇଛି । |
| ଖ- | ଓଡିଶୀ | - | ଓଡିଶୀ ନାଚ୍ ଦୁନିଆତେ ଆଦର୍ କୁଇସିଗ୍ । |
| ଓ- | ଓହଳି | - | ଯାନବାହନରେ ଓହଳି ଯାତ୍ରା କରିବା ବିପଦପୂର୍ଣ୍ଣ ଅଟେ । |
| ଖ- | ଟାଙ୍ଗାୟ | - | ଗାଡିମଟର୍‌ତେ ଟାଙ୍ଗାୟ୍ କଲା ସାନ୍‌ନା ଡେଲ୍‌ନା ବିପଦ୍ ଆଏ/ହାଏ । |
| ଓ- | ଔଷଧ | - | ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ ନିରାପଦ ଅଟେ । |
| ଖ- | କାନ୍‌ଲା | - | ଦାଗ୍‌ଦାର ଆ ଗାମ୍‌ନା ହିସାବତେ କାନ୍‌ଲା ନଃଖଲାଃ ଠିକ୍ ହାଏ । |

## (କ)

| | | | |
|---|---|---|---|
| ଓ- | ଔଷଧ | - | ଔଷଧ କିଣିବା ପାଇଁ ଗରିବ ଲୋକଙ୍କ ପାଖରେ ପଇସା ନ ଥାଏ । |
| ଖ- | କାନ୍‌ଲା | - | କାନ୍‌ଲା ସଙ୍ଗ୍‌ନାଃଥମ୍ ଗରିବ ଲେବୁ କିଆଃତେ ପଏସା ଉମ୍ ଆତା । |
| ଓ- | କଜିଆ | - | ଶ୍ରେଣୀରେ କଜିଆ କର ନାହିଁ। |
| ଖ- | ଗୁଲ୍‌ମାଲ୍ | - | ପାଟ୍‌ପଢା ଅଃତେ/କିଲାସ୍‌ତେ ଗୁଲ୍‌ମାଲ୍ ଆବୁ ବାୟେପେ । |
| ଓ- | କଳି | - | କଳିରୁ ଶାନ୍ତି ହଜିଯାଏ । |
| ଖ- | କଲେଗ୍ କେନ୍ଦାଡ୍ | - | କଲେଗ୍ କେନ୍ଦାଡ୍ ହଏକିଲାଃ ଶାନ୍ତି ସିଡ୍‌ଗଃତା । |
| ଓ- | କଥାଭାଷା | - | ଆମ କଥାଭାଷା ସ୍ୱାଦଯୁକ୍ତ ହେବା ଉଚିତ୍ । |
| ଖ- | କାୟମ୍‌କାଥା | - | ଆନିଆଃ କାୟମ୍ କାଥା ଜଙ୍ଗେମ୍ ହଏନାଃ କାୟମ୍ । |

| | | | |
|---|---|---|---|
| ଓ- | କରୁଣ | - | ଦୁଃଖୀ ଲୋକର କରୁଣ କ୍ରନ୍ଦନ ଈଶ୍ୱର ଶୁଣନ୍ତି । |
| ଖ- | ଗଡ୍‌ଗଡା | - | ଦୁଃଖାଲି ଲେବୁଆଃ ଗଡ୍‌ଗଡା, ଲିବ୍‌ଲିବ୍ ଭଗମାନ୍ ଅନ୍‌ଡର୍ ତେ । |
| ଓ- | କମ୍ପାଉଣ୍ଡର | - | ଡାକ୍ତରଖାନାରେ କମ୍ପାଉଣ୍ଡର ଔଷଧ ଦିଅନ୍ତି । |
| ଖ- | କୁମ୍ପାଣ୍ଡର୍ | - | ଦାଗ୍‌ଦାର୍ ଖାନାତେ କୁମ୍ପାନ୍‌ଡର କାନ୍‌ଲା ତେର୍‌ତେ / ତେର୍‌ତେକି । |
| ଓ- | କର୍ମଚାରୀ | - | କର୍ମଚାରୀ ନିଜ କର୍ତ୍ତବ୍ୟରେ ବିଶ୍ୱସ୍ତ ହେବା ଉଚିତ୍ । |
| ଖ- | ଚାକିରିଆ | - | ଚାକ୍‌ରିଆ ଆଡିଆଃ ନିଜର୍ କାମୁତେ ବିଶ୍ୱାସୀ ହଏନାଃ କାୟମ୍ । |
| ଓ- | କର | - | ମୁଁ ନିତି ସକାଳେ କର ଯୋଡି ପ୍ରାର୍ଥନା କରେ । |
| ଖ- | ତିଇ | - | ଇଙ୍ଗ୍ ଝାକିଦିନ ମିଆଁଃତେ ତିଃ ଯଡେ କଲା ପାର୍‌ଥାନା ବାଏ ତିଙ୍ଗ୍ । |
| ଓ- | କଷଣ | - | କଷଣ ସହିବା ବୁଦ୍ଧିମାନର କାର୍ଯ୍ୟ ଅଟେ । |
| ଖ- | କଷ୍ଟ | - | କଷଟ ସହେ ନା ବୁଦ୍ଧିମାନ୍ ଆଃ କାମୁ ହାଏ । |
| ଓ- | କର୍ଣ୍ଣ | - | କର୍ଣ୍ଣ ଦ୍ୱାରା ଶ୍ରବଣ ହୁଅଇ । |
| ଖ- | ଲୁତୁର୍ | - | ଲୁତୁର୍ ବୁଙ୍ଗ୍ ଅଣ୍ଡର୍‌ନା ହଏତା । |
| ଓ- | କଇଁଚି | - | କଇଁଚିରେ ବାଳ କଟାଯାଏ । |
| ଖ- | କଏଁଚି | - | କଏଁଚି ବୁଙ୍ଗ୍ ଉଲି କଏ ତେ କି । |
| ଓ- | କଇଁଛ | - | ଗହୀର ମଥା କଇଁଛଙ୍କ ପ୍ରଜନନ କେନ୍ଦ୍ର ଅଟେ । |
| ଖ- | କୁଲୁ/କଛୁ | - | ସେଲୁଁଙ୍ଗ୍‌ଡାଃତେ ଗହୀର ମଥା କୁଲୁ / କଛୁ କିଆଃ ବଅଁଶ ବଢାଏ୍‌ନା ଠାଣ ହାଏ । |
| ଓ- | କଂଟା | - | ଗୋଲାପ ଗଛରେ କଂଟା ଥାଏ । |
| ଖ- | ଜୁରାଃ | - | ଗୁଲାପ୍ ଦାରୁତେ ଜୁରାଃ ଆତା । |
| ଓ- | କଦଳୀ | - | କଦଳୀ ଏକ ସୁଆଦିଆ ଫଳ ଅଟେ । |
| ଖ- | କଦେଲ୍ | - | କଦେଲ୍ ମୁଇଙ୍ଗ୍ ସେବୁଲ୍ ଲକୁହାଏ । |
| ଓ- | କମଳା | - | କମଳାରୁ ଫଳରସ ପ୍ରସ୍ତୁତ କରାଯାଏ । |
| ଖ- | କମଳା | - | କମ୍‌ଲାଃ ଲକୁତାୟ୍ ରସ୍ ତିଆର୍ ହଏତା । |
| ଓ- | କଂଚା | - | କଂଚା କାଠ ସହଜରେ ଜଳେ ନାହିଁ । |
| ଖ- | ବରଲ୍ | - | ବରଲ୍ ସଙ୍ଗଲ୍ ସହ୍‌ଜେ ଉମ୍‌ତେମୁତା / ଜଲ୍‌ଦି ଉମ୍ ତେମୁତା । |
| ଓ- | କଲବଲ | - | ଭିକାରୀଟି କଲବଲ ହୋଇ ଅନାଇଛି । |
| ଖ- | ଗଡ୍‌ଗଡା | - | ମଂଗ୍‌ତରୀ ଯେଃ ଗଡ୍‌ଗଡା ହଏକଲା ଜୟ୍‌ନା ମୁଡିଆଏସିଗ୍ । |
| ଓ- | କପୋତି | - | କପୋତି ଚିତ୍ରବିଚିତ୍ର ଅଣ୍ଡା ଦିଏ । |
| ଖ- | କାପୁ | - | କାପୁ ଚୁରୋ/କନଥେଡ୍ ବଡା ରକମ୍ ଆଃ ଆଣା ତେର୍‌ତେ ।<br>କାପୁ କନ୍‌ଥେଡ୍ ରଙ୍ଗ୍‌ବିରଙ୍ଗ୍ ଆଃ ଆଣା ତେର୍‌ତେ । |
| ଓ- | କପୋତ | - | କପୋତ ଶାନ୍ତିର ପ୍ରତୀକ ଅଟେ । |
| ଖ- | ପେରୁଆଁ | - | ପେରୁଆଁ କନ୍‌ତେଡ୍ ଶାନ୍ତି ଆଃ ଚିହ୍ନା ହାଏ । |

| | | |
|---|---|---|
| ଓ- କମ୍ପନ | - | ଘଂଟାକୁ ଆଘାତ କଲେ କମ୍ପନ ସୃଷ୍ଟି ହୁଏ । |
| ଖ- ସଦମ୍ନା/କଁପେନା- | | ଘଂଟାତେ ଗିଲଃଲାଃ ଶଦମ୍ ମୁଃତା । |
| ଓ- କମ୍ | - | କମ୍ ବୃଷ୍ଟିପାତରେ ଭଲ ଫସଲ ହୁଏ ନାହିଁ । |
| ଖ- ଇଚିଃ | - | ଇଚିଃ ଡାଃ ତେ ବନେ ଫଏସଲ ଉମ୍ ହଏତା । / ଇଚିଃ ବର୍ଷା ତେ ଭଲ ଫଏସଲ ଉମ୍ ହଏତା । |
| ଓ- କମ୍ବଳ | - | କମ୍ବଳ ଘୋଡାଇ ହେଲେ ଶୀତରୁ ରକ୍ଷା ମିଳେ । |
| ଖ- କମଲ୍ | - | କମଲ୍ ଆଙ୍କୁଅଃଲାଃ ରାଙ୍ଗାତାୟ ବାଂଚେନା ହଏତା । |
| ଓ- କଣ୍ଢେଇ | - | ପ୍ଲାଷ୍ଟିକ କଣ୍ଢେଇ ଭଙ୍ଗୁର ନୁହେଁ । |
| ଖ- ପୁତ୍ଲି | - | ପ୍ଲାଷ୍ଟିକ ପୁତ୍ଲି ଉମ୍ ପିଗ୍ତା । |
| ଓ- କର | - | ଛୋଟବେଳୁ ଚରିତ୍ର ଗଠନ କର । |
| ଖ- ବାଏନା | - | କୁଣୁଃତାୟ୍ ନିଜର୍ ଚରିତ୍ର ଗଠନ ବାୟେପେ / ଗଢ଼ାଏପେ । |
| ଓ- କଢ଼ | - | କଢ଼ ଫୁଟି ଫୁଲ ହୁଏ । |
| ଖ- କୋଢ଼ୋ | - | କୋଢ଼ୋ ଫୁଃଟେ କିଲାଃ ଫୁଲ୍ ହଏତା । |
| ଓ- କଟିବା | - | ବହୁଦିନ ଅନୁପସ୍ଥିତ ରହିଲେ ନାମ କଟିବା ସମ୍ଭାବନା ଥାଏ । |
| ଖ- ଡିଗ୍ନା | - | ଖୋବ୍ଦିନ (ନାଗାବାୟଃଲାଃ) ଉମ୍ସାନ୍ କିଲାଃ ନାଆ କଟେଗଃନା ବତଙ୍ଗ୍ ଆତା । |
| ଓ- କଳା | - | ଆମର ଗୋଟିଏ କଳା ଗାଇ ଅଛି । |
| ଖ- କଳିଆ/ମଘେର୍ | - | ଏଲାଃ ମୁଇଙ୍ଗ୍ କାଳି / କାଳିଆ ଗାଏ ଆଃଇ । |
| ଓ- କବାଟ | - | ଲୋକେ ରାତିରେ କବାଟ ବନ୍ଦ କରି ଘରେ ଶୁଅନ୍ତି । |
| ଖ- ସନଙ୍ଗ୍ | - | ଲେବୁକି ଇଡିବ୍ତେ ସନଙ୍ଗ୍ ତେର୍ କରି ଅଃତେ ଗିତାଃତାକି । |
| ଓ- କଟୁରୀ | - | କଟୁରୀରେ ଘାସ ବୁଦା ଇତ୍ୟାଦି ସଫାକରାଯାଏ । |
| ଖ- ଛୁରୀ/କଟାଏର୍ | - | କଟାଏର୍ ବୁଙ୍ଗ୍ ଘାସ ବୁଦା କିତେ ସଫା ବାଏ ତେକି । |
| ଓ- କଲମ | - | କଲମ ଲେଖା ଗୁଡିକ ଦୀର୍ଘସ୍ଥାୟୀ ହୁଏ । |
| ଖ- ଫଲ୍ଟେନ | - | ଫଲ୍ଟେନ୍ ଆଃ ଲେଖା କି ଖୋବ୍ ଦିନ୍ ଜାକର ରହେତା/ଝାକି ଦିନଆଃଥମ୍ ରହେତା । |
| ଓ- କର | - | ପିତାମାତାକୁ ସମାଦର କର । |
| ଖ- ବାୟେପେ | - | ମାଁ ବୁଆତେ ସମାନ୍ ଆଦର୍ ବାୟେପେ । |
| ଓ- କହି | - | ଜେଜେମା ଗପ କହି ଆମକୁ ଶୁଆନ୍ତି । |
| ଖ- ଗାମକରି | - | ଆଇମାଁ / ଆଇବୁଢୀ କଥନୀ ଗାମ୍ କରି ଆନିଙ୍ଗ୍ତେ ଗିବ୍ତାଃତେ । |
| ଓ- କଢ଼ି | - | କଢ଼ିରୁ ଫୁଲ ଫୁଟେ । |
| ଖ- କୋଢ଼ୋ | - | କୋଢ଼ୋତାୟ୍ ଫୁଲ୍ ଫୁଃଟେତା । |
| ଓ- କଥନ୍ | - | କଥନ୍ ଦ୍ୱାରା ଭାବ ପ୍ରକାଶ କରାଯାଏ । |
| ଖ- ଗାମ୍ନା | - | ଗାମ୍ କରି ମନ୍ ଆଃ କାୟମ୍ ଗାମ୍ନା ହଏତା । |

| | | | |
|---|---|---|---|
| ଓ- | କମ୍ପି | - | ଘଡଘଡି ଶବ୍ଦରେ ମେଦିନୀ କମ୍ପି ଉଠେ । |
| ଖ- | କାଁପେନା | - | ଘଡ୍‌ଘଡି ଶବଦ୍‌ତେ ପୁରଥି କାଁପେ ଗଃତା / ଘିଡ୍‌ଘିଡ୍‌ଚଡ୍‌ଚଡ୍‌ତେ ପୁରଥି କଁପେ ଗଃତା । |
| ଓ- | କଣ୍ଠ | - | ମଧୁର କଣ୍ଠରେ ସଙ୍ଗୀତ ଗାନ କର । |
| ଖ- | ସୋର୍ | - | କିଲ୍ କିଲାଃ ସୋର୍‌ତେ ଆଲଙ୍ଗ୍ ଆଲଙ୍ଗ୍‌ନାପେ / ସୁନ୍ଦର ସୋର୍‌ତେ ଆଲଙ୍ଗ୍ ଆଲଙ୍ଗ୍‌ନାପେ । |
| ଓ- | କଡରେ | - | ରାସ୍ତା କଡରେ ମଳତ୍ୟାଗ ଅନୁଚିତ। |
| ଖ- | ତୟୋଡ୍‌ତେ | - | ସଡକ୍ ତୟୋଡ୍‌ତେ ଇଗ୍‌ନା ଭଲ୍ ଆଣିଗ୍ । |
| ଓ- | କଳିକଜିଆ | - | ମୁର୍ଖଲୋକ କଳିକଜିଆ କରିଥାନ୍ତି । |
| ଖ- | କଲେଗ୍ କେନ୍ଦାର୍ | - | ମୁରୁଖ୍ ଲେବୁକି କଲେଗ୍ କେନ୍ଦାର୍ ବାଏତେକି । |
| ଓ- | କଲରା | - | କଲରା ଏକ ହିତକାରୀ ଖାଦ୍ୟ ଅଟେ । |
| ଖ- | କାର୍‌ଲା | - | କାର୍‌ଲା ମୁଇଙ୍ଗ୍ ଭଲ ନଅନା ଜିନିଷ୍ ଆଏ/ହାଏ । |
| ଓ- | କପଡା | - | ଶୀତ ଦିନେ ଗରମ କପଡା ଆବଶ୍ୟକ । |
| ଖ- | ଛିଡା | - | ରାଙ୍ଗାଲେରାଙ୍ଗ୍ ଉଦୁମ୍ ଛିଡା ଦର୍‌କାର୍ । |
| ଓ- | କମିବା | - | ଶରୀରରେ ଜଳ ଅଂଶ କମିବା ଅୁନୁଚିତ। |
| ଖ- | କମେନା | - | ନିରୀଆଃ ଡାଃ ଅଂଶ୍ କମେନା ଠିକ୍ ଆଣିଗ୍ । |
| ଓ- | କାବା | - | ସର୍କସରେ ହାତୀ ଦେଖି ପିଲାଟି କାବା ହୋଇଗଲା । |
| ଖ- | ଭାକୁଆ | - | ସର୍କସ୍‌ତେ ବେଟା ଯେ ହାଁଥୀ ଜୟକରି କାଲୁଆଏ ଗଃକି । |
| ଓ- | କାଳକାଳ | - | ଦେଶ ପାଇଁ ପ୍ରାଣବଳୀ କାଳକାଳ ସ୍ମରଣୀୟ ହୋଇରହେ । |
| ଖ- | ଯୁଗ୍‌ଯୁଗ୍ | - | ଦେଶ୍ ଆଃଥମ୍ ଜୀବନ୍ ତେରଃଲାଃ ଯୁଗ୍‌ଯୁଗ୍ ନାଁ ରହେତା / ମନ୍‌ତେ ରହେତା । |
| ଓ- | କାଉ | - | କାଉ କା କା ବୋଲି ରଡି ଛାଡେ । |
| ଖ- | କୁଆଃ | - | କୁଆଃ କା କା ଗାମ୍ କରି କିର୍‌ଲାଏ ତେ / ରଡି ତେର୍‌ତେ । |
| ଓ- | କାଳ | - | ଆଜିକାଲିର କାଳ ଅତ୍ୟନ୍ତ ମନ୍ଦ ଅଟେ । |
| ଖ- | ଯୁଗ୍ | - | ଉପାଡି ଆଃ ଯୁଗ୍ ମୁରୁକ୍ ଖାରାପ୍ ହାଏ । |
| ଓ- | ଖରା | - | ଗ୍ରୀଷ୍ମ ଋତୁରେ ଟାଣ ଖରା ହୁଏ । |
| ଖ- | ଗିଡିଂ | - | ବୈଶାଖ୍ ଲେରାଙ୍ଗ/ଗିଡିଂ ଲେରାଙ୍ଗ୍, ଟାନେଟାନ୍ ଗିଡିଂ ହଏତା । |
| ଓ- | କାରଣ | - | ରବି ଏ ବର୍ଷ ଫେଲ୍ ହେଲା, କାରଣ ସେ ମନଦେଇ ପଢିଥିଲା । |
| ଖ- | କାରନ୍ | - | ରବି ଉ ବରଷ୍ ଫେଲ୍ ହଏକି, କାରନ୍ ଆଡି ମନ୍ ତେର୍ କଲା ଉମ୍‌ପଢେକି । |
| ଓ- | କଳାହାଣ୍ଡିଆ | - | କଳାହାଣ୍ଡିଆ ମେଘ ଦେଖି ମୟୂର ଖୁସି ହୁଏ । |
| ଖ- | କଲିଆ ତିରିବ | - | କଲିଆ ତିରିବ୍ ଜୟ୍ କଲା ମେଞ୍ଜୁର୍ ଲେରୈଃ ଗଃତା । |
| ଓ- | କାଠ ହଣା | - | କାଠହଣା ଚଢେଇ କାଠ ଭିତରେ ପୋକ ଖୋଜି ଖାଏ । |
| ଖ- | ଫୁକାକନ୍‌ଥେଡ | - | ଫୁକାକନ୍‌ଥେଡ୍ ସଙ୍ଗଲ୍ ଭିତାର୍ ତାଏ ତିଜୋ ଅଃଫେର୍ କରି ନଅତେ। |

| | | | |
|---|---|---|---|
| ଓ- | କାମନା | - | ମାତାପିତା ପୁତ୍ରକନ୍ୟାମାନଙ୍କ ମଙ୍ଗଳ କାମନା କରନ୍ତି । |
| ଖ- | ସୁମ୍‌ରେନା | - | ମାଡମ୍ ଆପ୍‌ଡମ୍ / ମାଁ ବୁଆ ବେଟାବେଟି କିଆଃ ବାରୁ ସୁମ୍‌ରେତେକି । |
| ଓ- | କାର୍ଯ୍ୟ | - | କୃଷିକାର୍ଯ୍ୟ କରି ରମା ପରିବାର ଚଳାଏ । |
| ଖ- | କାମ୍ | - | ଚାଷ/ତାସ୍ କାମ୍ ବାୟ କରି ରମା ଅଃ ଚଲାଏତେ । |
| ଓ- | କାନ୍ଧ | - | କାଠୁରିଆ କାନ୍ଧରେ କାଠ ବୋହି ନିଏ । |
| ଖ- | ତାରାମ୍ | - | ଭାରିଆଃ ତାରାମ୍‌ତେ ସଙ୍ଗଲ୍ ଗଃ ଡଟ୍‌ତେ । |
| ଓ- | କାଠ | - | ଶାଗୁଆନ୍ ଏକ ଶକ୍ତ ଅଥଚ ହାଲୁକା କାଠ । |
| ଖ- | ସଙ୍ଗଲ୍ | - | ଶାଗୁନ୍ ଦାରୁ ମୁଇଙ୍ଗ୍ ଆଁଟ୍ ଦାରୁ ଲେକିନ୍ ହାଲ୍‌କା ଯେ ହାଏ । |
| ଓ- | କାହିଁକି | - | ଭୂମିକମ୍ପ କାହିଁକି ହୁଏ ତା'ର କାରଣ ଦର୍ଶାଅ ? |
| ଖ- | ଇନାଃଥମ୍ | - | ଧରତୀ ଇନାଃଥମ୍‌ଡଲେତା ଉକ୍‌ଡାଃ କାରନ୍ ଇ ହାଏ ? |
| ଓ- | କାମୁଡିବା | - | କୁକୁର କାମୁଡିବା ବିପଦପୂର୍ଣ୍ଣ ଅଟେ । |
| ଖ- | ଖେଡ୍‌ନା | - | ସଲଃ ଖେଡ୍‌ନା ବହୁତ ବିପଦ ହାଏ । |
| ଓ- | କାଣ୍ଡ | - | ଗଛର କାଣ୍ଡରୁ ଶାଖା ବାହାରେ । |
| ଖ- | ଗଁଏଠ୍ | - | ଦାରୁଆଃ ଗଏଁଠ୍ ତାଏ ଡାଲ ମୁଃତା । |
| ଓ- | କାଇଁଚ | - | କାଇଁଚ ମାଳି ଭାରି ସୁନ୍ଦର ଦିଶେ । |
| ଖ- | ଗୁଇଞ୍ଜ୍ | - | ଗୁଇଞ୍ଜ୍ ମାଲି ବଢ଼ିଆ ସୁନ୍ଦର ଜୟ୍‌ତା । |
| ଓ- | କାନ | - | କାନରେ ଆମେ ଶୁଣି ପାରୁ । |
| ଖ- | ଲୁତୁର୍ | - | ଲୁତୁର୍ ବୁଙ୍ଗ୍ ଆନିଙ୍ଗ୍ ଅଣ୍ଡରନା ପାଲ୍‌ତେନିଙ୍ଗ୍ । / ଲୁତୁର୍ ବୁଙ୍ଗ୍ ଆନିଙ୍ଗ୍ ଅଣ୍ଡର୍‌ତେନିଙ୍ଗ୍ । |
| ଓ- | କାଛୁକୁଣ୍ଡିଆ | - | ଅପରିଷ୍କାର ରହିଲେ କାଛୁକୁଣ୍ଡିଆ ରୋଗ ହୁଏ । |
| ଖ- | ଖଁସୁଖୁଜ୍‌ରୀ | - | ପୁଚୁଡିଆ ରହେ କିଲାଃ ଖାଁସରାଖୁଜ୍‌ରୀ ରୁଗିଆ ହଏତା । |
| ଓ- | କାଳ୍ପନିକ | - | କାରଗିଲ୍ ଯୁଦ୍ଧ ଏକ କାଳ୍ପନିକ କାହାଣୀ ନୁହେଁ । |
| ଖ- | ମନ୍‌ଭରମ୍ | - | କାର୍‌ଗିଲ୍ ଲଢେ ମୁଇଙ୍ଗ ମନ୍‌ଭରମ୍ କଥ୍‌ନୀ ଆଣିଗ୍ ଓଃ । |
| ଓ- | କାରିଗର | - | କାରିଗର ମାନେ ସୂକ୍ଷ୍ମ କାରୁକାର୍ଯ୍ୟ କରନ୍ତି । |
| ଖ- | ବଢ଼େଇ/ସୁନାରୀ | - | ବଢ଼େଇ / ସୁନାରୀକି ମଟ୍‌ଆଃ ଉଲିଗୁଡ୍ କାମୁତେ ବାଏତେକି । |
| ଓ- | କାଙ୍କଡ | - | ମାଙ୍କଡ କାଙ୍କଡ ଖାଏ । |
| ଖ- | କୋକୋର୍‌ଲୋ | - | ବାନ୍ଦରା କୋକୋର୍‌ଲୋ ନଅତେ । |
| ଓ- | କାଠଗୋଲି | - | କାଠଗୋଲି ହାଲୁକା ଲାଗେ । |
| ଖ- | ଦାରୁଗୁଲି | - | ଦାରୁଗୁଲି ହାଲ୍‌କା/ଉସାସ୍ ଲାଃ ତା । |
| ଓ- | କାକୁଡି | - | ଖରାଦିନେ କାକୁଡି ଖାଇବା ଭଲ । |
| ଖ- | କାଁକେର୍ | - | ଗିଡିଂ ଲେରାଂ କାଁକେର୍ ନଃନା ଭଲ୍ । |

| | | | |
|---|---|---|---|
| ଓ- | କାମ | - | ରୋଗୀ ସେବା କରିବା ଏକ ମହତ କାମ । |
| ଖ- | କାମୁ | - | ରୋଗୀ ସେବା ବାଏନା ମୁଇଙ୍ ମାହାକାମୁ ହାଏ । |
| ଓ- | କାଠିକୁଟା | - | ବର୍ଷାଜଳରେ କାଠିକୁଟା ଭାସି ଯାଏ । |
| ଖ- | କାଚ୍‌ରାକୁଟା | - | ବର୍ଷା ଡାଃତେ କାଚ୍‌ରାକୁଟା ଭାସେ ଗଃତା । |
| ଓ- | କାତି | - | ପରିବା କାଟିବା ପାଇଁ କାତିଟିଏ ଆବଶ୍ୟକ । |
| ଖ- | ଛୁରୀ / ପନଖି | - | ସବଜି ଡେକ୍‌ନାଃଥମ୍ ଛୁରୀ ମୁଇଙ୍ ଦରକାର୍ । |
| ଓ- | କାଖ | - | ବୁଢାଟି  କାଖରେ ଛତା ଜାକି ଯାଉଛି । |
| ଖ- | ଡୁଃଢୁର | - | କେଣରବଃ ଯେ ଛାତାତେ ଡୁଃଢୁର୍ ତେ ଜାକାଏଁ କଲା ସାନ୍ତାଏଗ୍ । |
| ଓ- | କାନ ଫୁଲ | - | ଝିଅମାନେ ସୁନାର କାନଫୁଲ ପିନ୍ଧନ୍ତି । |
| ଖ- | କାନ୍‌ଫୁଲ୍ | - | ବେଟୀକି ସୁନାଃ କାନ୍‌ଫୁଲ୍ ସୁଇତେକି । |
| ଓ- | କାହାଣୀ | - | ଜେଜେମା ମୋତେ କାହାଣୀ କହି ଶୁଆଇ ଦିଅନ୍ତି । |
| ଖ- | କଥ୍‌ନୀ | - | ଆଇମାଁ ଇଙ୍‌ତେ କଥ୍‌ନୀ ଗାମ୍ କରି ଗିପ୍‌ତାଃ ଗଃତେ । |
| ଓ- | କାଗଜ | - | କାଗଜରେ ବହି ତିଆରି ହୁଏ । |
| ଖ- | କାଗତ୍ | - | କାଗତ୍ ବୁଙ୍ ବହି ବନେତା । |
| ଓ- | କାର୍ଡ | - | କାର୍ଡରେ ଚିଠି ଲେଖି ପଠାଯାଏ । |
| ଖ- | କାର୍ଡ | - | କାର୍ଡତେ ଚିଠି ଲେଖା କରି ଡାଙ୍ ତେକି । |
| ଓ- | କାନକୁ | - | ମନ୍ଦଭାଷା କାନକୁ ଭଲ ଶୁଭେ ନାହିଁ । |
| ଖ- | ଲୁତୁର୍‌ତେ | - | ଖରାପ୍ ଭାଷା/କାୟମ୍ ଲୁତୁର୍‌ତେ ଅଣ୍ଡର୍‌ନା ଭଲ ଉମ୍ ଲାଃତା । |
| ଓ- | କାମୁଡି | - | କୁକୁର ହାଡଟିଏ କାମୁଡି ଧାଇଁଗଲା । |
| ଖ- | ଆଖେଡ୍‌କରି | - | ସଲଃ ଜାଙ୍ ମୁଇଙ୍ ଆଖେଡ୍ କରି ବତ୍‌କେ ଗଃକି । |
| ଓ- | କାଦୁଅ | - | ରାସ୍ତାଟି କାଦୁଅ ହୋଇଛି । |
| ଖ- | କାଦୋ | - | ସଡକ ଯେଃ କାଦୋ ହଏ ଗଃସିଗ୍ । |
| ଓ- | କାନ୍ଦୁଲ | - | ଆଦିବାସୀମାନେ ଜଙ୍ଗଲ କାଟି କାନ୍ଦୁଲ ଚାଷ କରନ୍ତି । |
| ଖ- | ରାହ୍‌ଡି | - | ଆଦିବାସୀ ଲେବୁକି ଆଡାୟ୍ ସଫାବାୟ୍ କରି ରାହ୍‌ଡି ଚାଷ /ତାସ୍ ବାୟ୍‌ତେକି । |
| ଓ- | କାଢିବା | - | କୂଅରୁ ପାଣି କାଢିବା ପାଇଁ ଅରଟ ଲାଗି ଥାଏ । |
| ଖ- | ଡିଙ୍‌ନା | - | ଚୂଆଁତାୟ୍ ଡାଃ ଡିଙ୍‌ନାଃଥମ୍ ଘିର୍‌ଲି ଲାଃସିଃତା । |
| ଓ- | କାମରେ | - | ଚିରାକନା ବେଳେବେଳେ କାମରେ ଲାଗେ । |
| ଖ- | କାମୁତେ | - | ଚେନ୍‌ଦରି ଯ ମେସନ୍ ମେସନ୍ କାମୁତେ ଡେଲ୍‌ତା / ଲାଃତା । |
| ଓ- | କି କି | - | ନନ୍ଦନକାନନରେ କି କି ପ୍ରାଣୀ ରହନ୍ତି  ? |
| ଖ- | ଇ ଇ | - | ନନ୍ଦନକାନ୍‌ନ୍‌ତେ / ଚିଡିଆଖାନାତେ ଇ ଇ ଜଁନ୍ତୁ ରହେତାକି ? |

| | | | |
|---|---|---|---|
| ଓ. | କିଚିରି ମିଚିରି | - | ନୀଡ ଭିତରେ ପକ୍ଷୀ ଛୁଆ କିଚିରି ମିଚିରି ହୁଅନ୍ତି। |
| ଖ. | କିଚିର୍‌ମିଚିର୍ | - | ଘରା ଭିଃତାର୍‌ତେ ଚୁରେ କୁଣ୍ଣୁଃ/କନ୍ତେଡ୍ କୁଣ୍ଣୁଃକି କିଚିର୍‌ମିଚିର୍ ହଏତାକି । |
| ଓ. | କିଆରି | - | ଧାନ ତଳି ଓପାଡି କିଆରିରେ ଲଗାଯାଏ । |
| ଖ. | ଆଙ୍କାଲ୍ | - | ବାଃ ପାଡାଃ ଜାଃ କଲା ଆଙ୍କାଲ୍‌ତେ ଉନ୍‌ତେକି । |
| ଓ. | କିପରି | - | ଜଳ କିପରି ବାଷ୍ପ ହୁଏ ପରୀକ୍ଷା କରି ଦେଖ । |
| ଖ. | ଇଘାୟ୍ | - | ଡାଃ ଇଘାୟ୍ ଭାପ ହଏତା ପର୍‌ଖିଆ ବାଏକରି ଜୟେପେ । |
| ଓ. | କିଏ | - | କିଏ ପରିବାର ଚଳାନ୍ତି ? |
| ଖ. | ବେର୍ | - | ବେର୍ ଅଃ ଚଲାଏତେ ? |
| ଓ. | କୀର୍ତ୍ତି | - | ଐତିହାସିକ କୀର୍ତ୍ତି ବହୁମୂଲ୍ୟ ସମ୍ପଦ ଅଟେ । |
| ଖ. | ବାନା | - | ଅସ୍‌ମେକ୍ ଆଃ ବାନା ମାହାଭାରୀ ଧନ୍ ହାଏ । |
| ଓ. | କ୍ରିୟା/କାର୍ଯ୍ୟ | - | ମହାତ୍ମାଗାନ୍ଧୀଙ୍କ କ୍ରିୟା / କାର୍ଯ୍ୟ ଅବିସ୍ମରଣୀୟ ଅଟେ । |
| ଖ. | କାମୁ | - | ମହାତ୍ମାଗାନ୍ଧୀଆଃ କାମୁ ଇରିପ୍‌ନା ଉମ୍ ହଏତା । |
| ଓ. | କୁକୁଡା | - | କୁକୁଡା ଚାଷରେ ବହୁତ ଲାଭ ମିଳି ଥାଏ । |
| ଖ. | ସିଙ୍କୋଏ | - | ସିଙ୍କୋଏ ଚାଷ ବାୟଃଲାଃ ଖୋବ୍ ଲାଭ କୁଇତା । |
| ଓ. | କୁକୁର | - | କୁକୁର ଘର ଜଗେ । |
| ଖ. | ସଲଃ | - | ସଲଃ ଅଃ ଆଗୁର୍‌ତେ । |
| ଓ. | କୁରୁଳି | - | ମାମୁ ଘରକୁ ଯିବାକୁ ପିଲେ କୁରୁଳି ଉଠନ୍ତି । |
| ଖ. | ଲେରୈଃ | - | ମାମୁଁ ଅଃ ସାନ୍‌ନାଃଥମ୍ କୁଣ୍ଣୁଃକି ଲେରୈଃ ଗଃତାକି । |
| ଓ. | କୁଲା | - | କୁଲା ସାହାଯ୍ୟରେ ଧାନ ପାଛୁଡା ହୁଏ । |
| ଖ. | ସାଃମୁ | - | ସାଃମୁବୁଙ୍ଗ୍ ବାଃ ଗୁମ୍‌ତେ କି । |
| ଓ. | କୁଠାର | - | କୁଠାରରେ ଛୋଟ ଡାଳ କଟାଯାଏ । |
| ଖ. | ବୁଡିଆ | - | ବୁଡିଆ ବୁଙ୍ଗ୍ କନ୍‌ହନ୍ ଡାଳ ଡେଗ୍‌ଡମ୍‌ତା । |
| ଓ. | କୁମ୍ଭୀର | - | କୁମ୍ଭୀର ଏକ ଭୟଙ୍କର ପ୍ରାଣୀ ଅଟେ । |
| ଖ. | ମଗର/କୁଟଃ | - | ମଗର / କୁଟଃ ମୁଇଙ୍ଗ୍ ମାହାଭାରୀ ଖେଡ୍ ଖେଡ୍ ଜଁତୁ ହାଏ। |
| ଓ. | କୁସୁମ | - | ଗୋଲାପ କୁସୁମର ସୁଗନ୍ଧ ଖୁବ୍ ଭଲ ଲାଗେ । |
| ଖ. | ଫୁଲ୍ | - | ଗୁଲାପ ଫୁଲଆଃ ବାସ୍‌ନା ସୁନ୍ଦର୍ ଲାଃତା/ଖୋବ୍ ଭଲ ଲାଃତା । |
| ଓ. | କୁଦା | - | ହରିଣଟି ଏକା କୁଦାରେ ନାଳ ଡେଇଁଲା । |
| ଖ. | ଉଛାଲ୍ | - | ମିରିଗ୍ ଯେଃ ମୁଇଙ୍ଗ୍ ଉଛାଲ୍‌ତେ ନାଲିଆ ଡେଗେ ଗଃକି । |
| ଓ. | କୁମ୍ଭକଳସ | - | କୁମ୍ଭକଳସରେ ଜଳ ଭରି ପୂଜାକୁ ନିଆଯାଏ । |
| ଖ. | ଲଃଖାଃକଲସ୍ | - | ଲଃଖାଃକଲସ୍‌ତେ ଡାଃ ଭବ୍‌ରେ କରି ପୂଜା ବୁଙ୍ଗ୍ ଡଟ୍‌ନା ହଏତା । |

| | | | |
|---|---|---|---|
| ଓ. | କୂଳ | - | ବନ୍ୟା ବେଳେ ନଈକୂଳ ଖାଇଯାଏ । |
| ଖ. | ତରା | - | ବଃଢି ଭେରେ ଖ୍ରମ୍ ତରାତରା ନଃଗଃତେ । |
| ଓ. | କୁଳୁକୁଳୁ | - | ଝରଣାର କୁଳୁକୁଳୁ ଶବ୍ଦ ମନ ମୋହି ନିଏ । |
| ଖ. | କୁଲୁର୍‌କୁଲୁର୍ | - | ଝରନ୍ ଡାଗାଃ ଖୁଲ୍ ଖୁଲ୍ ଶବଦ୍ ମନ୍‌ତେ ମୁହାଏ ଡଟ୍‌ତେ । |
| ଓ. | କୁଟୁମ୍ବ | - | ମନୁଷ୍ୟ କୁଟୁମ୍ବ ନେଇ ବଂଚେ । |
| ଖ. | କୁଟୁମ୍ ବାଟୁମ୍ | - | ଲେବୁ କୁଟୁମ୍‌ବାଟୁମ୍ ତେ ଡଟ୍ କରି ବାଂଚେତା । |
| ଓ. | କୁଣ୍ଡା | - | କୁଣ୍ଡାରୁ ଏକ ପ୍ରକାର ତେଲ ବାହାରେ । |
| ଖ. | କୁଣା | - | କୁଣାତାୟ୍ ମୁଇଙ୍ ରକମ୍ ଆଃ ଜୋଲ୍ ମୁଃତା । |
| ଓ. | କୁଣ୍ଡାଇବା | - | ଘା କୁଣ୍ଡାଇବା ଅନୁଚିତ । |
| ଖ. | ଗେଡ୍‌ନା | - | ଘାତେ ଉମ୍ ଗେଡ୍‌ନାଃ କାୟମ୍ । / ଘାତେ ଗେଡ୍‌ନା ଠିକ୍ ଆଣିଗ୍ । |
| ଓ. | କୁତୁକୁତୁ | - | କାଖ ତଳ ଛୁଇଁଲେ କୁତୁକୁତୁ ଲାଗେ । |
| ଖ. | ଗୁତ୍‌ଗୁତି | - | ଡୁଃଢୁର୍ ତୁତା ଜିଫଃଲାଃ ଗୁତ୍‌ଗୁତି ଲାଃତା । |
| ଓ. | କୁଣିଆ | - | ଆମେ କୁଣିଆ ବ୍ୟକ୍ତିକୁ ଶ୍ରଦ୍ଧା କରୁ । |
| ଖ. | ଗତିଆ | - | ଆନିଙ୍ ଗତିଆ ଲେବୁତେ ଆଦର୍ ବାଏତେନିଙ୍ଗ । |
| ଓ. | କୁହୁଡି | - | ଶୀତ ଋତୁରେ ସକାଳେ କୁହୁଡି ଦେଖାଯାଏ । |
| ଖ. | କୁହୁଟି | - | ରାଙ୍ଗା ଲେରାଙ୍ ମିଆଁତେ କୁହୁଟି ଡାଲସିଃତେ/ଜୟତା । |
| ଓ. | କୃଷି | - | ଆମ ବାପା କୃଷି କର୍ମ କରନ୍ତି । |
| ଖ. | ଚାଷ/ତାଷ୍ | - | ଏଲାଃ / ଇଙ୍ଗାଃ ବୁଆଗିଙ୍ ତାସ୍ କାମୁ ବାଏତେ କିଆର୍ । |
| ଓ. | କୃଷକ | - | କୃଷକ ଦେଶବାସୀଙ୍କୁ ଖାଦ୍ୟ ଯୋଗାନ୍ତି । |
| ଖ. | ତାସିଆର୍ | - | ତାସିଆର୍ ଦେଶ୍‌ଆଃ ଲେବୁକିତେ ଅରନ୍ ଯୁଗାଡ୍ ବାଏତେ । |
| ଓ. | କେଉଁ | - | ସୂର୍ଯ୍ୟ କେଉଁ ଦିଗରୁ ଉଦୟ ହୁଏ ? |
| ଖ. | ଆତିକ୍ | - | ବେଢ ଆତିକ୍ ତାୟ ମୁଃସିଙ୍ ତା ? |
| ଓ. | କେଁ କଟର | - | ସନ୍ଧ୍ୟାବେଳେ ପକ୍ଷୀମାନେ କେଁକଟର ହୁଅନ୍ତି । |
| ଖ. | କେଁକଟର୍ | - | ବେଢ ବିଡିବ୍ କନ୍‌ଥେଡ୍‌କି କେଁକଟର୍ ହଏତାକି । / ବେଢବିଡିବ୍‌ନା ଭେରେ ଚୁରେକି କେଁକଟର୍ ହଏତାକି । |
| ଓ. | କେଉଁଥିରେ | - | ଆଲକାତରା କେଉଁଥିରେ ତିଆରି ହୁଏ ? |
| ଖ. | ଇତେ/ଇତାୟ୍ | - | ଡାମର୍ ଇତାୟ ହଏସିଗ୍ / ଡାମର୍ ଇତାୟ୍ ତିଆର୍ ହଏସିଗ୍ ? |
| ଓ. | କେଉଁଠାରୁ | - | ମହାନଦୀ କେଉଁଠାରୁ ବାହାରିଛି ? |
| ଖ. | ଆତାୟ୍ | - | ମହାନଦୀ ଆତାୟ୍ ମୁଃସିଗ୍ ? / ମାହାଖ୍ରମ୍ ଆତାୟ୍ ମୁଃସିଗ୍ ? |
| ଓ. | କେଉଁଠି | - | ଆମ ରାଜ୍ୟର କେଉଁଠି କୋଇଲା ମିଳେ ? |
| ଖ. | ଆତେ | - | ଆନିଆଃ ରାଏଜ୍‌ତେ ଆତେ କୁଇଲା କୁଇତା ? |

ଓ. କେମିତି - ମଞ୍ଜିରୁ ଗଛ ବାହାରେ କେମିତି ?
ଖ. ଇଘାୟ୍ - ବିଜମ୍‌ତାୟ୍ ଗାଛା ଇଘାୟ୍ ମୁଃତା ?
ଓ. କେତେବେଳେ - ତୁମ ବିଦ୍ୟାଳୟ କେତେବେଳେ ଖୋଲେ ?
ଖ. କିଃତାତେ - ଆମ୍ପାଃ ଇସ୍‌କୁଲ କିଃତାତେ ଖୁଲେତା ?
ଓ. କେତୋଟି - ଆମ ରାଜ୍ୟରେ କେତୋଟି ଜିଲ୍ଲା ଅଛି ?
ଖ. କିଃତେଟା - ଆନିଆଃ ରାଏଜ୍‌ତେ କିଃତେଟା ଜିଲ୍ଲା ଆଃଇ ?
ଓ. କେଉଁମାନେ - କେଉଁମାନେ ଭୋଟ ଦେବାକୁ ଯୋଗ୍ୟ ଅଟନ୍ତି ?
ଖ. ବେହାର/ବେର୍‌ବେର୍ - ବେହାର୍ / ବେର୍‌ବେର୍ ଭୋଟ ଡେର୍‌ନା ପାଲେକି ?
ଓ. କେତେ - ପୃଥିବୀଠାରୁ ସୂର୍ଯ୍ୟଙ୍କର ଦୂରତା କେତେ ?
ଖ. କିଃତେ - ଧରତୀତାୟ୍ ବେଡ କିଃତେ ଡିସାଃତେ ଆଃଇ ?
ଓ. କେବେ - ବସନ୍ତ ଋତୁ କେବେ ଆସେ ?
ଖ. ଇଭେରେ - ବସନ୍ତ ଋତୁ ଇଭେରେ ଡେଲ୍‌ତା ?
ଓ. କେଉଁଠିକି - ଆମ ଶଙ୍ଖନଦୀ କେଉଁଠିକି ବହିଯାଏ ?
ଖ. ଆତବୁଙ୍ଗ୍ - ଆନିଆଃ ଶଁକ୍ ଖିରମ୍ ଆତ୍‌ବୁଙ୍ଗ୍ ଲେଙ୍ଗେତା ?
ଓ. କେଶର - ଅଣ୍ଡା କେଶରର ରଙ୍ଗ ହଳଦିଆ ଅଟେ ।
ଖ. କେଶର - ଆଣାଃ କେଶର୍ ଆଃ ରଙ୍ଗ୍ ହଲଦିଆ / ସାଙ୍ଗା୍‌ସାଙ୍ଗା୍‌ଆଃ ରଙ୍ଗ ଗୁଡ୍ ହାଏ ।
ଓ. କୋଟି - ଶହେ ଲକ୍ଷରେ ଏକ କୋଟି ହୁଏ ।
ଖ. କୁଟି - ଶଏ ଲାକ୍ ତେ ମୁଇଙ୍ଗ୍ କୁଟି ହଏତା ।
ଓ. କୋଣ - ପିଲାଟି ଘର କୋଣରେ ଲୁଚିଛି ।
ଖ. କନାତେ - ବେଟା ଯେ ଅଃ କନାତେ ଲେଡ୍‌ସିଗ୍ ।
ଓ. କୋଇଲି - ବସନ୍ତ ଋତୁରେ କୋଇଲି ଗୀତ ଗାଏ ।
ଖ. କୁଇଲି - ବସନ୍ତ ରିତୁତେ କୁଇଲି ଆଲଙ୍ଗ୍ ଆଲ୍‌ଙ୍ଗ୍‌ତା ।
ଓ. କୋରଡ - ପକ୍ଷୀମାନେ ଗଛ କୋରଡରେ ଆଶ୍ରୟ ନିଅନ୍ତି ।
ଖ. ଢ଼ୋର୍‌ରୋ - କନ୍ଦେଡ୍‌କି ଦାରୁଆଃ ଢୋର୍‌ରୋ ତେ ଆସ୍‌ରା ଡଡ୍‌ତେକି ।
ଓ. କୋକିଶିଆଳି - କୋକିଶିଆଳି ଭାରି ଚତୁର ।
ଖ. କୁଲିହା - କୁଲିହା ମାହା ଚତୁର୍ ।
ଓ. କୋଳି - ଖଜୁରୀ କୋଳି ମିଠା ଲାଗେ ।
ଖ. ଲକୁ - ବେଲମ୍ ଖେଜୁର୍ ଲକୁ ସେବୁଲ୍ ଲାଃତା
ଓ. କୋଳରେ - ଧରଣୀ ନିଜ କୋଳରେ ଆମକୁ ଧରିଛି ।
ଖ. କୁଡୁମ୍‌ତେ - ଧରତୀ ମାଁ ଆଡିଆଃ କୁଡୁମ୍‌ତେ ଆନିଙ୍ଗ୍‌ତେ ଧଃତେସିଗ୍ ।

ଓ. କୋଳାହଳ – ହାଟର କୋଳାହଳ ବହୁ ଦୂରକୁ ଶୁଣାଯାଏ ।
ଖ. କୋଲୋକୋଥୋ– ହାଟ୍‌ଆଃ କୋଲୋକୋଥୋ ଖୋବ୍ ଡିସାଃବୁଂ ଅନ୍‌ଡର୍ ତା ।
ଓ. କୋହଲା – ଶୀତଋତୁରେ ବେଳେବେଳେ କୋହଲା ପାଗ ହୁଏ ।
ଖ. କୁହ୍‌ଟୀଆ – ରାଙ୍ଗାଲେରାଙ୍ଗ୍ ମେସନ୍‌ମେସନ୍ କୁହ୍‌ଟୀଆ ପାଗ୍ ହଏତା ।
ଓ. କୋଡି – ଆମେ କୋଡି ସାହାଯ୍ୟରେ ଘାସ ସଫା କରୁ ।
ଖ. କୁଦ୍‌ଡି – ଆନିଙ୍ଗ୍ କୁଦ୍‌ଡି ବୁଙ୍ଗ୍ ଘାସ / ଲାଟା ସଫା ବାୟ୍‌ତେନିଙ୍ଗ୍ ।
ଓ. କୌତୁହଳ – ନୂଆ ଜିନିଷ ଦେଖିବାକୁ କୌତୁହଳ ଜାତ ହୁଏ ।
ଖ. ଜୟନାଃଥମ୍ – ତମ୍‌ନେ ଜିନିଷ୍ ଜୟନାଃଥମ୍ ମନ୍ ଉଛଲେ ଖରତା ।
ଓ. କୌଶଳ – ହାଣ୍ଡି ଗଢ଼ିବାର କୌଶଳ କୁମ୍ଭାରମାନେ ଜାଣନ୍ତି ।
ଖ. ସଏଗ୍‌ନା – କୁୟୁ ବାୟନାଃଥମ୍ ତମ୍ କୁଇ କି ସଏଗ୍‌ତେକି ।
ଓ. କୌଣସି – ପର୍ଯ୍ୟାବରଣ ସୁରକ୍ଷା ପାଇଁ କୌଣସି ଉପାୟ ବାହାର କର ।
ଖ. ଇହିଲାଃଜ – ପରିବେଶ ବାଞ୍ଚାୟ୍‌ନାଃଥମ୍ ଇହିଲାଃଜ ଉପାୟ୍ ଅମୁଃଏପେ ।
ଓ. କ୍ୟାପ୍ / ଟୋପି – କ୍ରିକେଟ ଖେଳାଳୀ କ୍ୟାପ୍ / ଟୋପି ପିନ୍ଧିଥାନ୍ତି ।
ଖ. ଟୁପି – କିରକେଟ୍ ଏବଃନା ଖେଲ୍‌ଉଆଡିକି ଟୁପି ସୁଇସିଃତେକି ।
ଓ. କ୍ୟାପ୍‌ଟେନ୍ – ଦକ୍ଷ କ୍ୟାପ୍‌ଟେନ୍ ହେତୁ ଦଳ ସଫଳତା ପାଏ ।
ଖ. ହେଡ୍‌ଲିଡର – ହେଡ୍‌ଲିଡରଆଃ ଲାଗି ଦଲ୍ ଜିତେ ତା ।
ଓ. କ୍ରମ – କ୍ରମ ଅନୁସାରେ ନାମ ଲେଖ ।
ଖ. ତୁତାଃତୁତା – ତୁତାଃତୁତା କରି ନା ଲେଖାଏପେ ।
ଓ. କ୍ରମାନ୍ୱୟରେ – କ୍ରମାନ୍ୱୟରେ ଉପସ୍ଥାନ ଦିଅ ।
ଖ. ଲାଇନ୍‌ବଃ – ଲାଇନ୍‌ବଃ ହାଜ୍‌ରା ତେରେପେ ।
ଓ. କ୍ରିକେଟ୍ – ଆଜିକାଲି କ୍ରିକେଟ୍ ଲୋକପ୍ରିୟ ଖେଳ ପାଲିଟିଛି ।
ଖ. କିର୍‌କେଟ୍ – ଉପାଡି କିର୍‌କେଟ୍ ଯେ ଖୋବ୍ ଜମେସିଗ୍ ।
ଓ. କୃଷକ – ମୋ ବାପା ଜଣେ କୃଷକ ଥିଲେ ।
ଖ. ତାସି – ଇଙ୍ଗାଃ ବୁଆଗିଙ୍ଗ୍ ମୁଇଙ୍ଗ୍ ତାସି ଆକି ।
ଓ. କ୍ଳାନ୍ତ – ଶ୍ରମିକଟି କ୍ଳାନ୍ତ ହୋଇ ଘରକୁ ଫେରେ ।
ଖ. ଥାକେ – କାମିହା ଯେଃ ଥାକେ କରି ଅଃ ବୁଙ୍ଗ୍ ଡେଲ୍‌ତା ।
ଓ. କ୍ଳେଶ – ବିଭିନ୍ନ କ୍ଳେଶରେ ଆଜିର ମଣିଷ ଜର୍ଜରିତ ।
ଖ. ଦୁଃଖ୍ – ଝାକିରକମ୍‌ଆଃ କସୁବୁଙ୍ଗ୍ ତାମ୍‌ଗାଃ ଲେବୁକି ଭରେସିଗ୍ କି ।

## (ଖ)

ଓ. ଖବର – ଖବର କାଗଜ ସମାଜର ଦର୍ପଣ ଅଟେ ।
ଖ. ଗେଜଟ୍ – ଗେଜଟ୍ କାଗଜ୍ ସମାଜ୍‌ଆଃ ଦରପନ୍ ହାଏ ।

| | | | |
|---|---|---|---|
| ଓ. | ଖସଡା | – | ବିଦ୍ୟାଳୟମାନଙ୍କରେ ଖସଡା ନିର୍ମିତ ହୋଇଛି । |
| ଖ. | ପଢାୟ୍‌ନା ସୂଚନା | – | ଇସ୍‌କୁଲ୍ କିତେ ପଢାୟ୍‌ନା ସୂଚ୍‌ନା ବାଏଡମ୍‌ସିଗ୍ । |
| ଓ. | ଖପରା | – | ହାଣ୍ଡିଭାଙ୍ଗିଲେ ଖପରା ହୋଇଯାଏ । |
| ଖ. | ଗାଲି | – | ଡିବି ପାଃକିଲାଃ ଗାଲି ହଏତା / ହଏ ଗଃତା । |
| ଓ. | ଖଜୁରୀ | – | ଆମ ଗାଁରେ ଡେଙ୍ଗାଡେଙ୍ଗା ଖଜୁରୀ ଗଛ ଅଛି । |
| ଖ. | ଖେଜୁର୍ | – | ଏଲାଃ କେଲ୍‌କେତେ ମାହାମାହା ଖେଜୁର୍ ଦାରୁ ଆଃଇ । |
| ଓ. | ଖଡିକା | – | ଖଡିକାରେ ଗୁହାଳ ସଫା କରାଯାଏ । |
| ଖ. | ଜନଃ | – | ଜନଃ ବୁଙ୍ଗ୍ ଗହାଡ୍ ଜଃ ଡମ୍‌ତା । |
| ଓ. | ଖରାପ | – | ଖରାପ ପାଗ ଶରୀର ପାଇଁ ଅନିଷ୍ଟ କର । |
| ଖ. | ଖରାପ୍ | – | ଖରାପ୍ ପାଗ ନିରିଆଃଥମ୍ ଭଲ ଆଣିଗ୍ । |
| ଓ. | ଖରାଦିନ | – | ଖରାଦିନରେ ଜଳ ସଙ୍କଟ ଦେଖାଦିଏ । |
| ଖ. | ଗିଡିଂଦିନ | – | ଗିଡିଂଦିନ ଡାଗାଃ ଅଭାବ ହଏତା / ଜୟତା । |
| ଓ. | ଖରା | – | ଖରାରେ ଜଳରୁ ବାଷ୍ପ ଉପରକୁ ଉଠେ । |
| ଖ. | ଗିଡିଙ୍ଗ୍ | – | ଗିଡିଙ୍ଗ୍‌ତେ ଡାଃ ତାୟ ଭାପ୍ ତଭ୍‌ଲୁଙ୍ଗତିଗ୍ ବେରୁଡ୍‌ତା ତା । |
| ଓ. | ଖଦଡା | – | ଗହମ ପେଶିବା ପରେ କିଛି ଖଦଡା ଅଂଶ ଥାଏ । |
| ଖ. | ଖଦଡ୍ | – | ଗହମ ପିଶାଏନାଃତେ ଇଚି ଖଦଡ୍ ଜିନିଷ ରହେଗଃତା । |
| ଓ. | ଖରଚ | – | ପିଲାଙ୍କ ପାଠୋପକରଣ ନିମନ୍ତେ କିଛି ଖରଚ ହୁଏ । |
| ଖ. | ଖର୍‌ଚା | – | କୁଁଣୁଃକିଆଃ ବହିପତର ଲାଗିନ୍ ଇଚିଃ ଖର୍‌ଚା ହଏତା । |
| ଓ. | ଖସ୍‌ଖାସ | – | ରାତିରେ ଖସଖାସ ଶବ୍ଦ ଶୁଣି ମୁଁ ଡରିଗଲି । |
| ଖ. | ଖସଖାସ୍ | – | ଇଡିବ୍‌ତେ ଖସ୍‌ଖସ୍ ଶବଦ୍ ଅଣ୍ଡର୍ କରି ଇଙ୍ଗ୍ ବତଙ୍ଗ୍‌ଗଃକିଙ୍ଗ୍ । |
| ଓ. | ଖଞ୍ଜଣି | – | ଆଜିକାଲି ଖଞ୍ଜଣି ଗୀତ ଆଉ ଶୁଣିବାକୁ ମିଳୁନି । |
| ଖ. | ଖଞ୍ଜନି | – | ଉପାଡି ଖଞ୍ଜନି ଆଲଙ୍ଗ୍ ଅଡଃ ଅଣ୍ଡର୍‌ନାଃଥମ୍ ଉମ୍ କୁଇତାଏଗ୍ । |
| ଓ. | ଖଣ୍ଡଖଣ୍ଡ | – | ତେଲ ବୋତଲ ତଳେ ପଡି ଖଣ୍ଡଖଣ୍ଡ ହୋଇଗଲା । |
| ଖ. | ଖଣ୍‌ଖଣ୍ | – | ଜୋଲ ଶିଶି/ବୁତଲ୍ ତୁତାତେ ଗୁର୍ କରି ଖଣ୍‌ଖଣ୍ ହଏଗଃକି । |
| ଓ. | ଖନ୍ଦା | – | ଭୋଜିବେଳେ ଖନ୍ଦାରେ ରୋଷେଇ କରାଯାଏ । |
| ଖ. | ଖାନ୍ଧାଃ | – | ଭୁଜିଭେରେ ଖାନ୍ଧାଃତେ ଗଙ୍ଗ୍ ତେକି / ଗଙ୍ଗ୍‌ଡମ୍‌ତା । |
| ଓ. | ଖମ୍ବଆଳୁ | – | ଖମ୍ବଆଳୁ ଏକ ଭଲ ପରିବା ଅଟେ । |
| ଖ. | ଉପ୍‌କାପଡବ୍ | – | ଉପ୍‌କାପଡବ୍ ମୁଇଁଙ୍ଗ୍ ଭଲ ତର୍‌କାରୀ ଆଏ/ହାଏ । |
| ଓ. | ଖଞ୍ଜିବା | – | ମେସିନର ଯନ୍ତ୍ରାଂଶ ଖଞ୍ଜିବା ଜଟିଳ କାର୍ଯ୍ୟ ଅଟେ । |
| ଖ. | ଖଞ୍ଜାୟ୍‌ନା | – | ମିସିନ୍‌ଆଃ ଜିନିଷ୍‌ପତର୍ କି ଖଞ୍ଜାୟ୍‌ନା ମୁସ୍‌କିଲ୍ କାମୁହାଏ । |

ଓ. ଖାଇ - ଆମ ଜେଜେ ରାତିରେ ରୋଟି ଖାଇ ଶୋଇ ଯାଆନ୍ତି ।
ଖ. ନଃକଲାଃ - ଏଲାଃ ଆଜା ଇଡିବ୍‌ତେ ରୁଟି ନଃ କଲା ଗିତାଃ ଗଃତା କି ।
ଓ. ଖାଇବା - ଭାତ ଖାଇବା ଦ୍ୱାରା ଶକ୍ତି ମିଳେ ।
ଖ. ନଃଖଲାଃ - ପେଗ୍ ନଃଖଲାଃ ବଡ୍ କୁଇତା ।
ଓ. ଖାତିର - କୃଷକ ବର୍ଷାକୁ ଖାତିର କରେ ନାହିଁ ।
ଖ. ଖାତିର୍ - ତାସୀ ବର୍ଷାତେ ଖାତିର୍ ଉମ୍ ବାୟତେ ।
ଓ. ଖାଦ୍ୟ - ଖାଦ୍ୟ ଅଭାବରେ ଶରୀର କ୍ଷୀଣ ହୋଇଯାଏ ।
ଖ. ନଅନା - ନଅନା ଅଭାବ୍‌ତେ ନିରୀ ରାଗାୟ ଗଃତା ।
ଓ. ଖାଦ୍ୟପେୟ - ଖାଦ୍ୟପେୟ ଅଭାବ ଚିନ୍ତାର ବିଷୟ ଅଟେ ।
ଖ. ନଃଅନାଉଡ୍‌ନା - ନଃନାଉଡ୍‌ନା ଅଭାବ୍ ଚିନ୍ତାଃ ବିଷେ ଆଏ /ହାଏ ।
ଓ. ଖାପଖାଇବା - ଜଳବାୟୁ ସହିତ ଖାପଖାଇବା ଆବଶ୍ୟକ ।
ଖ. ଖାପ୍‌ନଃନା - ଡାଃ କୟ ସରି ଖାପ୍‌ନଃନା କାୟମ୍ ।
ଓ. ଖାଲଜାଗା - ଖାଲଜାଗାରେ ପାଣି ଜମି ରହେ ।
ଖ. ଢ଼ଡ଼ା ଜାଗା - ଢ଼ଡ଼ାଜାଗାତେ ଡାଃ ଜମେ ରହେତା ।
ଓ. ଖାଲିଘରେ - ଖାଲିଘରେ ବିଭିନ୍ନ କୀଟପତଙ୍ଗ ବସା ବାନ୍ଧନ୍ତି ।
ଖ. ଖାଲିଅଃତେ - ଖାଲିଅଃତେ ରକମ୍ ରକମ୍‌ଆଃ ଫାଁଫା, ଫିଲ୍‌ଗା ରହେ ତାକି ।
ଓ. ଖାଂଟି - ଖାଂଟି ସୁନାର ଦାମ ଅଧିକ ଅଟେ ।
ଖ. ଖାଂଟି - ଖାଂଟି ସୁନାଃ ଦାମ୍ ଅଏତକା ଆଏ/ହାଏ ।
ଓ. ଖୁଆଇ - ମା ଛୁଆକୁ କ୍ଷୀର ଖୁଆଇ କାମରେ ଲାଗିଯାଏ ।
ଖ. ଅବନଃକଲା - ମାଁ କୁଣ୍ଡଃତେ ତମ୍‌ଲେଙ୍ଗ୍ ଅବ୍‌ନଃକଲା କାମୁତେ ଲାଃ ଗଃତା ।
ଓ. ଖୁସିରେ - ଚଢେଇମାନେ ଖୁସିରେ ଉଡି ବୁଲନ୍ତି ।
ଖ. ଲେରୈଃବୁଙ୍ଗ୍ - କନ୍‌ଡେଡ୍ କି ଲେରୈଃବୁଙ୍ଗ୍ ଲେଙ୍ଗ୍ ଖର୍‌ତାକି ।
ଓ. ଖୁବ୍ - ଘରେ ନିଆଁ ଲାଗିଲେ ଖୁବ୍ ଯୋରରେ ପାଟି କର ।
ଖ. ଖୋବ୍ - ଅଃତେ ତିମ୍‌ସମ୍ ଲାଃକିଲାଃ ଖୋବ୍ ଆଁଟେ କିର୍‌ଲାୟେପେ ।
ଓ. ଖୁଂଟି - ପକ୍ଷୀମାନେ ଖୁଂଟି ଖାଆନ୍ତି ।
ଖ. ଖଁଟେ - ଚୁରେକି ଖଁଟେ କଲା ନଃତେକି ।
ଓ. ଖେଳ - ଖେଳ ଦ୍ୱାରା ଆମକୁ ଆନନ୍ଦ ମିଳେ ।
ଖ. ଏବଃ - ଏବଃନା ବୁଙ୍ଗ୍ ଆନିଙ୍ଗ୍ ତେ ଲେରୈଃ କୁଇତା ।
ଓ. ଖେଳିବା - ଆସ ଆମେ ଲୁଡୁ ଖେଳିବା ।
ଖ. ଏବଃନା - ଆଏପେ ଆନିଙ୍ଗ୍ ଲୁଡୁ ଏବଃନାନିଙ୍ଗ୍ ।

ଓ. ଖେଳିଖେଳି - ପିଲାଏ ଖେଳିଖେଳି ସ୍କୁଲକୁ ଯାଆନ୍ତି ।

ଖ. ଏବଃଏବଃକରି - କୁଣ୍ଡୁଃକି ଏବଃଉବାଃକରି ଇସ୍‌କୁଲ ସାନ୍‌ତାକି ।

ଓ. ଖେଳୁଖେଳୁ - ମୀନା ଖେଳୁଖେଳୁ ଝୁଂଟି ପଡିଲା ।

ଖ. ଏବଃଏବଃନାତେ - ମୀନା ଏବଃଏବଃନାତେ ତଣ୍ଡମ୍ କରି ଗୁର୍‌ଗଅକି ।

ଓ. ଖୋଲ - ପାଇଖାନାର ଗାତ ଖୋଳ ନାହିଁ ।

ଖ. ଲାଏନା - ପାଏଖାନାତେ ଡ଼ଡ଼ା ଆବୁ ଲାଏପେ ।

ଓ. ଖୋଳ - କଲମର ଖୋଳ ହଜିଗଲା ।

ଖ. ଖୋଲ୍ - ଫଲଟେନ୍ ଆଃ ଖୋଲ୍ ସିଡ୍‌ଗଃକି ।

ଓ. ଖୋଜିବା - ଯଦି ଖୋଜିବା ତେବେ ନିଶ୍ଚୟ ପାଇବା ।

ଖ. ଲାମ୍‌ନା - ଯଦି ଲାମେନିଙ୍ଗଲାଃ ଯେନ୍ତାଲାଃଜ କୁଏନିଙ୍ଗ୍ ।

## (ଗ)

ଓ. ଗଣନା - ପ୍ରତିଦଶବର୍ଷକୁ ଥରେ ଜନଗଣନା କରାଯାଏ ।

ଖ. କଲ୍‌ନା - ଦଶବର୍‌ଷତେ ମେସନ୍ ଲେବୁ କିତେ କଲ୍‌ତେକି ।

ଓ. ଗରମ - ଜ୍ୱରବେଳେ ଦେହ ଗରମ ହୋଇଯାଏ ।

ଖ. ଲବ୍‌ନା - କୁଲ୍‌ଡାଃ ଧଃତେ ଅଃଲାଃ ନିରି ଦାଙ୍ଗାର୍ ଦାଙ୍ଗାର୍ ଲବ୍‌ତେ।

ଓ. ଗଣ୍ଠି - ଡାଳର ଗଣ୍ଠିରେ ଶାଖା ବାହାରେ ।

ଖ. ଗଏଁଠ୍ - ଡାଲ୍‌ଆଃ ଗଏଁଠ୍‌ତାୟ ଡାଲ୍ ମୁଃତା ।

ଓ. ଗତି - କାର ଦ୍ରୁତ ଗତିରେ ଯାଇପାରେ ।

ଖ. ରେସ୍ - କେଛୁକାର ଜୋର୍ ରେସ୍‌ତେ ସାନ୍‌ନା ପାଲ୍‌ତେ ।

ଓ. ଗତିବିଧି - ପୋଲିସ ଚୋରର ଗତିବିଧି ଲକ୍ଷ୍ୟ କରନ୍ତି ।

ଖ. ସାନ୍‌ନାଡେଲନା - ପୁଲୁସ୍ ସୁରୁମ୍ ଲେବୁଆଃ ସାନ୍‌ନା ଡେଲ୍‌ନା ନଜର୍ ଉନ୍‌ସିଃତେ ।

ଓ. ଗପ - ମୋତେ ଗପ ଶୁଣିବାକୁ ଭଲ ଲାଗେ ।

ଖ. କଥ୍‌ନୀ - ଇଙ୍ଗ୍‌ତେ କଥନୀ ଅଣ୍ଡର୍ ନାଃଥମ୍ ଭଲ୍ ଲାଃତା ।

ଓ. ଗପବହି - ବାପା ମୋ ପାଇଁ ଗୋଟିଏ ଗପବହି ଆଣି ଦେଲେ ।

ଖ. କଥ୍‌ନୀବହି - ବୁଆଗିଙ୍ଗ୍ ଇଙ୍ଗାଃଥମ୍ ମୁଇଙ୍ଗ୍ କଥ୍‌ନୀ ବହି ଅଲ୍‌ଗଥଃ ।

ଓ. ଗର୍ବ - ଗର୍ବ କଲେ ଖର୍ବ ହୁଏ ।

ଖ. ଗରବ୍ - ହେଁ ଖାଁର ବାୟଃଲାଃ ଖାରାବ୍ ହଏତା / ବେଶୀ ବଡ୍‌ପନି ଯେଃ ଭଲ୍‌ଆଁଣିଗ୍।

ଓ. ଗର୍ଜନ - ସିଂହର ଗର୍ଜନ ଶୁଣି ବନ୍ୟପ୍ରାଣୀ ଚୁପ୍ ହୋଇଯାଆନ୍ତି ।

ଖ. ଗର୍ଜେନା - ମାହା କିଡୋଗାଃ ଗର୍ଜେନା ଅଣ୍ଡର୍ କରି ଆଡାୟ୍ ଯାଃ ଜୀବ୍‌ଜଁତୁ ଚୁପ୍‌ଚାପ୍ ହଏଗଃତାକି ।

| | | | |
|---|---|---|---|
| ଓ. | ଗଛ | – | ଗଛ ଲଗାଅ ଜୀବନ ବଂଚାଅ । |
| ଖ. | ଦାରୁ | – | ଦାରୁ ଉନେପେ ଜୀବନ ବାଂଚାୟେପେ । |
| ଓ. | ଗଛଲତା | – | ଜଙ୍ଗଲରେ ବିଭିନ୍ନ ଗଛଲତା ଥାଏ । |
| ଖ. | ଦାରୁଲାତା | – | ଆଡାୟତେ ରକମ୍‌ରକମ୍‌ଆଃ ଦାରୁ ଲାତା ଆତା । |
| ଓ. | ପଚାରି | – | ଅବୁଝା ବିଷୟ ଶିକ୍ଷକଙ୍କୁ ପଚାରି ବୁଝ । |
| ଖ. | ପଚ୍‌ରାଏ କରି | – | ଉମ୍ ବୁଃଝିନା ବିଷେତେ ମାଷ୍ଟର ତେ ପଚ୍‌ରାଏ କଲା ବୁଃଝିନାପେ । |
| ଓ. | ଗରିବ | – | ଆମ ରାଜ୍ୟରେ ଗରିବଙ୍କ ସଂଖ୍ୟା ବେଶୀ । |
| ଖ. | ଗରିବ୍ | – | ଆନିଆଃ ରାଏଜ୍‌ତେ ଗରିବ୍ କିଆଃ ସଂଖ୍ୟା ବେଶୀ । |
| ଓ. | ଗଠିତ | – | ବିଧାୟକ ମାନଙ୍କୁ ନେଇ ବିଧାନ ସଭା ଗଠିତ ହୋଇଛି । |
| ଖ. | ହଏସି | – | ଏମେଲେ କିତେ ଉଟ୍‌କରି ବିଧାନ ସଭା ହଏସିଗ୍। |
| ଓ. | ଗହନବନ | – | ରାଜା ଗହନବନକୁ ଶୀକାର ପାଇଁ ଗଲେ । |
| ଖ. | ଖେଁଚାଖେଚ୍ ଆଡାୟ | – | ରାଜା ଖେଁଚାଖେଚ୍ ଆଡାୟତିଗ୍ ପାରେତ୍ ବାଏନା ସାନ୍‌କି । |
| ଓ. | ଗହଳ | – | ଗହଳ ଜଙ୍ଗଲରେ ବନ୍ୟ ପଶୁ ରହନ୍ତି । |
| ଖ. | ଖୋବ୍ ଆଡାୟ | – | ଖୋବ୍ ଆଡାୟତେ ଆଡାୟ୍‌ଆଃ ଜୀବଜଁନ୍ତୁ ରହେତାକି । |
| ଓ. | ଗମ୍ଭୀର | – | ସେ ସବୁବେଳେ ଗମ୍ଭୀର ହୋଇ ରହୁଛନ୍ତି । |
| ଖ. | ଚୁପ୍‌ଚାପ୍ | – | ଆଡି ଝାକି ଭେରେ ଚୁପ୍‌ଚାପ୍ ହଏକଲା ରହେତାଏଗ୍ । |
| ଓ. | ଗଧିଆ | – | ଗଧିଆ ରାତିରେ ଚରିବାକୁ ବାହାରେ । |
| ଖ. | ତୁରୁ | – | ତୁରୁ ଇଡିବ୍‌ତେ ଆର୍‌ନଃନା ମୁଃତା । |
| ଓ. | ଗଞ୍ଜା | – | ଗଞ୍ଜା କୁକୁଡା ରାତିରେ ଡାକେ । |
| ଖ. | କକ୍‌ର | – | କକ୍‌ର ସିଙ୍କୋଏ ଇଡିବ୍‌ତେ ସୁଲ୍‌ତେ । |
| ଓ. | ଗଢ଼ିବା | – | ମୂର୍ତ୍ତି ଗଢ଼ିବା ଶିଳ୍ପୀର କାମ ଅଟେ । |
| ଖ. | ବାଏନା | – | ମୂର୍ତ୍ତି ବାଏନା କାରିଗର୍‌ଆଃ କାମୁ ଆଏ/ହାଏ । |
| ଓ. | ଗଣିବା | – | ଅସାବଧାନ ହେଲେ ଟଙ୍କା ଗଣିବା ଭୁଲ ହେବ । |
| ଖ. | କଲ୍‌ନା | – | ସାବଧାନ୍‌ଉମ୍ ହଏକିଲାଃ ରୂପିଆ କଲ୍‌ନା ଭୁଲ୍ ହଏନା । |
| ଓ. | ଗରଗର | – | ଦୁଷ୍ଟଲୋକ ସବୁବେଳେ ଗରଗର ହୁଏ । |
| ଖ. | ଗର୍‌ଗର୍ | – | ବଦମାସ୍ ଲେବୁ ଝାକିବେରେ ଗର୍‌ଗର୍ ହଏତା । |
| ଓ. | ଗଡିଲା | – | ବଲ୍‌ଟି କାଦୁଅରେ ଗଡିଲା । |
| ଖ. | ଢୁଲେକି /ଗୁର୍‌କି | – | ଫୁଟବଲ ଯୋଃ ତବ୍‌ଡାତେ ଢୁଲେକି / ଗୁର୍‌କି । |
| ଓ. | ଗଣ | – | ତୁମର କେତୋଟି ଆଙ୍ଗୁଠି ଗଣ । |
| ଖ. | କଲେ | – | ଆମାଃ କିଃତେଟା ଆଙ୍ଗ୍‌ଠି କଲେ । |

ଓ. ଗଡାଇବା - ପଥର ଗଡାଇବା ବେଳେ ସାବଧାନ ।
ଖ. ଢୁଲାଏନା - ସରେଙ୍ଗ୍ ଉଣ୍ଡ୍ଲାଏନା ଭେରେ ସାବ୍ଧାନ୍ ।
ଓ. ଗମନାଗମନ - ଆଜିକାଲି ଗମନାଗମନ ସୁଗମ ହୋଇଛି ।
ଖ. ସାନ୍ନାଡେଲ୍ନା - ଉପାଡି ସାନ୍ନା ଡେଲନା ସୁବିଧା ହଏସିଗ୍ ।
ଓ. ଗଧ - ଗଧ ପିଠିରେ ମାଲ ବୁହାଯାଏ ।
ଖ. ଗାଧା - ଗାଧାଃ କୁଣାବ୍ତେ ଜିନିଷପତର ଗଃ ଡଟ୍ ତେକି ।
ଓ. ଗରିଲା - ଗରିଲା ମାଙ୍କଡ ପ୍ରଜାତିର ଏକ ବନ୍ୟପ୍ରାଣୀ ଅଟେ ।
ଖ. ଗରିଲା - ଗରିଲା ବାନ୍ଦ୍ରା ହଡମ୍ ଜାଏତ୍ ଆଃମୁଇଙ୍ଗ୍ ଜଙ୍ଗଲୀ ଜଁତୁ ହାଏ ।
ଓ. ଗଣ୍ଡଗୋଳ - ମଦ୍ୟପମାନେ ଗଣ୍ଡଗୋଳ ସୃଷ୍ଟି କରନ୍ତି ।
ଖ. କଲେକ୍କେନ୍ଦାର - ମାତୁଆଲ୍ ଲେବୁକି କଲେକ୍କେନ୍ଦାର୍ ଅଃଫେର୍ତେକି ।
ଓ. ଗଳ୍ପ - ଗଳ୍ପକଥନ ଏକ ଭଲ ଅଭ୍ୟାସ ଅଟେ ।
ଖ. କଥ୍ନୀ - କଥ୍ନୀ ଗାମନା ମୁଇଙ୍ଗ୍ ଭଲ୍ ଅଭ୍ୟାସ ଆଏ/ହାଏ ।
ଓ. ଗ୍ରନ୍ଥ - ଆମ ଦେଶର ଅନେକ ପୁରାତନ ଗ୍ରନ୍ଥ ରହିଛି ।
ଖ. ମାହାବହି - ଆନିଆଃ ଦେଶ୍ଆଃ କିତେ କିତେ ବାଇର୍ ମାହାବହି ଆଃଇ ।
ଓ. ଗାତ - ବିଲୁଆ ଗାତରେ ଶୁଏ ।
ଖ. ଲାତା - କୁଲିହା ଲାତାତେ ଗିତାଃତା ।
ଓ. ଗାଁଆ - ଆମଦେଶ ଗାଁଆ ଗୁଡିକରେ ପରିପୂର୍ଣ୍ଣ ।
ଖ. ପାଡା - ଆନିଆଃଦେଶ ପାଡାପାଡା ଭିଃତାର୍ତେ ଭରେସିଗ୍ ।
ଓ. ଗାଈ - ଗାଈକ୍ଷୀର ଅପମିଶ୍ରଣ କରିବା ଭଲ ନୁହେଁ ।
ଖ. ଗାଏ - ଗାଏ ତମ୍ଲେଙ୍ଗ୍ତେ ଡାଃ ମେଶାଏ ନା ଭଲ ଆଣିଗ୍ ।
ଓ. ଗାଇଗାଇ - ଆଦିବାସୀ ମହିଳାମାନେ ଗାଇଗାଇ ବିଲ ରୁଅନ୍ତି ।
ଖ. ଆଲଂଆଲଂ - ଆଦିବାସୀ କନ୍ସେଲ୍ କି ଆଲଂଆଲଂ ପାଡା ଉନ୍ତେକି ।
ଓ. ଗାଁ ମୁଣ୍ଡରେ - ଆମ ଗାଁ ମୁଣ୍ଡରେ ଗୋଟିଏ ପିପ୍ଲ ଗଛ ଅଛି ।
ଖ. ଗାଁ ମୁଣିତେ - ଏଲାଃ ପାଡ଼ା ମୁଣିତେ ମୁଇଙ୍ଗ୍ ଜାରାଃ ଦାରୁ ଆଃଇ ।
ଓ. ଗାଢ଼ - ଗାଢ଼ରଙ୍ଗ ସହଜରେ ଛାଡେ ନାହିଁ ।
ଖ. ବହଲିଆ - ବହଲିଆ ରଙ୍ଗ୍ ସହ୍ଜେ ଉମ୍ ମେଲାଏ ତେ ।
ଓ. ଗାର - ଡୁଡୁ ଖେଳ ପାଇଁ ମଝିରେ ଗୋଟିଏ ଗାର ଟଣାଯାଏ ।
ଖ. ଗାର୍ - ଡୁଡୁ ଏବଃନାଃଥମ୍ ମଃଝିତେ ମୁଇଙ୍ଗ୍ ଗାର୍ ଡିଗ୍ନା ଲାଃତା ।
ଓ. ଗାଡିଆ - ଗାଡିଆରେ କଇଁଫୁଲ ଫୁଟେ ।
ଖ. ମୁଁଡା - ମୁଁଡା ତେ ପଦମ୍ ଫୁଲ ଫୁଃଟେତା ।

ଓ. ଗାଧୋଇବା - ସାବୁନରେ ଗାଧୋଇବା ହିତକର ଅଟେ ।

ଖ. ଉଆଃନା - ସାବୁନ୍‌ତେ ଉଆଃନା ନିରିଆଃଥମ୍ ଭଲ ଆଏ / ସ୍ନାବନ ବୁଙ୍ଗ୍ ଉଆଃନା ଭଲ ଆଏ / ହାଏ ।

ଓ. ଗ୍ରାହକ - ଆଜିକାଲି ଗ୍ରାହକ ମାନେ ସଚେତନ ହେବା ଉଚିତ୍ ।

ଖ. ଗାରାଖ - ଉପାଡି ଗାରାଖ୍ କି ହୁସିଆର୍ ହଏନାଃ କାୟମ ।

ଓ. ଗ୍ରାମ ସେବକ - ଗ୍ରାମ ସେବକ ଗ୍ରାମବାସୀଙ୍କ ସେବା କରନ୍ତି ।

ଖ. ଗାରାମ୍‌ଶିବ - ଗାରାମ୍‌ଶିବ ପାଡାଃ ଲେବୁକିଆଃ ସେବା ବାଏତେ ।

ଓ. ଗିଳିବା - ଖାଦ୍ୟକୁ ଭଲରେ ଚୋବାଇ ଗିଳିବା ଉଚିତ୍ ।

ଖ. ନଲ୍‌ନା - ପେଗ୍‌ତେ ବନେବଃ ଆଖେଡ୍ କରି ନଲନାଃ ଚାହି ।

ଓ. ଗୀତ - ଗୀତ ଗାଇଲେ ମନ ହାଲୁକା ଲାଗେ ।

ଖ. ଆଲଙ୍ଗ୍ - ଆଲଙ୍ଗ୍ ଆଲଙ୍ଗ୍ କିଲାଃ ମନ ଯେ ହାଲ୍‌କା ଲାଃତା ।

ଓ. ଗିର୍ଜା - ଖ୍ରୀଷ୍ଟିୟାନମାନେ ରବିବାର ଦିନ ଗୀର୍ଜାକୁ ଯାଆନ୍ତି ।

ଖ. ଗିର୍ଜା - ଖ୍ରୀଷ୍ଟିୟାନ୍‌କି ରଏବାରଦିନ୍ ଗିର୍ଜା ସାନ୍ତାକି ।

ଓ. ଗ୍ରୀଷ୍ମଋତୁ - ଗ୍ରୀଷ୍ମଋତୁରେ ଟାଣ ଖରା ହୁଏ ।

ଖ. ବୈଶାଖ୍‌ଲେରାଙ୍ଗ୍ - ବୈଶାଖ୍ ଲେରାଙ୍ଗ୍ ଟାନେଟାନ୍ ଗିଡିଂ ହଏତା ।

ଓ. ଗୁମ୍ଫା - ଆଦିମ ମଣିଷ ଗୁମ୍ଫାରେ ବାସ କରୁଥିଲା ।

ଖ. ଗୁଁଫା/ଢ଼ୋର୍‌ରୋ - ଅସ୍ଲେଗ୍‌ଆଃ ଲେବୁକି ଗୁଁଫା / ଢ଼ୋର୍‌ରୋତେ ରହେ ଖାନ୍‌ତାକି ।

ଓ. ଗୁରୁ - ଗୁରୁବଚନ ପାଳନ କର ।

ଖ. ଗୁରୁ - ଗୁରୁଲେବୁଆଃ କାୟମ୍‌ତେ ମାନେନାପେ ।

ଓ. ଗୁଡି - ଗୁଡି ଉଡାଇ ପିଲେ ଆନନ୍ଦ ପାଆନ୍ତି ।

ଖ. ପାତାଙ୍ଗି - ପାତାଙ୍ଗି ଉଡାୟ କଲା କୁଣୁଃକି ଲେରୈଃ କୁଇତେକି ।

ଓ. ଗୁହାଳ - ଗାଇଗୋରୁ ଗୁହାଳରେ ବନ୍ଧା ଯାଆନ୍ତି ।

ଖ. ଗହାଡ - ଗାଏ/ଅରେଗ୍ ଗହାଡ୍‌ତେ ତଲତେକି ।

ଓ. ଗୁଡାଇ - କ୍ଷତ ଘା' ପତଳା କନାରେ ଗୁଡାଇ ରଖ ।

ଖ. ଗୁଢ଼ିଆଏ କରି - ଘା ଠାଣ୍‌ତେ ପାତଲା ଗୁନ୍ଦି ଗୁଢ଼ିଆଏ କରି ଉନେପେ ।

ଓ. ଗୁଣନ - କ୍ରମିକ ମିଶାଣକୁ ଗୁଣନ କୁହାଯାଏ ।

ଖ. ଥରକେ ଥର ମିଶାଏନା - ଥର୍‌କେ ଥର୍ ମିଶାଏନା ଯେ ଗୁଣନ୍ ଗାମ୍‌ତେ କି ।

ଓ. ଗୁଣଫଳ - ଗୁଣନ ଫଳକୁ ଗୁଣନ କୁହାଯାଏ ।

ଖ. ଗୁଣଫଳ - ଗୁଣନ୍ ବାୟ୍‌କରି ଆଡ୍‌ଲକୁ କୁଇତା ଆଡ୍‌ତେ ଗୁଣଫଳ ଗାମ୍‌ତେ କି ।

ଓ. ଗୁଣୁଗୁଣୁ - ଆମ ମାଁ ଗୁଣୁଗୁଣୁ ହୋଇ କାମ କରନ୍ତି ।

ଖ. ଗୁନ୍‌ଗୁନାଏ କରି - ଏଲାଃ ମାଁ ଗୁନ୍‌ଗୁନାଏ କରି କାମୁ କାମୁତାକି ।

| | | | |
|---|---|---|---|
| ଓ – | ଗୁଆ ଘିଅ | – | ଗୋ ଦୁଗ୍ଧରୁ ଗୁଆ ଘିଅ ପ୍ରସ୍ତୁତ ହୁଏ । |
| ଖ – | ଗୁଆ ଘି | – | ତମ୍‌ଲେଙ୍ଗ୍ ତାୟ୍ ଗୁଆଘି ତିଆର୍ ହଏତା । |
| ଓ – | ଗୁରୁଦ୍ୱାର | – | ଗୁରୁଦ୍ୱାର ଶିଖ୍‌ମାନଙ୍କର ଉପାସନା ସ୍ଥଳୀ । |
| ଖ – | ଗୁରୁଦୁଆର | – | ଗୁରୁଦୁଆର୍ ପଞ୍ଜାବୀ କିଆଃ ପୁଜାନାଃ ଯାଗା । |
| ଓ – | ଗୁଳୁରାଣ | – | ସେ ମାଛଧରି ଗୁଳୁରାଣ ମେଣ୍ଟାଏ । |
| ଖ – | ଲାଏଗ୍ ବୁଇନା | – | ଆଡି କାଡଙ୍ଗ୍ ତାର୍ କରି ଲାଏଗ୍ ବୁଇତେ । |
| ଓ – | ଗୁରୁତ୍ୱ | – | ଶୁଣିଥିବା କଥାକୁ ଗୁରୁତ୍ୱ ଦିଅ । |
| ଖ – | ଜୋର୍ ତେରନା | – | ଅଣ୍ଡର କାୟମ୍ ତେ ଜୋର୍ ତେରେପେ । |
| ଓ – | ଗୁଣିଆଁ | – | ଗୁଣିଆଁ ସନ୍ଦେହରେ ଲୋକେତାକୁ ମାରିଦେଲେ । |
| ଖ – | ଗୁନିଆଁ /ଟଁଡେଇ | – | ଗୁନିଆଁ /ଟଁଡେଇ ଭାବେ କରି ଲେବୁ କି ଆଡ୍‌ତେ ତାର୍ ଗଥଃ କି । |
| ଓ – | ଗୁରୁବଚନ | – | ଗୁରୁଜନମାନଙ୍କୁ ସମ୍ମାନ କର । |
| ଖ – | ମାହାଁ କିଆଃକାୟମ୍ | – | ମାହାଁ ଲେବୁ କିଆଃକାୟମତେ ମାନେ ଏପେ । |
| ଓ – | ଗୁଳୁ ଗୁଳି | – | ଗୁଳୁଗୁଳି ହେଲେ ଲୋକେ କଷ୍ଟ ପାଆନ୍ତି । |
| ଖ – | ଗୁପ୍‌ଗୁପାଏନା | – | ଗୁପ୍‌ଗୁପାଏ କିଲାଃ ଲେବୁ କି କଷଟ୍ କୁଇତେ କି । |
| ଓ – | ଗୁଣ୍ଡୁଚି | – | ଗୁଣ୍ଡୁଚି ଗଛରେ ବାସ କରେ । |
| ଖ – | ଚିଡ୍‌ରା | – | ଚିଡ୍‌ରା ଦାରୁତେ ରହେତା । |
| ଓ – | ଗୃହ | – | ଗୃହ ନିର୍ମାଣ ପାଇଁ ବହୁତ ପଇସା ଲୋଡା । |
| ଖ – | ଅଃ | – | ଅଃ ବାୟନାଃଥମ୍ ଖୋବ୍ ପଏସା ଦର୍‌କାର୍ । |
| ଓ – | ଗୃହ ପାଳିତ | – | ଗାଈ ଏକ ଗୃହପାଳିତ ପଶୁ ଅଟେ । |
| ଖ – | ଅଃତେ ବୁଇନା | – | ଗାଏ ମୁଇଙ୍ଗ୍ ଅଃତେ ବୁଇନା ପଶୁ ହାଏ । |
| ଓ – | ଗେଲ | – | ଜେ ଜେ ମା ମତେ ଭାରି ଗେଲ କରନ୍ତି । |
| ଖ – | ଲେମ୍ ଲେମା | – | ଆଇ ଗିଙ୍ଗ୍ ଇଙ୍ଗ୍ ତେ ଖୋବ୍ ଲେମ୍ ଲେମା ବାୟତେ । |
| ଓ – | ଗେଣ୍ଡୁଫୁଲ | – | ଗେଣ୍ଡୁଫୁଲରେ ମାଳା ଗୁନ୍ଥା ଯାଏ । |
| ଖ – | ଗେନ୍ଦା ଫୁଲ | – | ଗେନ୍ଦା ଫୁଲ୍‌ତେ ମାଲି ତଏତେକି । |
| ଓ – | ଗୋଡ | – | ଆମ ଗୋଡରେ ଦଶଟି ଆଙ୍ଗୁଠି ଅଛି । |
| ଖ – | କାଟା | – | ଆନିଆଁଃ କାଟାତେ ଦଶ୍‌ଟା ଆଙ୍ଗ୍‌ଠି ଆଃଇ । |
| ଓ – | ଗୋବର | – | ଗୋବର କୃଷିପାଇଁ ନିରାପଦ । |
| ଖ – | ଇଗଥାଙ୍ଗ୍ | – | ଇଗଥାଙ୍ଗ୍ ତାସ୍‌କାମ୍‌ଆଃ ଲାଗି ବିପଦ୍ ଆଣିଗ୍ । |
| ଓ – | ଗୋଧି | – | ଗୋଧି ଚମଡାରେ ଖଞ୍ଜଣୀ ତିଆରି ହୁଏ । |
| ଖ – | ଗୋଏ | – | ଗୋଏ ଛାଲ୍‌ତେ ଖଞ୍ଜନୀ ତିଆର୍ ହଏତା । |

ଓ – ଗୋରା – ମୋ ସାଙ୍ଗ ରବିର ରଙ୍ଗ ଗୋରା ।

ଖ – ପଁଣ୍ଡ୍ରା – ଇଙ୍ଗାଃ ସରି ଗିଙ୍ ରବିଆଃ ରଙ୍ଗ୍ ପଁଣ୍ଡ୍ରା ।

ଓ – ଗୋପାଳ – ଗୋପାଳମାନେ ଗୋପାଳନ କରନ୍ତି ।

ଖ – ଗୋପାଲ/ଗୁଆଲି – ଗୋପାଲ ଅରେଗ୍ ସେବା ବାଏତେ ।

ଓ – ଗୋପାଳନ – ଗୋପାଳନ ଏକ ଲାଭ ଜନକ ଉଦ୍ୟୋଗ ।

ଖ – ଅରେଗ୍ ବୁଇନା – ଗାଏ ଅରେଗ୍ ବୁଇନା ମୁଇଙ୍ ଫାଏଦା ଧାନ୍ଧା ହାଏ ।

ଓ – ଗୋଳମାଳ – ବେଳେ ବେଳେ ମଣିଷର ଯୋଜନା ଗୋଳମାଳ ହୁଏ ।

ଖ – ଗୁଲ୍‌ମାଲ୍ – ମେସନ୍ ମେସନ୍ ମୁନୁଷ୍ ଆଃ ଜୁଜ୍‌ନା ଗୁଲ୍‌ମାଲ୍ ହଏତା ।

ଓ – ଗୋଲ୍ – ପୃଥିବୀ କମଳାଲେମ୍ବୁ ପରି ଗୋଲ ।

ଖ – ଗୋଲ – ଧରଥୀ ସାନ୍‌ତାରା ଲେମ୍ବୋ ଗୁଡ୍ ଗୋଲ୍ ହାଏ ।

ଓ – ଗୋଳିଆ – ଗୋଳିଆ ପାଣି କଙ୍କଡାକୁ ସୁହାଏ ।

ଖ – ଖେନ୍ଦ୍‌ଲ – ଖେନ୍ଦ୍‌ଲ ଡାଃ ଖାଙ୍ଗାଡା ଲାଗିନ୍ ଭଲ ହାଏ / ସୁହାଏତେ।

ଓ – ଗୋଲି – ପିଲାଏ ମାଟିରେ ଗୋଲି ତିଆରି କରନ୍ତି ।

ଖ – ବାଟି – ବେଟା କି ଲଃଖାତେ ବାଟି ବାୟ୍‌ତେ କି ।

ଓ – ଗୋଟିଏ – ଆମ ଓଡିଶାର ଗୋଟିଏ ଦିଗରେ ସମୁଦ୍ର ଲାଗିଛି ।

ଖ – ମୁଇଙ୍ – ଆନିଆଁଃ ଉଡିଶା ମୁଇଙ୍ ପାର ସମ୍‌ଦୁର୍ ଲାଃ ସିଗ୍ ।

ଓ – ଗୋଟି ଗୋଟି – ପକ୍ଷୀମାନେ ଖାଦ୍ୟଦାନା ଗୋଟି ଗୋଟି ଖୁମ୍ପନ୍ତି ।

ଖ – ମୁଇଙ୍ ମୁଇଙ୍ – କନ୍‌ଥେଡ୍ କି ନଃନା ଜିନିଷ୍ ତେ ମୁଇଙ୍ ମୁଇଙ୍ ଖମ୍‌ପେ ତେକି / ଖଁଟେତେକି ।

ଓ – ଗୋଲାପ – ଗୋଲାପଫୁଲ ଫୁଲର ରାଜା ଅଟେ ।

ଖ – ଗୁଲାପ୍ – ଗୁଲାପ୍‌ଫୁଲ୍ ଫୁଲ୍ ଆଃ ରାଜା ହାଏ ।

ଓ – ଗୌରବ – ଗୌରବର ବିଳୟ ନାହିଁ ।

ଖ – ନାଁ – ନାଁ କେଭେ ଜଃ ଉମ୍ ବିଣିବ୍ ତା ।

## (ଘ)

ଓ – ଘର – ନଡାରେ ଘର ଛପର କରାଯାଏ ।

ଖ – ଅଃ – ନାଡାତେ ଅଗାଃ ଛାଉନି ବାୟ୍‌ତେ କି ।

ଓ – ଘରେ – ଆମ ଘରେ ଗୋଟିଏ ବିଲେଇ ଅଛି ।

ଖ – ଅଃ ତେ – ଏଲାଃ ଅଃତେ ମୁଇଙ୍ ବିଲେ ଆଃଇ ।

ଓ – ଘନ ଘନ – ପର୍ବତ ଚଢିବା ବେଳେ ଘନ ଘନ ନିଶ୍ୱାସ ନେବାକୁ ହୁଏ ।

ଖ – ପୁର୍ ପୁର୍ – ବୀରୁ ଡେବ୍‌ନାଭେରେ ପୁର୍ ପୁର୍ ନିନାଶ ଡଡ୍‌ନା ଲାଃତା/ ହଏତା ।

ଓ – ଘନ ନୀଳ – ଇନ୍ଦ୍ରଧନୁରେ ଘନନୀଳ ରଙ୍ଗ ଥାଏ ।

ଖ – ଗାଢା ନୀଲିଆ – ରାମଧୂନ୍ ତେ ଗାଢାନୀଲିଆ ରଙ୍ଗ୍ ଆତା ।

ଓ – ଘସି – ମକଚି ଯାଇଥିବା ଗୋଡରେ ମୁଁ ମଲମ ଘସି ଦେଲି ।
ଖ – ରେତନା – ମଲ୍‌କେ ଗଃସିଥଃ କାଟାତେ ଇଙ୍ଗ୍ ମଲମ୍ ରେତ ଗଥେଗ୍ ।
ଓ – ଘଡଘଡି – ଘଡଘଡି ଶବ୍ଦ ଶୁଣି ଛୋଟ ପିଲାଏ ଡରି ଯାଆନ୍ତି ।
ଖ – ଘିଡ୍‌କେନା – ଘିଡ୍‌କେନା ଶବଦ୍ ଅଣର୍ କରି କୁଣୁଃ କି ବତଙ୍ଗ୍ ଗଃତା କି ।
ଓ – ଘାଇଲା – କଟୁ ଭାଷା ଶୁଣି ମୋ ମନ ଘାଇଲା ହୋଇଗଲା ।
ଖ – ବାଧେ ଗଥଃ – ଖାରାପ୍ କାୟମ୍ ଅଣ୍ଡର୍ କରି ମନ୍ ଗିଙ୍ଗ୍‌ତେ ବାଧେଗଥଃ ।
ଓ – ଘାଣ୍ଟିବା – ତରକାରୀରେ ଲୁଣ ପକାଇ ଘାଣ୍ଟିବା ଆବଶ୍ୟକ ।
ଖ – ଘାଣ୍ଟେନା – ତର୍‌କାରୀ ତେ ବିଲୁଙ୍ଗ୍ ମାଏଁ କରି ଘାଣ୍ଟେନାଃ ଦର୍‌କାର୍ ।
ଓ – ଘାସ – ବଗିଚାର ଅନାବନା ଘାସ ସଫା କର ।
ଖ – ଲାଟା/ଘାସ – ବାଡିଆଃ ଜାହାତାହା ଲାଟା କିତେ ସାଫା ବାଏପେ ।
ଓ – ଘେରି – ଆମ୍ବଚାରା ଲଗାଇବା ପରେ ତାକୁ ଘେରି ଦିଅ ।
ଖ – ତର୍‌ନା – କାୟାର୍ ଦାରୁ ଉନ୍ କଲା ଲଃଢ ତର୍‌ଗଡେପେ ।
ଓ – ଘୋଟିବା – ଆକାଶରେ କଳାହାଣ୍ଡିଆ ମେଘ ଘୋଟିଲା ।
ଖ – ଡାଲ୍ ଗଃନା – ଆକାଶତେ କଲିଆ ତିରବ୍ ଡାଲ୍ ଗଥଃ ।
ଓ – ଘୋଡା – ଘୋଡା ଖୁବ୍ ଜୋରରେ ଧାଇଁ ପାରେ ।
ଖ – ଘଡା – ଘଡା ଖୋବ୍ ଆଁଟେ ବତ୍‌କେନା ପାଲ୍‌ତେ ।
ଓ – ଘୋଷଣା – ରେଡିଓରେ ଜରୁରୀ ବିଷୟ ଘୋଷଣା କରାଯାଏ ।
ଖ – ଉଲାର୍ – ରେଡିଓତେ ଜରୁରୀ ବିଷେତେ ଉଲାର୍ ବାଏତେକି ।
ଓ – ଘୋଷାଡି – ବାଘ ଜନ୍ତୁ ମାରି ଘୋଷାଡି ନିଏ ।
ଖ – ଘେଁସ୍‌ରାଏ – କିଡଃ ଜଁତୁ ତାର୍ କରି ଘେଁସ୍‌ରାଏ ଡଡ୍ ତେ ।
ଓ – ଘୋଷି – ମୁଁ ପାଠ ବହିର ଗୋଟିଏ ପଦ୍ୟ ଘୋଷିଥିଲି ।
ଖ – ଥର୍‌କେଥର୍ – ଇଙ୍ଗ୍ ପଢାବହି ଆଃ ମୁଇଙ୍ଗ୍ ପାଠ ଥର୍‌କେଥର୍ ପଢେ ସିଥେଗ୍ / ମୁଖସ୍ ବାଏ ସିଥେଗ୍ ।
ଓ – ଘୋଡାଇ – ବିରାଡି ଆପଣା ମଳ ମାଟିରେ ଘୋଡାଇ ଦିଏ ।
ଖ – ଡାଲ ଗଃନା
/ତିଲଗଃନା – ବିଲେ ଆଡିଆଃ ଇଗ୍‌ତେ ଲଃଖାତେ ଡାଲଗଃତେ / ତିଲଗଃତେ ।

## (ଚ)

ଓ – ଚନ୍ଦ୍ର – ଚନ୍ଦ୍ର ପୃଥିବୀର ଏକମାତ୍ର ଉପଗ୍ରହ ଅଟେ ।
ଖ – ଲେରାଙ୍ଗ୍ – ଲେରାଙ୍ଗ୍ ପୁର୍‌ଥୀ/ଧର୍‌ତୀ ଆଃ ମୁଇଙ୍ଗ୍ ଗା ଉପଗ୍ରହ ହାଏ ।
ଓ – ଚନ୍ଦ୍ର ଗ୍ରହଣ – ସୂର୍ଯ୍ୟ, ପୃଥିବୀ ଓ ଚନ୍ଦ୍ର ଗୋଟିଏ ସରଳ ରେଖାରେ ରହିଲେ ଚନ୍ଦ୍ରଗ୍ରହଣ ହୁଏ ।
ଖ – ଗରହନ୍ – ବେଡ, ଧର୍‌ଥୀ ର ଲେରାଙ୍ଗ୍ ମୁଇଙ୍ଗ୍ ଧାଡିତେ ରହେକିଲାଃ ଲେରାଙ୍ଗ୍‌ତେ ଗର୍‌ହନ୍ ଧଃତେତେ ।

ଓ – ଚକିତ – ଦୁଃସାହସିକ କାର୍ଯ୍ୟଦେଖିଲେ ଚକିତ ଲାଗେ ।
ଖ – ଆନ୍ଧ୍ରାୟ ଗଃନା – ଅଜବ୍ କାମୁ ଜୟଃଲାଃ ଆନ୍ଧ୍ରାୟ ଗଃନା ହଏତା ।
ଓ – ଚହଟଇ – ଚମ୍ପାଫୁଲର ବାସନା ଚାରିଆଡେ ଚହଟଇ ।
ଖ – ମହ୍‌କେନା – ଚଁପାଫୁଲଆଃ ମହକନ୍ ଝାକିତିଗ୍ ମହ୍‌କେତା ।
ଓ – ଚରଣ – ଆମେ ଈଶ୍ୱରଙ୍କ ଚରଣ ତଳେ ପ୍ରାର୍ଥନା କରୁ ।
ଖ – ପାଃଦ୍ – ଆନିଙ୍ଗ୍ ଭଗ୍‌ମାନ୍ ଆଃ ପାଃଦ୍ ତୁତାତେ ପାରଥାନା ବାୟ୍‌ତେନିଙ୍ଗ୍ ।
ଓ – ଚଲାବୁଲା – ବୃଦ୍ଧ ଲୋକମାନେ କମ୍ ଚଲାବୁଲା କରନ୍ତି ।
ଖ – ଚଲାବୁଲା – ବୁଢା ଲେବୁକି କମ୍ ଚଲାବୁଲା ବାୟ୍‌ତେ କି ।
ଓ – ଚତୁର୍ଦ୍ଦିଗ – ସୂର୍ଯ୍ୟ ଉଦୟହେଲେ ଚତୁର୍ଦ୍ଦିଗ ଆଲୋକିତ ହୁଏ ।
ଖ – ଚାର୍‌ହିତିଗ୍ – ବେଡ ମୁଃସିଙ୍ଗ୍ କିଲାଃ ଚାର୍‌ହିତିଗ୍ ପାତାର୍ ଜୟ୍‌ତା ।
ଓ – ଚଷମା – ଦୃଷ୍ଟି ଦୋଷ ଥିଲେ ଚଷମା ଲଗାଇବା ଭଲ ।
ଖ – ଟପର୍ – ମଡ୍ ଖାରାପ୍ ହଏକିଲାଃ ଟପର୍ ସୁଇନା ଭଲ୍ ହାଏ ।
ଓ – ଚକ – ସାଇକେଲ୍‌ର ଦୁଇଟି ଚକ ଥାଏ ।
ଖ – ଚାକା – ବାଏସ୍‌କଲ ଆଃ ଦୁଇଟା ଚାକା ଆତା ।
ଓ – ଚକଟା – କୁମ୍ଭାର ଚକଟା ମାଟିରେ ହାଣ୍ଡିଗଢେ ।
ଖ – ସଡ୍‌ନା – ତମ୍‌କୁଇ ଚିକଟ୍ ଲଃଖାତେ ସଡ୍‌କରି କୁୟୁ ବାୟ୍‌ତେ ।
ଓ – ଚତୁର୍ଥ – ଜୁଲି ଚତୁର୍ଥ ଶ୍ରେଣୀରେ ପଢେ ।
ଖ – ଚାଏର୍ – ଜୁଲି ଚାଏର୍ କିଲାସ୍‌ତେ ପଢେତା ।
ଓ – ଚକ୍‌ମକ୍ – ଚକ୍‌ମକ୍ ପଥର ଘଷି ନିଆଁ ବାହାର କରାଯାଏ ।
ଖ – ଚକ୍‌ମକ୍ – ଚକ୍‌ମକି ସରେଙ୍ଗ୍ ରେଁତ କରି ତିମ୍‌ସମ୍ ଅଃଫେର୍‌ତେକି / ଡମ୍‌ତା।
ଓ – ଚମଡା – ପଶୁ ଚମଡାରେ ଯୋତା ତିଆରି ହୁଏ ।
ଖ – ଛାଲ୍ – ପଶୁ ଛାଲ୍ ତେ ଯୁତା ତିଆର୍ ହଏତା ।
ଓ – ଚକୋଲେଟ – ପିଲାମାନେ ଚକୋଲେଟ ଖାଇବାକୁ ଭଲ ପାଆନ୍ତି ।
ଖ – ଲେମ୍‌ଚୁସ୍ – କୁଣ୍ଡୁଃକି ଲେମ୍‌ଚୁସ୍ ନଃନାଃଥମ୍ ଭଲ୍ କୁଇତେ କି ।
ଓ – ଚଳପ୍ରଚଳ – କନ୍ଧମାଳରେ ରେଳ ଚଳ ପ୍ରଚଳ ନାହିଁ ।
ଖ – ସାନ୍‌ନା ଡେଲ୍‌ନା – କନ୍ଧମାଲ୍‌ତେ ରେଲ ସାନ୍‌ନା ଡେଲ୍‌ନା ସୁବିଧା ମଃଡେଗ୍ ।
ଓ – ଚକୁଳି ପିଠା – ମୁଁ ଚକୁଳି ପିଠା ଖାଇ ପଢାରେ ବସେ ।
ଖ – ଚାଟୁଆ କଲଙ୍ଗ୍ – ଇଙ୍ଗ୍ ଚାଟୁଆ କଲଙ୍ଗ୍ ନଃ କରି ପଢେନା ଡକତାଏଙ୍ଗ୍ ।
ଓ – ଚଟିଆ – ଆମ ଘର ଚାଳରେ ଚଟିଆ ବସା ବାନ୍ଧିଛି ।
ଖ – ଚୁଟିଆଚୁରେ – ଏଲାଃ ଅଗାଃ ଛାଉନିତେ ଚୁଟିଆଚୁରେ ଖତା ବାଏସିଗ୍ ।

ଓ - ଚପଲ - ଚପଲ ପିନ୍ଧି ପାଇଖାନା ଯିବା ଉଚିତ ।
ଖ - ଗୁଲ୍‌ପା - ଛାଲ୍‌ପା ସୁଇ କଲା ପାଏଖାନା ସାନ୍‌ନାଃ କାୟମ୍ ।
ଓ - ଚଟଣୀ - ଚଟଣୀ ଭୋଜନକୁ ରୁଚିକର କରେ ।
ଖ - ଚଟ୍‌ନି - ଚଟ୍‌ନି ପେଗ୍ ଶାଃତେ ଅଏତ୍‌କା ସୁରସ୍ ବାଏତେ ।
ଓ - ଚଟାଣ - ଶୀତଦିନେ ଚଟାଣ ଥଣ୍ଡା ଲାଗେ ।
ଖ - ଚାଟେନ୍ - ରାଙ୍ଗା ଲେରାଙ୍ଗ୍ ଚାଟେନ୍ ବହୁତ୍ ଠଣ୍ହା ଲାଃତା ।
ଓ - ଚଉକି - ପ୍ଲାଷ୍ଟିକ ଚଉକି ଦେଖିବାକୁ ସୁନ୍ଦର ଦିଶେ ।
ଖ - କୁର୍‌ଚି - ପ୍ଲାଷ୍ଟିକ୍ କୁର୍‌ଚି ଜୟନାଃଥମ୍ ସୁନ୍ଦର ଜୟ୍‌ତା ।
ଓ - ଚିନି - ଗୁଡରୁ ଚିନି ପ୍ରସ୍ତୁତ କରାଯାଏ ।
ଖ - ଚିନି - ଗୁଡୋତାୟ୍ ଚିନି ତିଆର୍ ହଏତା/ବାୟ୍‌ତେକି ।
ଓ - ଚଳାଚଳ - ଲୋକେ ବସ୍ ଯୋଗେ ଚଳାଚଳ କରନ୍ତି ।
ଖ - ସାନ୍‌ନା ଡେଲ୍‌ନା - ଲେବୁ କି ବସ୍ ଗାଡିତେ ସାନ୍‌ନା ଡେଲ୍‌ନା ବାଏତେକି ।
ଓ - ଚକିପେଷା - ଚକିପେଷା ଅଟା ଶରୀର ପାଇଁ ଉପକାରୀ ।
ଖ - ଚକିପିସାଏ - ଚକିପିସାଏ୍ ଅଟା ନିରିଆଃଥମ୍ ଭଲହାଏ ।
ଓ - ଚଟାପଟ - ରବି ପ୍ରଶ୍ନର ଉତ୍ତର ଚଟାପଟ୍ ଦେଇଥାଏ ।
ଖ - ସାଙ୍ଗେସାଙ୍ଗେ - ରବି ପର୍‌ଶନ ଆଃ ଉତର୍ ଚଟ୍‌ପଟ୍ ତେର୍ ଗଃତେ ।
ଖ - ଚଟ୍‌ପଟ୍ - ରବି ପର୍‌ଶନ୍ ଆଃଉତ୍ତର ସାଙ୍ଗେସାଙ୍ଗେ ତେର୍ ଗଃତେ ।
ଓ - ଚାହାଣୀ - ଭିକାରୀର କରୁଣ ଚାହାଣୀ ଦେଖି ମୁଁ ତରଳିଗଲି ।
ଖ - ଗଡ୍‌ଗଡା ଜୟ୍‌ନା- ମଙ୍ଗନ୍ତରୀ ଆଃ ଗଡ୍‌ଗଡା ଜୟ୍‌ନା ଜୟକଲା ମୁଇଙ୍ଗ୍ ନଜରତେ ଜୟକଲା ଇଙ୍ଗ୍ ତର୍‌ଲେ ଗଃକିଂ ।
ଓ - ଚାହାଳୀ - ପୂର୍ବକାଳରେ ପିଲାଏ ଚାହାଳୀରେ ପାଠ ପଢୁଥିଲେ ।
ଖ - ଗହାଡ୍‌ଇସ୍‌କୁଲ - ସେଙ୍ଗ୍ କୁଣ୍ଡୁଃକି ଗହାଡ୍ ଇସ୍କୁଲ୍‌ତେ ପଢେଖାନ୍‌ତା କି ।
ଓ - ଚାଟ - ଦିନେ ମୁଁ ଆମ ଗ୍ରାମ ବିଦ୍ୟାଳୟର ଚାଟ ଥିଲି ।
ଖ - ଇସ୍କୁଲିଆ - ମୁସ୍‌ନିଙ୍ଗ୍ ଇଙ୍ଗ୍ ଏଲାଃ କେଲ୍‌କେ ଇସ୍କୁଲ୍ ଆଃ ଇସ୍କୁଲିଆ ଆକିଙ୍ଗ୍ ।
ଓ - ଚାଳଘର - ଚାଳଘର ନିଆଁକୁ ଡର ।
ଖ - ଅଲଙ୍ଗ୍ ଅଃ - ଅଲଙ୍ଗ୍ ଅଃ ଡିମ୍‌ସମ୍ ତେ ବତଙ୍ଗ୍ ।
ଓ - ଚାରିପଟେ - ବେଳେ ବେଳେ ସମସ୍ୟା ଚାରିପଟେ ଘେରିଯାଏ ।
ଖ - ଝାକିତିଗ୍ - ମେସନ୍ ମେସନ୍ ଅଲଝଟ୍ ଝାକିତିଗ୍ ଘେରେଗଃତେ ।
ଓ - ଚାରିଆଡକୁ - ପକ୍ଷୀମାନେ ଚାରିଆଡକୁ ଘେରିଯାଏ ।
ଖ - ଚାରିପାଖ - କନଥେଡ୍ ଢ଼ୋଢ଼ ଚାରିପାଖ ଘେରେଗଃତେ ।
ଓ - ଚାଲିଚାଲି - ପାର୍ବତ୍ୟ ଅଞ୍ଚଳରେ ଲୋକେ ଚାଲିଚାଲି ଯା ଆସ୍ କରନ୍ତି ।
ଖ - ସାଉଁଟ୍ ସାଉଁଟ୍ - ପାହାଡିଆ ଜାଗା ତେ ଲେବୁକି ସାଉଟ୍ ସାଉଁଟ୍ କରି ସାନ୍‌ନା ଡେଲ୍‌ନା ବାଏତେକି ।

ଓ – ଚାଷ – ଚାଷ କାମ ଯାହାର କେଡେ ସୁଖ ତାହାର ।

ଖ – ତାସ୍ – ତାସ୍ ବାସ୍ ବେରାଃଆଃଇ ସୁଖ୍ ସୁନ୍ଦର ଆଡିଆଃ ଆଃଇ ।

ଓ – ଚାପି – ଗଳିଯାଉଥିବା ପାଣିକୁ ଚାପିରଖ ।

ଖ – ଅଟ୍‌କାଏନା – ଗଲେ/ଜର ଗଃଖାନା ଡାଃତେ ଅଟ୍‌କାଏ ଉନେପେ ।

ଓ – ଚାକିରି – ଆଜିକାଲି ଚାକିରି ମିଳିବା କଷ୍ଟକର ଅଟେ ।

ଖ – ଚାକ୍‌ରୀ/ନକ୍‌ରୀ – ଉପାଡି ଚାକ୍‌ରୀ/ନକ୍‌ରୀ କୁଇନା ମାହାଁ ମସ୍‌କୁଲ୍ ହାଏ ।

ଓ – ଚାବି – ମୁଁ ସାକେଲ ଚାବି ହଜାଇ ଦେଇଥିଲି ।

ଖ – କୁଁଚି – ଇଙ୍ଗ୍ ବାୟସ୍‌କଲାଃ କୁଁଚି ଅବ୍‌ସିଡ୍ ଗଃସିଥେଗ୍ ।

ଓ – ଚାଳ – ଆଜି ଆମ ଚାଳ ଉପରେ କାଉ ରାବୁଥିଲା ।

ଖ – ଖପର୍ – ମୁସା ଏଲାଃ ଖପର୍ ତଭ୍‌ଲୁଙ୍ଗ୍‌ତେ କୁଆଃ କଟ୍‌ରେ ଖାନ୍‌ତା ।

ଓ – ଚାକୁଣ୍ଡା – ଚାକୁଣ୍ଡାର ପତ୍ର ସନ୍ଧ୍ୟାବେଳେ ମଉଳି ଯାଏ ।

ଖ – ଚାଁକ୍‌ଡା – ଚାଁକ୍‌ଡା ଦାରୁଆଃ ଉଲାଃ ବେଡ ବିଣିବ୍ ଝୁର୍‌ମୁରାଏ ଗଃତା ।

ଓ – ଚାଉଳ – ଚାଉଳ ଚୁନାରେ ଆରିସା ପିଠା ହୁଏ ।

ଖ – ରୁମ୍‌କୁବ୍ – ରୁମ୍‌କୁବ୍ ଗୁଣିତେ/ପିଠୋତେ ଅଏର୍‌ଷା କଲଙ୍ଗ୍ ହଏତା ।

ଓ – ଚାରା – ଫଳ ଚାରା ଲଗାଇ ତାର ଯତ୍ନ ନିଅ ।

ଖ – ଦାରୁ – ଲକୁ ଦାରୁ ଉନ୍ କଲା ଆଡିଆଃ ଜତନ୍ ଡଡେପେ ।

ଓ – ଚାଲାକି – ଚାଲାକି ଲୋକ ବିପଦରୁ ରକ୍ଷା ପାଏ ।

ଖ – ଚତୁର୍/ହୁସିଆର୍ – ଚତୁର୍ ଲେବୁ ବିପଦ୍ ତାଏ ବାଞ୍ଚେତା ।

ଓ – ଚାଖଣ୍ଡ – ସହରରେ ଚାଖଣ୍ଡେ ଯାଗାର ମଧ୍ୟ ମୂଲ୍ୟ ଅଧିକ ।

ଖ – ବିତେ୍ – ସହର୍‌ତେ ବିତେ ଜାଗାଃ ଦାମ୍ ଜ ଖୋବ୍ ବେଶୀ ହାଏ ।

ଓ – ଚିତ୍ର – ରିମୀ ଭବିଷ୍ୟତରେ ଜଣେ ଭଲ ଚିତ୍ରକର ହେବ ।

ଖ – ଫଟୋ – ରିମୀ ଭବିଷତ୍‌ତେ ମୁଇଙ୍ଗ୍ ବଁଢିଆ ଛାପା ବାୟ୍‌ବାୟ୍ ଲେବୁ ହଏନା ।

ଓ – ଚିତ୍ରକାର୍ଡ – ଶିକ୍ଷକ ଚିତ୍ରକାର୍ଡ ସାହାଯ୍ୟରେ ଶିକ୍ଷା ଦିଅନ୍ତି ।

ଖ – ଫଟୋକାର୍ଡ – ମାଷ୍ଟର ଫଟୋକାର୍ଡ/ଛାପାକାର୍ଡ ବୁଙ୍ଗ୍ ଶିକ୍ଷା ତେର୍‌ତେ ।

ଓ – ଚିଲ – ଚିଲ କୁକୁଡା ଛୁଆ ଉଠାଇନେଇ ଖାଇଯାଏ ।

ଖ – ଗିଧା/ଗେଧ୍‌ଡି – ଗିଧା ଚିଅଁଟ୍ କୁଣ୍ଡୁଃ ରାମ୍ ଡଟ୍ କରି ନଃଗଃତେ ।

ଓ – ଚିହ୍ନ – ମୋ ବାମହାତରେ ଗୋଟିଏ କଟା ଚିହ୍ନ ରହିଛି ।

ଖ – ଚିନ୍‌ହା – ଇଙ୍ଗାଃ ଡେରିତିଃତେ ମୁଇଙ୍ଗ୍ ଡେଗ୍ ଡେଗ୍ ଚିନ୍‌ହା ଆଃଇ ।

ଓ – ଚିକିତ୍ସା – ନିୟମିତ ଚିକିତ୍ସା କଲେ ଏଡସ୍ ରୋଗ ଭଲ ହୋଇ ଯାଏ ।

ଖ – ଚିକିସା – ଝାକିଦିନ ସେବାଯତନ୍ / ଚିକିତ୍ସା ବାୟଲାଃ ଏ.ଡସ୍ ବେମାର୍ ବାରୁ ହଏତା ।

| | | | |
|---|---|---|---|
| ଓ – ଚିଙ୍ଗୁଡି | – | ଚିଙ୍ଗୁଡି ମାଛର ଲମ୍ବା ନିଶ ଥାଏ । |
| ଖ – ଜାତା | – | ଜାତା କାଡଙ୍ଗ୍ ଆଃ ଝେଲବ୍ ମେଛା ଆତା । |
| ଓ – ଚିରାଲେଙ୍ଗ୍ଡା | – | ପାଗଳଟା ଚିରା ଲେଙ୍ଗ୍ଡା ପିନ୍ଧି ବୁଲୁଛି । |
| ଖ – ଲେନ୍ଦ୍ରା | – | ବାୟ୍ହା ଲେବୁ ଚିରା ଲେନ୍ଦ୍ରା ସୁଇ କରି ବୁଲିତାଏଗ୍ । |
| ଓ – ଚିହ୍ନାଇବା | – | ଜାତୀୟ ପତାକାର ରଙ୍ଗଗୁଡିକୁ ଅନ୍ୟକୁ ଚିହ୍ନାଇବା ଉଚିତ । |
| ଖ – ଅବ୍ କଙ୍ଗ୍ନା | – | ଜାତୀୟ ପତାକାଃ ରଙ୍ଗ୍ କିତେ ଅଲ୍ଗା କିତେ ଅବ୍କଙ୍ଗ୍ନାଃ କାୟମ୍ । |
| ଓ – ଚିହ୍ନିବା | – | ପଢାବେଳର ପଢାସାଥୀକୁ ବହୁବର୍ଷ ପରେ ଚିହ୍ନିବା କଷ୍ଟ । |
| ଖ– କଙ୍ଗ୍ନା | – | ପାଟ୍ପଢା ସମୟ୍ଆଃ ପାଟ୍ପଢା ସରି କିତେ ଖୋବ୍ ବରଷ୍ ପରେ କଙ୍ଗ୍ନା ମସ୍କୁଲ ହାଏ । |
| ଓ – ଚିପିବା | – | ହାତରେ ନାଡି ଚିପିଦେବାଦ୍ୱାରା ତାର ଗତି ଜଣାପଡେ । |
| ଖ – ଚିଃପୁଡ୍ନା | – | ତିଗାଃ ନାଡି ଚିଃପୁଡ୍ଅଃ ଲାଃ ଆଡିଆଃ ଗତି ଜନାଗୁର୍ତା/ଆଡିଆଃ ଡେଲ୍ନା ସାନ୍ନା ଜନାଗୁର୍ତା । |
| ଓ – ଚିନ୍ତା | – | ଲୁଣ ଖାଏ ହାଣ୍ଡି, ଚିନ୍ତା ଖାଏ ଗଣ୍ଡି । |
| ଖ – ଚିନ୍ତା | – | ବିଲୁଙ୍ଗ୍ ନଃତେ କୁୟୁତେ ଚିନ୍ତା ନଃତେ ନିରୀତେ । |
| ଓ – ଚିକିତ୍ସକ | – | କନ୍ଧମାଳ ଅଞ୍ଚଳରେ ଚିକିତ୍ସକ ମାନଙ୍କର ଘୋର ଅଭାବ ରହିଛି । |
| ଖ – ଡାକ୍ଟର | – | କନ୍ଧମାଳ ଏରିଆତେ ଡାକ୍ଟର୍ କିଆଃ କିଃତେନା କିଃତେ ଅଭାବ ଆଃଇ । |
| ଓ – ଚିତ୍କାର | – | ଘରେ ନିଆଁ ଲାଗିଲେ ଚିତ୍କାର କରି ଲୋକଙ୍କୁ ଡାକିବା । |
| ଖ – କିର୍ଲାଏନା | – | ଅଃତେ ତିମ୍ସମ୍ ଲାଃକିଲାଃ କିର୍ଲାଏକରି ଲେବୁ କିତେ ରେମାଃନାଃକାୟମ୍ । |
| ଓ – ଚିହ୍ନଟ | – | ପକ୍ଷୀ ମଡକ ହେଲେ ଭୁତାଣୁ ଚିହ୍ନଟ କାମ କରାଯାଏ । |
| ଖ – ଚିହ୍ନଟ୍ | – | ଚୁରେ ଗୋଏ୍ଗକି ମେନ୍ ଲାଃ ଭୁତାଣୁ ଚିହ୍ନଟ୍ ବାୟ୍ତେ କି । |
| ଓ – ଚିରିବା | – | ଜଙ୍ଗଲରେ ପଶିଲେ ଲୁଗାଚିରିବା ସମ୍ଭାବନା ଥାଏ । |
| ଖ – ଗାଃନା | – | ଆଡାଏ ଡିଆର୍କିଲାଃ ଛିଡା ଗାଃନାଃ ବତଙ୍ଗ୍ ଆତା । |
| ଓ – ଚିନାବାଦାମ୍ | – | ଚିନାବାଦାମ ଚାଷ ଏକ ଲାଭ ଜନକ ଫସଲ । |
| ଖ – ମୁମ୍ଫଲି | – | ମୁମ୍ଫଲି ତାସ୍ ମୁଇଙ୍ଗ୍ ଲାଭ୍କାରୀ ତାସ୍ ହାଏ । |
| ଓ – ଚିହ୍ନ ଉଠିବା | – | ବେତ ମାଡହେଲେ ଦେହରେ ଚିହ୍ନ ଉଠିବା ସମ୍ଭାବନା । |
| ଖ – ରୋଲ୍ଉସ୍କେନା | – | ଡାଣାଃବୁଙ୍ଗ୍ ଗିଲଃ ଲାଃ ନିରୀତେ ରୋଲ୍ଉସ୍କେନା ସମ୍ଭାବନା ହାଏ । |
| ଓ – ଚୁନା | – | ଗହମ ଚୁନାରେ ପରଟା ତିଆରି ହୁଏ । |
| ଖ – ଗୁଣି | – | ଗହମ ଗୁଣିତେ ପରଠା ତିଆର୍ ହଏତା । |
| ଓ – ଚେହେରା | – | ଚିନ୍ତାରେ ବାପାଙ୍କ ଚେହେରା ମଳିନ ଦେଖାଯାଉଛି । |
| ଖ – ଚେହେରା | – | ହେଜାଲେଖାତେ ବୁଆଃ ଚେହେରା ଖାରାପ୍ ଜୟ୍ତାଏଗ୍ । |

ଓ – ଚେର – ଚେରମୂଳି ଔଷଧ ଦେବାପାଇଁ ନିରାପଦ ଅଟେ ।

ଖ – ଚେରିମୂଲି – ଚେରିମୂଲି କାନ୍‌ଲା ନିରୀ ଆଃଥମ୍ ନିରାପଦ ହାଏ / ବତଙ୍ଗ୍ ଆଣିଗ୍ ।

ଓ – ଚେତା – ଘଣ୍ଟାଏ ପରେ ରମାର ଚେତା ଫେରିଲା ।

ଖ – ହୋସ – ମୁଇଙ୍ଗ୍ ଘଣ୍ଟାଃ ଲଃଢ ରମାଃ ହୋସ୍ ଡେଲ୍‌କି ।

ଓ – ଚୋପା – କଦଳୀ ଚୋପା ରାସ୍ତାରେ ପକାଅ ନାହିଁ ।

ଖ – ଛାଲି – କଦେଲ ଛାଲି ସଡକ୍‌ତେ ଆବୁ ଘାଲେପେ ।

ଓ – ଚୋରୀ – ଅସାମାଜିକ ଲୋକ ଚୋରୀ କରନ୍ତି ।

ଖ – ସୁରୁମ୍ – ବଦ୍‌ମାସ୍ ଲେବୁକି ସୁରୁମ୍ ତେକି ।

ଓ – ଚୋବାଇବା – ଖାଦ୍ୟ ଚୋବାଇବା ଦ୍ୱାରା ହଜମ ହୁଏ ।

ଖ – ଆଖେଡ୍‌ନା – ନଃନା ଜିନିଷ୍‌ତେ ଆଖେଡ୍ ନଃନା ବୁଙ୍ଗ୍ ଲଜଃ ତା ।

## (ଛ)

ଓ – ଛଚିନ୍ଦ୍ରା – ଛଚିନ୍ଦ୍ରାକୁ ବିଲେଇ ଖାଏ ନାହିଁ ।

ଖ – ଛୁଛୁ – ଛୁଛୁ ତେ ବିଲେଇ ଉମ୍ ନଃତେ ।

ଓ – ଛନଛନିଆଁ – ହାଥୀ ମାନେ ଛନଛନିଆଁ ଫସଲକୁ ନଷ୍ଟ କରନ୍ତି ।

ଖ – ଛନ୍‌ଛନିଆଁ – ହାଁଥୀ କି ଛନ୍‌ଛନିଆଁ ଖେତିତେ ଉଜାଏର୍ ବାୟତେ କି ।

ଓ – ଛଳରେ – କେଉଟ ଛଳରେ ମାଛ ଧରେ ।

ଖ – ଢୁଠ୍‌ରି – କେଉଁଟ ଢୁଁଠ୍‌ରି ତେ କାଡଙ୍ଗ୍ ଧଃତେ ତେ ।

ଓ – ଛଟପଟ – ଯନ୍ତ୍ରଣାରେ ପିଲାଟି ଛଟପଟ ହେଉଛି ।

ଖ – ଛଟ୍‌ପଟ୍‌ଏ ତାଏଗ୍– କସୁବୁଙ୍ଗ୍ ବେଟାଯେଃ ଛଟ୍‌ପଟ୍‌ଏ ଗଃତାଏଗ୍ ।

ଓ – ଛକି – ଭୁଲ ଉତ୍ତରରେ ଶିକ୍ଷକ ଛକି ଚିହ୍ନ ଦିଅନ୍ତି ।

ଖ – ଢେରାଦାଗ୍ – ଭୁଲ୍ ଉତ୍ତର୍ ଲେଖାୟଲାଃ ମାଷ୍ଟର୍ ଢେରାଦାଗ୍ ତେର୍‌ତେ ।

ଓ – ଛତା – ଖରା ବର୍ଷାରୁ ଛତା ରକ୍ଷା କରେ ।

ଖ – ଛାତା – ଗିଡିଙ୍ଗ୍ ବର୍ଷା ତାୟ୍ ଛାତା ବାଞ୍ଚାଏତେ ।

ଓ – ଛତୁ – ପୁରୁଣା କାଠରେ ଛତୁ ଫୁଟେ ।

ଖ – ଉଡ୍ – ବାଇର୍ ସଙ୍ଗ୍‌ଲ ତେ ଉଡ୍ ଫୁଃଟେ ତା ।

ଓ – ଛପର – ନଡା ଛପର ଘର ଖରାଦିନେ ଥଣ୍ଡା ରହେ ।

ଖ – ଛାଉନି – ନାଡା ଛାଉନି ଅଃ ଗିଡିଙ୍ଗ୍ ଦିନ ଠଣ୍ହା ରହେତା ।

ଓ – ଛପେଇ – ଡାକ ଟିକଟ ଅଠାରେ ଛପେଇ ଦିଆଯାଏ ।

ଖ – ଲଟ୍‌କାଏନା – ଡାକ୍ ଟିକଟ୍ ଲସାତେ ଲଟ୍‌କାଏ ଗଃତେ କି ।

ଓ – ଛାଞ୍ଚି – ବଙ୍କା ଗଛକୁ ଛାଞ୍ଚିସିଧା କରାଯାଏ ।

ଖ – ଲାଃନା – ଟେଢ୍‌ହାଃ ଦାରୁତେ ଲାଃ କରି ସିଧା ବାୟ୍‌ତେ କି ।

ଓ – ଛାତି – ଭୂମିକମ୍ପଦେଖି ଭୟରେ ଛାତି ଥରିଉଠେ ।

ଖ – ମାୟୁଙ୍ଗ୍ – ଧରତ୍ରୀ ଡଲେନା ଜୟଃଲାଃ / ଜୟକଲା ବତଙ୍ଗ୍ ବୁଙ୍ଗ୍ ମାୟୁଙ୍ଗ୍ ଥର୍‌ଥରାୟ୍ ଗଃତା ।

ଓ – ଛିଞ୍ଚିବା – ଅଚେତ ବ୍ୟକ୍ତିର ମୁହଁରେ ପାଣି ଛିଞ୍ଚିବା ଭଲ ।

ଖ – ଛିଟ୍‌କାଏନା – ହୋସ୍ ଉମ୍ ଆନା / ଅଚେତ୍ ଗଃସିନା ଲେବୁଆଃ ତମଡ୍ ତେ ଡାଃ ଛିଟ୍‌କାଏନା ଭଲ ହାଏ ।

ଓ – ଛୁ – ଚୋର ପୁଲିସକୁ ଦେଖି ଛୁ ମାରିଲା ।

ଖ – ବତ୍‌କେ ଗଃନା – ଚର୍‌ହାଲେବୁ ପୁଲିସ୍ ତେ ଜୟ୍‌କଲା ବତ୍‌କେଗଃକି ।

ଓ – ଛୁଆ – ମଣିଷ ଛୁଆ ଅନେକ ଯତ୍ନ ଆବଶ୍ୟକ କରେ ।

ଖ – କୁଣ୍ଡୁଃ – ଲେବୁ କୁଣ୍ଡୁଃତେ କିଃତେନାକିଃତେ ଯତ୍‌ନାଏନା ଲାଃତା ।

ଓ – ଛୁଇଁଲେ – ଲାଜକୁଳି ଲତାକୁ ଛୁଇଁଲେ ତାହା ମଉଳି ଯାଏ ।

ଖ – ଜିବ୍ ଗଥଃଲାଃ – ଲାଜକୁଲି ଲାଟାତେ ଜିବ୍ ଗଥଃଲାଃ ଆଡି କୁଲ୍‌ମୁଲାଏ / ଗିଆଲ୍ ଗଃତା ।

ଓ – ଛେଳି – ଛେଳି ପାଳନ ଏକ ଲାଭଜନକ ବ୍ୟବସାୟ ଅଟେ ।

ଖ – ମେରମ୍ – ମେରମ୍ ବୁଇନା / ଉନ୍‌ନା ମୁଇଙ୍ଗ୍ ଲାଭକାରି ବେଉସା ହାଏ ।

ଓ – ଛୋଟ – ଛୋଟ ବେଳୁ ପିତାମାତାଙ୍କର ଆଜ୍ଞାବହ ହୁଅ ।

ଖ – ଇଚିଃ ବେଡାତାୟ୍ – ଇଚିଃ ବେଡାତାୟ୍ ବୁଆ ମାଁ ଝାନାଃ ଆଦେଶ୍ ପାଲନ୍ ବାୟପେ ।

## (ଜ)

ଓ – ଜଗତ – ଜଗତରେ ଅନ୍ୟାୟ ବଢ଼ି ଚାଲିଛି ।

ଖ – ଦୁନିଆଁ – ଦୁନିଆଁତେ ଅନ୍ୟାୟ ବଢ଼େ ଚଲେସିଗ୍ ।

ଓ – ଜଙ୍ଗଲିଆ – ଜଙ୍ଗଲିଆ ରାସ୍ତାରେ ହିଂସ୍ର ଜନ୍ତୁର ଡର ଥାଏ ।

ଖ – ଜଙ୍ଗ୍‌ଲିଆ – ଆଡାଏ ଗଏଗ୍ ଝୁଙ୍ଗ୍‌ତେ କିଡଃ ବାନାୟ୍‌ଆଃ ବତଙ୍ଗ୍ ଆତା ।

ଓ – ଜଗାଇ – ଆଦିବାସୀମାନେ ପିଲାଙ୍କୁ ଫସଲ ଜଗାଇ ଦିଅନ୍ତି ।

ଖ – ଆଗୁର୍‌ନା – ଆଦିବାସୀ କି କୁଣ୍ଡୁଃକିତେ ତାସ୍ ଆଗୁର୍‌ନା ଏତଙ୍ଗ୍ ଗଃତେକି ।

ଓ – ଜଳ – ଜଳ ବିହୁନେ ସୃଷ୍ଟି ନାଶ ହେବ ।

ଖ – ଡାଃ – ଡାଃ ଉମ୍ ଗିମ୍‌ଃ ଲାଃ ପୁର୍‌ଥୀ ଧଁନସ୍ ହଏଗଃନା ।

ଓ – ଜଳଛତ୍ର – ତୃଷାର୍ତ୍ତଙ୍କ ପାଇଁ ଜଳଛତ୍ର ଖୋଲାଯାଏ ।

ଖ – ଛତର୍ ଡାଃ – ବେତୁଡ୍ ଡାଃ ଲେବୁକିଆଃଥମ୍ ଛତର୍ ଡାଃ ତେର୍‌ତେକି ।

ଓ – ଜଳନ୍ତା – ଜଳନ୍ତା ଘରୁ ପିଲାଟିକୁ ଉଦ୍ଧାର କରାଗଲା ।

ଖ – ତେମୁଖାନ୍ନା – ତିମ୍‌ସମ୍ ତେମୁଖାନ୍ନା ଅଃତାୟ୍ ବେଟାତେ ବାଞ୍ଚାୟଃକି ।

ଓ – ଜଙ୍ଘ – ଖେଳରେ ମୁନୀର ଜଙ୍ଘ ମକଚି ଯାଇଛି ।

ଖ – ଭୁଲୁ – ଏବଃ ନାଃତେ ମୁନୁଆଁ ଭୁଲୁ ମଲ୍‌କେ ଗଃସିଗ୍ ।

ଓ – ଜଗୁଆଳି – ବ୍ୟାଙ୍କ ଗୁଡ଼ିକରେ ଜଗୁଆଳୀମାନେ ଥାଆନ୍ତି ।

ଖ – ଜୁଗୁଆ – ବେଙ୍କ୍ କିତେ ଜୁଗୁଆକି ରହେତାକି ।

| | | |
|---|---|---|
| ଓ – ଜନମ | – | ଭାରତ ଆମର ଜନମ ଭୂଇଁ ଅଟେ । |
| ଖ – ଜନମ୍ | – | ଭାରତ ଆନିଆଁ ଜନମ୍ ମାଏଁଟ୍ ହାଏ । |
| ଓ – ଜନନୀ | – | ଜନନୀ ଓ ଜନ୍ମଭୂମି ସବୁଠାରୁ ବଡ । |
| ଖ – ମାଁ | – | ମାଁ ଅଡଃ ଜନମ୍ ମାଏଁଟ୍ ଝାକିଆଃ ତାୟ ମାହା । |
| ଓ – ଜନ୍ମଭୂମି | – | ଜନ୍ମଭୂମିର ସେବାରେ ଆମେ ନିଜକୁ ଉତ୍ସର୍ଗ କରିବା । |
| ଖ – ଜନମ୍ ମାଏଁଟ୍ | – | ଜନମ୍ ମାଏଁଟ୍ ଆଃ ସେବାଃଥମ୍ ଆନିଙ୍ଗ୍ ନିଜେତେ ସମ୍ପେ ଗଡେନିଙ୍ଗ୍ । |
| ଓ – ଜନ୍ମଦିନ | – | ଅକ୍ଟୋବର ଦୁଇ ତାରିଖ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଦିନ । |
| ଖ – ଜନମ୍ ଦିନ | – | ଅକ୍ଟୋବର୍ ଦୁଇ ତାରିଖ୍ ମହାତ୍ମା ଗାନ୍ଧୀଆଃ ଜନମ୍ ଦିନ୍ ହାଏ । |
| ଓ – ଜନଗଣନା | – | ପ୍ରତି ଦଶବର୍ଷକୁ ଥରେ ଜନଗଣନା କରାଯାଏ । |
| ଖ – ଲେବୁ କଲ୍ନା | – | ପରତି ଦଶ୍ ବରଷ୍ତେ ମେସନ୍ ଲେବୁ କଲ୍ନା ହଏତା । |
| ଓ – ଜବତ | – | ପୋଲିସ ଚୋରା ଜିନିଷକୁ ଜବତ୍ କରି ରଖେ । |
| ଖ – ଜାବତ୍ | – | ପୁଲିସ୍ ସୁରୁମ୍ ଜିନିଷ୍ ତେ ଜାବତ୍ ବାୟ୍ କରି ଉନ୍ତେ । |
| ଓ – ଜମିବାଡି | – | ଜମିବାଡି ନ ଥିବା ଲୋକ ବହୁତ ଅଛନ୍ତି । |
| ଖ – ଜମିନ୍ ବାଏର୍ | – | ଜମିନ୍ ବାଏର୍ ଉମ୍ ଆନାଲେବୁ ଖୋବ୍ ଆଏଗ୍‌କି । |
| ଓ – ଜଡିତ | – | ଅଧ୍ୟୟନ ସହିତ ଜଣେ ଦେଶସେବାରେ ଜଡିତ ଥାଏ । |
| ଖ – ଜଡେକଲା | – | ପଢେନା ସରିସରି ମୁଇଙ୍ଗ୍ ଲେବୁ ଦେଶ୍ ସେବା ବାୟନାଃଥମ୍ ଜଡେଡମ୍ ସିଃତା । |
| ଓ – ଜହ୍ନି | – | ଜହ୍ନି ଫୁଲର ରଙ୍ଗ ହଳଦିଆ । |
| ଖ – ଜହ୍ନି | – | ଜହ୍ନି ଫୁଲଆଃ ରଙ୍ଗ୍ ସାଙ୍ଗ୍ ସାଙ୍ଗ୍ ଗୁଡ୍ । |
| ଓ – ଜୟ | – | କାରଗିଲ ଯୁଦ୍ଧରେ ଭାରତ ଜୟଲାଭ କଲା । |
| ଖ – ଜିତେନା | – | କାରଗିଲ୍ ଯୁଦ୍ଧତେ ଭାରତ୍ ଜିତେଗଃକି । |
| ଓ – ଜୟନ୍ତୀ | – | ନେତାଜୀ ଙ୍କ ଜୟନ୍ତୀ ବିଦ୍ୟାଳୟରେ ପାଳନ କରାଯାଏ । |
| ଖ – ଜନମ୍ ଦିନ୍ | – | ନେତାଜୀ କିଆର୍ ଆଃ ଜନମ୍ ଦିନ୍ ଇସ୍କୁଲ୍ କିତେ ମାନାଏତେକି । |
| ଓ – ଜଣକା | – | ଜଣକା ହଳେ ଲେଖାଏଁ ପୋଷାକ ଦିଆଗଲା । |
| ଖ – ମୁଡୁତେ | – | ମୁଡୁତେ ମୁଇଙ୍ଗ୍ ସାର୍ ଲେଖା ପେଁଟ୍ କୁର୍ତା ତେରଃ କି । |
| ଓ – ଜଣ | – | ଏକ ଜଣବ୍ୟକ୍ତି ବଞ୍ଚିବା କଷ୍ଟ ଅଟେ । |
| ଖ – ମୁଇଙ୍ଗ୍ | – | ମୁଇଙ୍ଗ୍ ଲେବୁ ବାଞ୍ଚେନା କଷଟ୍ ହାଏ । |
| ଓ – ଜମା | – | ଗାଁରେ ଜଣେ ମୃତ ହେଲେ ଲୋକେ ଜମା ହୁଅନ୍ତି । |
| ଖ – ଜାମା | – | କେଲ୍‌କେ ତେ ମୁଇଙ୍ଗ୍ ଲେବୁ ନକ୍ସାନ୍ ଗଃକିଲାଃ ଲେବୁକି ଜାମା ହଏତାକି । |
| ଓ – ଜ୍ୱର | – | ମ୍ୟାଲେରିଆ ଏକ ଘାତକ ଜ୍ୱର ଅଟେ । |
| ଖ – କୁଲ୍‌ଡାଃ | – | ମେଲେରିଆ ମୁଇଙ୍ଗ୍ ଜୀବନ୍ ଡଡ୍‌ନା କୁଲ୍‌ଡାଃ ହାଏ । |

ଓ – ଜ୍ୱଳନ୍ତ – ଆଦର୍ଶ ଛାତ୍ର ଅନ୍ୟର ଜ୍ୱଳନ୍ତ ଉଦାହରଣ ହୁଅନ୍ତି ।
ଖ – ଦଗ୍ ଦଗିଆ – ଭଲ ଗୁନ୍ ଆନା ବେଟା ଅଲ୍‌ଗା କିଆଃଥମ୍ ଦଗ୍ ଦଗିଆ ଉଦାହରଣ ହଏତା ।
ଓ – ଜକେଇ – ମୋ ସାଙ୍ଗର ଦୁଃଖ ଦେଖି ମୋ ଆଖି ଜକେଇ ଗଲା ।
ଖ – ରମଡ୍ ଡାଃ ଭରେନା– ଇଙ୍ଗାଃ ସରିଗିଙ୍ଗାଃ କସୁ ଜୟ୍‌କଲା ଇଙ୍ଗାଃ ମଡ୍ ତେ ରମଡ୍ ଡାଃ ଭରେ ଗଃକି ।
ଓ – ଜାତି – ଜାତି ପ୍ରଥା ଏକ ସାମାଜିକ କଳଙ୍କ ଅଟେ ।
ଖ – ଜାଏତ୍ – ଜାଏତ୍ ବାରେ ନା ମୁଇଙ୍ଗ୍ ସାମାଜିକ୍ ଛିଦର୍ ହାଏ ।
ଓ – ଜାଗରଣ – ଦେଶରେ ଦୁର୍ନୀତି ବିରୁଦ୍ଧରେ ଜାଗରଣ ସୃଷ୍ଟି ହୋଇଛି ।
ଖ – ଚେତେନା – ଦେଶ୍ ତେ ଦୁର୍ନୀତିଆଃ ବିରୋଧ୍‌ତେ ଲଢେନାଃଥମ୍ ଲେବୁକି ଚେତେସିଗ୍ କି ।
ଓ – ଜାତୀୟ – ଖଣିଗୁଡିକରୁ ଜାତୀୟ ସମ୍ପତ୍ତି ଲୁଟ କରିବା ଅନ୍ୟାୟ ।
ଖ – ଜାତିଆଃ – ଖାଦାନ୍ କିତାୟ୍ ଦେଶ୍ ଜାତିଆଃ ଧନ୍ ସମ୍ପତି ଲୁସି ନା ଅନିଆଁୟ୍ ହାଏ ।
ଓ – ଜାମା – ସ୍କୁଲ ସମୟରେ ମାଁ ମତେ ଜାମା ପିନ୍ଧାନ୍ତି ।
ଖ – ପେଁଟ୍ – ଇସ୍‌କୁଲ୍ ସାନ୍‌ନା ବେଡାତେ ମାଗିଙ୍ଗ୍ ଇଙ୍ଗ୍ ତେ ପେଁଟ୍ ଅବ୍‌ସୁଗଃତେ ।
ଓ – ଜାମୁ – ଜାମୁ କୋଳି ଖାଇବାକୁ ମିଠା ଲାଗେ ।
ଖ – କୁଡା – ବେଲମ୍ କୁଡା ନଃନାଃଥମ୍ ସେବୁଲ୍ ଲାଃତା/ଜଙ୍ଗେମ୍ ଲାଃତା ।
ଓ – ଜାଲ – କେଉଟମାନେ ଜାଲରେ ମାଛ ମାରନ୍ତି ।
ଖ – ଜାଲ୍ – କେଉଁଟ୍ କି ଜାଲ୍‌ତେ କାଡଙ୍ଗ୍ ତାର୍ ତେ କି ।
ଓ – ଜାଣିଲୁ – ରେଡିଓରୁ ଆମେ ପାଣିପାଗ ଖବର ଜାଣିଲୁଁ ।
ଖ – ଜାଣାୟଃଲେ – ରିଡିଓ ତାୟ୍ ଏଲେ ଡାଃ ବିଷେତେ ଜାଣାୟଃଲେ/କଙ୍ଗଃ ଲେ ।
ଓ – ଜିତିବା – ବିନା ଅଭ୍ୟାସରେ ଖେଳରେ ଜିତିବା କଷ୍ଟ ।
ଖ – ଜିତେନା – ଏନେମ୍ ଅଭ୍ୟାସ୍ ବାୟ୍ କରି ଖେଲ୍ କୁଦ୍‌ତେ ଜିତେନା କଷଟ୍ ହାଏ ।
ଓ – ଜିନିଷ – ଘରେ ନିଆଁ ଲାଗିଲେ ଅନେକ ଜିନିଷ ପୋଡି ଯାଏ ।
ଖ – ଜିନିଷ୍ – ଅଃ ଗେବ୍ ଗଃକିଲାଃ କିଃତେ ଜିନିଷ୍ ଗେବ୍ ଗଃତା ।
ଓ – ଜିରାଫ୍ – ଜିରାଫ୍ ଏକ ତୃଣଭୋଜି ପ୍ରାଣୀ ।
ଖ – ଜିରାଫ୍ – ଜିରାଫ୍ ମୁଇଙ୍ଗ୍ ଘାଁସ ନଃନା ଜଁତୁ ହାଏ ।
ଓ – ଜିଲ୍ଲା ଜର୍ଜ – ପ୍ରତି ଜିଲ୍ଲାରେ ଜଣେ ଜିଲ୍ଲାଜର୍ଜ ଥାଆନ୍ତି ।
ଖ – କଲେକଟର/
ମାଜିଷ୍ଟ୍ରେଟ୍ – ଝାକି ଜିଲ୍ଲାତେ ମୁଇଙ୍ଗ୍ କଲେକଟର୍ / ମାଜିଷ୍ଟ୍ରେଟ୍ ବିଗ୍ଭରପତି ଆତା କି ।
ଓ – ଜୀବ – ଜୀବ ହତ୍ୟା ମହାପାପ ।
ଖ – ଜୀବନ୍ – ଜୀବନ୍ ତାର୍‌ନା ମାହା ପାପ୍ ହାଏ ।
ଓ – ଜୀବନ୍ତ – ବଣପୋଡି ବେଳେ ଅନେକ ପ୍ରାଣୀ ଜୀବନ୍ତ ଦଗ୍ଧ ହୁଅନ୍ତି ।
ଖ – ବରଲ୍ ବରଲ୍ – ଆଡାୟ ଗେବ୍‌ନା ଭେରେ କିଃତେ ଜୀବ ଜଁତୁ ବରଲ୍ ବରଲ୍ ଗେବ୍ ଗଃତାକି ।

ଓ – ଜୀବନ – ଚିକିତ୍ସା ଅଭାବରେ ଅନେକ ଜୀବନ ଚାଲିଯାଏ ।
ଖ – ଜୀବନ୍ – ସେବା ଯତନ୍‌ଆଃ ଅଭାବ୍‌ତେ କିଃତେ ଲେବୁଆଃ ଜୀବନ୍ ଯାର୍ ଗଃତେ ।
ଓ – ଜୀବନଯାପନ – ବାପା ମାଁ ଛେଉଣ୍ଡ ପିଲାମାନେ ଦୁଃଖରେ ଜୀବନ ଯାପନ କରନ୍ତି ।
ଖ – ଚଲେନା/ବୁଲେନା– ଟୁରାଟୁରୀ କୁଣୁଃକି ବଡା କଷ୍ଟେ ଚଲେ ବୁଲେ ତାକି ।
ଓ – ଜୀବିକା – ଲୁଗା ବୁଣା ତନ୍ତୀର ଜୀବିକା ଅଟେ ।
ଖ – ଧାନ୍ଧା – ଛିଡାଗଲ୍‌ନା ଚିଃକୋକିଆଃ ଧାନ୍ଧା ହାଏ ।
ଓ – ଜୁହାର – ଗୁରୁଜନ ମାନଙ୍କୁ ଆମେ ଜୁହାର କରୁଁ ।
ଖ – ଜୁହାର୍ – ମାହାଲେବୁକିତେ ଆନିଙ୍ଗ୍ ଜୁହାର୍ ବାୟ୍‌ତେନିଙ୍ଗ୍ ।
ଓ – ଜୁଡୁବୁଡୁ – ମୁଣ୍ଡ ଫାଟିଯିବାରୁ ସେ ରକ୍ତରେ ଜୁଡୁବୁଡୁ ହୋଇପଡିଛି ।
ଖ – ଇୟାମ୍ ବଟ୍‌ବଟ୍– ବକବ୍ ପାଃ ଗଃନା ବୁଙ୍ଗ୍ ଆଡି ଇୟାମ୍ ବଟ୍‌ବଟ୍ ହଏ କଲା ଗୁର୍‌ସିଗ୍ ।
ଓ – ଜେଜେ – ଆମ ଜେଜେ ଚଷମା ପିନ୍ଧି ବହି ପଢନ୍ତି ।
ଖ – ଆଜା – ଏଲାଃ ଆଜା ଟପର୍ ସୁଇକରି ବହି ପଢେତା ।
ଓ – ଜେବରା କ୍ରସିଂ – ଜେବ୍ରା କ୍ରସିଂରେ ଲୋକେ ଚାଲି ଚାଲି ପାର ହୁଅନ୍ତି ।
ଖ – ଜେବ୍‌ରା କ୍ରସିଂ – ଜେବ୍‌ରା କ୍ରସିଂତେ ଲେବୁକି ସାଉଁଟ୍ ସାଉଁଟ୍ ପାର୍ ହଏତା କି ।
ଓ – ଜୋରରେ – ହେଲମେଟ୍ ପିନ୍ଧି ନ ଥିଲେ ମୁଣ୍ଡରେ ଜୋରରେ ଆଘାତ ହୁଏ ।
ଖ – ଖୋବ୍ ଆଁଟେ – ହେଲ୍‌ମେଟ୍ ଉମ୍ ସୁୟଃଲାଃ ବକବ୍ ତେ ଖୋବ୍ ଆଁଟେ ଆଘାତ୍ ହଏତା ।
ଓ – ଜୋରସୋର – ରାସ୍ତା କାମ ଜୋରସୋରରେ ଚାଲିଛି ।
ଖ – ଜୋର୍‌ସୋର୍ – ସଡକ୍ କାମୁ ଜୋରସୋର୍ ଚଲେସିଗ୍ ।
ଓ – ଜ୍ୟେଷ୍ଠ – ଜ୍ୟେଷ୍ଠ ଭ୍ରାତାଙ୍କୁ ଆମେ ପିତୃତୁଲ୍ୟ ସମ୍ମାନ ଦେଉଁ ।
ଖ – ମାହାଁ / ଜେଠ୍ – ମାହାଁ ଭାଇତେ ଆନିଙ୍ଗ୍ ବୁଆଃ ସମାନ୍ ମାନେତେନିଙ୍ଗ୍ ।
ଓ – ଜ୍ୟୋସ୍ନା – ଚାନ୍ଦର ଜ୍ୟୋସ୍ନା ଅନ୍ଧକାର ଦୂରକରେ ।
ଖ – କିରନ୍/ତାରାସ୍ – ଲେରାଙ୍ଗ୍ ଆଃ କିରନ୍/ତାରାସ୍ ଆନ୍ଧାରତେ ଡିସାଃ ବାୟ୍‌ତେ ।
ଓ – ଜ୍ୟୋତିର୍ବିଦ୍ – ପଠାଣୀ ସାମନ୍ତ ଜଣେ ବିଖ୍ୟାତ ଜ୍ୟୋତିର୍ବିଦ୍ ଥିଲେ ।
ଖ – ଜୁତିସିଆ – ପଠାଣୀ ସାମନ୍ତ ମୁଇଙ୍ଗ୍ ବିଖ୍ୟାତ୍ ଜୁତିସିଆ ଆକି ।

## (ଝ)

ଓ – ଝଡ – ଗତ ଝଡ ବର୍ଷାରେ ବରଗଛଟି ଉପୁଡି ଗଲା ।
ଖ – କୟଡାଃ – ସାନ୍‌କି କୟ୍‌ଡାଃତେ ତାପ୍‌କାର୍ ଦାରୁଯେଃ ଉଫ୍‌ଡେ ଗଃକି ।
ଓ – ଝଡୁଛି – ଟିକିଏ ପବନ ହେଲେ ପାଚିଲା ଆମ୍ବ ଝଡୁଛି ।
ଖ – ଗୁର୍‌ତାଏଗ୍ – ଇଚିଃ କୟ ହଏକିଲାଃ ବେଲମ୍ କାୟାର୍ ଗୁର୍‌ଗଃତାଏଗ୍ / ଗୁର୍‌ତାଏଗ୍ ।
ଓ – ଝଡି ବର୍ଷା – ଝଡି ବର୍ଷା ଅନେକ ଦିନ ଯାଏ ଲାଗିରହେ ।
ଖ – ଝକେର୍ – ଝକେର୍ ଡାଃ ଖୋବ୍ ଦିନ ଜାକର୍ ରହେତା ।

ଓ – ଝଗଡା – ବେଳେ ବେଳେ ପିଲାଏ ପରସ୍ପର ଝଗଡା ଲାଗନ୍ତି ।

ଖ – କଲେଗ୍ କେନ୍ଦାର୍ – ମେସନ୍ ମେସନ୍ କୁଣ୍ଡଃକି ଆଡ୍‌କିଆଃ ଆଡ୍‌କିଆଃ ଭିଃତାର୍‌ତେ କଲେଗ୍ କେନ୍ଦାର୍ ଲାଃତାକି ।

ଓ – ଝରଣା – ଝରଣାଟିଏ କୁଳୁକୁଳୁ ହୋଇ ବହିଯାଉଛି ।

ଖ – ଝର୍‌ନା – ଝର୍‌ନା ମୁଇଙ୍ଗ୍ ଖୁଲୁର୍ ଖୁଲର୍ ହଏକଲା ଲେଙ୍ଗେଗଃତାଏଗ୍ ।

ଓ – ଝରଝର – ପର୍ବତରେ ବର୍ଷା ଝରଝର ହେଉଛି ।

ଖ – ଝର୍ ଝର୍ – ବିରୁତେ ବର୍ଷା ଝର୍ ଝର୍ ହଏତାଏଗ୍ ।

ଓ – ଝରକା – ରାତିରେ ଝରକା ବନ୍ଦ କରି ରଖ ।

ଖ – ଜୁଲ୍‌କା – ଇଡିବ୍‌ତେ ଜୁଲ୍‌କା ବନ୍ଦବାୟ୍‌କରି ଉନେପେ ।

ଓ ଝଲକ୍ – ଇନ୍ଦ୍ରଧନୁର ଝଲକ୍ ଅତ୍ୟନ୍ତ ମନଲୋଭା ।

ଖ – ପାତାର୍ – ରାମଧନୁ ଆଃ ପାତାର୍ ଖୋବ୍ ଲୁଭ୍ ଲୁଭାନ୍ ଜୟ୍‌ତା ।

ଓ – ଝଲମଲ – ପାଣିରେ ସୂର୍ଯ୍ୟ କିରଣ ଝଲମଲ ହୋଇ ଦିଶୁଛି ।

ଖ – ଝଲ୍ ମଲ୍ – ଡାଃତେ ବେଡଆଃ ତାରାସ୍ ଝଲ୍ ମଲ୍ ଝଲ୍ ମଲ୍ ଜୟ୍‌ତାଏଗ୍ ।

ଓ – ଝାଉଁଳିବା – ପାଣିର ଅଭାବ ହେତୁ ଫୁଲ ଗଛଟି ଝାଉଁଳି ଗଲା ।

ଖ – ଝାଉଁଲାଏନା – ଡାଃଗା ଅଭାବ୍ ହଏକଲା ଫୁଲ ଦାରୁଯେଃ ଝାଉଁଲାଏ ଗଃକି ।

ଓ – ଝାଳ – ଦେହ ଭିତରର ମଇଳା ଝାଳ ଆକାରରେ ବାହାରେ ।

ଖ – ଗହ୍‌ଦେଡାଃ – ନିରି ଭିଃତାର୍ ଆଃ ମଏଲା ଗହ୍‌ଦେଡାଃ ହଏକଲା ମୁଃଗଃତା ।

ଓ – ଝାଡୁ – ଝାଡୁରେ ଅଳିଆ ସଫା କରାଯାଏ ।

ଖ – ଜନଃ – ଜନଃବୁଙ୍ଗ୍ କାଚ୍‌ରାକୁଟା ସଫା ବାଏତେକି ।

ଓ – ଝାମ୍ପି – ଛଞ୍ଚାଣ ଅନ୍ୟ ପକ୍ଷୀଙ୍କୁ ଝାମ୍ପିନିଏ ।

ଖ – ଝାପ୍‌ଟାଏ – ଛା’ଛା’ନ୍ ଅଲ୍‌ଗା ଚୁରେକିତେ /କନ୍‌ଟେଡ୍ କିତେ ଝାପ୍‌ଟାଏ ଡଡ୍‌ଡୁଃତେ ।

ଓ – ଝିଟିପିଟି – ଝିଟିପିଟି କାନ୍ଥରେ ଥାଇ ପୋକ ଖାଏ ।

ଖ – ଘର୍‌ରାଖା – ଘର୍‌ରାଖା କାଁଥିତେ ରହେକରି ତିଜୋନଃତେ ।

ଓ – ଝିମଝିମ – ମୁଣ୍ଡରେ ଆଘାତ ଲାଗିଲେ ଝିମ୍‌ଝିମ୍ ହୁଏ ।

ଖ – ଝିମଝିମ – ବକବ୍‌ତେ ଠଃଖଃଲା ଝିମ୍ ଝିମ୍ ହଏତା ।

ଓ – ଝୁଲିଝୁଲି – ପ୍ରଜାପତି ଫୁଲ ଗୁଡିକରେ ଝୁଲିଝୁଲି ରସପାନ କରେ ।

ଖ – ଝୁଲେ ଝୁଲେ – ପାମ୍‌ପାଲାଡ୍ ଫୁଲକିତାଏ ଝୁଲେ ଝୁଲେ ରସ୍ ଉଡ୍‌ତେ ।

ଓ – ଝୁଲାଇ – ପ୍ରିୟ ଲୋକଙ୍କ ଫଟୋ ଘରେ ଝୁଲାଇ ରଖା ଯାଏ ।

ଖ – ଟାଙ୍ଗାଏ / ଅଖଡ୍– ଅସଲ ଲେବୁକିଆଃ ଫଟୋ ଅଃତେ ଟାଙ୍ଗ୍‌ଏ କରି ଉନ୍‌ନା ହଏତା ।

ଓ – ଝୁଡି – ଶ୍ରମିକମାନେ ଝୁଡିରେ ମାଟି ବୋହି ନିଅନ୍ତି ।

ଖ – ଗେଁଡୁଆ – କାମିହାଁକି ଗେଁଡୁଆଁତେ ଲଃଖା ଗଃ ଡଡ୍‌ତେକି ।

## (ଟ)

ଓ – ଟଙ୍କା – ଟଙ୍କା ପଇସା ଦେଇ ଆମେ ଜିନିଷ କିଣୁ ।
ଖ – ରୁପିଆ – ରୁପିଆ ପଏସା ତେର୍‌କରି ଆନିଙ୍ଗ୍ ଜିନିଷ୍ ସଙ୍ଗ୍‌ତେନିଂ ।
ଓ – ଟଙ୍କିଆ – ଆଜିକାଲି ଏକ ଟଙ୍କିଆ ନୋଟ ଦେଖାଯାଉ ନାହିଁ ।
ଖ – ମୁଇଙ୍ଗ୍ ରୁପିଆ – ଉପାଡି ମୁଇଙ୍ଗ୍ ରୁପିଆ ଲୋଟ୍ ଉମ୍ ଜୟ୍‌ତାଏଗ୍ / ଜୟ୍‌ନା ଉମ୍ କୁଇତାଏଗ୍ ।
ଓ – ଟାଙ୍ଗି – ଅଲଗୁଣାରେ ସାର୍ଟ ଟାଙ୍ଗି ଦେଇଛି ।
ଖ – ଟାଙ୍ଗାଏ – ଆଲ୍‌ନାତେ କୁର୍‌ତା ଟାଙ୍ଗାଏ ଗଅସିଗ୍ ।
ଓ – ଟାଙ୍ଗରା – ଆମ ଅଜାଙ୍କ ମୁଣ୍ଡ ଟାଙ୍ଗରା ହୋଇଛି ।
ଖ – ଠୋର୍‌ଲୋ – ଏଲାଃ ଆଜାଃ ବକବ୍ ଠୋର୍‌ଲୋ ହଏଗଃସିଗ୍ ।
ଓ – ଟିକସ – ଲୋକମାନେ ସରକାରଙ୍କୁ ଟିକସ ଦିଅନ୍ତି ।
ଖ – ଟିକସ୍ – ଲେବୁକି ସାର୍‌କାର୍‌ତେ ଟିକସ୍ ତେର୍‌ତେକି ।
ଓ – ଟିକି – ଟିକି ପିଲାଟି ଗୁରୁଣ୍ଡୁଛି ।
ଖ – କୁଣୁଃ – କୁଣୁଃ ବେଟାଯେଃ ଘେଁସ୍‌ରେ ତାଏଗ୍ ।
ଓ – ଟିକିଲି – ମହିଳା ମାନେ ମୁଣ୍ଡରେ ଟିକିଲି ଲଗାନ୍ତି ।
ଖ – ଟିକ୍‌ଲି – କନ୍‌ସେଲ୍‌ଡୁଃକି ସମଙ୍ଗ୍‌ତେ ଟିକ୍‌ଲି ଲଗାଏତେକି ।
ଓ – ଟ୍ରିଗାର – ଟ୍ରିଗାର ଟାଣିଲେ ବନ୍ଧୁକ ଫୁଟେ ।
ଖ – ଟ୍ରିଗାର/ଘଡ଼ା – (ଟ୍ରିଗାର୍) ଘଡ଼ା ଡିଙ୍ଗଃଲାଃ ବନ୍ଧୁକ୍ ଫୁଃଟେତା ।
ଓ – ଟୋକନ୍ – ଟୋକନ୍ ଦେଇ ଷ୍ଟାଣ୍ଡରେ ସାଇକେଲ ରଖାଯାଏ ।
ଖ – ଟୁକୁନ୍ – ଟୁକୁନ୍ ତେର୍‌କଲା ଇସ୍‌ଟେନ୍‌ତେ ବାଇସ୍‌କଲ୍ ଉନ୍‌ତେକି ।
ଓ – ଟୋକେଇ – କୃଷକ ଟୋକେଇରେ ପରିବା ବୋହି ହାଟକୁ ନିଏ ।
ଖ – ଡାଲା – ଚାସୀ ଡାଲାତେ ସବ୍‌ଜି ଗଃକରି ହାଟ୍ ବୁଙ୍ଗ୍ ଡଟ୍‌ତେ ।
ଓ – ଟୋପି – ଖରାଦିନେ ଟୋପି ପିନ୍ଧି ପଦାକୁ ବାହାରନ୍ତୁ ।
ଖ – ଟୁପି – ଗିଡିଂ ଦିନ ଟୁପି ସୁଇକଲା ବାହ୍‌ରିତିକ୍ ମୁଃନାପେ ।

## (ଠ)

ଓ – ଠାକୁର – ମନ୍ଦିରରେ ଠାକୁର ପୂଜା ପାଆନ୍ତି ।
ଖ – ଭଗମାନ୍ – ମନ୍ଦିରତେ ଭଗମାନ୍ ପୂଜା କୁଇତେ ।
ଓ – ଠାକୁରାଣୀ – ଅନେକ ମନ୍ଦିରରେ ଠାକୁରାଣୀ ପୂଜା ପାଆନ୍ତି ।
ଖ – ଦେବୀ – କିଃତେ ମନ୍ଦିର୍‌ତେ ଦେବୀତେ ପୂଜା ବାୟ୍‌ତେକି / ପୂଜା କୁଇତେ କି ।
ଓ – ଠାବ – ପୋଲିସ ଚୋରକୁ ଠାବ କରିପାରିଲେ ।
ଖ – ପାତା – ପୁଲୁସ୍ ଚୋର୍ ଲେବୁତେ / ସୁରୁମ୍ ଲେବୁତେ ପାତା ବାୟ୍‌ନା ପାଲ୍‌ଗଥଃ ।

ଓ – ଠିକ – ରବି ଯାହା କରିଛନ୍ତି ତାହା ଠିକ୍ ଅଛି ।
ଖ – ଠିକ୍ – ରବି ଆଜେଃବାଏସିକ୍ ହଜେଃ ଠିକ୍ ହାଏ ।
ଓ – ଠିକଣା – ବାପାଙ୍କ ଠିକଣା ଆମ ପାଖରେ ରହିଛି ।
ଖ – ପାତା – ବୁଆ'ଗା ପାତା ଏଲାଃତେ ଆଃଇ ।
ଓ – ଠିକ୍ ଠିକ୍ – ରୋଗ ବିଷୟରେ ଡାକ୍ତରଙ୍କୁ ଠିକ୍ ଠିକ୍ କହ ।
ଖ – ସତ୍ ସତ୍ – କସୁଆଃ ବିଷେତେ ଡାଗ୍‌ଦାର୍‌ତେ ସତ୍ ସତ୍ ଗାମେପେ ।
ଓ – ଠୁଳ – ବିଦେଶୀପକ୍ଷୀ ଶୀତଦିନେ ଚିଲିକାରେ ଠୁଳ ହୁଅନ୍ତି ।
ଖ – କାତିବ୍‌ନା – ଦୁରୁମ୍ ଦେଶ୍‌ଆଃ ଚୁରେକି / କନ୍ତେଡ୍‌କି ରାଙ୍ଗାଦିନ ଚିଲିକାତେ କାତିବ୍‌ତାକି ।
ଓ – ଠେକୁଆ – ଠେକୁଆ ଆଖିମେଲି ଶୋଇଥାଏ ।
ଖ – ପଡ଼ଙ୍ଗାଖେର୍‌ହା – ପଡଙ୍ଗ୍ ଖେରହା ମଡ୍ ଏଁଟ୍‌ରାୟ୍ କରି ଗିତାଃସିଃତା ।
ଓ – ଠେଲାପେଲା – କିରୋସିନ୍ ପାଇଁ ଲୋକେ ଠେଲାପେଲା ହୁଅନ୍ତି ।
ଖ – ଠେଲାପେଲା – ଖିରାସେନ୍ ଜୋଲ୍ ଆଃଥମ୍ ଲେବୁକି ଠେଲାପେଲା ହଏତାକି ।
ଓ – ଠୋଠୋ – ମତେ ଦେଖି ରବି ଠୋ ଠୋ ହସିଲା ।
ଖ – ଖିଲଖିଲାଏ – ଇଙ୍ଗ୍‌ତେ ଜୟକଲା ରିବି ଖିଲଖିଲାଏ/ଠୋଠୋ କରି ଲାଡାୟଃ ।

## (ଡ)

ଓ – ଡଉଳ ଡାଉଳ – ପିଲାଟି ଡଉଳଡାଉଳ ଦେଖା ଯାଉଛି ।
ଖ – ସୁନ୍ଦର୍ /ଚକ୍‌ମକ୍ – ବେଟାଯେଃ ସୁନ୍ଦର୍ ଜୟ୍ ତାଏଗ୍ । / ବେଟାଯେଃ ଚକ୍‌ମକାଏ୍ ଗଅତାଏଗ୍ ।
ଓ – ଡର – ବାଘ ଦେଖିଲେ ମତେ ଡର ଲାଗେ ।
ଖ – ବତଙ୍ଗ୍ – କିଡଃ ଜୟଃଲାଃ ଇଙ୍ଗ୍‌ତେ ବତଙ୍ଗ୍ ଲାଃତା ।
ଓ – ଡରିବା – ଦୁଷ୍ଟ ମାନଙ୍କୁ ଡରିବା ଅନୁଚିତ ।
ଖ – ବତଙ୍ଗ୍‌ନା – ବଦମାସ୍ କିତେ ବତଙ୍ଗ୍‌ନା ମଃଡେଗ୍ ।
ଓ – ଡବା – କ୍ଷୀର ଡବାରେ ରଖି ରପ୍ତାନି କରାଯାଏ ।
ଖ – ଡବା – ତମ୍‌ଲେଙ୍ଗ୍ ଡବାତେ ଉନ୍‌କଲା ଡାଙ୍ଗ୍‌ତେକି / ଅଲତେକି ।
ଓ – ଡଜନ – କଦଳୀ ଡଜନ କୋଡିଏ ଟଙ୍କା ।
ଖ – ଦର୍ଜନ – କଦେଲ୍ ଦର୍ଜନ୍‌ତେ କୁଡେ ରୁପିଆ ।
ଓ – ଡଙ୍ଗା – ଡଙ୍ଗାରେ ନଇ ପାର କରାଯାଏ ।
ଖ – ଡଙ୍ଗା – ଡଙ୍ଗାବୁଙ୍ଗ୍ ଖିରମ୍ ପାବ୍‌ର ତେକି ।
ଓ – ଡାଇସ୍ – ଲୁଡୁ ଖେଳପାଇଁ ଡାଇସ୍ ଆବଶ୍ୟକ ।
ଖ – ଡାଇସ୍ – ଲୁଡୋ ଏବଃନାଃଥମ୍ ଡାଇସ୍ ଦର୍‌କାର୍ ।
ଓ – ଡାକିବା – ମୁଁ ଭାଇକୁ ଡାକିବା ପାଇଁ ଗଲି ।
ଖ – ରେମାଃନା – ଇଙ୍ଗ୍ ଭାଇତେ ରେମାଃନାଃ ଅମ୍ ସାନ୍‌କିଙ୍ଗ୍ ।

ଓ – ଡାକ୍ତର ଖାନା – ଡାକ୍ତରଖାନାରେ ରୋଗୀ ଚିକିତ୍ସା କରାଯାଏ ।
ଖ – ଦାଗ୍‌ଦାର ଖାନା – ଦାଗ୍‌ଦାର୍ ଖାନାତେ ରୁଗୀକିତେ ଯତ୍‌ନାଏ ତେକି ।
ଓ – ଡାକ୍ତର – ଡାକ୍ତର ସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଦିଅନ୍ତି ।
ଖ – ଦାଗ୍‌ଦାର୍ – ଦାଗ୍‌ଦାର୍ ଝାକିତେ ଚିକିସା ବାଏତେ କିଆର୍ ।
ଓ – ଡାହାଣ – ଆମେ ଡାହାଣ ହାତରେ ଲେଖୁଁ ।
ଖ – ଭୁଜେନ୍ – ଆନିଙ୍ଗ୍ ଭୁଜେନ୍ ତିଃତେ ଲେଖାତେନିଙ୍ଗ୍ ।
ଓ – ଡାକବାଲା – ଡାକବାଲା ଆମକୁ ଚିଠି ଦେଇଯାନ୍ତି ।
ଖ – ଡାକୁଆ – ଡାକୁଆ ଆନିଂତେ ଚିଠି ତେର୍‌କରି ସାନ୍‌ତା ।
ଓ – ଡାଳ – ଘୂର୍ଣ୍ଣିବାତ୍ୟାରେ ଗଛର ଡାଳ ଭାଙ୍ଗିଯାଏ ।
ଖ – ଡାଲ୍ – କୟୋ କଏଡାଃତେ ଦାରୁଆଃ ଡାଲ୍ ପିଗ୍‌ଗଃତା ।
ଓ – ଡିଆଁ – ମୀରା ଲମ୍ଫଡିଆଁରେ ପ୍ରଥମ ହେଲା ।
ଖ – ଡେଗେନା – ମୀରା ଲମ୍ଫା ଡେଗେନାତେ ପହେଲା ହଏକି ।
ଓ – ଡିଆଁଡେଇଁ – ମାଙ୍କଡ ମାନେ ଗଛରେ ଡିଆଁଡେଇଁ କରନ୍ତି ।
ଖ – ଡେଗାନଚା – ବାନ୍ଦ୍ରାକି ଦାରୁତେ ଡେଗାନଚା ବାୟ୍‌ତେ କି ।
ଓ – ଡୁବି ତାବଲା – ରମା ଡୁବିତାବଲା ବଜାଇ ଜାଣେ ।
ଖ – ଡୁବି ତାବଲ୍ – ରମା ଡୁବିତାବଲ୍ ବାଜାଏ୍‌ନା ସଏଗ୍‌ତେ ।
ଓ – ଡେରି – ଘରେ ପହଞ୍ଚିବା ମୋର ଡେରି ହେଲା ।
ଖ – ଡେରି – ଅଃତେ ଡାମ୍‌ନାଃଥମ୍ ଇଙ୍ଗ୍ାଃ ଡେରି ହଏ୍‌ଗଃକି ।
ଓ – ଡେଙ୍ଗା – ଆମ ଗାଁରେ ଡେଙ୍ଗା ଖଜୁରୀ ଗଛ ଗୁଡିକ ରହିଛି ।
ଖ – ଝାଲଙ୍ଗ୍ – ଏଲାଃ କେଲ୍‌କେତେ ଝାଲଙ୍ଗ୍ ଖେଜୁର୍ ଦାରୁ କି ଆଃଇ ।
ଓ – ଡେଙ୍ଗୁରା – ଡେଙ୍ଗୁରା ବଜାଇ ସରକାରୀ ସୂଚନା ଦିଆଯାଏ ।
ଖ – ଡିବ୍‌ଡିବି – ଡିବ୍‌ଡିବି ଗିଲ୍ କଲା ସରକାରୀ ଖଭେର୍ ତେର୍‌ତେକି ।
ଓ – ଡେଣା – ପକ୍ଷୀର ଦୁଇଟି ଡେଣା ଥାଏ ।
ଖ – ଡେନା – କନ୍ତେଡ୍ ଆଃ ଦୁଇଟା ଡେନା ଆତା ।
ଓ – ଡୋରି – କାଠ ବନ୍ଧା ଯାଇଥିବା ଡୋରି ଛିଣ୍ଡିଗଲା ।
ଖ – କେକେଃ – ସଙ୍ଗଲ୍ ତଲ୍‌ସିଥଃ କି କେକେଃ ତିଗ୍‌ଗଃକି । /ସଙ୍ଗଲ ତଲ୍‌ତଲ୍ କେକେଃ ତିଗ୍‌ଗଃକି ।

## (ଢ଼)

ଓ – ଢ଼ିପ – ଆମ ଘର ଏକ ଢ଼ିପ ଉପରେ ରହିଛି ।
ଖ – ଢ଼ିପା – ଏଲାଃ ଅଃ ମୁଇଙ୍ଗ୍ ଢ଼ିପାତହ୍‌ଲୁଙ୍ଗତେ ଆଃଇ ।
ଓ – ଢ଼ୋଲ – ଆଦିବାସୀ ମାନେ ଢ଼ୋଲ ବଜାଇ ନାଚନ୍ତି ।
ଖ – ଢ଼ୋଲ୍ / ମାନ୍ଦ୍‌ଡ଼ି – ଆଦିବାସୀ କି ଢ଼ୋଲ / ମାନ୍ଦ୍‌ଡ଼ି ବାଜାଏ୍ କରି କୁଇଗ୍ ତାକି ।

ଓ – ଢ଼ଙ୍ଗ - ପ୍ରତ୍ୟେକ ନିଜ ନିଜ ଢ଼ଙ୍ଗରେ ଚଳନ୍ତି ।
ଖ – ଢ଼ଙ୍ଗ୍ / ହିସାବ୍ - ଝାକିଗା ଆପନ୍ ଆପନ୍ ଢ଼ଙ୍ଗ୍‌ତେ / ହିସାବ୍ ତେ ଚଲେତାକି ।
ଓ – ଢ଼ୋଲକି - ଢ଼ୋଲ୍‌କି ବଜାଇ ଗୀତ ଗାଅ ।
ଖ – ମାନ୍ଦ୍‌ଡ଼ି - ମାନ୍ଦ୍‌ଡ଼ି ବାଜାୟ୍ କରି ଆଲଙ୍ଗ୍ ଆଲଙ୍ଗ୍ ନାପେ ।

## (ତ)

ଓ – ତରାଟି - ସେ ମୋତେ ଆଖି ତରାଟି ଚାହିଁଲା ।
ଖ – ଆଡ୍‌ହେ ନଜର - ଆଡି ଇଙ୍ଗ୍‌ତେ ଆଡ୍‌ହେନଜର୍‌ତେ ଜୟଃ ।
ଓ – ତଟକା - ତଟକା ଫଳ ଖାଅ ।
ଖ – ରକା - ରକା ଲକୁ ନଃଗେପେ ।
ଓ – ତଳ - ଥାଳିର ତଳ ଅଂଶ ଚିକ୍‌କଣ ଅଟେ ।
ଖ – ତୁତା - ଥାଳିଆଃ ତୁତା ଭାଗ୍ ଚିକନ୍ ଯେଃ ହାଏ ।
ଓ – ତଳେ - ପିଲାଟି ଖେଳୁ ଖେଳୁ ତଳେ ପଡିଗଲା ।
ଖ – ତୁତାତେ - ବେଟାୟେଃ ଏବଃନାଏବଃନା ତୁତାତେ ଗୁର୍‌ଗଡ୍‌କି ।
ଓ – ତଳୁ - ମାଟି ତଳୁ କୋଇଲା ବାହାରେ ।
ଖ – ତୁତାତାୟ୍ - ଧରତୀ ତୁତାତାୟ୍ କୁଇଲା ମୁଃତା । / ଲଃଖା ତୁତାତାୟ୍ କୁଇଲା ମୁଃତା ।
ଓ – ତଡା - ପିଲାଟି ତଡାଖାଇ ପଡିଗଲା ।
ଖ – ତଡ୍‌ନା - କୁଣ୍ଡୁଃୟେ ତଡ୍‌ଡମ୍ କରି ଗୁର୍‌ଗଃକି ।
ଓ – ତମତମ - ସେ ରାଗରେ ତମତମ ହୋଇ ଚାଲିଗଲା ।
ଖ – ତମ୍‌ତମାୟ୍ - ଆଡି ଖିସ୍‌ବୁଙ୍ଗ୍ ତମ୍‌ତମାୟ୍ କରି ଜାରଃ ।
ଓ – ତରତର - ବାପା ତରତର ହୋଇ ଅଫିସ ଗଲେ ।
ଖ – ତର୍‌ତରାଏ - ବୁଆ ତର୍‌ତରାଏ / ହାଦାପାଦା କରି ଅଫିସ୍ ସାନ୍‌କି ।
ଓ – ତରଳ - ତରଳ ପଦାର୍ଥକୁ ଲିଟରରେ ମପାଯାଏ ।
ଖ – ଡାଃଗୁଡ୍ - ଡାଃ ଗୁଡ୍ ଜିନିଷ୍ ତେ ଲିଟର୍ ତେ ଏଡ୍ ତେ କି ।
ଓ – ତରୁ - ଜଙ୍ଗଲରେ ବିଭିନ୍ନ ତରୁଲତା ଦେଖାଯାଏ ।
ଖ – ଦାରୁ - ଆଡାୟ୍‌ତେ ରକମ୍ ରକମ୍ ଆଃ ଦାରୁଲାତା ଜୟତା ।
ଓ – ତଣ୍ଟି - ତାଙ୍କ ତଣ୍ଟିରେ ଥରେ ମାଛ କଣ୍ଟା ଲାଗିଥିଲା ।
ଖ – ଠଃଠର୍ - ଆଡିଆଃ ଠଃଠର୍ ତେ ମେସନ୍ କାଣଙ୍ଗ୍ ଜୁରାଃ ଲାଃ ସିଥଃ ।
ଓ – ତତ୍ତ୍ୱାବଧାନ - ପିତା ମାତା ପିଲାର ତତ୍ତ୍ୱାବଧାନ ନିଅନ୍ତି ।
ଖ – ଦେଖାଲେଖା - ବୁଆ ମାଁ କୁଣ୍ଡୁଃକିଆଃ ଦେଖାଲେଖା ଡଟ୍‌ତେକି ।
ଓ – ତନ୍ତ - ତନ୍ତରେ ଲୁଗା ବୁଣାଯାଏ ।
ଖ – ଖାଟ୍‌ଖାଟା - ଖାଟ୍‌ଖାଟା ବୁଙ୍ଗ୍ ଛିଡା ଗଲ୍‌ଡମ୍ ତା ।

| | | |
|---|---|---|
| ଓ – ତାଳ | – | ତାଳରୁ ଗୁଡ ତିଆରି ହୁଏ । |
| ଖ – ତାଲ୍ | – | ତାଲ୍ ତାଏ ଗୁଡୋ ତିଆର୍ ହଏତା । |
| ଓ – ତାଳଗଛ | – | ତାଳ ଗଛ ଖୁବ୍ ଡେଙ୍ଗା । |
| ଖ – ତାଲ ଦାରୁ | – | ତାଲ ଦାରୁ ଖୋବ୍ ଝାଲଙ୍ଗ୍ । |
| ଓ – ତାଲିକା | – | ଭୋଟର ମାନଙ୍କ ତାଲିକା ପ୍ରକାଶ ପାଇଲା । |
| ଖ – ଲିସ୍ | – | ଭୋଟ୍ ତେର୍‌ତେର୍ ଲେବୁକିଆଃ ଲିସ୍ ମୁଃସିଗ୍ / ମୁଃକି। |
| ଓ – ତାଲା | – | ମାଁ ଘରେ ତାଲା ଦେଇ କାମକୁ ଯାଆନ୍ତି । |
| ଖ – ତାଲା | – | ମାଁ ଅଃତେ ତାଲା ତେର୍ କରି କାମୁ ବୁଙ୍ଗ୍ ସାନ୍‌ତା । |
| ଓ – ତାଟକା | – | ପିଲାଟି ହାତୀ ଦେଖି ତାଟକା ହୋଇଗଲା । |
| ଖ – କାଲୁଆଏନା | – | ବେଟାଯେଃ ହାଥୀ ଜୟ୍‌କଲା କାଲୁଆଏ୍ ଗଃକି । |
| ଓ – ତାରକା | – | ରାତିରେ ତାରକା ଗୁଡିକ ସୁନ୍ଦର ଦିଶନ୍ତି । |
| ଖ – ସିଙ୍ଗ୍‌କମ୍ | – | ଇଡିବ୍ ତେ ସିଙ୍ଗ୍‌କମ୍ କି ସୁନ୍ଦର୍ ଜୟ୍‌ତାକି । |
| ଓ – ତିନୋଟି | – | ନଡିଆରେ ତିନୋଟି ଆଖିଥାଏ । |
| ଖ – ତିନ୍‌ଟା | – | ନଡିଆତେ ତିନ୍‌ଟା ମଡ୍ ଆତା । |
| ଓ – ତ୍ରିଭୂଜ | – | ତ୍ରିଭୁଜରେ ତିନୋଟି କୋଣ ଥାଏ । |
| ଖ – ତିର୍‌ଭୂଜ | – | ତିର୍‌ଭୁଜତେ ତିନ୍‌ଟା କନା ଆତା । |
| ଓ – ତିଳେ | – | ବାର୍ଷିକ ପରୀକ୍ଷାକୁ ମୁଁ ତିଳେ ମାତ୍ର ଭୟ କରେ ନାହିଁ । |
| ଖ – ଇଚିଃଜ | – | ବାର୍‌ଷିକ୍ ପର୍‌ଖିଆତେ ଇଙ୍ଗ୍ ଇଚିଃଜ ଉମ୍ ବତଙ୍ଗ୍ ତାଏଙ୍ଗ୍ । |
| ଓ – ତିରଙ୍ଗା | – | ତିରଙ୍ଗା ଆମର ଜାତୀୟ ପତାକା ଅଟେ । |
| ଖ – ତିରଙ୍ଗା | – | ତିରଙ୍ଗା ଆନିଆଃ ଜାତୀୟ ପାତ୍‌କା ଆଏ/ହାଏ । |
| ଓ – ତୀର | – | ଆଦିବାସୀ ମାନେ ତୀର ମାରି ଶିକାର କରନ୍ତି । |
| ଖ – କମ୍ | – | ଆଦିବାସୀ କି କମ୍ ତାର୍ କରି କୁମାଙ୍ଗ୍ ବାୟ୍‌ତେକି । |
| ଓ – ତୁରନ୍ତ | – | ଜ୍ୱର ହେଲେ ତୁରନ୍ତ ଔଷଧ ଖାଅ । |
| ଖ – ସାଙ୍ଗେସାଙ୍ଗ୍ | – | କୁଲ୍‌ଡାଃ ହଏ୍‌କିଲାଃ ସାଙ୍ଗେସାଙ୍ଗ୍ କାନ୍‌ଲା ନଗେପେ । |
| ଓ – ତୁଷ୍ଟ | – | ସୈନିକର ଧୈର୍ଯ୍ୟ ଦେଖି ରାଜା ତୁଷ୍ଟ ହେଲେ । |
| ଖ – ଲେରେଃ | – | ସଇନିଆଃ ଡିଡ୍‌ଜୟ୍‌କଲା ରାଜା ଲେରୈଃ ଗଃକି । |
| ଓ – ତୃତୀୟ | – | ରାଗିଣୀ ପରିବାରର ତୃତୀୟ କନ୍ୟା ଅଟେ । |
| ଖ – ତିନ୍ ନମ୍ବର୍ | – | ରାଗିନୀ ଅଗାଃ ତିନ୍‌ନମ୍ବର୍ ବେଟୀ ହାଏ । |
| ଓ – ତୁଛା | – | ସେ ତୁଛାରେ ମୋତେ ସନ୍ଦେହ କରୁଛି । |
| ଖ – ବେକାର୍ | – | ଆଡି ବେକାର୍ ତେ ଇଙ୍ଗତେ ସକ୍ ବାଏତାଏଗ୍ । |

ଓ – ତୂରୀ - ଯୁଦ୍ଧ ପାଇଁ ତୁରୀ ବଜାଉଥିଲେ ।
ଖ – ତୂରୀ / ବିଗୁଲ୍ - ଯୁଧ ହଏନାଃଥମ୍ ତୂରୀ ବାଜାଏ୍ ଖାନ୍‌ତେକି ।
/ ଯୁଦ୍ଧ ହଏନାଃଥମ୍ ବିଗୁଲ୍ ତେର୍ ଖାନ୍‌ତେକି ।
ଓ – ତେଲ - ଜଡା ମଞ୍ଜିରୁ ତେଲ ବାହାରେ ।
ଖ – ଜୋଲ୍ - ଜାଡା ବିଜମ୍ ତାୟ୍ ଜୋଲ୍ ମୁଃତା ।
ଓ – ତେଣ୍ଡା - ତେଣ୍ଡାରେ ପାଣିଉଠାଇ ଜଳ ସେଚନ କରାଯାଏ ।
ଖ – ଟେଣା - ଟେଣାତେ ଡାଃଡିଙ୍ଗ୍ କରି ଡୁହୁରୀତେ ପାଟାୟ୍‌ତେକି ।
ଓ – ତେନ୍ତୁଳି - ତେନ୍ତୁଳି ଖଟା ଲାଗେ ।
ଖ – ତେଁନ୍ତନ୍ - ତେଁନ୍ତନ୍ ରଜଡ୍ ଲାଃତା ।
ଓ – ତୋଟା - ଆମ ଗାଁ ପାଖରେ ଏକ ଆମ୍ବ ତୋଟା ଅଛି ।
ଖ – ବରୈ - ଏଲାଃ କେଲ୍‌କେ ଏକର୍ ତେ ମୁଇଙ୍ଗ୍ କାୟାର୍ ବରେ ଆଃଇ ।
ଓ – ତୋତେ - ମୁଁ ତୋତେ ସାହାଯ୍ୟ କରିବି ।
ଖ – ଆମ୍‌ତେ - ଇଙ୍ଗ୍ ଆମ୍‌ତେ ସାହେତା ତେରିଙ୍ଗ୍ /ବାୟିଙ୍ଗ୍ ।
ଓ – ତୋଳିବା - ରୀନା ଓ ଲୀନା ଶାଗ ତୋଳିବା ପାଇଁ ଗଲେ ।
ଖ – କାମ୍‌ନା - ରୀନା ର ଲୀନା ଶାଃ କାମ୍‌ନାଃଥମ୍ ସାନ୍‌କି କିଆର୍ ।
ଓ – ତୋରାଣୀ - ଗାଇକୁ କୁଣ୍ଡା ତୋରାଣି ଦିଅ ।
ଖ – ବାସିଡାଃ - ଗାଏ୍‌ତେ କୁଣାଁ ର ବାସିଡାଃ ତେରେପେ।

## (ଥ)

ଓ – ଥର - ମୁଁ ଦିନକୁ ଦୁଇଥର ଭାତ ଖାଏଁ ।
ଖ – ଥର୍ - ଇଙ୍ଗ୍ ମୁସ୍‌ନିଙ୍ଗ୍‌ତେ ଦୁଇଥର୍ ପେଗ୍ ନଅତିଙ୍ଗ୍ ।
ଓ – ଥରକେ - କୁକୁଡା ଥରକେ ଗୋଟିଏ ଅଣ୍ଡା ଦିଏ ।
ଖ – ମେସନ୍ ତେ - ସିଙ୍କ୍‌କୋଏ ମେସନ୍ ତେ ମୁଇଙ୍ଗ୍ ଆଣା ତେର୍‌ତେ ।
ଓ – ଥର ଥର - ରୋଗୀ ଥରଥର ହୋଇ ବସିଛି ।
ଖ – ଥର୍‌ଥରାଏନା - ବେମାରୀ ଥର୍‌ଥରାଏ କଲା ଡକସିଗ୍ ।
ଓ – ଥରିବା - ଥରିବା ମ୍ୟାଲେରିଆ ରୋଗର ଲକ୍ଷଣ ।
ଖ – ଥର୍‌ଥରାଏ - ଥର୍‌ଥରାଏନା ମେଲେରିଆ କସୁଆଃ ଲକ୍ଷଣ ହାଏ ।
ଓ – ଥଟା ମଜା - ଥଟା ମଜାରେ କ୍ଷଣିକ ଆନନ୍ଦ ମିଳେ ।
ଖ – ହସି ଖିଆଲ - ହସିମଜାତେ ଇଚିଃଡୁଙ୍ଗାଃ ଲେରୈଃକୁଇତା ।
ଓ – ଥଣ୍ଟ - ଶୁଆର ଥଣ୍ଟ ବଙ୍କା ଥାଏ ।
ଖ – ଠୋର୍ - ରୂପ'ଆଃ / ମିଟୁ'ଆଃ ଠୋର୍ ଟେଢ଼ା ଆତା ।

ଓ – ଥଣ୍ଡା – ଖରାଦିନେ ଥଣ୍ଡା ପାଣି ପିଇବାକୁ ଭଲ ଲାଗେ ।

ଖ – ଠଣ୍ହା – ଗିଡିଙ୍ଗ୍ ଦିନ ଠଣ୍ହା ଡାଃ ଉଡ୍ନାଃଥମ୍ ଭଲ୍ ଲାଃତା ।

ଓ – ଥାନ – ଏହି ଥାନରେ ମୋର ଭାଇ ସହିଦ ହୋଇଗଲେ ।

ଖ – ଜାଗା/ଠାଣ – ଉ ଜାଗାତେ / ଠାଣତେ ଇଙ୍ଗ୍ଆଃ ଭାଇଗିଙ୍ଗ୍ ଦେଶ୍ ଆଃଥମ୍ ଜୀବନ ତେର୍‌ଗଥଃ/ ସହିଦ୍ ହଏ ଗଃକି ।

ଓ – ଥାନା – ଅନ୍ୟାୟ ଦୂର କରିବା ପାଇଁ ଥାନା ରହିଛି ।

ଖ – ଥାନା – ଅନ୍ୟାୟ୍ ଡିସାଃ ବାୟ୍ନାଃଥମ୍ ଥାନା ଆଃଇ ।

ଓ – ଥାଳି – ମୁଁ ମୋ ଖାଇବା ଥାଳି ସଫାକରେଁ ।

ଖ – ଥାଳି – ଇଙ୍ଗ୍ ଇଙ୍ଗ୍ଆଃ ନଃନା ଥାଳି ସଫା ବାଏତିଙ୍ଗ୍ ।

ଓ – ଥୋଇ – ଟେବୁଲ ଉପରେ ମୁଁ ଘଣ୍ଟାଟି ଥୋଇଲି ।

ଖ – ଉନ୍‌ନା – ଟେବୁଲ ତଭ୍‌ଲୁଙ୍ଗ୍‌ତେ ଇଙ୍ଗ୍ ଘଡିତେ ଉନେଗ୍ ।

## (ଦ)

ଓ – ଦୟା – ଅସହାୟ ଲୋକଙ୍କୁ ଦୟା କର ।

ଖ – ଲେବୁୟ୍‌ନା – ବେରାଃ ବେର୍‌ଜ ଉମ୍ ଆନା ଲେବୁତେ ଲେବୁୟ୍‌ନାପେ । / ବେରାଃ ବେରଜ୍ ଉମ୍ ଆନା ଲେବୁତେ ଦୟା ବାୟେପେ ।

ଓ – ଦରବ – ଆମ ରାଜ୍ୟ ଧନ ଦରବରେ ପରିପୂର୍ଣ୍ଣ ।

ଖ – ଦରବ୍ – ଆନିଆଃ ରାଏଜ୍ ଧନ୍ ଦରବ୍‌ତେ ପୂରେସିଗ୍ / ଭରେସିଗ୍ ।

ଓ – ଦରିଆ – ଲୋକେ ଜାହାଜରେ ଦରିଆ ପାରି ହୁଅନ୍ତି ।

ଖ – ସମ୍‌ଦୁର୍ – ଲେବୁକି ଜାହାଜ୍‌ତେ ସମ୍‌ଦୁର୍ ପାର୍ ହଏତାକି ।

ଓ – ଦୌଲତ – ରାଜାଙ୍କର ଅନେକ ଦୌଲତ ଥାଏ ।

ଖ – ଦରବ୍ – ରାଜାଃ ଖୋବ୍ ଧନ୍ ଦରବ୍ ଆତା ।

ଓ – ଦଣ୍ଡ – ବିଦ୍ୟାଳୟ ଏକ ଦଣ୍ଡମୁକ୍ତ ଅଞ୍ଚଳ ଅଟେ ।

ଖ – ଡଣ୍ – ଇସ୍‌କୁଲ୍ ମୁଇଙ୍ଗ୍ ଡଣ୍ ସୁଇନ୍ ଠାଣ୍ ହାଏ ।

ଓ – ଦଧିନଉତି – ମନ୍ଦିର ଚୂଡାରେ ଦଧିନଉତି ବସାଯାଏ ।

ଖ – କଳସ – ମନ୍ଦିର୍ ଆଃ ଟିପିତେ କଳସ୍ ଥାପ୍‌ନା ବାୟ୍‌ତେକି ।

ଓ – ଦମନ – ବ୍ରିଟିଶ୍ ଶାସକ ଭାରତୀୟଙ୍କୁ ଦମନ କରି ରଖିଥିଲେ ।

ଖ – ଦବାଏ – ଇଂରେଜ ଶାସନ୍ ଭେରେ ଇଂରେଜ୍ କି ଭାରତ୍ ଆଃ ଲେବୁକିତେ ଦବାଏ୍ କରିଉନ୍‌ସିଥଃକି।

ଓ – ଦଳ – ହାତୀ ଦଳ ଗାଁରେ ପଶୁଛନ୍ତି ।

ଖ – ଦଲ୍ – ହାଁଥୀ ଦଲ କେଲ୍‌କେତେ ଡିଆର୍ ତାଏଗ୍‌କି ।

ଓ – ଦରକାରୀ – ଦାଆ ଏକ ଦରକାରୀ ବସ୍ତୁ ।

ଖ – ଦର୍‌କାରୀ – ଗାନାଡ୍ ମୁଇଙ୍ଗ୍ ଦର୍‌କାରୀ ଜିନିଷ୍ ହାଏ ।

ଓ – ଦଳେ – ଦଳେ ଲୋକ ଭୋଟ ପ୍ରଚାର କରୁଛନ୍ତି ।
ଖ – ମୁଇଙ୍ଗ୍ ଦଲ୍ – ମୁଇଙ୍ଗ୍ ଦଲ ଲେବୁକି ଭୋଟ୍ ପର୍‌ଚାର୍ ବାଏ୍ତାଏଗ୍‌କି ।
ଓ – ଦଉଡ – ଦଉଡ ଖେଳରେ ରିମି ପ୍ରଥମ ସ୍ଥାନ ପାଇଲା ।
ଖ – ବତ୍‌କେନାତେ – ବତକେନାତେ ରିମି ପହେଲା ହଏକି ।
ଓ – ଦଉଡି ଦଉଡି – ମୁଁ ଦଉଡି ଦଉଡି ଆମ୍ବ ଗୋଟାଇଲି ।
ଖ – ବତ୍‌କେ ବତ୍‌କେ– ଇଙ୍ଗ୍ ବତ୍‌କେ ବତ୍‌କେ କାୟାର୍ ରାମେଗ୍ ।
ଓ – ଦଖଲ – ଏହି ଜମି ଆମ ଦଖଲରେ ରହିଛି ।
ଖ – ଦଖଲ୍ – ଉ ଜମିନ୍ ଏଲାଃ ଦଖଲ୍‌ତେ ଆଃଇ ।
ଓ – ଦଣ୍ଡ ବିଧାନ – ଦୋଷୀକୁ ଦଣ୍ଡ ବିଧାନ କରାଗଲା ।
ଖ – ଡଣ୍ ତେର୍‌ନାବେବସ୍ଥା– ଦୁଷୀତେ ଡଣ୍ ତେର୍‌ନାବେବସ୍ଥା ବାୟଃକି ।
ଓ – ଦର୍ଶନୀୟ – ଚିଲିକା ଏକ ଦର୍ଶନୀୟ ସ୍ଥାନ ଅଟେ ।
ଖ – ଜୟ୍‌ନା – ଚିଲିକା ମୁଇଙ୍ଗ୍ ଜୟନାଃ ଠାଣ ହାଏ
ଓ – ଦର୍ପଣ – ମୁଁ ନିତି ଦର୍ପଣ ଦେଖି ମୁଣ୍ଡ କୁଣ୍ଡାଏଁ ।
ଖ – ଦର୍‌ପନ୍ – ଇଙ୍ଗ୍ ଝାକିଦିନ ଦରପନ୍ ଜୟକଲା ବକପ୍ କାଡ୍‌ତିଙ୍ଗ୍ ।
ଓ – ଦଳ – ଗାଁ ପୋଖରୀ ଦଳରେ ପରିପୂର୍ଣ୍ଣ ହୋଇଛି ।
ଖ – ଜାଁଆଲା – ପାଡାଃ ମୁଣାୟେଃ ଜାଁଆଲାତେ ଭରେଗଃସିକ୍ ।
ଓ – ଦକ୍ଷିଣ – ଦକ୍ଷିଣ ଦିଗରୁ ମଳୟ ପବନ ବହେ ।
ଖ – ଦକ୍ଷିନ୍ – ଦକ୍ଷିନ୍ ଡିଗ୍‌ତାୟ୍ ଠଣ୍ହା କୟ ତାର୍‌ତେ ।
ଓ – ଦରକାର – ବରିଷ୍ଠ ନାଗରିକଙ୍କୁ ଭତ୍ତା ଦରକାର ।
ଖ – ଦର୍‌କାର୍ – ବୁଢ଼ା / ବୁଢ଼ୀ କିତେ ଭତ୍ତା ଦର୍‌କାର୍ ।
ଓ – ଦମ୍ଭିକା – ମୋ ସାଙ୍ଗର ଦମ୍ଭିକା ମନ ଅଛି ।
ଖ – ଦମ୍‌ବାଜୀ – ଇଙ୍ଗ୍‌ଆଃ ସରିଗିଙ୍ଗାଃ ଦମ୍‌ବାଜୀ ମନ୍ ଆଃଇ ।
ଓ – ଦରଜୀ – ମୋ ଭାଇ ଜଣେ ଦରଜୀ ଅଟନ୍ତି ।
ଖ – ଦର୍‌ଜୀ – ଇଙ୍ଗ୍‌ଆଃ ଭାଇ ଗିଙ୍ଗ୍ ମୁଇଙ୍ଗ୍ ଦର୍‌ଜୀ ହାଏ/ଆଏ ।
ଓ – ଦସ୍ତା – ଦସ୍ତା ଏକ ପ୍ରୟୋଜନୀୟ ବସ୍ତୁ ଅଟେ ।
ଖ – ହେମଦସ୍ତା – ହେମଦସ୍ତା ମୁଇଙ୍ଗ୍ ଦର୍‌କାରୀ ଜିନିଷ୍ ହାଏ ।
ଓ – ଦପ୍ତର – ମୁଁ ଜିଲ୍ଲାପାଳଙ୍କ ଦପ୍ତରରେ ଗୁହାରି କଲି ।
ଖ – ଅଫିସ୍ – ଇଙ୍ଗ୍ କଲେକ୍‌ଟର୍ ଅଫିସ୍ ତେ ଅରଜିଏକ୍ / ବାଏଗ୍।
ଓ – ଦଶ – ମାମୁ ମତେ ଦଶଟଙ୍କା ଦେଲେ ।
ଖ – ଦଶ୍ – ମାମୁଗିଙ୍ଗ୍ ଇଙ୍ଗ୍‌ତେ ଦଶ୍ ରୁପିଆ ତେରଃ କି ।

ଓ – ଦଶମ – ରୀତା ଦଶମ ଶ୍ରେଣୀରେ ପଢେ ।

ଖ – ଦଶ୍‌କିଲାସ୍ – ରୀତା ଦଶ୍‌କିଲାସ୍ ତେ ପଢେତା ।

ଓ – ଦର୍ଶନ – ମୋ ଜେଜେଙ୍କର ଟିକିଏ ଦର୍ଶନ ତ୍ରୁଟି ରହିଛି ।

ଖ – ଜୟନା – ଇଙ୍ଗାଃ ଆଜା ଗିଙ୍ଗାଃ ଇଟିଃ ଜୟନା ଦୋଷ୍ ରହେସିଗ୍ ।

ଓ – ଦଉଡିବା – ଦଉଡିବା ଏକ ଭଲ ବ୍ୟାୟାମ ଅଟେ ।

ଖ – ବତ୍‌କେନା – ବତ୍‌କେନା ମୁଇଙ୍ଗ୍ ଭଲ୍ ବିୟାମ୍ ଆଏ / ହାଏ ।

ଓ – ଦାଆ – ଦାଆରେ ଧାନ କଟାଯାଏ ।

ଖ – ଗାନାଡ୍ – ଗାନାଡ୍ ବୁଙ୍ଗ୍ ବାଃ ସାଏ୍‌ତେକି ।

ଓ – ଦାନ୍ତ – ପ୍ରତିଦିନ ସକାଳେ ଦାନ୍ତ ଘସିବା ଭଲ ।

ଖ – ଗନେ – ଝାକିଦିନ ମିଆଁଃତେ ଗନେ ସଫା ବାୟ୍‌ନା ଭଲ୍ ହାଏ ।

ଓ – ଦାଣ୍ଡ – ଆମ ଗାଁ ଦାଣ୍ଡ ଖୁବ୍ ଓସାରିଆ ଅଟେ ।

ଖ – ଖଡି – ଏଲାଃ ପାଡାଃ ଖଡି ଖୋବ୍ ଉସାର୍ ଆଃଇ ।

ଓ – ଦାନା – କୁକୁଡାକୁ ଯଥେଷ୍ଟ ଦାନା ଦେଇ ପାଳନ କର ।

ଖ – ଦାନା – ସିଙ୍କୋଏ୍ ତେ ଯୋର୍‌ସେ ଦାନାତେର୍ କରି ବୁୟେପେ ।

ଓ – ଦାର୍ଶନିକ୍ – ଦାର୍ଶନିକମାନେ ଜୀବନର ପଥ ଦେଖାନ୍ତି ।

ଖ – ଆଘ୍‌ଲିଆଃ କାୟମ୍‌ତେ ଗାମ୍‌ପାଲ୍‌ନା ଲେବୁ – ଦୁନିଆଁତେ ଗଃ ଝୁଙ୍ଗ୍ ଅବ୍‌ଜଏନା ଲେବୁ ଦାର୍ଶନିକ୍ କି ହାଏମେନ୍ ।

ଓ – ଦାଉ – ପରିବେଶ ମନୁଷ୍ୟ ଉପରେ ଦାଉ ସାଧୁଛି ।

ଖ – କଷ୍ଟ ତେର୍‌ନା – ପରିବେଶ୍ ଲେବୁଆଃ ତବଲୁଙ୍ଗ୍ ତେ କଷଟ୍ ତେର୍‌ତାଏଗ୍ ।

ଓ – ଦାୟୀତ୍ୱ – ବାପାଙ୍କ ପରେ ଘରର ଦାୟିତ୍ୱ ମୋ ଉପରେ ପଡିଛି ।

ଖ – ବଝା – ବୁଆ ଗିଙ୍ଗାଃ ତାୟ୍ ଅଗାଃ ଭାର୍‌ବଝା ଇଙ୍ଗ୍‌ଆଃ ତଭ୍‌ଲୁଙ୍ଗ୍‌ତେ ଗୁର୍‌ସିଗ୍ ।

ଓ – ଦିଆସିଲି – ନରମ କାଠରେ ଦିଆସିଲି ଖୋଳ ତିଆରି ହୁଏ ।

ଖ – ମାଚିସ୍/ଦିଆସିଲି – କଏଁଲି ସଙ୍ଗ୍‌ଲ ତାୟ୍ ମାଚିସ୍ / ଦିଆସିଲି ଖୋଲ୍ ତିଆର୍ ହଏତା ।

ଓ – ଦିପହର – ଦିପହର ବେଳେ ମଧ୍ୟାହ୍ନ ଭୋଜନ ଦିଆଯାଏ ।

ଖ – ଦୁଇ ପହର୍ – ଦୁଇ୍ ପହର୍ ଭେରେ / ବାର୍‌ବଜିଆ ନଃନା ତେର୍‌ଡମତା ।

ଓ – ଦିଗଦର୍ଶନ – ଗୁରୁଜନମାନେ ଆମକୁ ଦିଗ୍‌ଦର୍ଶନ ଦିଅନ୍ତି ।

ଖ – ଗଃ ଝୁଙ୍ଗ୍ ଅବ୍‌ଜୟ୍‌ନା– ମାହା ଲେବୁକି ଆନିଙ୍ଗ୍‌ତେ ଗଃ ଝୁଙ୍ଗ୍ ଅବ୍‌ଜୟ୍‌ତେକି ।

ଓ – ଦିବସ – ଦିବସରେ ଲୋକେ କାମ କରନ୍ତି ।

ଖ – ଦିନ୍‌ବେଳା – ଦିନ୍‌ବେଳା ଲେବୁକି କାମୁତାକ୍ ।

ଓ – ଦ୍ୱିତୀୟ – ଏହା ରବିର ଦ୍ୱିତୀୟ ଚେଷ୍ଟା ଥିଲା ।

ଖ – ଦୁଇ ନମ୍ବର୍ – ଉଜେଃ ରବି ଆଃ ଦୁଇନମ୍ବର୍ ଚେରେଷ୍ଟା ଆକି ।

ଓ – ଦୀପ – ଗରିବ ଲୋକେ ରାତିରେ ଦୀପ ଜାଳନ୍ତି ।
ଖ – ଦିଆ – ଗରିବ୍ ଲେବୁକି ଇଡିବ୍ତେ ଦିଆ ଗୁଇଗ୍ତେକି ।
ଓ – ଦ୍ୱୀପ – ହ୍ୱିଲର ଦ୍ୱୀପରୁ ରକେଟ ପ୍ରେରଣ କରାଯାଏ ।
ଖ – ଟାପୁ – ହ୍ୱିଲର୍ ଟାପୁତାୟ୍ ରକେଟ୍ ମେଲାଏ ତେକି ।
ଓ – ଦୁଇ ଫାଳ – ନଡିଆ ଭାଙ୍ଗିଲେ ଦୁଇ ଫାଳ ହୋଇଯାଏ ।
ଖ – ଦୁଇଫାଲ୍ – ନଡିଆ ପାଃଖଲାଃ ଦୁଇଫାଲ୍ ହଏଗଃତା ।
ଓ – ଦୁଧ – ଗାଈ ଦୁଧ ଶିଶୁମାନଙ୍କ ପାଇଁ ଉପକାରୀ ।
ଖ – ତମ୍ଲେଙ୍ଗ୍ – ଗାଏ୍ ତମ୍ଲେଙ୍ଗ୍ କୁଣ୍ଡୁଃ କିଆଃଥମ୍ ଭଲ୍ହାଏ ।
ଓ – ଦୁଃସ୍ଥ – ଦୁଃସ୍ଥ ଲୋକଙ୍କୁ ସରକାରୀ ସାହାଯ୍ୟ ମିଳେ ।
ଖ – ଦୁଃଖୀ – ଦୁଃଖୀ ଲେବୁକିତେ ସରକାରୀ ସାହାଏଜ୍ କୁଇତା ।
ଓ – ଦୁହେଁ – ଆମେ ଦୁହେଁ ହାଟକୁ ଯାଇଥିଲୁଁ ।
ଖ – ଦୁହିଝନ୍ – ଏଞ୍ଜାର ଦୁହିଝନ୍ ହାଟ୍ବୁଙ୍ଗ୍ ସାନ୍ସିଃଥଃଜାର୍ ।
ଓ – ଦୁଃଖ – ଆତ୍ମୀୟଙ୍କୁ ହରାଇଲେ ଭାରି ଦୁଃଖ ଲାଗେ ।
ଖ – କଷଟ୍ – ନିଜର ଲେବୁକି ନକ୍ସାନ୍ ଗଃକିଲାଃ ଖୋବ୍ କଷଟ୍ ଲାଃତା ।
ଓ – ଦୁଃଖିରଙ୍କୀ – ଆମ ଦେଶରେ ଦୁଃଖିରଙ୍କିଙ୍କ ସଂଖ୍ୟା କମ୍ ନୁହେଁ ।
ଖ – ଗରିବ ଦୁଃଖି – ଆନିଆଁ ଦେଶତେ ଗରିବଦୁଃଖିକିଆଃ ସଂଖ୍ୟା କମ୍ ଆଣିଗ୍ ।
ଓ – ଦୁସାହସ – ଶିକାରୀର ଦୁଃସାହସ ଥାଏ ।
ଖ – ସାହାସ୍ – ବନିଜିଆଃ ସାହାସ୍ ବହୁତ୍ ଆତା ।
ଓ – ଦୃଷ୍ଟି – ପିଲାଙ୍କ ପାଠପଢାପ୍ରତି ପିତାମାତା ଦୃଷ୍ଟି ଦିଅନ୍ତୁ ।
ଖ – ଧିଆନ୍ – କୁଣ୍ଡୁଃକିଆଃ ପାଟ୍ପଢ଼ାଃଲାଗି ମାଆ ବୁଆ ଧିଆନ୍ ତେରେପେ ।
ଓ – ଦୂରରେ – ଦୂରରେ ଥାଇ ମଧ ସାହାଯ୍ୟ କରିହେବ ।
ଖ – ଡିସାଃତେ – ଡିସାଃତେ ରହେକଲା ଜ ସାହାଜ୍ ତେର୍ନା ହଏନା ।
ଓ – ଦୁଷ୍ଟ – ଦୁଷ୍ଟମାନେ ଦିନେ ବି ନଷ୍ଟ ହେବେ ।
ଖ – ବଦ୍ମାସ୍ – ବଦମାସ୍ କି ମୁସ୍ନିଙ୍ଗ୍ ଲୋପ ହଏ୍ ଗଃନାକି ।
ଓ – ଦୂଷିତ – ଦୂଷିତ ଜଳ ପାନକଲେ ରୋଗହୁଏ ।
ଖ – କେଚ୍କେଚା – କେଚ୍କେଚା ଡାଃ ଉଥଃଲାଃ କସୁ ହଏ୍ତା ।
ଓ – ଦୃଶ୍ୟ – କରୁଣ ଦୃଶ୍ୟ ଦେଖିଲେ ହୃଦୟକୁ ବାଧେ ।
ଖ – ରୂପ୍ – ଗଡ୍ଗଡା ରୂପ୍ ଜୟଃଲାଃ ମନ୍ତେ ବାଧେତେ ।
ଓ – ଦେଖାଦେଖି – ଗତକାଲି ଆମେ ଦେଖାଦେଖି ହୋଇଥିଲୁ ।
ଖ – ଦେଖାଦେଖି – ଇଡାଃ ଏଞ୍ଜାର୍ ଦେଖାଦେଖି ହଇସିଥଃଜାର୍ ।
ଭେଟ୍ଘାଟ୍ – ଇଡା ଏଞ୍ଜାର୍ ଭେଟ୍ଘାଟ୍ ହଇସିଥଃଜାର୍ ।

ଓ - ଦେଶ - ଆମ ଭାରତ ଏକ ବୃହତ ଦେଶ ଅଟେ ।

ଖ - ଦେଶ୍ - ଏଲାଃ ଭାରତ ମୁଇଙ୍ଗ୍ ବଡେ ମାହା ଦେଶ୍ ଆଏ / ହାଏ ।

ଓ - ଛୁଏଁ - ସମୁଦ୍ର ଆମ ଜନ୍ମଭୂମିର ପାଦ ଛୁଏଁ ।

ଖ - ଜିବନା - ସମଦୁର୍ ଆନିଆଁଃ ଜନମ୍ମାଏଁଟ୍ଆଃ ପାଃଦ୍ ଜିପ୍‌ତେ ।

ଓ - ଦେଖିବା - ସୂର୍ଯ୍ୟଙ୍କୁ ଦେଖିବା ଦ୍ୱାରା ଆଖି ଖରାପ ହୁଏ ।

ଖ - ଜୟ୍‌ନା - ବେଡତେ ଜୟ୍‌ନାବୁଙ୍ଗ୍ ମଡ୍ ଖାରାପ୍ ହଏ୍‌ତା ।

ଓ - ଦେହ - ମୋ ଦେହ ଆଜି ଟିକିଏ ଭଲନାହିଁ ।

ଖ - ନିରୀ - ଇଙ୍ଗ୍‌ଆନିରୀ ମୁସା ଇଚିଃ ଭଲ୍ ମଃଡେଗ୍ ।

ଓ - ଦେବଦାରୁ - ଦେବଦାରୁ ଗଛର କାଠରେ ଦିଆସିଲି ତିଆରି ହୁଏ ।

ଖ - ଦେବ୍‌ଦାରୁ - ଦେବ୍‌ଦାରୁ ଦାରୁଆଃ ସଙ୍ଗ୍‌ଲତେ ଦିଆସିଲି ତିଆର୍ ହଏ୍‌ତା / ବନେତା ।

ଓ - ଦେଖି - ହଠାତ୍ ବାଘ ଦେଖି ମୁଁ ଡରିଗଲି ।

ଖ - ଜୟକଲା - ହାଠାତ୍ କିଡୋଃତେ ଜଏକରି ଇଙ୍ଗ୍ ବତଙ୍ଗ୍ ଗଃକିଂ ।

ଓ - ଦେବୀ - କାଳିଜାଇ ପାହାଡରେ ଦେବୀ ମନ୍ଦିର ଅଛି ।

ଖ - ଦେବୀ - କାଲିଜାଇ ବିରୁତେ ଦେବୀ ମନ୍ଦିର୍ ଆଃଇ ।

ଓ - ଦୋକାନ - ଆମ ଗାଁରେ ଔଷଧ ଦୋକାନ ଟିଏ ଅଛି ।

ଖ - ଦୁକାନ୍ - ଏଲାଃ କେଲ୍‌କେତେ କାନ୍‌ଲା ଦୁକାନ୍ ମୁଇଙ୍ଗ୍ ଆଃଇ ।

ଓ - ଦୋଳି - ଝିଅମାନେ ଦୋଳି ଖେଳି ଆନନ୍ଦ ପାଆନ୍ତି ।

ଖ - ଦୁଲି - ବେଟୀକି ଦୁଲି ଏବଃକରି ଲେରୈଃ କୁଇତେକି ।

ଓ - ଦୈର୍ଘ୍ୟ - ହୀରାକୁଦ ବନ୍ଧର ଦୈର୍ଘ୍ୟ ପ୍ରାୟ ୨୫ କି.ମି. ।

ଖ - ଲମା - ହୀରାକୁଦ୍ ବନ୍ଧ୍‌ଆଃ ଲମା ହାରାହାରି ୨୫ କି.ମି. ।

ଓ - ଦୌଡିବା - ଶିକ୍ଷକ ପିଲାଙ୍କୁ ଦୌଡିବା ପାଇଁ କହିଲେ ।

ଖ - ବତ୍‌କେନା - ମାଷ୍ଟର୍ କୁଣୁଃକିତେ ବତ୍‌କେ ନାଃଥମ୍ ଗାମଃକି ।

ଓ - ଦ୍ୱନ୍ଦ - ଲୋକଟିର କଥାଶୁଣି ମୁଁ ଦ୍ୱନ୍ଦରେ ପଡିଲି ।

ଖ - ଦୁଗ୍‌ଧା - ଲେବୁଆଃ କାୟ୍‌ମ ଅଣ୍ଡର୍‌କରି ଇଙ୍ଗ୍ ଦୁଗ୍‌ଧାତେ ଗୁର୍‌ଗଃକିଙ୍ଗ୍ ।

ଓ - ଦ୍ୱାର - ମନ୍ଦିରର ଦ୍ୱାର ସମସ୍ତଙ୍କ ପାଇଁ ଖୋଲା ରହିବା ଆବଶ୍ୟକ ।

ଖ - ଦୁଆର୍/ଗଏଗ୍‌ଟୁଙ୍ଗ୍ - ମନ୍ଦିରଆଃ ଦୁଆର/ଗଏଗ୍‌ଝୁଙ୍ଗ୍ ଝାକିଆଃଥମ୍ (ଖୁଲା) ମେଲା ରହେନାଃ କାୟ୍‌ମ୍ ।

## (ଧ)

ଓ - ଧଳା - ଟଗର ଫୁଲର ରଙ୍ଗ୍ ଧଳା ।

ଖ - ପଣ୍ଡ୍ରା - ଟଗର୍ ଫୁଲଆଃ ରଙ୍ଗ୍ ପଣ୍ଡ୍ରା ।

ଓ - ଧମନୀ - ଧମନୀରେ ପରିଷ୍କୃତ ରକ୍ତ ଯାଏ ।

ଖ - ନାଡି - ନାଡିତେ ସଫା ଇୟାମ୍ ସାନ୍‌ତା ।

| | | |
|---|---|---|
| ଓ – ଧନୁଶର | – | ଶବର ମାନେ ଧନୁଶର ଧରି ଯାଆସ କରନ୍ତି । |
| ଖ – କାଃ କମ୍ | – | ଶବର କି କାଃ କମ୍ ଧଃତେ କରି ସାନ୍‌ନା ଡେଲ୍‌ନା ବାୟ୍‌ତେକି / ସାନ୍‌ତାକି, ଡେଲ୍‌ତାକି । |
| ଓ – ଧଇଁସଇଁ | – | ଲୋକଟି ଧଇଁସଇଁ ହୋଇ ଘରେ ପହଞ୍ଚିଲା । |
| ଖ – ସେଁସାଁ | – | ଲେବୁଯେଃ ସେଁ ସାଁ ହଏ୍‌କଲା ଅଃବୁଙ୍ଗ୍‌ଡାମ୍‌କି । |
| ଓ – ଧରିବା | – | ମାଛ ଧରିବା କେଉଟମାନଙ୍କ ବୃତ୍ତି ଅଟେ । |
| ଖ – ଧଃତେନା | – | କାଣ୍ଙ୍ଗ୍ ଧଃତେନା କେଉଁଟ୍‌କିଆଃ/ଝରାକିଆଃ କାମୁହାଏ । |
| ଓ – ଧରାଧରି | – | ପିଲାମାନେ ଧରାଧରି ହୋଇ ଖେଳନ୍ତି । |
| ଖ – ଧରାଧରି | – | କୁଣ୍ଡଃକି ଧରାଧରି ହଏ୍‌କରି ଏବଃତାକି । |
| ଓ – ଧନ୍ଦା | – | ସ୍କୁଲମାନଙ୍କରେ ଧନ୍ଦାମୂଳକ ଶିକ୍ଷା ଦେବା ଉଚିତ । |
| ଖ – କାମୁବୁଙ୍ଗ୍ ବର୍‌ଲନା– | | ଇସ୍‌କୁଲ କିତେ କାମୁବୁଙ୍ଗ୍ ବର୍‌ଲ୍‌ନା ଗୁଡ୍ ଶିଖ୍ ଛା ତେର୍‌ନା କାୟମ୍ । |
| ଓ – ଧନ୍ୟ | – | ଦେଶ ପାଇଁ ପ୍ରାଣବଳି ଦେଉଥିବା ଲୋକ ଧନ୍ୟ । |
| ଖ – ଧଏନ୍ | – | ଦେଶ୍‌ଆଃଥମ୍ ଜୀବନ ତେର୍‌ଖାନେଲେବୁ ଧଏନ୍ ଆଏ । |
| ଓ – ଧନୀ | – | ଧନୀମାନେ ଗରିବଙ୍କ କଥା ଶୁଣିବା ଉଚିତ । |
| ଖ – ଧନୀ | – | ଧନୀକି ଗରିବ୍‌କିଆଃ କାୟମ୍ ଅଣର୍‌ନାଃ କାୟମ୍ । |
| ଓ – ଧାର | – | ଗାଁର ଲୋକେ ଧାର ଉଧାର କରି ଚଳନ୍ତି । |
| ଖ – ରିନ୍ | – | ପାଡାଃ ଲେବୁକି ରିନ୍ ଅଲକଲା ଚଲେତାକି । |
| ଓ – ଧାନ | – | ବାସୁମତୀ ଧାନ ଚାଷ ଏକ ଲାଭଜନକ କୃଷିକାର୍ଯ୍ୟ । |
| ଖ – ବାଃ | – | ବାସ୍‌ମତୀ ବାଃ ତାସ୍ ମୁଇଙ୍ଗ୍ ଖୋବ୍ ଲାଭ ତେର୍‌ତେ । |
| ଓ – ଧିର | – | ଧିର ପାଣି ପଥର କାଟେ । |
| ଖ – ଧିରମ୍ | – | ଧିରମ୍ ଡାଃ ସରେଙ୍ଗ୍ ଡେକ୍‌ତେ । |
| ଓ – ଧୂଆଁ | – | ନିମ୍ବ ପତ୍ର ଧୂଆଁ ମଶା ଘଉଡାଏ । |
| ଖ – ଧୁଙ୍ଗିଆ | – | ଲିମ ଉଲାଃ ଧୁଙ୍ଗିଆୟ୍ ଅଃଲାଃ ମଶା ଜାର୍‌ତେ । |
| ଓ – ଧୂଆଁଳିଆ | – | ଖରାଦିନେ ଆକାଶ ଧୂଆଁଳିଆ ଦେଖାଯାଏ । |
| ଖ – ଧୁଁନ୍ଧ୍‌ରା | – | ଗିଡିଙ୍ଗ୍ ଦିନ ଆକାଶ୍ ଧୁଁନ୍ଧରା ଜୟ୍‌ତା । |
| ଓ – ଧୂପ | – | ପୂଜକ ଧୂପ ଦେଇ ପୂଜା କରନ୍ତି । |
| ଖ – ଧୂପ୍ | – | ପୁଝାରୀ ଧୂପ୍ ତେର୍‌କଲା ପୂଜା ବାୟ୍‌ତେ । |
| ଓ – ଧୁଏ | – | ସକାଳେ ଉଠି ମୁଁ ମୁହଁ ଧୁଏ । |
| ଖ – ଆମୁଡ୍‌ନା | – | ମିଆଁଃତେ ବେରୁଡ୍ କରି ଇଙ୍ଗ୍ ତମଡ୍ ଆମୁଡ୍ ତାଏଙ୍ଗ୍ । |
| ଓ – ଧୂଳି | – | ମାଟି ରାସ୍ତାରେ ଖୁବ୍ ଧୂଳି ଉଡେ । |
| ଖ – ଧୁଇଲ୍ | – | ଲଃଖାଃ ସଡକ୍‌ତେ ଖୋବ୍ ଧୁଇଲ୍ ଉଡେତା । |

ଓ – ଧୂଳିଛାଡି – ପିଲାଟି ଧୂଳି ଛାଡି ଉଠି ପଡିଲା ।
ଖ – ଧୁଇଲ୍ ମେଲାଏକରି– କୁଣ୍ଡୁଃଯେଃ ଧୂଇଲ୍ ମେଲାଏକରି ବତ୍‌କେ ବେରୁଡ୍ କି ।
ଓ – ଧ୍ୱଂସ – ପରମାଣୁବୋମା କ୍ଷଣିକ ମଧ୍ୟରେ ସବୁ ଧ୍ୱଂସ କରେ ।
ଖ – ଖାରାମ୍ – ପରମାଣୁ ବୋମା ଏକ୍ ନିମିଷ୍‌ତେ ଝାକି ଖାରାମ୍ ବାୟ୍‌ଗଃତେ ।

## (ନ)

ଓ – ନଈ – ମୁଁ ଆମ ଗାଁ ନଈରେ ପହଁରା ଶିଖିଛି ।
ଖ – ଖ୍ୱରମ୍ – ଇଙ୍ଗ୍ ଏଲାଃ ପାଡାଃ ଖ୍ୱରମ୍ ତେ ପହଁରେନା ଶିଖେସିଂ ।
ଓ – ନଈବନ୍ଧ – ନଈବଢି ବେଳେ ନଈବନ୍ଧ ଭାଙ୍ଗିଯାଏ ।
ଖ – କ୍ରସ୍‌ବନ୍ଧ/ବାଏଲ୍‌ବନ୍ଧା– ଭର୍ତ୍ତି ଖ୍ୱରମ୍ ଭେରେ କ୍ରସ୍‌ବନ୍ଧ ବାଏଲବନ୍ଧା ପାଃଗଃତା ।
ଓ – ନଈବଢ଼ି – ନଈବଢ଼ି ଆମରାଜ୍ୟର ଏକ ବଡ ବିପଦ ।
ଖ – ବଃଢିଖ୍ୱରମ୍ – ବଃଢିଖ୍ୱରମ୍ ଆନିଆଃ ରାଏଜଆଃ ବଡେମାହା ବିପତ୍ତି ହାଏ ।
ଓ – ନଦୀ – ମହାନଦୀ ଓଡିଶାର ବଡ ନଦୀ ।
ଖ – ଖ୍ୱରମ୍ – ମାହା ଖ୍ୱରମ୍ (ମାହାଖ୍ୱରମ/ମହାନଦୀ) ଓଡିଶାଃ ମାହାଖ୍ୱରମ୍ / ମହାନଦୀ ଓଡିଶାଃ ମାହା ଖ୍ୱରମ୍ ।
ଓ – ନକ୍‌ସା – ଇଂଜିନିୟର ଆସି ବିଦ୍ୟାଳୟର ନକ୍‌ସା ପ୍ରସ୍ତୁତ କଲେ ।
ଖ – ନାକ୍‌ସା – ଇଂଜିନିୟର୍ ଡେଲ୍‌କରି ଇସ୍‌କୁଲ୍‌ଆଃ ନାକ୍‌ସା ତିଆର୍ ବାୟଃ ।
ଓ – ନଜର – ଶିକ୍ଷକ ପ୍ରତିପିଲା ଉପରେ ନଜର ରଖନ୍ତି ।
ଖ – ଧ୍ୱଆନ୍ – ମାଷ୍ଟର୍ ଝାକି କୁଣ୍ଡୁଃକିଆଃ ତଭ୍‌ଲୁଙ୍ଗ୍‌ତେ ଧ୍ୱଆନ୍ ଉନ୍‌ତେକି ।
ଓ – ନଟୁ – ପିଲାମାନେ ନଟୁ ଖେଳ ଭଲପାଆନ୍ତି ।
ଖ – ଭାଉଁରା – କୁଣ୍ଡୁଃକି ଭାଉଁରା ଏବଃ ନାଃଥମ୍ ଭଲ୍ କୁଇତେକି ।
ଓ – ନଡିଆ – ନଡିଆ କତାରେ ଦଉଡି ତିଆରି ହୁଏ ।
ଖ – ନଡିଆ – ନଡିଆ କତାତାୟ୍ କେକେଃ ତ୍ରିଆର୍ ହଏତା । / ନଡିଆ କତାତାୟ୍ କେକେଃ ବାଏ୍‌ତେକି ।
ଓ – ନବମ – ଦୌଡ ଖେଳରେ ରୀତା ନବମ ସ୍ଥାନରେ ରହିଲା ।
ଖ – ନଅନମ୍ବର୍ – ଖେଲ୍‌କୁଦ୍‌ତେ ରୀତା ନଅ ନମ୍ବର୍‌ତେ ରହେକି ।
ଓ – ନଳ – ନଳକୂପ ପାଣି ପିଇବା ନିରାପଦ ।
ଖ – ଢ଼େକଡ୍‌ଚୁଆଁ – ଢ଼େକଡ୍‌ଚୁଆଁଃ ଡାଃ ଉଥଃଲାଃ ବିପତ୍ତି ଉମ୍ ଗୁର୍‌ତା । / ଢ଼େକଡ୍‌ଚୁଆଃ ଡାଃ ଉଡ୍‌ନା ନିରାପଦ୍ ହାଏ ।
ଓ – ନଷ୍ଟ – ଖାଦ୍ୟ ଦ୍ରବ୍ୟ ନଷ୍ଟ କରନାହିଁ ।
ଖ – ନୁକ୍‌ସାନ୍ – ଖାଏଦ୍ ଦରବ୍ କିତେ ନୁକ୍‌ସାନ୍ ଆବୁ ବାଏ୍‌ପେ ।
ଓ – ନାଲି – ସନ୍ଧ୍ୟାରେ ସୂର୍ଯ୍ୟ ନାଲି ଦେଖାଯାଏ ।
ଖ – ଲାଲ – ବେଡ ବିଁଡିବ୍ ବେଡ ଲାଲ୍ ଜଏତା ।

ଓ – ନାଳ – ନାଳରେ ପାଣି ଦୂରକୁ ନିଆଯାଏ ।
ଖ – ନାଲା – ନାଲାତେ ଡାଃ ଡିସାଃତିଗ୍ ଡଟ୍‌ମେତା ।
ଓ – ନାତୁଣୀ – ମୋର ଗୋଟିଏ ନାତୁଣୀ ଅଛି ।
ଖ – ବକଡୁଃ – ଇଙ୍ଗ୍‌ଆଃ ମୁଇଙ୍ ବକ୍‌ଡୁଃ ଆଃଇ ।
ଓ – ନାଶ – ଦୁଷ୍ଟର ସର୍ବନାଶ ହୋଇଯାଏ ।
ଖ – ନାର୍‌ଖାର୍ – ବଦମାସ୍ କିଲାଃ ଝାକି ନାର୍‌ଖାର୍ ହଏ୍‌ଗଃତା ।
ଓ – ନାମ – ବହୁ ମୂଲ୍ୟ ସୁବର୍ଣ୍ଣ ଅପେକ୍ଷା ଉତ୍ତମ ନାମ ଭଲ ।
ଖ – ନାଆଁ – ଖୋବ୍ ଦାମ୍‌ଆଃ ସୁନା ତାୟ ବଢ଼ିଆ ନାଆଁ ଭଲ୍ ହାଏ ।
ଓ – ନାରଖାର – ଅବାଧ୍ୟପୁତ୍ର ସମ୍ପତ୍ତି ନାରଖାର୍ କରେ ।
ଖ – ନାର୍‌ଖାର୍ – ଅବୁଝା ବେଟା ଅଗାଃ ସମ୍ପତ୍ତି ନାର୍‌ଖାର୍ ବାୟ୍‌ତେ ।
ଓ – ନାରିକେଲ – କେରଳ ରାଜ୍ୟରେ ବହୁତ ନାରିକେଳ ଗଛ ଅଛି ।
ଖ – ନଡିଆ – କେରଲ ରାଏଜ୍‌ତେ ଖୋବ୍ ନଡିଆ ଦାରୁ ଆଃଇ ।
ଓ – ନାତି – ରବି ବାବୁଙ୍କ ନାତି ଷଷ୍ଠ ଶ୍ରେଣୀରେ ପଢେ ।
ଖ – ବକ୍‌ଡୁଃ – ରବି ବାବୁଆଃ ବକ୍‌ଡୁଃଡମ୍ ଛ' କିଲାସ୍‌ତେ ପଢେତା ।
ଓ – ନା – ଧୂମପାନ କୁ ନା କହ ।
ଖ – ମ'ଗା – କୁହୁଲା ଉଡ୍‌ନା ଯେ 'ମଃଗା' ଗାମେପେ ।
ଓ – ନାଚି ନାଚି – ଲହଡି ନାଚି ନାଚି କୂଳରେ ପିଟିହୁଏ ।
ଖ – କୁଇଗ୍‌ତା କୁଇଗ୍‌ତା – ଲହଡା କୁଇଗ୍‌ତା କୁଇଗ୍‌ତା ତରାତେ ଗିଲ୍‌ଡମ୍ ତା ।
ଓ – ନାଗରିକ – ଆମେ ଭାରତର ନାଗରିକ ଅଟୁଁ ।
ଖ – ନାଗରିକ୍ – ଏଲେ ଭାରତ୍ ଆଃ ନାଗରିକ୍ ହାଏ୍‌ଲେ ।
ଓ – ନାକ – ଦୁର୍ଗନ୍ଧରେ ନାକ ଫାଟି ପଡୁଛି ।
ଖ – ରମଙ୍ – ଘାଁଣି ବୁଙ୍ ରମଙ୍ ପାଃ ଗଃତାଏଗ୍ ।
ଓ – ନାଡି – କବିରାଜ ନାଡି ଦେଖି ରୋଗ ଚିହ୍ନନ୍ତି ।
ଖ – ନାଡ଼ି – ବଇଦ୍/ବୋଏଦ୍ ନାଡି ଜୟକଲା ବେମାର୍ / (କସୁ) କଙ୍‌ନ୍ତେ ।
ଓ – ନିଜେ – ପିଲାମାନେ ନିଜେ ନିଜର ଖାତାପତ୍ର ସଜାଇ ରଖନ୍ତି ।
ଖ – ନିଜେ – କୁଣ୍ଡୁଃକି ନିଜେ ନିଜର୍ ଖାତାପତର୍ ସଜାଏ୍ ଉନ୍‌ତେକି ।
ଓ – ନିଦ – ଦିନବେଳେ ନିଦରେ ଶୋଇବା ଅନୁଚିତ ।
ଖ – ଝୁମା – ଦିନବେଲା ଝୁମା ଲାଃକିଲାଃଜ ଉମ୍‌ଗିତାଃନାଃ କାୟମ୍ ।
ଓ – ନିୟମ – ସମସ୍ତେ ବିଦ୍ୟାଳୟର ନିୟମ ମାନିବା ଉଚିତ ।
ଖ – ନିୟମ୍ – ଝାକିଗା ଇସ୍‌କୁଲ୍ ଆଃ ନିୟମ୍ ମାନେନାଃ କାୟମ୍ ।

ଓ – ନିର୍ମଳ – ଶରତ ଋତୁରେ ନଈପାଣି ନିର୍ମଳ ଦେଖାଯାଏ ।

ଖ – ସଫା – ଦାସ୍‌ରା ଲେରାଙ୍ଗ୍ ତେ ଖ୍ରମ୍‌ଆଃ ଡାଃ ନିର୍‌ମଲ୍ ଜୟତା ।

ଓ – ନିକିତି – ଦୋକାନୀ ନିକିତିରେ ଓଜନ କରେ ।

ଖ – ତରାଜୁ – ଦୁକାନୀ ତରାଜୁତେ ତଉଲେତେ ।

ଓ – ନିସ୍ୱ – ନିସ୍ୱ ବ୍ୟକ୍ତିଙ୍କୁ ଯଥାସମ୍ଭବ ସାହାଯ୍ୟ କର ।

ଖ – ଟୁରାଟୁରୀ – ବେର୍‌ଜ ଉମ୍‌ଆନା ଲେବୁତେ ପାରୁପର୍ଯ୍ୟନ୍ତ / ପାଲ୍‌ନାଜାକର ସାହାରା ତେରେପେ ।

ଓ – ନିଷ୍ଠା – ନିଷ୍ଠାବଳରେ ଅସମ୍ଭବ ସମ୍ଭବ ହୋଇଥାଏ ।

ଖ – ମୁଇଙ୍ଗ ମନ୍‌ତେ – ମୁଇଙ୍ଗ୍ ମନ୍‌ତେ ଲାଃସିଥଃଲାଃ ଉମ୍ ହଏ୍‌ନା କାମୁ ଜ ହଏ୍‌ନାପାଲ୍‌ତେ ।

ଓ – ନିଷ୍ଫଳ – ପରିଶ୍ରମ କେବେ ନିଷ୍ଫଳ ହୁଏ ନାହିଁ ।

ଖ – ଫାଲତୁ – କାମୁ ଯେଃ କେଭେଜ ଫାଲ୍‌ତୁ ଉମ୍ ହଏତା ।

ଓ – ନିର୍ବାହ – ଆମେ ନିଜର କର୍ତ୍ତବ୍ୟ ନିର୍ବାହ କରିବା ଉଚିତ୍ ।

ଖ – ତୁଲାଏନା – ଆନିଙ୍ଗ୍ ଆନିଆଁଃ କାମୁତେ ତୁଲାଏନାଃ କାୟମ୍ ।

ଓ – ନିଷ୍ପତ୍ତି – ଦେଶସେବା କରିବାକୁ ସମସ୍ତେ ନିଷ୍ପତ୍ତି ନେବା ।

ଖ – ଫଏସ୍‌ଲା ବାଏନା– ଦେଶ୍ ଆଃ ତୁରା ବାଏନା ଝାକିଗା ଫଏସ୍‌ଲା ତେର୍‌ନାଃ କାୟମ୍ ।

ଓ – ନିଷ୍ପକ୍ଷ – ବିଚାରକର୍ତ୍ତା ନିଷ୍ପକ୍ଷ ବିଚାର କରନ୍ତି ।

ଖ – ରାଇଟ୍ ବିଚାର୍ – ମାଜିସ୍‌ଟର୍ ରାଇଟ୍ ବିଚାର୍ ବାଏ୍‌ତେ ।

ଓ – ନିଷେଧ – ସର୍ବସାଧାରଣ ସ୍ଥାନରେ ଧୂମପାନ ନିଷେଧ ।

ଖ – ମାନା ବାଏନା – ଝାକି ଆଃ ଚଲେ ବୁଲେ ଠାଣ୍ ହେନ୍‌ତେ ବିଡି, ସିଗ୍ରେଟ୍, ଗଞ୍ଜେଇ ଉଟ୍‌ନା ମାନା ବାଏଡମ୍‌ସିଗ୍ ।

ଓ – ନିର୍ଦ୍ଦେଶ – ଦୁର୍ନୀତି ନିବାରଣ ପାଇଁ ସରକାରୀ ନିର୍ଦ୍ଦେଶ ରହିଛି ।

ଖ – ହୁକୁମ୍ – ଘୁସ୍ ହାଟାଏ ନାଃଥମ୍ ସାର୍‌କାରୀ ହୁକୁମ୍ ରହେସିଗ୍ ।

ଓ – ନିଶ୍ଚଳ – ସମୀର ହୃଦ୍‌ଘାତରେ ନିଶ୍ଚଳ ହୋଇଛି ।

ଖ – ଶୁଇନ୍ – ସମୀର୍ ହିରିଦ୍ ବେମାର୍ ବୁଙ୍ଗ୍ ଶୁଇନ୍ ଡୁ ଆଇକ୍ ।

ଓ – ନିରୀକ୍ଷଣ – ଶିକ୍ଷକ ଛାତ୍ର ଛାତ୍ରୀମାନଙ୍କୁ ନିରୀକ୍ଷଣ କରନ୍ତି ।

ଖ – ଜଏନା – ମାଷ୍ଟର୍ ଇସ୍‌କୁଲିଆକିତେ ଜଏତେ କିଆର୍ ।

ଓ – ନିରୂପଣ – ଆସନ୍ତା ବର୍ଷ ଆଳୁଚାଷ କରିବାକୁ ଆମେ ନିରୁପଣ କରିଛୁ ।

ଖ – ବିଚାର୍ – ଡେଲ୍‌ନା ମେମନ୍ ଆଲୁଚାଷ ଜାୟନାଃଥମ୍ ଏଲେ ବିଚାର୍ ବାଏ୍‌ସିଗ୍‌ଲେ ।

ଓ – ନିତି – ମୁଁ ନିତି ଈଶ୍ୱରଙ୍କଠାରେ ପ୍ରାର୍ଥନା କରେଁ ।

ଖ – ଝାକିଦିନ – ଇଙ୍ଗ୍ ଝାକିଦିନ ଭଗମାନ୍ ଆଃତେ ଗୁହାଏର୍ ବାଏତିଙ୍ଗ୍ ।

ଓ – ନିଶ୍ଚୟ – ଶ୍ରମର ଫଳ ନିଶ୍ଚୟ ମିଳିବ ।

ଖ – ଯେନ୍ତାଲାଃଜ – କାମୁ ଆଃ ଦାମ୍ ଯେନ୍ତାଲାଃଜ କୁଇନା ।

ଓ – ନିର୍ବୋଧ – ନିର୍ବୋଧ ମାନେ କିଛି କରିପାରନ୍ତି ନାହିଁ ।

ଖ – ନିର୍ବୁଧିଆ /ଭକୁଆ /ବେଡା – ନିର୍ବୁଧିଆ କି ଇହିଜ ବାୟନା ଉମ୍ ପାଲ୍ତେ କି ।

ଓ – ନିଆଁ – ଅମ୍ଳଜାନ ନିଆଁ ଜଳିବାରେ ସାହାଯ୍ୟ କରେ ।

ଖ – ତିମ୍ସମ୍ – ଅମ୍ଳଜାନ ତିମ୍ସମ୍ତେ ତେମୁନାଃଥମ୍ ସାହେଜ୍ ବାୟ୍ତେ ।

ଓ – ନିକାଞ୍ଚନ୍ – ନିକାଞ୍ଚନ ଜାଗାରେ ମୋତେ ଶାନ୍ତି ମିଳେ ।

ଖ – ଶୂନଶାନ୍ – ଶୂନ୍ଶାନ୍ ଜାଗାତେ ଇଙ୍ଗ୍ତେ ଶାନ୍ତି କୁଇତା ।

ଓ – ନିଲାମ – ଜବତ ହୋଇଥିବା ଗାଡି ନିଲାମ କରାଯିବ ।

ଖ – ଲିଲାମ୍ – ଯାବତ୍ ହଏସିଗ୍ ଗାଡି ଲିଲାମ୍ ହଏନା ।

ଓ – ନିମନ୍ତ୍ରଣ – ମୋ ଜନ୍ମ ଦିନରେ ମୁଁ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରେଁ ।

ଖ – ବରେନା – ଇଙ୍ଗାଃ ଜନମ୍ ଦିନତେ ଇଙ୍ଗ୍ ବନ୍ଧୁ ବାନ୍ଧବ୍ କିତେ ବରନ୍ ତେର୍ସିଙ୍ଗ୍ /ବରେସିଙ୍ଗ୍ ।

ଓ – ନିର୍ଣ୍ଣୟ – ପ୍ରତିକାର୍ଯ୍ୟ କିପରି କରିବା ତାହା ଆମେ ନିର୍ଣ୍ଣୟ କରିବା ।

ଖ – ଥିର୍ ବାୟନା – ଝାକି କାମୁ ଇଘାୟ ବାୟ୍ଡମ୍ନା ଉଜେଃ ଆନିଙ୍ଗ୍ ଥିର୍ ବାୟେନିଙ୍ଗ୍ ।

ଓ – ନିଜର – ନିଜେ ନିଜର ପ୍ରଶଂସା କରିବା ଅନୁଚିତ ।

ଖ – ନିଜର୍ – ନିଜେ ନିଜର ପ୍ରଶଂସା ବାୟନା ଠିକ୍ ଆଣିଗ୍ । / ନିଜର ପ୍ରଶଂସା ନିଜେ ଉମ୍ ବାୟନାଃ କାୟମ୍ ।

ଓ – ନିର୍ଦ୍ଦିଷ୍ଟ – ପ୍ରତିଟି ପ୍ରଶ୍ନର ନିର୍ଦ୍ଦିଷ୍ଟ ଉତ୍ତର ରହିଥାଏ ।

ଖ – ଲକ୍ଠକ୍ – ଝାକି ପର୍ସନ୍ ଆଃ ଲକ୍ଠକ୍ ଉତର୍ ଆତା ।

ଓ – ନିଃଶ୍ୱାସ – ନିଃଶ୍ୱାସ ବାୟୁରେ ଅଧିକ ଅଙ୍ଗାରକାମ୍ଳ ଥାଏ ।

ଖ – ନିନାଶ୍ – ନିନାଶ୍ କୟୋତେ ଖୋବ୍ ଅଙ୍ଗାରକାମ୍ଳ ଆତା ।

ଓ – ନିୟନ୍ତ୍ରଣ – ହୀରାକୁଦ ବନ୍ଧ ବନ୍ୟା ନିୟନ୍ତ୍ରଣ ପାଇଁ ନିର୍ମିତ ହୋଇଛି ।

ଖ – ଅଟ୍ କାଏନା – ହୀରାକୁଦ୍ ଡେମ୍ ବଃଢ଼ି ଅଟ୍କାଏନାଃଥମ୍ ବାଏଡ୍ମ୍ସିଗ୍ ।

ଓ – ନୀଡ – ବାଇଚଢେଇ ଝଡ ବର୍ଷାବେଳେ ନୀଡରେ ଝୁଲୁଥାଏ ।

ଖ – ଘରା – ଚେଲାଚୁରେ ଝକେଁର ଡାଃ ଭେରେ ଘରା ଡମ୍ତେ ଝୁଲେଖର୍ତା / ଝୁଲେତା ।

ଓ – ନୀତି – ସମାଜର ନୀତି ନିୟମ ପାଳନ କରିବା ଉଚିତ ।

ଖ – ନୀତି – ସମାଜ୍ ଆଃ ନୀତି ନିୟମ୍ ମାନେ କରି ଚଲେନାଃ କାୟମ୍ ।

ଓ – ନୀଳ – ନୀଳ ଆକାଶରେ ବାଦଲ ଭାସେ ।

ଖ – ନୀଳିଆ – ନୀଳିଆ ଆକାଶ୍ତେ ଡିରିବ୍ ଭାସେତା ।

ଓ – ନିରବ୍ – ବିଦ୍ୟାଳୟରେ ଆମେ ନୀତି ନୀରବ ପ୍ରାର୍ଥନା କରୁଁ ।

ଖ – ଚୁପ୍ ଚାପ୍ – ଇସ୍କୁଲ୍ତେ ଏଲେ ଝାକିଦିନ ଚୁପ୍ ଚାପ୍ ପାର୍ଥାନା ବାଏତେଲେ ।

ଓ – ନୂଆଁ – ପଶ୍ଚିମ ଓଡିଶାରେ ନୂଆଁଖାଇ ଏକ ବଡ ପର୍ବ ।
ଖ – ନଃ ଡେମ୍ – ପଛିମ୍ ଓଡିଶାତେ ନଃଡେମ୍ ମୁଇଙ୍ଗ୍ ମାହା ତିହାର୍ ହାଏ ।
ଓ – ନୂଆଁଣିଆ – ଗାଁ ଗହଳିରେ ନୂଆଁଣିଆ ଚାଳଘର ଥାଏ ।
ଖ – କୁବୁଃକୁବୁଃ – ପାଡା ପନ୍ତିତେ କୁବୁଃକୁବୁଃ ଡିଆର୍ନା ଅଲଙ୍ଗ୍ ଅଃ ଆତା ।
ଓ – ନୂତନ – ନୂତନ ବର୍ଷ ଆମ ପାଇଁ ଆନନ୍ଦ ଆଣିଦିଏ ।
ଖ – ତମ୍ନେ – ତମ୍ନେ ବରଷ୍ ଆନିଆଁଃ ଥମ୍ ଲେରୈଃ ଅଲ୍ଗଃତେ ।
ଓ – ନେଉଳ – ନେଉଳ ସାପ ସହିତ ଲଢେଇ କରେ ।
ଖ – ସାଁପ୍କଟି – ସାଁପ୍କଟି ବୁଙ୍ଗ୍ମ୍ ସରି ଲଢେତା ।
ଓ – ନେତା – ଆମ ରାଜ୍ୟରେ ସଚ୍ଚୋଟ ନେତା ମାନଙ୍କର ଅଭାବ ଅଛି ।
ଖ – ରାଜ୍ନୀତିଆ – ଆନିଆଁଃ ରାଏଜ୍ତେ ସଚ୍ଚୋଟ୍ ରାଜନୀତିଆକିଆଃ ଅଭାବ ଆଃଇ ।
ଓ – ନେତୃତ୍ୱ – ରାଜ୍ୟରେ ମୁଖ୍ୟମନ୍ତ୍ରୀ ଶାସନର ନେତୃତ୍ୱ ନିଅନ୍ତି ।
ଖ – ଜିମେଦାରି – ରାଏଜ୍ ତେ ମୁଖ୍ୟମନ୍ତ୍ରୀ ଶାସନ ଆଃ ଜିମେଦାରି ଡଟ୍ ତେ ।
ଓ – ନେହୁରା – ଜିଲ୍ଲାପାଳଙ୍କଠାରେ ଲୋକେ ନେହୁରା ହୁଅନ୍ତି ।
ଖ – ଗୁହାଏର୍ – କଲେକଟର୍ ଆଃତେ ଲେବୁକି ହାଏର୍ ଗୁହାଏର୍ ବାଏ୍ ତେକି ।

## (ପ)

ଓ – ପତାକା – ତ୍ରିରଙ୍ଗା ଆମର ଜାତୀୟ ପତାକା ଅଟେ ।
ଖ – ପାତ୍କା – ତିରାଙ୍ଗା ଆନିଆଁଃ ଜାତିଆଃ ପାତ୍କା ହାଏ ।
ଓ – ପଶୁ – ଗାଈ ଏକ ଗୃହପାଳିତ ପଶୁ ଅଟେ ।
ଖ – ପଶୁ – ଗାଏ୍ ମୁଇଙ୍ଗ୍ ଅଗାଃ ବୁଇ ବୁଇ ପଶୁ ହାଏ ।
ଓ – ପଲ – ଗୋରୁପଲ ସନ୍ଧ୍ୟାରେ ଫେରନ୍ତି ।
ଖ – ଗହ୍ଡି – ଅରେଗ୍ ଗହ୍ଡି ବେଡ ବିଁଣିବ୍ ଏଙ୍ଗ୍ତା କି ।
ଓ – ପକ୍ଷୀ – ପକ୍ଷୀମାନେ ବୁଣନ୍ତି ନାହି କିମ୍ବା କାଟନ୍ତି ନାହିଁ ।
ଖ – କନ୍ତେଡ୍ – କନ୍ତେଡ୍ କି ବିଡ୍ତେ କି ଉହୁଁଃ ନ ସାଏ୍ତେ କି ଉହୁଁଃ ।
ଓ – ପବନ – ଦକ୍ଷିଣା ପବନ ଦେହକୁ ଥଣ୍ଡା ଲାଗେ ।
ଖ – କୟ – ଦଖିନ୍ ଡିଗାଃ କୟ ନିରୀତେ ଠଣ୍ହା ଲାଃତା ।
ଓ – ପଗଡି – ଶିଖ୍ ଲୋକେ ମୁଣ୍ଡରେ ପଗ୍ଡି ବାନ୍ଧନ୍ତି ।
ଖ – ପଗ୍ଡି – ପଞ୍ଜାବୀ ଲେବୁକି ବକବ୍ତେ ପଗ୍ଡି ତାରତେ କି ।
ଓ – ପରାଣ – ସହିଦ୍ ମାନେ ଦେଶପାଇଁ ପରାଣ ଦିଅନ୍ତି ।
ଖ – ଜୀବନ୍ – ସଏନିକି ଦେଶ୍ ଆଃଥମ୍ ଜୀବନ୍ ତେର୍ତେ କି ।
ଓ – ପଥର – ପଥରରେ ପୁଦାନି ତିଆରି ହୁଏ ।
ଖ – ସରେଙ୍ଗ୍ – ସରେଙ୍ଗ୍ଆଃ ହାଁଥୀଆର୍–ବାଏତେକି ।

ଓ – ପର୍ବ – ଓଡିଶାରେ ଅନେକ ପର୍ବ ପର୍ବାଣି ପାଳିତ ହୁଏ ।
ଖ – ତିହାର୍ – ଉଡିଶାତେ କିଃତେ ତିହାର୍ ବାହାର୍ ମାନାୟ୍‌ତେକି ।
ଓ – ପଡିବା – ତଳେ ପଡିବା ଖାଦ୍ୟ ଖାଅ ନାହିଁ ।
ଖ – ଗୁର୍‌ନା – ତୁତାତେ ଗୁର୍‌ସିଃନା ନନଃ ଆବୁ ନଗେପେ ।
ଓ – ପରସ୍ପର – ପିଲାଏ ପରସ୍ପର ହାତ ଧରି ଖେଳନ୍ତି ।
ଖ – ମୁଇଙ୍ଗ୍‌ତା ମୁଇଙ୍ଗ୍– କୁଣ୍ଣଃକି ମୁଇଙ୍ଗ୍‌ତାଏମୁଇଙ୍ଗ୍ ତିଃ ଧଃତେ କରି ଏବଃ ତାକି ।
ଓ – ପତ୍ର – ତୁଳସୀ ଦୁଇ ପତ୍ରରୁ ବାସେ ।
ଖ – ଉଲାଃ – ତୁଲସୀ ଉଲାଃ ଦୁଇପତ୍ରିଆ ତାଏ୍ ମହ୍‌କେତା ।
ଓ – ପରିସ୍ଥିତି – ପରିସ୍ଥିତିକୁ ବିଚାର କରି କାର୍ଯ୍ୟ କରିବା ଉଚିତ୍ ।
ଖ – ଅଭାବ ଅସୁବିଧା – ଅଭାବ୍ ଅସୁବିଧାତେ ବିଚାର୍ କରି କାମୁ ବାୟ୍‌ନାଃ କାୟମ୍ ।
ଓ – ପଶୁପାଳନ – ପଶୁପାଳନ ଏକ ଲାଭ ଜନକ ଉଦ୍ୟୋଗ ।
ଖ – ଅରେଗ୍ ମେରମ୍ ଉନ୍‌ନା – ଅରେଗ୍ ମେରମ୍ ବୁଇନା ମୁଇଙ୍ଗ୍ ଲାଭ୍‌କାରୀ ଉଦ୍ୟୋଗ ହାଏ ।
ଓ – ପଞ୍ଚାୟତ – ସରପଞ୍ଚ ପଞ୍ଚାୟତକୁ ଚଳାନ୍ତି ।
ଖ – ପଞ୍ଚେତ୍ – ସର୍‌ପଂଚ ପଞ୍ଚେତ୍ ତେ ଚଲାଏ୍‌ତେ ।
ଓ – ପରିଚ୍ଛନ୍ନ – ପରିଚ୍ଛନ୍ନତା ଦ୍ୱାରା ରୋଗରୁ ମୁକ୍ତି ମିଳେ ।
ଖ – ପଏରଛା – ପଏରଛା ରହେକିଲାଃ କସୁରାଙ୍ଗା ଉମ୍ ହଏତା ।
ଓ – ପଶୁ ସମ୍ପଦ – ପଶୁ ସମ୍ପଦର ଯତ୍ନ ନେବା ଆବଶ୍ୟକ ।
ଖ – ପଶୁଧନ – ପଶୁଧନ ଆଃ ଯତନ୍ ଡଡ୍‌ନା କାୟମ୍ ।
ଓ – ପରାମର୍ଶ – ପିତାମାତାଙ୍କର ପରାମର୍ଶ ଗ୍ରହଣ କର ।
ଖ – କାୟମ୍ ମାନେନା – ବୁଆମାଗାଃ କାୟମ୍ ମାନେନାପେ ।
ଓ – ପରିବହନ – ଯାତ୍ରୀ ପରିବହନ ପାଇଁ ବସ୍ ରହିଛି ।
ଖ – ସାନ୍‌ନା ଡେଲ୍‌ନା – ଲେବୁକି ସାନ୍‌ନା ଡେଲ୍‌ନାଃଥମ୍ ବସ୍ ଆଃଇ ।
ଓ – ପହଁରି – ମୁଁ ନଦୀ ପହଁରି ସେ ପାରିକୁ ଗଲି ।
ଖ – ପହଁରେ – ଇଙ୍ଗ୍ ଖିରମ୍ ପହଁରେ କରି ହାନ୍‌ପାର ସାନ୍‌କିଙ୍ଗ୍ ।
ଓ – ପହଞ୍ଚ – ମଙ୍ଗଳଗ୍ରହ ମନୁଷ୍ୟ ପହଞ୍ଚ ଦୂରତାରେ ନାହିଁ ।
ଖ – ଡାମ୍‌ନା – ମଙ୍ଗ୍‌ଲଗରହ ଲେବୁ ଡାମ୍‌ନା ଡିସାଃତେ ମଃଡେଗ୍ ।
ଓ – ପରିବା – ଶୀତଦିନେ ପରିବା ଦର କମ୍ ରହେ ।
ଖ – ଶାଃଗ ଭାଜି – ରାଙ୍ଗା ଦିନ ଶାଃଗ ଭାଜିଆଃ ଦାମ୍ କମ୍ ଆତା ।
ଓ – ପରିବେଶ – ସୁସ୍ଥ ପରିବେଶ ସୁସ୍ଥ ଦେଶ ।
ଖ – କେଲ୍‌କେ – ବନେ କେଲ୍‌କେ ବନେ ବଃ ଦେଶ୍ ।

ଓ – ପରୋପକାର – ପରୋପକାର ପରମ ଧର୍ମ ।
ଖ – ହଡମ୍ ଆଃ ବାରୁ ବାଏନା – ହଡମ୍ ଆଃ ବାରୁ ବାଏନା ମାହା ଧରମ୍ ହାଏ ।
ଓ – ପରିଷ୍କାର – ଗାଁ ଦାଣ୍ଡ ପରିଷ୍କାର ରଖ ।
ଖ – ସଫା – ପାଡାଃ ଖଡି ସାଫା ଉନେପେ ।
ଓ – ପଥର ଦିଅଁ – ମନ୍ଦିରରେ ପଥର ଦିଅଁ ପୂଜା ପାଆନ୍ତି ।
ଖ – ସରେଙ୍ଗ୍ ଦେବ୍ତା – ମନ୍ଦିରତେ ସରେଙ୍ଗ୍ ଦେବ୍ତା ପୂଜା କୁଇତେ କି ।
ଓ – ପଦା କରିବା – ଲଟାବୁଦା ପଦାକରିବା ଦ୍ୱାରା ମଶା ଧ୍ୱଂସ ହୁଏ ।
ଖ – ସାଫା ବାୟ୍ନା – ଲାଟାବୁଦା ସାଫାବାୟଃଲାଃ ମଶା ଧନ୍ସ ହଏ୍ଗଃତା ।
ଓ – ପରି – ଆମ ଦେଶପରି ସୁନ୍ଦର ଦେଶ ପୃଥିବୀରେ ନାହିଁ ।
ଖ – ଗୁଡ୍ – ଆନିଆଃ ଦେଶ୍ ଗୁଡ୍ ସୁନ୍ଦର୍ ଦେଶ୍ ପୁର୍ଥିତେ ମଃଡେଗ୍ ।
ଓ – ପଲ୍ଲବ – ଗଛରେ ପଲ୍ଲବ ସୁନ୍ଦର ଦେଖାଯାଏ ।
ଖ – ଲାଃରାଃ – ଦାରୁତେ ଲାଃରାଃ ଆକିଲାଃ ସୁନ୍ଦର୍ ଜୟ୍ତା ।
ଓ – ପଲ୍ଲୀ – ଫସଲ ଅମଳ ସମୟରେ ପୁରପଲ୍ଲୀ ମୁଖରିତ ହୁଏ ।
ଖ – ପାଡା – ଫସଲ୍ ଆମ୍ଦାନି ଭେରେ ପାଡା କେଲ୍କେଯୋଃ ଲେରୈଃ ଉଥାର୍ତା ।
ଓ – ପତ୍ନୀ – ପତିପତ୍ନୀ ପିଲାଙ୍କ ଯତ୍ନ ନିଅନ୍ତି ।
ଖ – କାଣାଏ – କାଣାଏ୍ କେଣ୍ଡର୍ କୁଣୁଃକିଆଃ ଯତନ୍ ଡଡ୍ତେ କି ।
ଓ – ପଚାସଢା – ପଚାସଢା ଖାଦ୍ୟ ଶରୀର କ୍ଷତି କରେ ।
ଖ – ଲରଃତରଃ – ଲରଃତରଃ ନନଃ ନିରୀତେ ନକ୍ସାନ୍ ବାୟ୍ତେ ।
ଓ – ପଶୁପକ୍ଷୀ – ଅନେକ ପଶୁପକ୍ଷୀ ଆମସଙ୍ଗେ ବାସ କରନ୍ତି ।
ଖ – ଜଁତୁ ଚୁରେଇ – କିଃତେ ଜଁତୁଚୁରେଇ ଆନିଆଁଃ ସରି ରହେତାକି ।
ଓ – ପଚ୍ରାପଚ୍ରି – ଚୋର ଧରିବାପାଇଁ ପୋଲିସ ପଚରାପଚରି କରନ୍ତି ।
ଖ – ପଚ୍ରା ଉଚ୍ରା – ସୁରୁମ୍ ଧଃତେ ନାଃଥମ୍ ପୁଲୁସ୍ କି ପଚ୍ରାଉଚ୍ରା ବାୟ୍ତେ କି ।
ଓ – ପହଞ୍ଚିବା – ଟ୍ରେନ୍ ଧରିବାକୁ ହେଲେ ଠିକ୍ ସମୟରେ ପହଞ୍ଚିବାକୁ ହେବ ।
ଖ – ଡାମ୍ନା – ରେଲଗାଡି ଧଃତେ ନାଃଥମ୍ ଠିକ୍ ଟାଇମ୍ ତେ ଡାମ୍ନା ଗୁର୍ନା ।
ଓ – ପରୀକ୍ଷା – ପ୍ରତ୍ୟେକ ଛାତ୍ର ପରୀକ୍ଷାର ସମ୍ମୁଖୀନ ହେବା ଉଚିତ ।
ଖ – ପର୍ଖିଆ – ଝାକି ଇସ୍କୁଲିଆ କି ପର୍ଖିଆଃ ସାମନା ହଏନାଃ କାୟମ୍ ।
ଓ – ପଙ୍କ – ଘୁଷୁରୀ ପଙ୍କରେ ଲୋଟେ ।
ଖ – କାଦୋ – ଘୁଷ୍ରା କାଦୋତେ ଉଣ୍ଡ୍ଲେତା ।
ଓ – ପଶ୍ଚିମ ଦିଗ – ପଶ୍ଚିମଦିଗରେ ସୂର୍ଯ୍ୟ ଅସ୍ତ ହୁଏ ।
ଖ – ପଚ୍ଛିମ୍ ତିଗ୍ – ପଚ୍ଛିମ୍ତିଗ୍ତେ ବେଡ ବିଣିବ୍ତା ।

ଓ – ପରିଦର୍ଶିକା – ପରିଦର୍ଶିକା ବିଦ୍ୟାଳୟ ପରିଦର୍ଶନ କରନ୍ତି ।

ଖ – ଯାଁଚ୍‌କାରୀ (ତିରୀ) ଲେବୁ – ଯାଁଚ୍‌କାରୀ (ତିରୀ) ଲେବୁ ଇସ୍‌କୁଲ୍ ଯାଁଚ୍ ବାୟ୍‌ତେକି ।

ଓ – ପଦଚାରୀ – ପଦଚାରୀ ମାନେ ରାସ୍ତାର ବାମପଟେ ଚାଲନ୍ତି ।

ଖ – ପାଦ୍‌ଚଲା – ପାଦ୍‌ଚଲାକି ସଡକ୍‌ଆଃ ଡେରିପାଖ ସାଉଁଡ୍‌ତାକ ।

ଓ – ପସନ୍ଦ୍ – ମୁଁ ମିଥ୍ୟା କହିବା ପସନ୍ଦ କରେ ନାହିଁ ।

ଖ – ପସନ୍ଦ୍ – ଇଙ୍ଗ୍ ଅସତ୍ କାୟମ୍ ଗାମନା ପସନ୍ଦ୍ ଉମ୍ ବାୟତିଙ୍ଗ୍ ।

ଓ – ପଦ୍ୟାନ୍ତ – ଗୀତଟିର ପଦ୍ୟାନ୍ତ  ବେଶ ହୃଦୟସ୍ପର୍ଶୀ ହୋଇଛି ।

ଖ – ଆଲଙ୍ଗ୍ ଆଃ ଶେଷ – ଆଲଙ୍ଗ୍‌ଆଃ ଶେଷ୍‌ଯେଃ ଖୋବ୍ ନିରୀତେ ଭେଃଦ୍ ଗଃସିଗ୍ ।

ଓ – ପରପୃଷ୍ଠା – ବହିର ପରପୃଷ୍ଠାରେ ହାଟ ବିଷୟରେ ଲେଖା ଅଛି ।

ଖ – ଅଲ୍‌ଗା ପୃଷ୍ଠା – ବହିଆଃ ଅଲ୍‌ଗା ପୃଷ୍ଠାତେ / ପାଖତେ ହାଃଟ ବିଶେତେ ଲେଖା ଆଃଇ ।

ଓ – ପଣସ – ପଣସ ଏକ ସୁଆଦିଆ ଫଳ ଅଟେ ।

ଖ – କଠର୍ – କଠର୍ ମୁଇଙ୍ଗ୍ ସେବୁଲ୍ ଲକୁ ହାଏ ।

ଓ – ପରିକଳ୍ପନା – ସୁନ୍ଦର ବଗିଚା କୃଷକର ପରିକଳ୍ପନା ଅଟେ ।

ଖ – ଯୁଜ୍‌ନା ବାୟନା – ସୁନ୍ଦର୍ ବରେ ତାସିଆଃ ଯୁଜନା ବାୟ୍‌ନା ହାଏ ।

ଓ – ପଦ୍ମଫୁଲ – ପଦ୍ମ ଆମର ଜାତୀୟ ଫୁଲ ।

ଖ – ପଦମ୍‌ଫୁଲ – ପଦମ୍‌ଫୁଲ୍ ଆନିଆଁଃ ଜାତୀୟ ଫୁଲ୍ ହାଏ ।

ଓ – ପଡିଆ – ସ୍କୁଲ ପଡିଆରେ ପିଲାଏ ଖେଳନ୍ତି ।

ଖ – ପାଡିଆ – ଇସକୁଲ୍ ପାଡିଆତେ କୁଣ୍ଡୁଃକି ଏବଃ ତାକି ।

ଓ – ପଙ୍ଖା – ଲୋକେ ପଙ୍ଖାଚଲାଇ ଗରମରୁ ରକ୍ଷା ପାଆନ୍ତି ।

ଖ – ପାଙ୍ଖା – ଲେବୁକି ପାଙ୍ଖା ଚଲାଏ୍‌କଲା ଗରମ୍‌ତାଏ୍ ବାଞ୍ଚେତାକି ।

ଓ – ପନ୍ଥା – ସଫଳତା ନିମନ୍ତେ ସାଧନା ଏକମାତ୍ର ପନ୍ଥା ଅଟେ ।

ଖ – ଉପାୟ/ଗଏକ୍‌ଝୁଙ୍ଗ୍ – ସଫଳ କୁଇନାଃଥମ୍ ଦିନ୍‌ରାଏତ ପରିଶ୍ରମ ବାଏ୍‌ନା ମୁଇଙ୍ଗ୍ ଗଏକ୍‌ଝୁଙ୍ଗ ହାଏ । / ସଫଲ୍ କୁଇନାଃଥମ୍ ମୁଇଙ୍ଗ୍ ମନ୍‌ତେ ଧିଆନ୍ ତେର୍‌ନା ମୁଇଙ୍ଗ୍ ଉପାୟ୍ ହାଏ ।

ଓ – ପରଦା – କବାଟରେ ପରଦା ଲଗାଯାଏ ।

ଖ – ପାର୍‌ଦା – ଦୁଆର୍ ବନ୍ଧ୍‌ତେ ପାର୍‌ଦା ଲାଗାଏ୍‌ତେକି ।

ଓ – ପରିବା – ଶୀତ ଦିନେ ପରିବା ଦର କମ୍ ରହେ ।

ଖ – ସବ୍‌ଜୀ – ରାଙ୍ଗା ଦିନ ସବ୍‌ଜୀଆଃ ଦାମ୍ କମ୍ ରହେତା ।

ଓ – ପରିବାର – ରବିବାବୁ ପରିବାର ନେଇ କଟକରେ ରୁହନ୍ତି ।

ଖ – କୁଣ୍ଡୁଃ କୁଟୁମ୍ – ରବିବାବୁ କୁଣ୍ଡୁଃକୁଟୁମ୍ ଡଟ୍ କଲା କଟକ୍‌ତେ ରହେତାକି ।

ଓ – ପରିଚ୍ଛଦ – ଖରାଦିନେ ପତଳା ପରିଚ୍ଛଦ ଆବଶ୍ୟକ ।

ଖ – ଛିଡା – ଗିଡିଙ୍ଗ୍ ଦିନ ପାତଲା ଛିଡା ଦର୍‌କାର୍ ।

ଓ – ପନିକି – ପନିକିରେ ପରିବା କାଟିବା ସହଜ ।
ଖ – ପନ୍‌ଖି – ପନଖିବୁଙ୍ଗ୍ ସବ୍‌ଜି ଡେଗ୍‌ନା ସହଜ୍ ହାଏ ।
ଓ – ପରିଶ୍ରମ – ପରିଶ୍ରମ କେବେ ନିଷ୍ଫଳ ହୁଏ ନାହିଁ ।
ଖ – କାମୁ – କାମୁ କେଭେ ବେକାର୍ ଉମ୍ ହଏତା/ସାନ୍‌ତା।
ଓ – ପଦ୍ଧତି – ଉନ୍ନତ ପଦ୍ଧତି କୃଷକମାନେ ଜାଣନ୍ତୁ ।
ଖ – ନିୟମଧାରା – ବନେ ବନେ ନିୟମ୍‌ଧାରା ତାସିଆର୍ କି କଂ ଗୁଡୁଃମେନ୍ ।
ଓ – ପଚପଚ – ବର୍ଷାଦିନେ ମାଟି ରାସ୍ତା ପଚ୍‌ପଚ୍ ହୁଏ ।
ଖ – ପଚ୍ ପଚ୍ – ବର୍‌ଷା ଦିନ ଲଃଖା ସଡକ୍ କାଦୋ ପଚ୍ ପଚ୍ ହଏ୍‌ତା ।
ଓ – ପଛପଟ – ଆମଘର ପଛପଟେ ବରକୋଳି ଗଛଟିଏ ଅଛି ।
ଖ – ପଛ୍‌ଲାତିଗ୍ – ଏଲାଃଅଗାଃ ପଛ୍‌ଲାତିଗ୍ ତାପ୍‌କାର୍ ଦାରୁ ମୁଇଙ୍ଗ୍ ଆଃଇ ।
ଓ – ପହଞ୍ଚିଲେ – ମାମୁ ଆମ ଘରେ ସକାଳୁ ପହଞ୍ଚିଲେ ।
ଖ – ଡାମ୍‌କିମେନ୍ – ମାମୁଁ ଏଲାଃଅଃତେ ମିଆଁଃତେ / ତାୟ ଡାମକିମେନ୍ ।
ଓ – ପତ୍ର – ଶୀତଦିନେ ଗଛରୁ ପତ୍ର ଝଡିଯାଏ ।
ଖ – ଉଲାଃ – ରାଙ୍ଗାଦିନ ଦାରୁତାୟ୍ ଉଲାଃ ଜରମ୍‌ଗଃତା ।
ଓ – ପଥୁରିଆ – ପଥୁରିଆ ମାଟିରେ ଗଛ ବଢେନାହିଁ ।
ଖ – ପଥ୍‌ରିଆ – ପଥ୍‌ରିଆ ଲଃଖାତେ ଦାରୁ ଉମ୍ ମାହାତା ।
ଓ – ପଡିଲା – ଭାଡିରୁ ମାଠିଆଟିଏ ତଳେ ପଡିଲା ।
ଖ – ଗୁର୍‌କି – ଭାଦ୍‌ଡିତାୟ କଡ୍‌ସି ମୁଇଙ୍ଗ୍ ତୁତାତେ ଗୁର୍‌କି ।
ଓ – ପଛକୁ – ଗାଈଗୋରୁ ପଛକୁ ପଛ ଚାଲି ଜାଣନ୍ତି ନାହିଁ ।
ଖ – ପଛ୍‌ଲା – ଅରେଗ୍ ଗାଏ ପଛ୍‌ଲା ପଛ୍‌ଲା ସାଁଉଡ୍‌ନା ଉମ୍ ସଏଗ୍‌ତେକି ।
ଓ – ପଞ୍ଚମ – ପଞ୍ଚମ ଘରେ ମୋର ବନ୍ଧୁ ରହନ୍ତି ।
ଖ – ପଞ୍ଚମ୍ – ପଞ୍ଚମ୍ ଝାନାଃ ଅଃତେ ଇଙ୍ଗାଃ ବନ୍ଧୁ ରହେତାକି ।
ଓ – ପରଖି – ସାଇକେଲର ବ୍ରେକ ପରଖି ଦେଖ ।
ଖ – ଚେକ୍ – ବାଏସକଲ୍ ଆଃ ବେରେକ୍ ଚେକ୍ ବାଏ୍ କଲା ଜଏ।
ଓ – ପଡିବା – ଆମ୍ବ ପାଚି ତଳେ ପଡିବା ଆରମ୍ଭ ହୁଏ ।
ଖ – ଗୁର୍‌ନା – କାୟାର୍ ବେଲମ୍ କିଲାଃ ତୁତାତେ ଗୁର୍‌ନା ସୁରୁ ହଏତା ।
ଓ – ପକାଇବା – ମଇଳା ଏଣେ ତେଣେ ପକାଇବା ଅନୁଚିତ ।
ଖ – ଘାଲ୍‌ନା – କାଚ୍‌ରା ଉତିଗ୍ ହାନ୍‌ତିଗ୍ ଘାଲ୍‌ନା ଠିକ୍ ଆଣିଗ୍ ।
ଓ – ପାଣ୍ଡିତ୍ୟ – ବଡ ଲୋକଙ୍କ ପାଣ୍ଡିତ୍ୟ ଆମକୁ ପଥ ଦେଖାଏ ।
ଖ – ପଣିତ୍‌କାର – ମାହା ଲେବୁକିଆଃ ପଣିତ୍‌କାର୍ ଆନିଙ୍ଗ୍ ତେ ଗଃଝୁଙ୍ଗ୍ ଅବ୍‌ଜଏତେ ।

ଓ – ପାହୁଣ୍ଡ – ଡେଙ୍ଗା ଲୋକ ଲମ୍ବା ପାହୁଣ୍ଡ ପକାଇ ଚାଲନ୍ତି ।

ଖ – ପାଃଦ – ଲମ୍ବା ଲେବୁ ଲମ୍‌ଆ ପାଃଦ ଅବ୍‌ଗୁର୍‌କଲା ସାଉଁଡ୍‌ତାକି ।

ଓ – ପାହାଡ – ଆମ ଗାଁ ପାହାଡ ଉହାଡରେ ସୂର୍ଯ୍ୟ ଉଏଁ ।

ଖ – ବୀରୁ – ଏଲାଃ କେଲ୍‌କେ ଆଃ ବୀରୁ ଉହାଡ୍‌ତେ / ହାନ୍‌ପାର ବେଡଃ ମୁଃସିଙ୍ଗ୍‌ତା ।

ଓ – ପାରା – ଘରର ଚାଳ ମାନଙ୍କରେ ପାରା ବାସ କରେ ।

ଖ – ପେରୁଆଁ – ଅଗାଃ ଛାଉନିକିତେ ପେରୁଆଁ ଡେରା ବାଏ୍‌ତେ ।

ଓ – ପାହାଡିଆ – ପାହାଡିଆ ଅଂଚଳ ଚାଷ ପାଇଁ ଅନୁପଯୋଗୀ ।

ଖ – ପାହାଡିଆ – ପାହାଡିଆ ଜାଗା ତାସ୍‌ବାସ୍ ଲାଗି ଭଲ୍ ଜାଗା ଆଣିଗ୍ ।

ଓ – ପାଳିବା – ଆମେ ଜାତୀୟ ଦିବସ ଗୁଡିକ ପାଳିବା ଉଚିତ ।

ଖ – ମାନାୟ୍‌ନା – ଆନିଙ୍ଗ୍ ଜାତୀୟ ଦିବସ କିତେ ମାନାୟ୍‌ନାଃ କାୟମ୍ ।

ଓ – ପାନୀୟ ଜଳ – ମଫସଲ ଅଂଚଳରେ ପାନୀୟ ଜଳ ଅଭାବ ରହିଛି ।

ଖ – ଉଡ୍‌ନା ଡାଃ – ଗାଁ ଗହ୍‌ଳି କିତେ ଉଡ୍‌ନା ଡାଃ ଅଭାବ୍ ଆଃଇ ।

ଓ – ପାଣି – ପାଣି ଗରମ ହେଲେ ବାଷ୍ପ ହୁଏ ।

ଖ – ଡାଃ – ଡାଃ ଲଫଃଲାଃ ଭାପ୍ ହଏ୍ ହଏତା ।

ଓ – ପାଚିଲା – ପାଚିଲା ଆମ୍ବ ତଳେ ପଡେ ।

ଖ – ବେଲମ୍ – ବେଲମ୍ କାୟାର୍ ତୁତାଡେ ଗୁର୍‌ତା ।

ଓ – ପାକସ୍ଥଳୀ – ଖାଦ୍ୟ ପାକସ୍ଥଳୀରେ ହଜମ ହୋଇଥାଏ ।

ଖ – ଲାଏଗ୍ – ନନଃ ଲାଏଗ୍ ତେ ଲଜଃତା ।

ଓ – ପାଇଖାନା – ପ୍ରତ୍ୟେକ ଘରେ ପାଇଖାନା ରହିବା ଆବଶ୍ୟକ ।

ଖ – ପାଏ୍‌ଖାନା – ଝାକିଆଃ ଅଃତେ ପାଏ୍‌ଖାନା ରହେନାଃ କାୟମ୍ ।

ଓ – ପାଖରେ – ଗାଁ ପାଖରେ ନଈଟିଏ ବହୁଛି ।

ଖ – ଏକର୍‌ତେ – ପାଡାଃ କେଲ୍‌କେ ଏକର୍‌ତେ ଖ୍‌ରମ୍ ମୁଇଙ୍ଗ୍ ଲେଙ୍ଗେତାଏଗ୍ ।

ଓ – ପାର୍ଥକ୍ୟ – ଆଜିକାଲି ପୁଅ ଝିଅ ମଧ୍ୟରେ ପାର୍ଥକ୍ୟ ନାହିଁ ।

ଖ – ଫରକ୍ – ଉପାଡି ବେଟା ବେଟୀ ଭିଃତାର୍‌ତେ ଫରକ୍ ମଃଡେଗ୍ ।

ଓ – ପାଞ୍ଛୁଥିଲେ – ଖଳ ଲୋକ ଆମ ଅନିଷ୍ଟ ପାଞ୍ଛୁଥିଲେ ।

ଖ – ଚିନ୍ତା ବାଏନା – ବଦମାସ୍ ଲେବୁକି ଆନିଆଃ/ଏଲାଃ ଖାରାପ୍ ଚିନ୍ତା ବାଏଖାନ୍‌ତେ କି ।

ଓ – ପାଟି – ନିତି ଦାନ୍ତ ନ ଘଷିଲେ ପାଟି ଗନ୍ଧେ ।

ଖ – ତମଡ୍ – ଝାକିଦିନ ଗନେ ଉମ୍ ରେତୟଲାଃ ତମଡ୍ ମହ୍‌କେତା ।

ଓ – ପଡୋଶୀ – ପଡୋଶୀଙ୍କ ସହିତ ଉତ୍ତମ ସମ୍ପର୍କ ରକ୍ଷା କର ।

ଖ – ଛୁମ୍ ଦୁଆର୍ ଲେବୁ – ଛୁମ୍ ଦୁଆରାଃ ଲେବୁ ସରି ବନେବଃ ରହେ ନାପେ ।

ଓ – ପାଖାପାଖି – ଶ୍ରେଣୀରେ ରବି ସହିତ ଆମେ ପାଖାପାଖି ବସୁଁ ।
ଖ – ଏକର୍ ଏକର୍ – କିଲାସ୍‌ତେ ରବିସରି ଏଲେ ଏକର୍‌ଏକର୍ ଡକତାଲେ ।
ଓ – ପାତି – ଭିକାରୀ ହାତ ପାତି ଭିକ୍ଷା ମାଗେ ।
ଖ – ତିଃ ଲମାଏ୍‌କରି – ବର୍‌ତାଙ୍ଗ୍ ଲେବୁ ତିଃ ଲମାଏ୍‌କରି ଭିଃକ ବର୍‌ତେ ।
ଓ – ପାଠାଗାର – ଆମ ଗାଁରେ ନେହେରୁ ପାଠାଗାର ଅଛି ।
ଖ – ବହିଭାଣାର୍ – ଏଲାଃ କେଲ୍‌କେତେ ନେହରୁ ବହିଭାଣାର୍ ଆଏଗ୍ ।
ଓ – ପାଳି – ଆଜି ମୋର ଶ୍ରେଣୀ ସଜାଇବା ପାଳି ଅଛି ।
ଖ – ପାଳି – ମୁସା ଇଙ୍ଗାଃ କିଲାସ୍ ସଜାଏ୍‌ନା ପାଳି ଆଃଇ ।
ଓ – ପାଳ – ଗାଈ ଗୋରୁ ପାଳ ଖାଆନ୍ତି ।
ଖ– ଜେପୁଙ୍ଗ୍ – ଗାଏ ଅରେଗ୍ ଜେପୁଙ୍ଗ୍ ନଃତେକି।
ଓ – ପାଳୁଛି – ଧରଣୀ ମାଁ ନିଜ କୋଳରେ ଧରି ଆମକୁ ପାଳୁଛି ।
ଖ – ବୁଇତାଏଗ୍ – ଧର୍‌ତୀ ମାଁ ଆଡିଆଃ କୁଡୁମ୍ ତେ ଧଃତେ କରି ଆନିଙ୍ଗ୍ ତେ ବୁଇଲାଃସିଗ୍ ।
ଓ – ପାଖେ – ମୁଁ ତୁମ ପାଖେ ପାଖେ ରହିଛି ।
ଖ – ଏକର୍ – ଇଙ୍ଗ୍ ଆମାଃ ଏକର୍ ଏକର୍ ରହେସିଙ୍ଗ୍ ।
ଓ – ପାଦତଳେ – ଆମେ ଈଶ୍ୱରଙ୍କ ପାଦ ତଳେ ପ୍ରଣାମ କରୁଁ ।
ଖ – ପାଃଦ ତୁତାତେ – ଆନିଙ୍ଗ୍ ଭଗମାନ୍ ଆଃ ପାଃଦ୍ ତୁତାତେ ମୁଡିଆ ତାର୍‌ତେନିଙ୍ଗ୍ / ଜୁହାର୍ ବାଏ୍‌ତେନିଙ୍ଗ୍ ।
ଓ – ପାଠଶାଳା – ଆଗକାଳରେ ଚାଟଶାଳୀରେ ପାଠ ପଢ଼ା ଯାଉଥିଲା ।
ଖ – ପାଟ୍‌ଶାଲା – ଆଘ୍‌ଲି ପାଟ୍‌ଶାଲା ତେ ପାଟ୍‌ପଢା ହଏଖାନ୍‌ତା ।
ଓ – ପାନେ – ଚୋର ଧରା ପଡିବାରୁ ତାକୁ ପାନେ ଶିକ୍ଷା ମିଳିଲା ।
ଖ – ଠିକ୍ – ଚୋର୍ / ଚର୍‌ହା ଧରା ଗୁର୍ ଗଃକିଭେରେ ଆଡ୍‌ତେ ଠିକ୍ ଶିକ୍ଷା କୁଇକି ।
ଓ – ପାଠ୍ୟ ପୁସ୍ତକ – ସରକାର ମାଗଣାରେ ପାଠ୍ୟପୁସ୍ତକ ଯୋଗାନ୍ତି ।
ଖ – ପଢା ବହି – ସାର୍‌କାର୍ ବିନା ପଏ୍‌ସାତେ ପଢାବହି ତେର୍‌ତେ କି ।
ଓ – ପାନ – ବନ୍ୟଜୀବଜନ୍ତୁ ଝରଣାରେ ଜଳପାନ କରିଥାନ୍ତି ।
ଖ – ଉଡ୍‌ନା – ଆଡାୟ ଆଃ ଜୀବ୍‌ଜଁତୁ ଆଡାୟ୍ ଆଃ ଝରନ୍ ଡାଃ ଉଡ୍‌ତେ କି ।
ଓ – ପାଳନ – କିଛିଲୋକ ପଶୁ ପାଳନକରି ଚଳିଥାନ୍ତି ।
ଖ – ବୁଇକଲା – କିଃତେଲେବୁ କି ଗାୟ୍ ମେରମ୍ ବୁଇକଲା ଚଲେତାକି ।
ଓ – ପାତ୍ର – ଝିଅଟିଏ ଜଳପାତ୍ର ଧରି ନଈକୁ ଯାଉଛି ।
ଖ – ଗାଗ୍‌ରା/କଡ୍‌ସୀ – ବେଟୀ ମୁଇଙ୍ଗ୍ ଗାଗ୍‌ରା/କଡ୍‌ସୀ ଧଃତେ କଲା ଖିରମ୍ ତିଗ୍ ସାନ୍‌ଲାଃସିଗ୍ / ସାନ୍‌ତାଏଗ୍ ।
ଓ – ପରାସ୍ତ – ରାଜା ଯୁଦ୍ଧରେ ପରାସ୍ତ ହେଲେ ।
ଖ – ହାରେନା – ରାଜା ଯୁଧତେ / ଲଡେତେ ହାରେ ଗଃକି ।

| | | |
|---|---|---|
| ଓ – ପାଞ୍ଚ ଟଙ୍କିଆ | – | ପାଞ୍ଚ ଟଙ୍କିଆ ନୋଟ ଈଷତ୍ ସାଗୁଆ ଦିଶେ । |
| ଖ – ପାଚ୍ ରୁପିଆ | – | ପାଚ୍ ରୁପିଆ ଲୋଟ୍ ଇଚିଃ ସାଗୁଆ ଜଏତା । |
| ଓ – ପାହାଚ | – | ବୃଦ୍ଧ ଲୋକଟି ପାହାଚ ଚଢିପାରୁ ନାହାଁନ୍ତି । |
| ଖ – ସିଢିଃ / ଟିକାସୀ | – | ବୁଢା ଲେବୁ ଯେଃ ସିଢିଃ / ଟିକାସୀ ଡେବ୍ନା ଉମ୍ ପାଲ୍ତାଏଗ୍ । |
| ଓ – ପାଇଁ | – | ଦେଶ୍ ପାଇଁ ଆମେ ଜୀବନ ଦେବା । |
| ଖ – ଥମ୍/ଲାଗିନ୍ | – | ଦେଶ୍ ଆଃ ଥମ୍ / ଲାଗିନ୍ ଆନିଙ୍ଗ୍ ଜୀବନ୍ ତେରେନିଙ୍ଗ୍ । |
| ଓ – ପାଖରୁ | – | ଚିଡିଆ ଖାନାରେ ଜନ୍ତୁ ମାନେ ପାଖରୁ ଦେଖାଯାନ୍ତି । |
| ଖ – ଏକରତାୟ୍ | – | ଚିଡିଆଖାନାତେ ଜଁତୁ କିତେ ଏକର୍ତାୟ୍ ଜୟଡମ୍ତା । |
| ଓ – ପାକୁଆ | – | ପାକୁଆ ପାଟିରେ ଚଣା ଖାଇହୁଏ ନାହିଁ । |
| ଖ – ଫୁଫ୍ଲା | – | ଫୁଫ୍ଲା ତମ୍ଡ୍ତେ ଚାନା ନଃନା ଉମ୍ ହଏତା । |
| ଓ – ପ୍ୟାରେଡ | – | ପୋଲିସମାନେ ସକାଳେ ପ୍ୟାରେଡ କରନ୍ତି । |
| ଖ – ପରେଟ୍ | – | ପୁଲୁସ୍ କି ମିଆଃଁତେ ପରେଟ୍ ବାୟ୍ତେ କି । |
| ଓ – ପିଚକାରୀ | – | ଲୋକେ ପିଚକାରୀ ମାରି ହୋଲି ଖେଳନ୍ତି । |
| ଖ – ପିଚ୍କାରୀ | – | ଲେବୁ କି ପିଚ୍କାରୀ ତାର୍ କରି ହଲି ଏବଃତାକି । |
| ଓ – ପିଡିଆ | – | ଗାଇକୁ ପିଡିଆ ଦେଲେ ଭଲ କ୍ଷୀର ଦିଏ । |
| ଖ – ଦାନା | – | ଗାଏ ତେ ଦାନା ତେରଃଲାଃ ବନେ ତମ୍ଲେଙ୍ଗ୍ ତେର୍ତେ । |
| ଓ – ପିଣ୍ଡୁଳା | – | ଦେହରେ ମାଂସ ପିଣ୍ଡୁଳାଟିଏ ବଢି ଚାଲିଛି । |
| ଖ – କୁମାଙ୍ଗ୍କୁଣ୍ଠୁ | – | ନିରୀତେ କୁମାଙ୍ଗ୍କୁଣ୍ଠୁ ମୁଇଙ୍ଗ୍ ମାହାତାଏଗ୍ । |
| ଓ – ପିତାମାତା | – | ପିତାମାତା ଆମର ପ୍ରଥମ ଗୁରୁ ଅଟନ୍ତି । |
| ଖ – ବୁଆମାଁ | – | ବୁଆମାଁ ଆନିଆଁ ପହେଲା ମାଷ୍ଟର୍ ହାଏକି । |
| ଓ – ପିଠି | – | ଘୋଡା ପିଠିରେ ବସି ରାଜା ଭ୍ରମଣରେ ଯାଆନ୍ତି । |
| ଖ – କୁଣାବ୍ | – | ଘଡାଃ କୁଣାବ୍ ତେ ଡକକରି ରାଜା ବୁଲିନା ସାଆନ୍ତା । |
| ଓ – ପିଲାମାନେ | – | ପିଲାମାନେ ଖେଳପ୍ରିୟ ଅଟନ୍ତି । |
| ଖ – କୁଣ୍ଡୁଃକି | – | କୁଣ୍ଡୁଃକି ଏବଃନା ପସନ୍ ବାୟ୍ତେ କି । |
| ଓ – ପିନ୍ଧିବା | – | ଝିଅମାନେ ପୁଅଙ୍କ ପରି ପୋଷାକ ପିନ୍ଧିବା ଅନୁଚିତ । |
| ଖ – ସୁଇନା | – | ବେଟୀ କି ବେଟା କିଆଃଗୁଡ୍  ପେଁଟ୍ କୁର୍ତା ଉମ୍ ସୁଇନାଃ କାୟମ୍ । |
| ଓ – ପିଜୁଳି | – | ପାଚିଲା ପିଜୁଳି ଭାରି ମିଠା ଲାଗେ । |
| ଖ – ତାମ୍ରସ୍ | – | ବେଲମ୍ ତାମ୍ରସ୍ ମୁରୁକ୍ ମିଠା/ସେବୁଲ ଲାଃତା । |
| ଓ – ପିଇବା | – | ଆମ ଗ୍ରାମରେ ପିଇବା ପାଣିର ଅଭାବ ରହିଛି । |
| ଖ – ଉଡ୍ନା | – | ଏଲାଃ ପାଡାତେ ଉଡ୍ନାଃଥମ୍ ଡାଃ କମି ଆଃଇ । |

ଓ – ପୀଡା – ବିଶ୍ରାମ କଲେ ଦେହରେ ପୀଡା କମିଯାଏ ।
ଖ – ବଥା/କସୁ – ଆରାମ୍ ବାୟଃଲା ନୀରିଆଃ ବଥା/କସୁ କମେତା ।
ଓ – ପୀଠ – ଲୋକେ ପବିତ୍ର ପୀଠ ଦର୍ଶନରେ ଯଆନ୍ତି ।
ଖ – ଜାଗା – ଲେବୁ କି ପବିତ୍ର ଠାଣ ବୁଙ୍ଗ୍ ଦର୍ଶନ୍ ବାଏନା ସାନ୍ତାକି ।
ଓ – ପୁଣି – ପୁଣି ଥରେ ମୋ ଦେହ ଅସୁସ୍ଥ ହେଲା ।
ଖ – ଅଡଃ – ଅଡଃ ମେସନ୍ ଇଙ୍ଗାଃ ନୀରି ଖାରାପ୍ ହଏକି ।
ଓ – ପୂଣ୍ୟ – ଜନସେବା କରି ପୂଣ୍ୟ ଅର୍ଜନ କର ।
ଖ – ପୁଇନ୍ – ଲେବୁ କିଆଃ ସେବା ବାୟ୍କରି ପୁଇନ୍ ଅର୍ଜେଏପେ ।
ଓ – ପୁରା – ଶ୍ରମିକକୁ ପୂରା ମଜୁରୀ ଦେଇଦିଅ ।
ଖ – ଝାକି – କାମ୍ହିାଁତେ/କୁଲିତେ ଝାକି ମଜ୍ରୀ/ହାଜ୍ରୀ ତେର୍ ଗଡେପେ ।
ଓ – ପୁଡିଆ – ଦୋକାନୀ ଡାଲି ପୁଡିଆ ବାନ୍ଧି ଦିଏ ।
ଖ – ଠୁଙ୍ଗ୍ହା – ଦୁକାନ୍ ବାଲା ଦାଏଲ୍ ତେ ଠୁଙ୍ଗ୍ହା ତଲ୍କରି ତେର୍ତେ ।
ଓ – ପୁସ୍ତକ – ପୁସ୍ତକରେ ଅନେକ ଜ୍ଞାନର କଥା ଲେଖା ହୋଇଥାଏ ।
ଖ – ବହି – ବହିତେ ଖୋବ୍ ଗିଆନ୍ କାୟମ୍ ଲେଖା ହଏସିଃତା ।
ଓ – ପୁରୁଷ – ନାରୀ ପୁରୁଷର ପରସ୍ପର ପରିପୁରକ ଅଟନ୍ତି ।
ଖ – ମର୍ଦ/କେଣର୍ – କନସେଲ୍ ର ମର୍ଦ ଦୁହିଝନ୍ ମୁଇଙ୍ଗ୍ ହାଏକିଆର୍ ।
ଓ – ପୁଷ୍ପ – ଆମ ବଗିଚା ବିଭିନ୍ନ ପୁଷ୍ପରେ ସୁଶୋଭିତ ଅଟେ ।
ଖ – ଫୁଲ / ଲାଃରାଃ – ଏଲାଃ ବାଡିତେ / ବରେତେ ରକମ୍ ରକମ୍ ଲାଃରାଃ ସଜାଏ ହଏ୍ସିଗ୍ / ସୁନ୍ଦର ଜଏ୍ତାୟ୍ଗ୍ ।
ଓ – ପୁରାଇ – ମୀନା ବହି ବସ୍ତାନିରେ ପୂରାଇ ଧରିଛି ।
ଖ – ଭଃରେ କରି – ମୀନା ବହି ମୁନାତେ ଭଃରେ କରି ଧଃତେସିଗ୍ ।
ଓ – ପୁରାତନ – ପୁରାତନ ବିଷୟ ସବୁ ଲୋପ ପାଇବାକୁ ବସିଲାଣି ।
ଖ – ପୁର୍ନା /ଆଘ୍ଲିଆଃ /ଅସ୍ଲେଗ୍ଆଃ – ପୁର୍ନା /ଆଘ୍ଲିଆଃ /ଅସ୍ଲେଗ୍ଆଃ ବିଷେ ଝାକି ଲେଡ୍ ଗଃନାଃଥମ୍ ଡକସିଗ୍ ।
ଓ – ପୁଷ୍କରିଣୀ – ପୁଷ୍କରିଣୀରେ ଆମେ ଗାଧୋଇବାକୁ ଯାଉଁ ।
ଖ – ମୁଁଣ୍ଆ – ମୁଁଣ୍ଆତେ ଆନିଙ୍ଗ୍ ଉଆଃନାଃଥମ୍ ସାନ୍ତାନିଙ୍ଗ୍ ।
ଓ – ପୁଷ୍ପବୃନ୍ତ – ପୁଷ୍ପବୃନ୍ତରେ ପାଖୁଡା ଲାଗିଥାଏ ।
ଖ – ଲାଃରାଃକଡଆଃ ଚାରିପାଖ– ଲାଃରାଃ କଡଆଃ ଚାରିପାଖ କଲିଲାଃସିଃତା ।
ଓ – ପୁନେଇ – ପୁନେଇ ଜହ୍ନ ଥାଳିପରି ଦେଖାଯାଏ ।
ଖ – ପୁନି – ପୁନି ଲେରାଙ୍ଗ୍ ଥାଲିଗୁଡ୍ ଜୟ୍ତା ।

| | | | |
|---|---|---|---|
| ଓ – | ପୃଥିବୀ | – | ପୃଥିବୀ ଆମର ଚିରସ୍ଥାୟୀ ବାସସ୍ଥାନ ନୁହେଁ । |
| ଖ – | ଦୁନିଆଁ/ଧରତୀ | – | ଦୁନିଆଁ/ଧରତୀ ଆନିଆଁ ଝାକିଦିନଆଁଃ ରହେନା ଜାଗା ଆଣିଗ୍ । |
| ଓ – | ପୃଷ୍ଠା | – | ବିଷୟ ଖୋଜି ପାଇବାରେ ପୃଷ୍ଠା ସାହାଯ୍ୟ କରେ । |
| ଖ – | ପୃଷ୍ଠା | – | ବିଷେଲାମ୍‌କଲା କୁଇନାଃଥମ୍ ପୃଷ୍ଠା ସାହେଜ୍ ବାୟ୍‌ତେ । |
| ଓ – | ପୂଜା | – | ଆଦିବାସୀମାନେ ମାଟିଦେବତା ପୂଜା କରି ଥାଆନ୍ତି । |
| ଖ – | ପୂଜା | – | ଆଦିବାସୀ ଲେବୁକି ଲଃଖା ଦେବ୍‌ତାତେ ପୂଜା ବାଏ୍‌ତେ କି । |
| ଓ – | ପୂର୍ବ | – | ପୂର୍ବ କାଳରେ ଲୋକେ ଅଧିକ ବଳବାନ ଥିଲେ । |
| ଖ – | ଆଘ୍‌ଲି /ଅସ୍ଲେଗ୍ | – | ଆଘ୍‌ଲି / ଅସ୍ଲେଗ୍‌ଆଃ ଲେବୁ କି ଖୋବ୍ ପହିଲ୍‌ମାନ୍ ଆକିମେନ୍ । |
| ଓ – | ପୁରଣ | – | ନଳକୂପ ପାନୀୟ ଜଳର ଅଭାବ ପୂରଣ କରେ । |
| ଖ – | ଡିସାଃ | – | ଢେକଡ୍ ଚୁଆଁ ଉଡ୍‌ନାଃ ଡାଗାଃ କମିତେ ଡିସାଃ ବାଏତେ । |
| ଓ – | ପୂର୍ବପୁରୁଷ | – | ଆମ ପୂର୍ବପୁରୁଷ ମାନେ ଖୁବ୍ ପରିଶ୍ରମୀ ଥିଲେ । |
| ଖ – | ପୁର୍‌ଖା କି | – | ଆନିଆଁ ପୁର୍‌ଖା କି ଖୋବ୍ କାମିହାଁ ଆକିମେନ୍ । |
| ଓ – | ପେଚା | – | ପେଚା ଏକ ରାତ୍ରି ଚର ପକ୍ଷୀ । |
| ଖ – | ପେଚା | – | ପେଚା ମୁଇଙ୍ଗ୍ ଇଡିବ୍‌ତେ ବୁଲିନା କନ୍ଃଡ୍ ହାଏ । |
| ଓ – | ପେଟ | – | ପେଟରେ ଖାଦ୍ୟ ହଜମ ହୁଏ । |
| ଖ – | ଲାଏଗ୍ | – | ଲାଏଗ୍ ତେ ନଃନଃ ଲଜଃତା । |
| ଓ – | ପେଣ୍ଡୁ | – | ଦୋଳକ ଘଣ୍ଟାରେ ପେଣ୍ଡୁଟିଏ ଝୁଲି ହଲୁଥାଏ । |
| ଖ – | ଗୁଲ୍‌ଠୁ | – | ଝୁଲେନା ଘଡିତେ ଗୁଲ୍‌ଠୁ ମୁଇଙ୍ଗ୍ ଝୁଲେ କଲା ହିଲେତା । |
| ଓ – | ପେଟି | – | ଔଷଧ କାଗଜ ପେଟିରେ ବନ୍ଧା ହୋଇ ଆସେ । |
| ଖ – | ପେଃଟି | – | କାନ୍‌ଲା କାଗଜ୍ ପେଃଟିତେ ତଲ୍‌ଡମ୍ କରି ଡେଲ୍‌ତା । |
| ଓ – | ପେଟପୂରା | – | ଗରିବ ଲୋକେ ପେଟପୂରା ଖାଇବାକୁ ପାଆନ୍ତି ନାହିଁ । |
| ଖ – | ଲାଏଗ୍‌ବେଶୁ | – | ଗରୀବ୍ ଲେବୁ କି ଲାଏଗ୍‌ବେଶୁ ନଃନାଃଥମ୍ ଉମ୍ କୁଇତେ କି । |
| ଓ – | ପେନସିଲ୍ | – | ପେନସିଲ୍‌ରେ ଚିତ୍ର ଅଙ୍କା ଯାଏ । |
| ଖ – | ଶିଶା | – | ଶିଶା ବୁଙ୍ଗ୍ ଫଟୁ ବାଏତେକି / ଶିଶା ବୁଙ୍ଗ୍ ଛାପା ବାଏ ତେକି । |
| ଓ – | ପୋଲ | – | କଲିକତାରେ ହାବଡା ପୋଲ ଅଛି । |
| ଖ – | ପୁଲିଆଁ | – | କାଲ୍‌କାତାତେ ହାବ୍‌ଡା ପୁଲିଆଁ ଆଃଇ । |
| ଓ – | ପୋଲିସ | – | ପୋଲିସ ଚୋରକୁ ଧରି ଥାଆନ୍ତି । |
| ଖ – | ପୁଲୁସ୍ | – | ପୁଲୁସ୍ ଚର୍‌ହା କିତେ ଧଃତେ ତେକି । |
| ଓ – | ପୋଷଇ | – | ଚାଷୀ ଲକ୍ଷେ ଲୋକଙ୍କୁ ପୋଷନ୍ତି । |
| ଖ – | ବୁଇତେ | – | ତାଷୀ ଲାଖ୍ ଲେବୁତେ ବୁଇତେ । |

| | | | |
|---|---|---|---|
| ଓ – | ପୋଷାକ | – | ମଇଳା ପୋଷାକ ସଙ୍ଗେ ସଙ୍ଗେ ସଫା କର । |
| ଖ – | ଛିଡା | – | କଡିଲ୍ ଛିଡା ସାଙ୍ଗେ ସାଙ୍ଗ୍ ସଫା ବାଏପେ । |
| ଓ – | ପୋତିଲେ | – | ଲୋକେ ପୂଜା ପାଇଁ ଖୁଣ୍ଟି ପୋତିଲେ । |
| ଖ – | ସୁମ୍ଃକି | – | ଲେବୁକି ପୂଜାଃଥମ୍ ଖୁଟି / ଖୁଣ୍ଟ ସୁମ୍ଃକି । |
| ଓ – | ପୋଖରୀ | – | ଆମେ ଗାଁ ପୋଖରୀରୁ ଦଳ ସଫା କଲୁଁ । |
| ଖ – | ମୁଁଡ୍ଆ | – | ଏଲେ ପାଡାଃ ମୁଁଡ୍ଆ ତାୟ ଜଗଲା/ଜାଆଁଲା ସାଫା ବାୟଃଲେ । |
| ଓ – | ପୋଟଳ | – | ପୋଟଳ ଏକ ଭଲ ପରିବା । |
| ଖ – | ପୁଟଲ୍ | – | ପୁଟଲ ମୁଇଙ୍ଗ୍ ବନେ / ଭଲ ସବ୍‌ଜି ହାଏ । |
| ଓ – | ପୋଡଇ | – | ଭାଟିରେ ଇଟା ପୋଡଇ । |
| ଖ – | ଗେବ୍‌ତା | – | ଭାଠିତେ ଇଟା ଅଗେବ୍‌ତେକି / ଗେବ୍‌ତା । |
| ଓ – | ପଡୋଶୀ | – | ରବି ଆମର ଜଣେ ପଡୋଶୀ ବନ୍ଧୁ ଅଟନ୍ତି । |
| ଖ – | ଅଃଏକରାଃ | – | ରବି ଏଲାଃ ଅଃଏକରାଃ ମୁଇଙ୍ଗ୍ ସରି ହାୟ୍ । |
| ଓ – | ପଚିବା | – | ଯତ୍ନ ନ ନେଲେ ପରିବା ପଚିବା ଆରମ୍ଭ କରେ । |
| ଖ – | ପଚେନା | – | ଯତନ୍ ଉମ୍ ଉଥଃଲାଃ ସବ୍‌ଜି ପଚେନା ସୁରୁ ବାଏତେ । |
| ଓ – | ପୋଡିଗଲା | – | ଦିନେ ହଠାତ୍ ଆମ ଘର ପୋଡି ଗଲା । |
| ଖ – | ଗେବ୍‌ଗଃକି | – | ମୁସନିଙ୍ଗ୍ ଅଚାନକ୍ ଏଲାଃ ଅଃ ଗେବ୍‌ଗଃକି । |
| ଓ – | ପ୍ରଶ୍ନ | – | ଶିକ୍ଷକ ପିଲାଙ୍କୁ ପ୍ରଶ୍ନ ପଚାରନ୍ତି । |
| ଖ – | ପର୍‌ଶନ | – | ମାଷ୍ଟର କୁଣୁଃ କିତେ ପର୍‌ଶନ ପଚ୍‌ରାଏ ତେକି । |
| ଓ – | ପ୍ରଜା | – | ଆମ ଦେଶରେ ପ୍ରଜାତନ୍ତ୍ର ଶାସନ ଚାଲିଛି । |
| ଖ – | ପାର୍‌ଜା | – | ଆନିଆଁ ଦେଶ୍‌ତେ ପାର୍‌ଜାକିୟାଃ ଶାସନ୍ ଚଲେସିଗ୍ । |
| ଓ – | ପ୍ରତି | – | ପ୍ରତି ବାଳିକାକୁ ପୋଷାକ ଦିଆଯାଇଛି । |
| ଖ – | ହରେକ୍ | – | ହରେକ୍ ବେଟି କିତେ ଡେରେସ୍ ତେର୍‌ସିଗ୍ କି । |
| ଓ – | ପ୍ରତିଭା | – | ଛୋଟ ବେଳୁ ପିଲାଟିର ପ୍ରତିଭା ଜଣାପଡିଲା । |
| ଖ – | ଗୁନ୍ | – | କୁଣୁଃ ଭେରେତାଏ କୁଣୁଃଗାଃ ଗୁନ୍ ଜନାଗୁର୍‌କି । |
| ଓ – | ପ୍ରତ୍ୟେକ | – | ପ୍ରତ୍ୟେକ ନାଗରିକର ଦେଶ ପ୍ରତି କର୍ତ୍ତବ୍ୟ ରହିଛି । |
| ଖ – | ଝାକିଆଃ | – | ଝାକିଲେବୁ କିୟାଃ ଦେଶ୍‌ଆଃଥମ୍ କାମୁ ରହେସିଗ୍ । |
| ଓ – | ପ୍ରକୃତି | – | ଋତୁ ପରିବର୍ତ୍ତନ ପ୍ରକୃତିର ଏକ ଦାନ ଅଟେ । |
| ଖ – | ପର୍‌କୁତି | – | ରିତୁ ବଦ୍‌ଲେନା ପର୍‌କୁତିଆଃ ମୁଇଙ୍ଗ୍ ଦାନ୍ ହାଏ । |
| ଓ – | ପ୍ରଚୁର | – | ଗତ ବର୍ଷ ପ୍ରଚୁର ବର୍ଷା ହୋଇଥିଲା । |
| ଖ – | ଖୋବ୍ | – | ସାନ୍‌କି ମେମନ୍ (ଗଲାବରଷ) ଖୋବ୍ ବର୍ଷା ହଇସିଥଃ । |

ଓ – ପ୍ରଥମ – ଇନ୍ଦିରା ଗାନ୍ଧୀ ଭାରତର ପ୍ରଥମ ମହିଳା ପ୍ରଧାନ ମନ୍ତ୍ରୀ ଥିଲେ ।
ଖ – ପହେଲା – ଇନ୍ଦିରା ଗାନ୍ଧୀ ଭାରତଆଃ ପହେଲା କନ୍‌ସେଲ୍‌ଡୁ ପର୍‌ଧାନ ମନ୍ତ୍ରୀ ଆକି ।
ଓ – ପ୍ରଭାବ – ଶୀତର ପ୍ରଭାବରେ ବହୁ ଲୋକ କଷ୍ଟ ପାଆନ୍ତି ।
ଖ – ପର୍‌ଭାବ – ରାଙ୍ଗାଃ ପର୍‌ଭାବ୍ ତେ ଖୋବ୍ ଲେବୁ କଷଟ୍ କୁଇତେ କି ।
ଓ – ପ୍ରଶ୍ୱାସ – ପ୍ରଶ୍ୱାସ ବାୟୁରେ ଅଧିକ ଅମ୍ଳଜାନ ଥାଏ ।
ଖ – ସାହାସ୍ – ସାହାସ୍ ଡଡ୍‌ନା କୟତେ ଅଏତ୍‌କା ଅମ୍ଳଜାନ ଆତା ।
ଓ – ପ୍ରଭୃତି – ବଣରେ ବାଘ ଭାଲୁ ପ୍ରଭୃତି ବାସ କରନ୍ତି ।
ଖ – ଝାକିରକମ୍‌ଆଃ – ଆଡାୟତେ କିଡଃ ଭାଲୁ ଝାକିରକମ୍‌ଆଃ ପଶୁ କି ରହେ ତାକି ।
ଓ – ପୂର୍ଣ୍ଣ – ଗଣିତରେ ପୂର୍ଣ୍ଣ ନମ୍ବର ଶହେ ଥାଏ ।
ଖ – ପୁରା – ଗଣିତେ ପୁରା ଶଏ ନମର୍ ଆତା ।
ଓ – ପ୍ରହରୀ – ବ୍ୟାଙ୍କକୁ ପ୍ରହରୀ ମାନେ ଜଗନ୍ତି ।
ଖ – ପହ୍‌ରାଦାର୍ – ବେଙ୍କ୍ ତେ ପହ୍‌ରାଦାର୍ କି ଆଗୁର୍‌ତେ କି ।
ଓ – ପ୍ରବେଶ – ପାଞ୍ଚବର୍ଷ ବୟସରେ ପିଲାଙ୍କୁ ସ୍କୁଲରେ ପ୍ରବେଶ କରାଯାଏ ।
ଖ – ପର୍‌ବେଶ – ପାଁଚ ବର୍‌ଷ ବଏସ୍‌ତେ କୁଣୁଃ କିତେ ଇସ୍‌କୁଲ୍ ତେ ପର୍‌ବେଶ୍ ବାଇ ତେ କି।
ଓ – ପ୍ରସାର – ମାତୃଭାଷାର ପ୍ରସାର ହେବା ଦରକାର ।
ଖ – ବିହ୍‌ଲେନା – ମାଗାଃ ଭାଷା ଝାକିତିଗ୍ ବିହ୍‌ଲେନାଃ କାୟମ୍ ।
ଓ – ପ୍ରତିଦିନ – ପ୍ରତିଦିନ ଘଣ୍ଟାଏ ବ୍ୟାୟାମ କରିବା ଉଚିତ ।
ଖ – ଝାକିଦିନ – ଝାକିଦିନ ମୁଇଙ୍ଗ୍ ଘନ୍‌ଟା ବିଆମ୍ ବାୟ୍‌ନାଃ କାୟ୍‌ମ୍ ।
ଓ – ପ୍ରଶଂସା – ଭଲ ପିଲାଙ୍କୁ ସମସ୍ତେ ପ୍ରଶଂସା କରନ୍ତି ।
ଖ – ସୁହୁଁରାଏ – ବନେ କୁଣୁଃକିତେ ଝାକିଗା ସୁହୁଁରାଏ ତେକି ।
ଓ – ପ୍ରତିକ୍ରିୟା – ଅନ୍ୟକୁ ପ୍ରଶଂସା କଲେ ତା ମନରେ ପ୍ରତିକ୍ରିୟା ଜାତହୁଏ ।
ଖ – ଇସ୍‌ଙ୍ଗା – ଅଲ୍‌ଗା ଲେବୁ ତେ ସୁହୁଁରାୟ୍‌ଲାଃ ଆଡିଆଃ ମନ୍ ତେ ଇସ୍‌ଙ୍ଗା ଜନ୍‌ମେତା ।
ଓ – ପ୍ରଣାମ – ଈଶ୍ୱରଙ୍କୁ ପ୍ରଣାମ କର ।
ଖ – ଜୁହାର୍ – ଭଗମାନ୍ ତେ ଜୁହାର୍ ଏପେ / ଜୁହାର୍ ବାଏପେ ।
ଓ – ପ୍ରସିଦ୍ଧି – ଦାରିଙ୍ଗିବାଡି ଶୀତ ପାଇଁ ପ୍ରସିଦ୍ଧି ଲାଭ କରିଛି ।
ଖ – ନାମ୍‌ଯାଦା – ଦାରିଙ୍ଗ୍‌ବାଡି ରାଙ୍ଗାଃଲାଗିନ୍ / ରାଙ୍ଗାଃଥମ୍ ନାମ୍‌ଯାଦା ଲାବ୍ ବାଏସିଗ୍ ।
ଓ – ପ୍ରତିହତ – ମେଲେରିଆକୁ ପ୍ରତିହତ ପାଇଁ କ୍ଲୋରୋକୁଇନ୍ ଖାଆନ୍ତୁ ।
ଖ – ମେଟାଏନାଃଥମ୍ – ମେଲେରିଆ ତେ ହାଟାଏନାଃଥମ୍ କ୍ଲୋରୋକୁଇନ୍ ନଗେପେ ।
ଓ – ପ୍ରତିବାଦ୍ – ଅନ୍ୟାୟର ପ୍ରତିବାଦ କରିବାକୁ ଭୟ କରନାହିଁ ।
ଖ – ଲଡେନା – ଅନ୍ୟାୟ ଲଡେନାଃଥମ୍ ଆବୁ ବତଙ୍ଗ୍ ନାପେ ।

ଓ – ପ୍ରସ୍ତାବ – ବିଦ୍ୟାଳୟରେ ଏକ ପୁସ୍ତକ ମେଳା କରିବାକୁ ପ୍ରସ୍ତାବ ଦିଆଗଲା ।
ଖ – ପ୍ରସ୍ତାବ – ଇସ୍‌କୁଲ୍‌ତେ ମୁଇଙ୍ଗ୍ ବହି ମେଳା ବାୟନାଃଥମ୍ ପ୍ରସ୍ତାବ / ମଞ୍ଜୁର୍ ତେରଃକି ।
ଓ – ପ୍ରକାଶ – ସରକାର ପାଠ୍ୟ ପୁସ୍ତକ ପ୍ରକାଶ କରନ୍ତି ।
ଖ – ଛାପାୟ୍‌ନା – ସାରକାର୍ ପାଟ୍‌ପଢା ବହି ଛାପାୟ୍‌ତେ ।
ଓ – ପ୍ରଶସ୍ତ – ଆମ ବିଦ୍ୟାଳୟରେ ଏକ ପ୍ରଶସ୍ତ ଖେଳ ପଡିଆ ଅଛି ।
ଖ – ଉସାର୍ – ଏଲାଃ ଇସ୍‌କୁଲ୍‌ତେ ମୁଇଙ୍ଗ୍ ବଡେ ଉସାର୍ ଏବଃନା ପାଡିଆ ଆଃଇ ।
ଓ – ପ୍ରତୀକ – ଲାଲ ରିବନ୍ ଏଡସ୍‌ର ପ୍ରତୀକ ଅଟେ ।
ଖ – ଚିନ୍‌ହାଁ – ଲାଲ୍ ଫିତା ଏଡସ୍‌ଆଃ ଚିନ୍‌ହାଁ ହାୟ୍ ।
ଓ – ପ୍ରଚାର – ଦୂରଦର୍ଶନରେ ଦେଶ ବିଦେଶର ଖବର ପ୍ରଚାର କରାଯାଏ ।
ଖ – ହାଲା – ଟିଭିତେ ଦେଶ୍ ବିଦେଶ୍‌ଆଃ ଗେଜେଟ୍ ହାଲା ବାଏତେ କି ।
ଓ – ପ୍ରଧାନ – ବିଦ୍ୟାଳୟରେ ଜଣେ ପ୍ରଧାନ ଶିକ୍ଷକ ଥାଆନ୍ତି ।
ଖ – ହେଡ୍ – ଇସ୍‌କୁଲ୍‌ତେ ମୁଇଙ୍ଗ୍ ହେଡ୍ ମାଷ୍ଟର୍ ଆତାକି ।
ଓ – ପ୍ରତିଯୋଗିତା – ମୁଁ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଯୋଗ ଦେଲି ।
ଖ – ଖେଲ୍‌କୁଦ୍ – ଇଙ୍ଗ୍ ଜିଲାଃ ହିସାବାଃ ଖେଲ୍‌କୁଦ୍‌ତେ ଯୋଗ୍ ତେରେଗ/ଭାଗଡଥେଗ୍ ।
ଓ – ପ୍ରଥମେ – ସକାଳୁଁ ଉଠି ପ୍ରଥମେ ମୁହଁ ଧୋଇ ପ୍ରାର୍ଥନା କରିବ ।
ଖ – ପହେଲା – ମିଆଁଃତାଏ ବେରୁଜ୍ କରି ପହେଲା ତମଡ୍ ଆମୁଡ୍ କଲା ପାରଥାନା ବାଏପେ ।
ଓ – ପ୍ରକାର – ହାଟରେ ସବୁ ପ୍ରକାରର ପରିବା ବିକ୍ରି ହୁଏ ।
ଖ – ରକମ୍ – ହାଟ୍‌ତେ ଝାକି ରକମାଃ ଶାଃ–ସବ୍‌ଜୀ / ଡାହି ଡାହୁଡା ଅବ୍‌ସଙ୍ଗ୍ ତେକି ।
ଓ – ପ୍ରକ୍ରିୟା – ବିଦ୍ୟାଳୟରେ ବର୍ଷସାରା ଶିକ୍ଷାଦାନ ପ୍ରକ୍ରିୟା ଚାଲେ ।
ଖ – ଉତାରାଃ ଉତାର୍ – ଇସ୍‌କୁଲତେ ବରଷ୍‌ଗଟାଃ ପାଟ୍‌ପଢା ଉତାରାଃଉତାର୍ ଚଲେତା ।
ଓ – ପ୍ରତିଧାଡି – ପ୍ରତିଧାଡି ସଳଖ ହେବା ଉଚିତ ।
ଖ – ଝାକି ଲାଇନ୍ – ଝାକିଲାଇନ୍ ସଲଖ୍ ହଏନାଃ କାୟମ୍ ।
ଓ – ପ୍ରାଣୀ – ସ୍ଥଳ ଭାଗରେ ଅନେକ ପ୍ରାଣୀ ବାସ କରନ୍ତି ।
ଖ – ଜି–ଜଁତୁ – ଧରତୀତେ ଖୋବ୍ ଜି–ଜଁତୁ ରହେତାକି ।
ଓ – ପ୍ରାୟ – ଆମ ଦେଶର ଜଙ୍ଗଲ ସଂପଦ ପ୍ରାୟ ବିଲୁପ୍ତ ହେଲାଣି ।
ଖ – ପ୍ରାୟ୍ – ଆନିଆଃ ଦେଶ୍ ଆଡାୟାଃ ସମ୍‌ପତି ପ୍ରାୟ ଲେଡ୍‌କିଡିଗ୍ / ଲେଡ୍‌ଗଃକିଡିଗ୍ ।
ଓ – ପ୍ରାଚୀନ – ପ୍ରାଚୀନ କାଳରେ ଲୋକେ ବଦଳ କରି କିଣାବିକା କରୁଥିଲେ ।
ଖ – ପୁର୍‌ଖା /ଆଘ୍‌ଲି /ଅସ୍କେଗ୍ – ଆଘ୍‌ଲିଆଃ ଲେବୁ କି ଆଦ୍‌ଲା ବାଦ୍‌ଲା କରି ଘିନାବିଚା / ସଙ୍ଗ୍‌ଅପ୍‌ସଙ୍ଗ୍ ବାୟ୍‌ଖାନ୍‌ତେ କି ।

# (ଫ)

| | | |
|---|---|---|
| ଓ – ଫଳ | – | ଫଳରେ ପ୍ରଚୁର ଭିଟାମିନ୍ ଥାଏ । |
| ଖ – ଲକୁ | – | ଲକୁ ତେ ବହୁତ୍ ଭିଟାମିନ୍ ଆତା । |
| ଓ – ଫରକ୍ | – | ଆଜିକାଲି ପୁଅଝିଅ ମଧ୍ୟରେ ଫରକ୍ ନାହିଁ । |
| ଖ – ଫରକ୍ | – | ଉପାଡି / ତାମ୍‌ରହମ୍ ବେଟା ବେଟୀ ଭିଃତାର୍‌ତେ ଫରକ୍ ମଃଡେଗ୍ । |
| ଓ – ଫଳିବ | – | ଗଛରେ ଖତ ଦେଲେ ପ୍ରଚୁର ଫଳ ଫଳିବ । |
| ଖ – ଲକୁନା | – | ଦାରୁତେ ଖତ୍ ତେରଃଲାଃ ଢିଣ୍ହା ଲକୁ ଲକୁନା/ଲଦନ୍ ଲକୁ ଲକୁନା । |
| ଓ – ଫମ୍ପା | – | ବାଉଁଶ ଭିତରପଟ ଫମ୍ପା ଥାଏ । |
| ଖ – ଖୁଖ୍‌ଲା | – | କଣେଙ୍ଗ୍ ଦାରୁଆଃ ଭିତାର୍‌ଯେଃ ଖୁଖ୍‌ଲା ଆତା । |
| ଓ – ଫସଲ | – | ନବରଙ୍ଗପୁର ଅଞ୍ଚଳରେ ପ୍ରଚୁର ମକା ଫସଲ ହୁଏ । |
| ଖ – ତାସ୍ | – | ନବରଙ୍ଗ୍‌ପୁର ଏରିଆତେ ମୁରୁକ୍ ଜଣ୍ଡ୍ରା ତାସ୍ ହଏତା । |
| ଓ – ଫର୍‌ଚା | – | ଫର୍‌ଚା ହେବା ପୂର୍ବରୁ ଚାଷୀ ହଳ ନିଏ । |
| ଖ – ଧୁନ୍ଧୁର୍ | – | ଧୁନ୍ଧୁରା ଫାଃଟେନାଃ ଆଘ୍‌ଲି ତାସି ତନଙ୍ଗ୍ ତତ୍‌ତେ । |
| ଓ – ଫଳପ୍ରଦ | – | ଏମ୍.ଡି.ଟି. କୁଷ୍ଟରୋଗ ପାଇଁ ଫଳପ୍ରଦ ଔଷଧ ଅଟେ । |
| ଖ – ବହୁତ୍ ବଢିଆ | – | ଏମ୍.ଡି.ଟି. ଛଉ ବେମାର୍‌ଆଃ/କସୁଆଃ ଥମ୍ ବହୁତ୍ ବଢିଆ କାନ୍‌ଲା ହାୟ୍ । |
| ଓ – ଫାଳେ | – | ମୁଁ ରମାକୁ ଫାଳେ କମଳା ଦେଲି । |
| ଖ – ଖଣ୍ | – | ଇଙ୍ଗ୍ ରମାତେ ମୁଇଙ୍ଗ୍ ଖଣ୍ ସାନ୍‌ତାରା ତେରେଗ୍ । |
| ଓ – ଫାଶୀ | – | ଜଘନ୍ୟ ଅପରାଧୀକୁ ଫାଶୀ ଦିଆଯାଏ । |
| ଖ – ଫାଶୀ | – | ମାହା ମାହା ଦୁଷ୍ଟୀ କିତେ ଫାଶୀ ତେର୍‌ତେ କି । |
| ଓ – ଫାଙ୍କା | – | ବେଳେବେଳେ ପୋଲିସ ଫାଙ୍କା ଗୁଳି ଚାଳନା କରନ୍ତି । |
| ଖ – ଫାଁକା | – | ମେସନ୍ ମେସନ୍ ପୁଲୁସ୍ ଫାଁକା ଗୁଳି ଚଲାଏ ତେକି । |
| ଓ – ଫିଟିକିରି | – | ଫିଟିକିରି ଏକ ବିଶୋଧକ ଅଟେ । |
| ଖ – ଫିଟ୍‌କିରି | – | ଫିଟ୍‌କିରି ମୁଇଙ୍ଗ୍ ବିଶୋଧକ୍ ହାଏ । |
| ଓ – ଫୁଟି | – | ଫୁଲ ଫୁଟି ସୁନ୍ଦର ଦେଖାଯାଉଛି । |
| ଖ – ଫୁଃଟେ | – | ଫୁଲ୍ ଫୁଃଟେକରି ସୁନ୍ଦର୍ ଜଏତାଏଗ୍ । |
| ଓ – ଫୁଲ | – | ଗୋଲାପ ଫୁଲର ବାସନା ଥାଏ । |
| ଖ – ଲାଃରାଃ | – | ଗୁଲାପ୍ ଲାଃରାଃଆଃ ମହକନ୍ ଆତା । |
| ଓ – ଫୁଲିବା | – | ଗୋଡ ମକଚିଲେ ଫୁଲିବା ଆରମ୍ଭ ହୁଏ । |
| ଖ – କୁଙ୍ଗ୍‌ନା | – | କାଟା ମଲ୍‌କେକିଲାଃ କୁଙ୍ଗ୍‌ନା ସୁରୁ ହଏତା । |
| ଓ – ଫୁଟା | – | ଫୁଟା ପାଣି ଥଣ୍ଡା କରି ପିଇବା ଭଲ । |
| ଖ – ଡପ୍‌କେନା | – | ଡପ୍‌କେଖାନା ଡାଃତେ ଠଣ୍ହା କରି ଉଡ୍‌ନା ଭଲ । |

ଓ – ଫୁଲଦାନି – ଫୁଲଦାନିରେ ଫୁଲ ରଖା ଯାଏ ।
ଖ – ଫୁଲ୍‌ଦାନୀ – ଫୁଲ୍‌ଦାନୀତେ ଫୁଲ୍ ଉନ୍‌ନା ହଏତା ।
ଓ – ଫୁସ୍ ଫୁସ୍ – ଫୁସ୍‌ଫୁସ୍ ରେ ରକ୍ତ ପରିଷ୍କାର ହୁଏ ।
ଖ – ଫକ୍‌ସା – ଫକ୍‌ସା ତେ ଇୟାମ୍ ସାଫା ହଏତା ।
ଓ – ଫେରିବା – ସନ୍ଧ୍ୟା ପୂର୍ବରୁ ଲୋକେ ହାଟରୁ ଫେରିବା ଆରମ୍ଭ କରନ୍ତି ।
ଖ – ଏଙ୍ଗ୍‌ନା – ବେଡବିଣିବ୍ ନାଃ ଆଘ୍‌ଲି ଲେବୁ କି ହାଟ୍‌ତାଏ ଏଙ୍ଗ୍‌ନା ସୁରୁ ବାଏତେ କି ।
ଓ – ଫେଣା – ଫେଣାରେ ମହୁ ମାଛି ମହୁ ସଂଗ୍ରହ କରେ ।
ଖ – ଫେନା /ଛାତ୍‌ନା – ଫେନା / ଛାତ୍‌ନା ତେ ମହୁ ମାଛି ମଦରସ୍ କାବ୍‌ତିଗ୍ ତେ ।
ଓ – ଫୋପାଡିବା – ଆବର୍ଜନା ଖାତରେ ଫୋପାଡିବା ଉଚିତ ।
ଖ – ଖାବ୍‌ଡାନା – କାଚ୍‌ରା କୁଟା କୁଧାତେ ଖାବ୍‌ଡାନାଃ କାୟମ୍ ।
ଓ – ଫୋଟକା – ବିବାହ ଭୋଜିରେ ଲୋକେ ଫୋଟକା ଫୁଟାନ୍ତି ।
ଖ – ଫଟ୍‌କା – ବିହା ଭୁଜିତେ ଲେବୁକି ଫଟ୍‌କା ପୁଃଡୁତେକି ।
ଓ – ଫୌଜଦାରୀ – ଫୌଜଦାରୀ ମାମଲାରେ ତାଙ୍କୁ ଗିରଫ କରାଗଲା ।
ଖ – ଫଉଜ୍‌ଦାରୀ – ଫଉଜ୍‌ଦାରୀ କେଶ୍ ତେ ଆଡ୍‌ତେ ତଲ୍ ଡଃଡୁଖଃକି ।

## (ବ)

ଓ – ବଣ – ବାଘ ବଣର ରାଜା ଅଟେ ।
ଖ – ଆଡାୟ୍ – କିଡଃ ଆଡାୟାଃ ରାଜା ହାଏ ।
ଓ – ବର – ବରଗଛ ଛାଇ ଭାରି ଥଣ୍ଡା ଲାଗେ ।
ଖ – ତାପକାର୍ – ତାପ୍‌କାର୍ ଦାରୁଆଃ ଲଙ୍ଗେ ବଡା ଠଣ୍ଡା ଲାଃତା ।
ଓ – ବଡ – ମହାନଦୀ ଓଡିଶାର ବଡ ନଦୀ ଅଟେ ।
ଖ – ମାହା/ବଡ୍‌ଖା – ମହାନଦୀ ଉଡିଶାଃ ମାହା ଖିରମ୍ ହାଏ ।
ଓ – ବହି – ବହିପତ୍ର ଯତ୍ନକରି ରଖ ।
ଖ – ବହି – ବହିପତର୍ ଯତନ୍ କରି ଉନେପେ ।
ଓ ବସି – କୋଇଲି ଗଛ ଡାଳରେ ବସି ଗୀତ ଗାଉଛି ।
ଖ – ଡକକରି – କୁଇଲି ଦାରୁଆଃ ଡାଡ୍‌ତେ ଡକକରି ଆଲଙ୍ଗ୍ ଆଲଙ୍ଗ୍ ତାଏଗ୍ ।
ଓ – ବଙ୍କା – ଗାଁ କୁ ଗୋଟିଏ ଅଙ୍କାବଙ୍କା ରାସ୍ତା ଯାଇଛି ।
ଖ – ଟେଡ୍‌ହା – କେଲ୍‌କେ ବୁଙ୍ଗ୍ / ପାଡା ବୁଙ୍ଗ୍ ମୁଇଙ୍ଗ୍ ଟେଡ୍‌ହା ମେଡ୍‌ହା ସଡକ୍ ସାନ୍‌ସିଗ୍ ।
ଓ – ବନ୍ଧା – ପଘାରେ ଗାଈକୁ ବନ୍ଧା ଯାଇଛି ।
ଖ – ତଲ୍‌ନା – ପାଘାବୁଙ୍ଗ୍ ଗାଏତେ ତଲ୍‌ଡମ୍‌ସିଗ୍ ।
ଓ – ବଇଦ – ଗାଁ ବଇଦ ଛୋଟଛୋଟ ରୋଗର ଚିକିତ୍ସା କରି ଥାଆନ୍ତି ।
ଖ – ବୋଏଦ୍ – ପାଡାଃ କେଲ୍‌କେଆଃ ବୋଏଦ୍ କନ୍‌ହନ୍ କନ୍‌ହନ୍ କସୁରାଙ୍ଗା କିୟାଃ ଇଲାଜ୍ ବାଏତେ ।

ଓ – ବଗିଚା – ସ୍କୁଲ ବଗିଚାରେ ଅନେକ ଫଳଗଛ ରହିଛି ।
ଖ – ବାଡି – ଇସ୍‌କୁଲ ବାଡି ତେ ଖୋବ୍ ଲକୁଦାରୁ ଆଃଇ ।
ଓ – ବରଷା – ବରଷା ଦିଏ ପାଣି, ପାଣି ପିଅ ଛାଣି ।
ଖ – ବର୍‌ଷା – ବରଷା ତେର୍‌ତେ ଡାଃ, ଡାଃ ଉଡେପେ ଛାଣା କରି ।
/ ବରଷା ତେରତେ ଡାଃ, ଡାଃତେ ଛାଣା କରି ଉଡେପେ ।
ଓ – ବଳଦ – ବଳଦ ଶଗଡ ଟାଣେ ।
ଖ – ଅରେଗ୍ – ଅରେଗ୍  ଅରେଗ୍ ଗାଡି ଡିଙ୍ଗ୍ ତେ ।
ଓ – ବଦଳି – ଆମବାପା ବାଲିଗୁଡାକୁ ବଦଳି ହେଲେ ।
ଖ – ବଦ୍‌ଲି – ଏଲାଃ ବୁଆଗିଙ୍ଗ୍ ବାଲିଗୁଡାବୁଙ୍ଗ୍ ବଦ୍‌ଲି ହଏ ଗଃ କି ।
ଓ – ବତକ – ବତକ ପାଣିରେ ପହଁରି ପାରେ ।
ଖ – ଗେଡେ – ଗେଡେ ଡାଃ ତେ ପହଁରେ ନା ପାଲ୍‌ତେ ।
ଓ – ବର୍ଣ୍ଣନା – ଘରପୋଡି ଦୃଶ୍ୟ ବର୍ଣ୍ଣନା କରିବା କଷ୍ଟ ।
ଖ – ଗାମ୍‌ନା – ଅଃ ଗେବ୍‌ସିଃନାଃ କାୟମ୍ ଗାମ୍‌ନା ମସ୍କୁଲ୍ ହାଏ ।
ଓ – ବହୁତ – ଆମ ଗ୍ରାମରେ ବହୁତ ପିଲା ଅଛନ୍ତି ।
ଖ – ଖୋବ୍ – ଏଲାଃ ପାଡାତେ ଖୋବ୍ କୁଣୁଃ ଆଏଗ୍‌କି ।
ଓ – ବଜାର – ବଜାରରେ ସବୁ ଦିନ କିଣାବିକା ହୋଇଥାଏ ।
ଖ – ହାଟ୍ – ହାଟ୍ ତେ ଝାକିଦିନ ଘିନା ବିଚା ହଏ୍‌ସିଃ ତା ।
ଓ – ବସ୍ତ୍ର – ଶ୍ରମ କଲେ ଅନ୍ନବସ୍ତ୍ର ଅଭାବ ହୁଏ ନାହିଁ ।
ଖ – ବସ୍‌ତର୍ – କାମୁକିଲାଃ ଅରନ୍ ବସ୍‌ତର୍ ଆଃ ଅଭାବ୍ ଉମ୍ ହଏତା ।
ଓ – ବଢିବା – ନଖ ବଢିବାକୁ ଦିଅ ନାହିଁ ।
ଖ – ମାହାନା – ରାମାଡ୍ ମାହାନାଃଥମ୍ ଆବୁ ତେରେପେ ।
ଓ – ବଳିବା – ବଳିବା ଖାଦ୍ୟ ଫ୍ରିଜରେ ରଖ ।
ଖ – ବାଞ୍ଚେନା – ବାଞ୍ଚେନା ନଃନଃ ଫିରିଜ୍ ତେ ଉନେପେ ।
ଓ – ବୟସ – ବୟସ ବଢିଲେ ଜ୍ଞାନ ବି ବଢେ ।
ଖ – ବଏସ୍ – ବଏସ୍ ବଢେକିଲାଃ ଗିଆନ୍/ବୁଧି ଜ ବଢେତା ।
ଓ – ବଦଳେ – ଗ୍ରୀଷ୍ମ ଋତୁରେ ପରିବେଶ ବଦଳେ ।
ଖ – ବଦ୍‌ଲେ – କାସା / ଜେଠ୍ ଲେରାଙ୍ଗ୍‌ତେ ପରିବେଶ୍ ବଦ୍‌ଲେ ତା ।
ଓ – ବଢେଇ – ବଢେଇ ଆମ ପାଇଁ ଖଟ ତିଆରି କରନ୍ତି ।
ଖ – ବଢେ – ବଢେ ଆନିଆଁ ଥମ୍ ଖାଁଟି ତିଆର୍ ବାଏତେ କି ।
ଓ – ବତାସ – ବେଳେବେଳେ ଜୋରରେ ବତାସ ବହେ ।
ଖ – କଏଡାଃ ଡାଃ – ମେସନ୍‌ମେସନ୍ ଜୋର୍ ଆଁଟେ କଏଡାଃ ଡାଃ ତାର୍‌ତେ ।

| | | | |
|---|---|---|---|
| ଓ – ବନ | – | ବନରକ୍ଷୀ ବନ ରକ୍ଷା କରନ୍ତି । |
| ଖ – ଆଡାୟ୍ | – | ମୁହ୍‌ରୀ ଆଡାୟ୍ ବାଞ୍ଚାୟ୍‌ତେ । |
| ଓ – ବନ୍ଧୁ | – | ଦୁଃଖ ବେଳର ବନ୍ଧୁ ପ୍ରକୃତ ବନ୍ଧୁ ଅଟନ୍ତି । |
| ଖ – ବଁଧୁଃ / ସରି | – | ଦୁଃଖ୍ ବେଡାଃ ବଁଧୁ ଅସଲ୍ ବଁଧୁ ହାଏକି । |
| ଓ – ବର୍ଷା | – | ଗ୍ରୀଷ୍ମ ଋତୁ ପରେ ବର୍ଷା ଋତୁ ଆସେ । |
| ଖ – ବର୍‌ଷା | – | କାସା /ଜେଠ୍ ଲେରାଙ୍ଗ୍ ତାଏ ଆଷାଢ୍ ଲେରାଙ୍ଗ୍ / ବରଷା ଲେରାଙ୍ଗ୍ ଡେଲ୍‌ତା । |
| ଓ – ବନ୍ଧୁକ | – | ସୈନ୍ୟମାନେ ବନ୍ଧୁକରେ ଯୁଦ୍ଧ କରନ୍ତି । |
| ଖ – ବନ୍ଧୁକ୍ | – | ସଇନିକି ବନ୍ଧୁକ୍ ବୁଙ୍ଗ୍ ଯୁଧ ବାୟ୍‌ତେ କି । |
| ଓ – ବସୁଧା | – | ବସୁଧା ଆମର ମାତା ସମାନ ଅଟେ । |
| ଖ – ଧର୍‌ତୀ ମାଁ | – | ଧରତୀ ମାଁ ଆନିଆଁ ମାଁ ସମାନ୍ ହାଏ । |
| ଓ – ବଢୁଛି | – | ପ୍ରତି ବର୍ଷ ପରିବେଶ ପ୍ରଦୂଷଣ ବଢୁଛି । |
| ଖ – ବଢେନା | – | ହରେକ୍ ବରଷ୍ ପରିବେଶ୍ ଆଃ ମଏଲା ବଢେତାଏଗ୍ । |
| ଓ – ବନ୍ଧକ | – | ମୋର ବନ୍ଧୁ ରମା ଜମି ବନ୍ଧକ ରଖି ଋଣ କରିଛନ୍ତି । |
| ଖ – ବନ୍ଧକ୍ | – | ଇଙ୍ଗାଃ ସରିଗିଙ୍ଗ୍ ରମା ଜମିନ୍ ବାନ୍ଧା ଉନ୍ କଲା ଲୁନ୍ ବାଏସିଗ୍ । |
| ଓ – ବକଳ | – | ଆଦିମ ମନୁଷ୍ୟ ଗଛର ବକଳ ପିନ୍ଧୁ ଥିଲେ । |
| ଖ – ଦାରୁଆଃଛାଲ୍ | – | ଅସ୍ଲେଗାଃ ଲେବୁ କି ଦାରୁଆଃଛାଲ୍ ସୁଇଖାନ୍‌ତେକି । |
| ଓ – ବସି ବସି | – | ବୁଢାଟି ବସି ବସି ଥକି ଗଲାଣି । |
| ଖ – ଡକଡକ | – | କେଣରବଃ ଯେଃ ଡକଡକ ଥାକେ ଗଃକିଡିଗ୍ । |
| ଓ – ବଞ୍ଚିବା | – | ଆମେ ବଞ୍ଚିବା ପାଇଁ ଖାଉଁ । |
| ଖ – ବରଲ୍‌ନା | – | ଆନିଙ୍ଗ୍ ବରଲ୍‌ନାଃଥମ୍ ନଃତେନିଙ୍ଗ୍ । |
| ଓ – ବର୍ଗକ୍ଷେତ୍ର | – | କେରମ ବୋର୍ଡ ବର୍ଗକ୍ଷେତ୍ର ପରି ଅଟେ । |
| ଖ – ଚାଏର୍ କୁନିଆଁ | – | କେରମ୍ ବୋର୍ଡ ଚାଏର୍‌କୁନିଆଁ ଗୁଡ୍ ହାଏ । |
| ଓ – ବସାଇଲା | – | ଲୋକଟି ତା ପୁଅକୁ କାନ୍ଧରେ ବସାଇଲା । |
| ଖ – ଅବ୍‌ଡବ୍‌କଃ | – | ଲେବୁ ଯେ ଆଡିଆଃ ବେଟାତେ ତାରମ୍‌ତେ ଅବ୍‌ଡବ୍‌କଃ / ଟେଙ୍ଗଖଃ । |
| ଓ – ବଜ୍ର କାପ୍‌ତା | – | ବଜ୍ରକାପ୍ତାର କାତି ଖୁବ୍ ଟାଣ ଅଟେ । |
| ଖ – ସାଲ୍‌କାତି | – | ସାଲ୍‌କାତିଆଃ କାତି ମୁରୁକ୍ ଆଁଟ୍ ହାଏ । |
| ଓ – ବଡିଭୋର | – | ମୁଁ ବଡି ଭୋର ବେଳେ ଉଠି ବହି ପଢେଁ । |
| ଖ – ଝୁଞ୍ଝ୍‌କୁର | – | ଇଙ୍ଗ୍ ଝୁଞ୍ଝ୍‌କୁର୍ ତାଏ ବେରୁଡ୍ କଲା ବହି ପଢେତାଏଙ୍ଗ୍ । |
| ଓ – ବଡ ଚିହ୍ନ | – | ବଡ ଚିହ୍ନ ବଡକୁ ବୁଝାଏ । |
| ଖ – ମାହାଁ ଚିହ୍ନା | – | ମାହାଁଚିହ୍ନା ମାହାଁତେ ବୁଝାଏତେ । |

ଓ – ବଞ୍ଚାଇବା – ରୋଗୀଙ୍କୁ ବଞ୍ଚାଇବା ଡାକ୍ତରଙ୍କ ପରମ କର୍ତ୍ତବ୍ୟ ।
ଖ – ବାଞ୍ଚାଏନା – ବେମାରୀତେ ବାଞ୍ଚାଏନା ଦାଗ୍‌ଦାରଆଃ ପହେଲା କାମୁ ହାଏ ।
ଓ – ବଂଶୀ – ମୁଁ ଭଲରେ ବଂଶୀ ବାଦନ ଜାଣେ ।
ଖ – ମୂରଲୀ – ଇଙ୍ଗ୍ ବନେବଃ / ବଢ଼ିଆ ମୂରଲୀ ବାଜାଏନା ସଏଗ୍‌ତିଙ୍ଗ୍ ।
ଓ – ବଣ ଭୋଜି – ଆମେ ସ୍କୁଲ ପିଲା ବଣଭୋଜି କରିଗଲୁଁ ।
ଖ – ଭୁଜି – ଏଲେ ଇସ୍‌କୁଲ କୁଣ୍ଡୁ କି ଭୁଜି ବାଏନା ସାନ୍‌କିଲେ ।
ଓ – ବଳି ପଡିଲା – ଭୋଜିରେ ମାଂସ ତରକାରୀ ବଳି ପଡିଲା ।
ଖ – ଅଗ୍‌ଲେ ଗଃନା – ଭୁଜି ତେ କୁମାଙ୍ଗ୍ ସାଃ ଅଗ୍‌ଲେଗଃକି ।
ଓ – ବାଡି – ବାଡି ଦେଖି ବିରାଡି ଭୟରେ ଦଉଡି ଯାଏ ।
ଖ – ଡାଣାଃ – ଡାଣାଃ ଜୟ୍‌କଲା ବିଲେ ବତଙ୍ଗ୍‌ବୁଙ୍ଗ୍ ବତ୍‌କେଗଃତା ।
ଓ – ବାଘ – ବାଘ ଗୋଟିଏ ମାଂସାଶୀ ପ୍ରାଣୀ ଅଟେ ।
ଖ – କିଡଃ – କିଡଃ ମୁଇଙ୍ଗ୍ କୁମାଙ୍ଗ୍ ନଃନଃ ଜଁତୁ ହାଏ ।
ଓ – ବାଡ – ବଗିଚାରେ ବାଡ ବାନ୍ଧିଲେ ଫଳଗଛ ସୁରକ୍ଷିତ ରହିବ ।
ଖ – ତନର୍ – ବାଡିତେ ତନର୍ ତରଃଲାଃ ଲକୁଦାରୁ ବାଁଚେକଲା / ବନେବଃ ରହେନା ।
ଓ – ବାସି – ବାସିଖାଦ୍ୟ ଖାଅ ନାହିଁ ।
ଖ – ବାସି – ବାସି ନନଃ ଆବୁ ନଗେପେ ।
ଓ – ବାଦ୍ୟ – ବିବାହ ଭୋଜିରେ ବାଦ୍ୟ ବାଜିଉଠିଲା ।
ଖ – ବାଜା – ବିହା ଭୁଜିତେ ବାଜା ଘିଡ୍ ଘିଡାୟ୍‌ଗଃକି ।
ଓ – ବାଟିଲେ – ଆମ ମା ତରକାରୀ ପାଇଁ ବେସର ବାଟିଲେ ।
ଖ – ରିଡ୍‌ନା – ମା ଗିଙ୍ଗ୍ ତର୍‌କାରୀ ଆଃଥମ୍ ମାସ୍‌ଲା ରିଥଃ ।
ଓ – ବାପାର ଭାଇ – ସମୀର ମୋ ବାପାର ଭାଇ ଅଟନ୍ତି ।
ଖ – ବୁଆଃଭାଇ – ସମୀର ଇଙ୍ଗାଃ ବୁଆଃଗିଙ୍ଗାଃ ଭାଇ ହାଏ ।
ଓ – ବାପାର ବାପା – ମୋ ଜେଜେ ମୋ ବାପାର ବାପା ଅଟନ୍ତି ।
ଖ – ବୁଆଃବୁଆ – ଇଙ୍ଗା ଆଜାଗିଙ୍ଗ୍ ଇଙ୍ଗାଃ ବୁଆଃବୁଆ ହାଏ ।
ଓ – ବାୟା ଚଢେଇ – ଖଜୁରୀ ବାହୁଙ୍ଗା ଅଗରେ ବାୟା ଚଢେଇ ଘର କରେ ।
ଖ – ସୁର୍‌ଲା ଚୁରେ – ଖେଜୁର୍ ଡାହି ଅଗିତେ ସୁର୍‌ଲା କନ୍ତେଡ୍‌ଅଃ ବାଏତେ ।
ଓ – ବାସସ୍ଥଳୀ – ଜଙ୍ଗଲ ବାଘ ଭାଲୁଙ୍କ ବାସସ୍ଥଳୀ ।
ଖ – ରହେନାଃ ଜାଗା – ଆଡାୟ୍ କିଡଃ ବାନାୟ୍ ଆଃ ରହେନାଃ ଠାଣ ହାଏ ।
ଓ.– ବାହାର – ଘର ବାହାର ପରିବେଶ ସଫା ରଖ ।
ଖ – ବାହ୍‌ରି – ଅଗାଃ ବାହ୍‌ରି ଆଃ ପରିବେଶ୍ ସଫା ଉନେପେ ।

ଓ – ବାଛି ବାଛି – ଦୋକାନରୁ ଆମେ ବାଛିବାଛି ପରିବା କିଣୁ ।
ଖ – ରାଏତା ରାଏତା – ଦୁକାନ୍ ତାଏ ଆନିଙ୍ଗ୍ ରାଏ୍ତା ରାଏ୍ତା ସବ୍ଜୀ ସଙ୍ଗ୍ତେନିଙ୍ଗ୍ ।
ଓ – ବାଛୁରୀ – ବାଛୁରୀ ଡେଇଁ ଡେଇଁ ଖେଳୁଛି ।
ଖ – ବାଛୁର୍ – ବାଛୁର୍ ଡେଗେ ଡେଗେ ଏବଃ ତାଏଗ୍ ।
ଓ – ବାଚସ୍ପତି – ବାଚସ୍ପତି ବିଧାନସଭା ପରିଚାଳନା କରନ୍ତି ।
ଖ – ବାଚସ୍ପତି – ବାଚସ୍ପତି ବିଧାନସଭା ଚଲାଏ୍ତେ / ପରିଚାଳନା ବାଏତେ ।
ଓ – ବାଘ ମାମୁଁ – ଗପରେ ବାଘକୁ ବାଘମାମୁ ବୋଲି ଡାକନ୍ତି ।
ଖ – କିଡଃ ମାମୁଁ – କଥ୍ନୀ ତେ କିଡଃତେ କିଡଃ ମାମୁଁ ଗାମ୍ କରି ରେମାଃ ତେକି ।
ଓ – ବାଳକେ – ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ ।
ଖ – କୁଣ୍ଡୁଃ କି – ବିଦ୍ୟା/ଗିଆନଆଃ ମାହାଧନ୍ ହାଏ କୁଣ୍ଡୁଃ କି ଉକାଡ୍ତେ କାମୁ ଏପେ ।
ଓ – ବାଦାମ – ବାଲିଆ ମାଟିରେ ବାଦାମ ଚାଷ ଭଲ ହୁଏ ।
ଖ – ମୁମ୍ଫୁଲି – କୁଦ୍ରିଆ ଲଃଖାତେ ମୁମ୍ଫୁଲି ତାସ୍ ଭଲ ହଏତା ।
ଓ – ବାଦୁଡି – ବାଦୁଡି ଏକ ରାତ୍ରିଚର ପ୍ରାଣୀ ଅଟେ ।
ଖ – ଭାଦୁଲ୍ – ଭାଦୁଲ୍ ମୁଇଙ୍ଗ୍ ଇଡିବ୍ତେ ଆର୍ନଃନା ଜଁତୁ ହାଏ ।
ଓ – ବାଳିକା – ଆମ୍ଭ ବିଦ୍ୟାଳୟରେ ବାଳକ ବାଳିକା ଉଭୟେ ପଢନ୍ତି ।
ଖ – ବେଟୀ – ଏଲାଃ ଇସ୍କୁଲ୍ତେ ବେଟାବେଟୀ ଝାକିଗା ପଢେତାକି ।
ଓ – ବାରଣ୍ଡା – ଘର ବାରଣ୍ଡାରେ ଲୋକେ ବସନ୍ତି ।
ଖ – ବାର୍ନ୍ଦା – ଅଗାଃ ବାର୍ନ୍ଦାତେ ଲେବୁ କି ଡକତାକି ।
ଓ – ବାର୍ଷିକ – ମାର୍ଚ୍ଚ ମାସରେ ବାର୍ଷିକ ପରୀକ୍ଷା ହୁଏ ।
ଖ – ବରଷ୍ ଗଟାଃ – ଫଗୁନ୍ ଲେରାଙ୍ଗ୍ ବରଷ୍ ଗଟାଃ ପର୍ଖିଆ ହଏତା ।
ଓ – ବାଡାଇବା – ପିଲାମାନଙ୍କୁ ବାଡାଇବା ମନା କରାଯାଇଛି ।
ଖ – ଗିଲ୍ନା – କୁଣ୍ଡୁଃ କିତେ ଗିଲ୍ନାଃଥମ୍ ମାନା ବାୟ୍ବାୟ୍ ଆଃଇ ।
ଓ – ବାହାରିବା – ଝାଡା ଫେରି ସାବୁନରେ ହାତ ନ ଧୋଇଲେ ଘା ବାହାରିବା ନିଶ୍ଚିତ ।
ଖ – ମୁଃନା – ଲାଏଗ୍ କସୁ ଡକକରି ସାବୁନ୍ତେ ତିଃ ଉମ୍ ଗୁଇକ୍ତୁ କିଲାଃ ତିଃତେ ଘା ଯେନ୍ତା ଲାଃଜ ମୁଁଃନା ।
ଓ – ବାଟଯାକ – କଣା ବ୍ୟାଗ୍ରୁ ଚାଉଳ ବାଟ ଯାକ ଗଳି ଚାଲିଲା ।
ଖ – ଗଏକ୍ ଝୁଙ୍ଗ୍ – ଛେଙ୍ଗା ମୁନାତାୟ୍ ରୁମ୍କୁବ୍ ଗଏକ୍ଝୁଙ୍ଗ୍ ଗଟା ଯାକର୍ ଲୁଇଗା ସାନ୍କି ।
ଓ – ବାସ – ଫୁଲର ବାସ ଚହଟି ଯାଉଛି ।
ଖ – ବାସ୍ନା – ଫୁଲ୍ଆଃ ବାସ୍ନା ମହ୍କେ ଗଃତାଏଗ୍ ।
ଓ – ବାନର – ବାନର ଡାଳରୁ ଡାଳ ଡେଇଁ ପଳାଏ ।
ଖ – ବାନ୍ଦ୍ରା – ବାନ୍ଦ୍ରା ଉ ଡାଡ୍ତାଏ ହାନ୍ଡାଡ୍ ଡେଗେଗା ଯାର୍ତେ ।

ଓ – ବାରିଷ୍ଟର – ମଧୁବାବୁ ପ୍ରଥମ ଓଡିଆ ବାରିଷ୍ଟର ।
ଖ – ବାରିଷ୍ଟର୍ – ମଧୁବାବୁ ପହେଲା ଉଡିଆ ବାରିଷ୍ଟର୍ ହାଏ ।
ଓ – ବାରମ୍ବାର – ଦୁଷ୍ଟପିଲାମାନେ ବାରମ୍ବାର କଳି କରନ୍ତି ।
ଖ – ବାର୍‌ବାର୍ – ବଦ୍‌ମାସ୍ କୁଣ୍ଡଃକି ବାର୍‌ବାର୍ କଳି ବାଏତେ କି ।
ଓ – ବାର୍ଦ୍ଧକ୍ୟ ଭତ୍ତା – ସରକାର ବାର୍ଦ୍ଧକ୍ୟ ଭତ୍ତା ଦେଇଥାନ୍ତି ।
ଖ – ବୁଢାବୁଢି ଭଥାଃ – ସାର୍‌କାର୍ ବୁଢାବୁଢି କିଆଃ ଭଥାଃ ତେର୍‌ତେ ।
ଓ – ବାସଗୃହ – ଯାଯାବରମାନଙ୍କ ବାସଗୃହ ନ ଥାଏ ।
ଖ – ରହେନାଅଃ – ବାରବୁଲା କିଆଃ ରହେନାଃଥମ୍ ଅଃ ଉମ୍ ଆତା ।
ଓ – ବାହାରକୁ – ରାତିରେ ବାହାରକୁ ଯିବାପାଇଁ ମୁଁ ଡରେଁ ।
ଖ – ବାହ୍‌ରିତିଗ୍ – ଇଡିବ୍‌ତେ ବାହରିତିଗ୍ ମୁଃନାଃଥମ୍ ଇଙ୍ଗ୍ ବତଙ୍ଗ୍ ତାଏଙ୍ଗ୍ ।
ଓ – ବାଲି – ବସିଖାଇଲେ ନଈବାଲି ସରେ ।
ଖ – ବାଏ୍ଲ – ଡକନଃଖଲାଃ ଖିରମ୍ ଆଃ ବାଏଲଜ ବଙ୍ଗ୍‌ତା ।
ଓ – ବାଣ୍ଟିବା – ମୁଁ ବିସ୍କୁଟ ବାଣ୍ଟିବା ଜାଣେ ।
ଖ – ତାଏଗ୍‌ନା – ଇଙ୍ଗ୍ ବିସ୍‌କୁଟ୍ ତାଏଗ୍‌ନା ସଏକ୍‌ତିଙ୍ଗ୍ ।
ଓ – ବାହାରେ – ବାହାରେ ଏଠିସେଠି ଛେପ ପକାଅ ନାହିଁ ।
ଖ – ବାହ୍‌ରେ – ବାହ୍‌ରେ ଉତେ ହାନ୍‌ତେ ଖେଁଖାର୍ ଆବୁ ଅବ୍‌ଗୁରେପେ ।
ଓ – ବାମ ପଟ – ରାସ୍ତାର ବାମ ପଟ ଦେଇ ଚାଲ ।
ଖ – ଡେର୍‌ହି – ସଡଗ୍ ଆଃ ଡେର୍‌ହି ତିଗ୍ ସାଉଁଡ୍ ନାପେ ।
ଓ – ବାହୁ – ରାଜାମାନେ ନିଜ ବାହୁ ବଳରେ ରାଜ୍ୟ ଜୟ କରୁଥିଲେ ।
ଖ – ବାହାଁ – ରାଜା କି ଆଡିଆଃ ବାହାଁ ବଡତେ ରାଏଜ୍ ଜିତେ ଖାନ୍‌ତା କି ।
ଓ – ବାଉଁଶ – ବାଉଁଶରେ କୁଲା ତିଆରି ହୁଏ ।
ଖ – କଣେଙ୍ଗ୍ – କଣେଙ୍ଗ୍ ବୁଙ୍ଗ୍ ସାଃମୁଁ ତିଆର୍ ହଏତା ।
ଓ – ବିଜୁଳି – ବିଜୁଳି ମାରିଲେ ନିଆଁ ବାହାରେ ।
ଖ – ବିଜ୍‌ଲି – ବିଜଲି ତାରଃଲାଃତିମ୍‌ସମ୍ ମୁଃତା ।
ଓ – ବିଭବ – ଆମ ରାଜ୍ୟ ପ୍ରାକୃତିକ ବିଭବରେ ପରିପୂର୍ଣ୍ଣ ।
ଖ – ସମ୍ପତି – ଆନିଆଁ ରାଏ୍ଜ ପ୍ରାକୃତିକ୍ ସମ୍ପତିତେ ଭରେସିଗ୍ ।
ଓ – ବିଦେଶୀ – ଦିନେ ବିଦେଶୀମାନେ ଆମ ଦେଶ ଶାସନ କରୁଥିଲେ ।
ଖ – ବିଦେଶୀ – ମୁସନିଙ୍ଗ୍ ବିଦେଶୀ କି ଆନିଆଁଃ ଦେଶ୍ ଚଲାଏ ଖାନ୍‌ତେ କି ।
ଓ – ବିଚିତ୍ର – ବେଳେ ବେଳେ ଆକାଶରେ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳେ ।
ଖ – ବଡାରକମ୍ – ମେସନ୍ ମେସନ୍ ଆକାଶ୍‌ତେ ବଡାରକମ୍ ଆଃ ଦୁରୁଶ୍ ଜୟନା କୁଇତା ।

ଓ – ବିପତ୍ତି – ବିପତ୍ତି ବେଳର ବନ୍ଧୁ ପ୍ରକୃତ ବନ୍ଧୁ ।
ଖ – ବିପ୍‌ତି – ବିପ୍‌ତି ବେଡଆଃ ସରି ପର୍‌କୁତ୍ ସରି ହାଏ ।
ଓ – ବିଲୁଆ – ବିଲୁଆ ବଡ ଚତୁର ।
ଖ – କୁଲିହା – କୁଲିହା ମାହାଁ ଚତୁର୍ ।
ଓ – ବିଦାୟ – ବାଦାୟ ବେଳେ ଦୁଃଖ ଲାଗେ ।
ଖ – ବିଦା – ବିଦା ଡଡ୍‌ନା ବେଡାତେ ଦୁକ୍ ଲାଃତା ।
ଓ – ବିହଙ୍ଗ – ବିହଙ୍ଗ ଉଡେ ଗଗନ ଛୁଇଁ ।
ଖ – କନ୍ଥେଡ୍ – କନ୍ଥେଡ୍ ଲେଙ୍ଗ୍‌ତା ଆକାଶ୍ ଜିଭ୍ କରି ।
ଓ – ବିମଳ – ବିମଳ ଶଶୀ ଆକାଶେ ହସେ ।
ଖ – କଏଁଲି – କଏଁଲି ଲେରାଙ୍ଗ୍ ଆକାଶ୍ ତେ ଲାଡାତେ ।
ଓ – ବିଚାର – ଈଶ୍ୱର ଦିନେ ପାପୀର ବିଚାର କରିବେ ।
ଖ – ବିଚାର୍ – ଭଗମାନ୍ ମୁସ୍‌ନିଙ୍ଗ୍ ପାପିଆଃ ବିଚାର ବାଏ ।
ଓ – ବିରୋଧ – ଅନ୍ୟାୟର ବିରୋଧ କରିବା ଉଚିତ ।
ଖ – ବିରୋଧ୍ – ଅନିଆଁୟ୍‌ଆଃ ବିରୋଧ ବାଏନାଃ କାୟମ୍ ।
ଓ – ବିମାନ – ବିମାନ ପକ୍ଷୀ ପରି ଆକାଶରେ ଉଡେ ।
ଖ – ବିବାନ୍ – ବିବାନ୍ ଆକାଶ୍‌ତେ କନ୍ଥେଡ୍ ଗୁଡ୍ ଲେଙ୍ଗ୍‌ତା ।
ଓ – ବିହନ – ଉନ୍ନତ ବିହନ ବୁଣିଲେ ଅଧିକ ଅମଳ ହୁଏ ।
ଖ – ବିଜମ୍ – ବଢ଼ିଆ ସାର୍‌କାରୀ ବିଜମ୍ ବିଥଃଲାଃ ଅଏତ୍‌କାଃ ଆମ୍‌ଦାନି ହଏତା ।
ଓ – ବିଚାରପତି – ବିଚାରପତି ବିଚାର ନିଷ୍ପନ୍ନ କରନ୍ତି ।
ଖ – ବିଚାର୍‌ପତି – ବିଚାରପତି ବିଚାର ଶେଷ୍ ବାଏତେ କି ।
ଓ – ବିତରିବା – ଗରିବଙ୍କୁ ପୋଷାକ ବିତରିବା ପୂଣ୍ୟ କାମ ଅଟେ ।
ଖ – ତାଏଗ୍‌ନା – ଗରିବ୍ କିତେ କୁର୍‌ତା ପେଣ୍ଟ ତାଏଗ୍‌ନା ପୁଇନ୍ କାମୁ ହାଏ ।
ଓ – ବିଚଳିତ – ବିପଦ ସମ୍ବାଦ ଶୁଣି ଆମେ ବିଚଳିତ ହେଉଁ ।
ଖ – ଘାବ୍‌ରାଏନା – ବିପ୍‌ତି ଖଭେର ଅଣ୍ଡର୍ କଲା ଆନିଙ୍ଗ୍ ଘାବ୍‌ରାଏତାନିଂ ।
ଓ – ବିଲେଇ – ବିଲେଇ ରାତିରେ ଦେଖି ପାରେ ।
ଖ – ବିଲୋ – ବିଲୋ ଇଡିପ୍‌ତେ ଜଏନା ପାଲ୍‌ତେ ।
ଓ – ବିଶେଷଜ୍ଞ – ଜଟିଳ ରୋଗ ପାଇଁ ବିଶେଷଜ୍ଞଙ୍କ ପରାମର୍ଶ ନିଅ ।
ଖ – ବେଶି ସଏଗ୍‌ନା – କଠିନ୍ ବେମାରଆଃଥମ୍ ବେଶି ସଏଗ୍‌ଖାନେକି ଦାଗ୍‌ଦାର୍ ଆଃ ସାଲ୍‌ହା ଡଡେପେ ।
ଓ – ବିନ୍ଦୁ – ବିନ୍ଦୁର ଦୈର୍ଘ୍ୟ ପ୍ରସ୍ଥ ନ ଥାଏ ।
ଖ – ବିନ୍ଦୁ – ବିନ୍ଦୁଆଃ ଲମ୍‌ବା ଚଉଡା ଉମ୍‌ଆତା ।

ଓ – ବିପରୀତ – ସ୍ରୋତର ବିପରୀତ ଦିଗକୁ ପହଁରିବା କଷ୍ଟ ।
ଖ – ଉଲ୍‌ଟାଡିଗ୍ – ବଃଡ଼ିଖିରମ୍‌ଆଃ ଉଲ୍‌ଟାଡିଗ୍ ପହଁରେନା ମସ୍କୁଲ୍ ହାଏ ।
ଓ – ବିନ୍ଦୁ ଡିଗ୍ରୀ – ବିନ୍ଦୁ ଡିଗ୍ରୀ କୋଣ ମାପର ଏକକ ଅଟେ ।
ଖ – ବିନ୍ଦୁ ଡିଗ୍ରୀ – ବିନ୍ଦୁ ଡିଗ୍ରୀ କନା ଏଡ୍‌ନାଃ ଏକକ ହାଏ ।
ଓ – ବିୟୋଗ – ବଡ ସଂଖ୍ୟାରୁ ସାନ ସଂଖ୍ୟା ବିୟୋଗ କରାଯାଏ ।
ଖ – ବିଯୋଗ୍ – ମାହାଁ ସଂଖ୍ୟା ଡାଏ କନ୍‌ହନ୍ ସଂଖ୍ୟା ବିଯୋଗ୍ ବାଏଡମ୍‌ତା ।
ଓ – ବିଛଣା – ବିଛଣା ଖରାରେ ଶୁଖାଇବା ଉଚିତ ।
ଖ – ଡାସ୍‌ନା – ଡାସ୍‌ନା ପାଟିଆ ଗିଡିଙ୍ଗ୍ ତେ ରାବ୍‌ଗାଏନାଃ କାୟମ୍ ।
ଓ – ବିଚ୍ଛିନ୍ନ – ଓଡିଶାର ବିଚ୍ଛିନ୍ନାଞ୍ଚଳର ଉନ୍ନତି ଆବଶ୍ୟକ ।
ଖ – ବିଛ୍‌ଡେ – ଉଡିଶାଃ ବିଛ୍‌ଡେ କେଲ୍‌କେ କିଆଃ ଉନ୍ନତି ଜରୁରୀ ହାଏ ।
ଓ – ବିରି – ବିରି ମାଡ ଦେଖି କୋଳଥ ଚେପା ।
ଖ – ମାସୋ – ମାସୋ ଆଃ ମାର୍ ଜୟକରି କଡେଗ୍ ଚେପ୍‌ଟା ।
ଓ – ବିଭାଗ – ସର୍‌କାର୍ ଅନେକ ବିଭାଗ ପରିଚାଳନା କରନ୍ତି ।
ଖ – ବିଭାଗ୍ – ସାର୍‌କାର୍ କିଃତେ କିଃତେ ବିଭାଗ୍ ଚଲାଏତେ ।
ଓ – ବିଶ୍ୱାସ – ବିଶ୍ୱାସ ବିନା ଈଶ୍ୱରଙ୍କୁ ଜାଣି ହୁଏ ନାହିଁ ।
ଖ – ବିଶ୍ୱାସ – ଏନେମ୍ ବିଶ୍ୱାସ ତେ ଭଗମାନ୍ ତେ କଙ୍ଗ୍‌ନା ଉମ୍ ହଏତା ।
ଓ – ବିକ୍ରି – ବେପାରୀମାନେ ବିକ୍ରି ପାଇଁ ବଳଦ ହାଟକୁ ଆଣନ୍ତି ।
ଖ – ଅବ୍‌ସଙ୍ଗ୍‌ନା – ବେପ୍‌ରିଆ କି ଅବ୍‌ସଙ୍ଗ୍‌ନାଃ ଥମ୍ ହାଟ୍‌ବୁଙ୍ଗ୍ ଅରେଗ୍ ଅଲ୍‌ତେ କି ।
ଓ – ବିନିମୟ – ଟଙ୍କାର ବିନିମୟ ମୂଲ୍ୟ ସବୁବେଳେ ଅସ୍ଥିର ଥାଏ ।
ଖ – ସଠିକ୍ – ରୁପିଆଃ ସଠିକ୍ ଦାମ୍ ଝାକିଭେରେ ଅଥିର୍ ଆତା ।
ଓ – ବିଲ – ଗହୀର ବିଲରେ ଭଲ ଫସଲ ହୁଏ ।
ଖ – ଆଙ୍କାଲ୍ – ଗାଡ଼ାଃ ଜମିନ୍ ତେ ଭଲ୍ ତାସ୍ ହଏତା ।
ଓ – ବିଦ୍ୟାଳୟ – ରବିବାର ବିଦ୍ୟାଳୟ ଛୁଟି ରହେ ।
ଖ – ଇସ୍‌କୁଲ୍ – ରଏବାର୍ ଦିନ ଇସ୍‌କୁଲ୍ ଛୁଟି ଆତା ।
ଓ – ବିଜୟୀ – ଆମେ ଦିନେ ନିଶ୍ଚୟ ବିଜୟୀ ହେବା ।
ଖ – ଜିତେନା – ଆନିଙ୍ଗ୍ ମୁସ୍‌ନିଙ୍ଗ୍ ଜେନ୍‌ତା ଲାଃଜଃ ଜିତେ ନାନିଙ୍ଗ୍ ।
ଓ – ବିପଦ – ବିପଦ ବେଳେ ସାହସ ଧରି କାର୍ଯ୍ୟ କର ।
ଖ – ବିପ୍‌ତି /ଅସୁବିଧା – ବିପ୍‌ତି ବେଡାତେ ସାହାସ୍ ଧଃତେ କରି କାମୁନାପେ ।
ଓ – ବିଳମ୍ବ – ବିଳମ୍ବରେ ବିଦ୍ୟାଳୟକୁ ଯିବା ଅନୁଚିତ ।
ଖ – ଡେରି – ଡେରିତେ ଇସ୍‌କୁଲ୍‌ବୁଙ୍ଗ୍ ସାନ୍‌ନା ଠିକ୍ ଆଣିଗ୍ ।

ଓ – ବିଭକ୍ତ – ବିଭକ୍ତ ଦୁଇ ମାନେ ଅଧା ।

ଖ – ଭାଗ୍ – ଭାଗ୍ଆଃ ଉବାର୍ ମାନେ ଆଧା ।

ଓ – ବିଶ୍ୱବିଦ୍ୟାଳୟରେ– ବିଶ୍ୱବିଦ୍ୟାଳୟରେ ଅନେକ ଦେଶର ପିଲା ପଢ଼ନ୍ତି ।

ଖ –ମାହାଇସ୍କୁଲ/କଲେଜ – କଲେଜ୍‌ତେ (ମାହା ଇସକୁଲ ଲତେ) ଖୋବ୍ ରାଏଜଆଃ କୁଣ୍ଣୁକି ପଢ଼େତାକି ।

ଓ – ବିଚ୍ଛେଦ – ବେଳେବେଳେ ଦୁଇ ବନ୍ଧୁଙ୍କର ବିଚ୍ଛେଦ ଘଟେ ।

ଖ – ବିଛୋଡ୍ – ମେସନ୍‌ମେସନ୍ ଦୁହିସରି ଭିଃତାର୍‌ତେ ବିଛୋଡ୍ ହଏତା ।

ଓ – ବିଶ୍ୱ – ଈଶ୍ୱର ବିଶ୍ୱ ବିଧାତା ଅଟନ୍ତି ।

ଖ – ସାରା ଦୁନିଆଁ – ଭଗ୍‌ମାନ୍ ସାରାଦୁନିଆଁ ହର୍‌ତା କର୍‌ତା ହାଏ ।

ଓ – ବିଡା – ଶାଗ ବିଡା କର ଦାମ କମ୍ ରହିଛି ।

ଖ – ବିଡା – ଶାଃଗ ବିଡାଃ ଦାମ୍ କମ୍ ଆଃଇ ।

ଓ – ବିଶ୍ରାମ – ବାଟୋଇମାନେ ଗଛ ଛାଇରେ ବିଶ୍ରାମ ନିଅନ୍ତି ।

ଖ – ଥାକେତାର୍‌ନା/ଆରାମ୍– ଗଃଝୁଙ୍ଗ୍ ସାଉଁଡ୍‌ନା ଲେବୁକି ଦାରୁ ଲଙ୍ଗେତେ ଥାକେ ତାର୍‌ତେ କି ।

ଓ – ବିକାଳି – ବିକାଳୀ ସବୁବେଳେ ଲାଭ ଚାହେଁ ।

ଖ – ଅବ୍‌ସଙ୍ଗ୍‌ନାଲେବୁ– ଅବ୍‌ସଙ୍ଗନାଲେବୁ ଝାକି ଭେରେ ଲାଭ୍ ଚାହେଁତେ ।

ଓ – ବିଜ୍ଞ – ବିଜ୍ଞ ଲୋକମାନଙ୍କର ପରାମର୍ଶ ଗ୍ରହଣ କର ।

ଖ – ବେଶିସଏଗ୍‌ନା – ବେଶିସଏଗ୍‌ନା ଲେବୁକିଆଃ ସାଲ୍‌ହାତେ ମାନେଏପେ । / ବୁଧିମାନ୍ ଲେବୁକିଆଃ ସାଲ୍‌ହାତେ ମାନେଏପେ ।

ଓ – ବିଜ୍ଞପ୍ତି – ବିଜ୍ଞପ୍ତି ପାଠ କରି ଅନେକ କଥା ଜାଣିହୁଏ ।

ଖ – ଗେଜେଟ୍ – ଗେଜେଟ୍ ପଢ଼େକଲାଃ ଖୋବ୍ କାୟମ୍ କଙ୍ଗ୍‌ଡମ୍‌ତା ।

ଓ – ବୀରତ୍ୱ – ଭାରତୀୟମାନଙ୍କ ବୀରତ୍ୱ ପୃଥିବୀ ଜାଣେ ।

ଖ – ସାହାସ୍ – ଭାରତ୍‌ଆଃ ଲେବୁକିଆଃ ସାହାସ୍ ପୁର୍‌ଥିଗଟା ଜାଣାଏତେ ।

ଓ – ବୀରଭୂମୀ – ଆମ ଦେଶ ବୀରଭୂମି ଅଟେ ।

ଖ – ସାହାସ୍ ଜାଗା – ଆନିଆଃଦେଶ୍ ସାହାସ୍‌କିଆଃ ଦେଶ୍‌ହାଏ ।

ଓ – ବୁଦ୍ଧିମାନ – ବୁଦ୍ଧିମାନ ପିଲା ମନ ଦେଇ ପାଠ ପଢ଼େ ।

ଖ – ହୁସିଆର୍ – ହୁସିଆର୍ କୁଣ୍ଣୁଃ ମନ୍ ତେର୍ କଲାପାଟ୍ ପଢ଼େତା ।

ଓ – ବୁଦା – ଘର ଚାରିପଟେ ବୁଦା କାଟି ପକାଅ ।

ଖ – ବୁଦା – ଅଗାଃ ଚାରିପାଖଆଃ ବୁଦା ସଫା ବାଏପେ ।

ଓ – ବୁଢ଼ା – ବୁଢ଼ା ଲୋକକୁ ସାହାଯ୍ୟ କର ।

ଖ – କେଣ୍ଡର୍‌ବଃ – କେଣ୍ଡର୍‌ବଃ ଲେବୁତେ ସାହେଜ୍ ବାଏପେ ।

ଓ – ବୁଢ଼ୀ ମାଁ – ଆମ ବୁଢ଼ୀ ମାଁ ଭଲ ଗପ କହିଜାଣନ୍ତି ।

ଖ – ଆଇ ମାଁ – ଏଲାଃ ଆଇମାଁ ଭଲ୍ କଥନୀ ଗାମ୍‌ନା ସଏଗ୍‌ତେ ।

ଓ – ବୁଣିବା – ଲୁଗା ବୁଣିବା ତନ୍ତୀର ବୃତ୍ତି ଅଟେ ।
ଖ – ତିଆର୍‌ବାଏନା – ଛିଡା ତିଆର୍‌ବାଏନା ହରିଜନ୍ ଚିଃକ (ତନ୍ତୀ) ଲେବୁଆଃ କାମୁ ହାଏ ।
ଓ – ବୁଝାଇ – ଖାତା କିପରି ସିଲେଇ ହେବ ତାହା ଭାଇ ବୁଝାଇ ଦେଲେ ।
ଖ – ବୁଝାଏ – ଖାତା ଇଘାଏ ଟିଂପନାହଏନା ହଜେଃ ଭାଇ ବୁଝାଏଗଥଃ ।
ଓ – ବୁଦାଲିଆ – ବଗିଚାର ବୁଦାଲିଆ ଘାସ ଉପାଡି ଦିଅ ।
ଖ – ବୁଦାଗୁଡ୍ – ବାଡିଆଃ ବୁଦାଗୁଡ୍ ଘାସଲାଟା କିତେ ଉଜାଃ ଗଡେପେ ।
ଓ – ବୁଡାଇବା – ଜଳପାତ୍ରରେ ବୁଡାଇବା ଅନୁଚିତ ।
ଖ – ବଥାନା – ଡାଃ କଡ୍‌ସିତେ ତିଃ ବଥାନା ଠିକ୍ ଆଣିଗ୍ ।
ଓ – ବୁଢ଼ା ମାଙ୍କଡ – ବୁଢ଼ା ମାଙ୍କଡ ଗଛରେ ଆଉ ଡେଇଁ ପାରୁନି ।
ଖ – ବୁଢ଼ା ବାନ୍ଦ୍ରା – ବୁଢ଼ା ବାନ୍ଦ୍ରା ଦାରୁତେ ଅଡଃ ଡେଗେନା ଉମ୍ପାଲତାଏଗ୍ ।
ଓ – ବୁଝାମଣା – ଦୁଇ ଦେଶ ମଧ୍ୟରେ ବେଳେବଳେ ବୁଝାମଣା ହୁଏ ।
ଖ – ବୁଝାମନା – ଦୁହି ଦେଶ୍ ଭିଃତାର୍‌ତେ ମେସନ୍‌ମେସନ୍ ବୁଝାମନା ହଏତା ।
ଓ – ବୁଦ୍ଧିଦାତା – ଈଶ୍ୱର ବୁଦ୍ଧିଦାତା ଅଟନ୍ତି ।
ଖ – ବୁଃଧିତେର୍‌ନାବାଲା– ଭଗ୍‌ମାନ୍ ବୁଃଧିତେର୍‌ନାବାଲା ହାଏ ।
ଓ – ବେମାର – ରାଜୁ ଜ୍ୱରରେ ବେମାର ପଡିଛି ।
ଖ – କସୁ – ରାଜୁ କୁଲ୍‌ଡାଃ କସୁତେ ଗୁର୍‌ସିଗ୍ ।
ଓ – ବେଳା – ସକାଳ ବେଳା ମନ ପ୍ରଫୁଲ୍ଲ ରହେ ।
ଖ – ବେଡା – ମିଆଁ ବେଡା ମନ୍ ଚାଙ୍ଗା/ ଆତା ଖୁସ୍ ରହେତା ଆତା ।
ଓ – ବେଲୁନ୍ – ଫୁଙ୍କିଲେ ବେଲୁନ୍ ଫୁଲି ଯାଏ ।
ଖ – ଫୁକା – ହୁମ୍‌ପେରଲାଃ ଫୁକା କୁଙ୍ଗ୍ ଗଃତା ।
ଓ – ବେଲପତ୍ର – ବେଲ ପତ୍ର ପୂଜାରେ ବ୍ୟବହୃତ ହୁଏ ।
ଖ – କୁଲାବ୍‌ଉଲାଃ – କୁଲାବ୍‌ଉଲାଃ ପୂଜାତେ ବେଭାର୍ ହଏତା ।
ଓ – ବେଙ୍ଗ – ବେଙ୍ଗ ଏକ ଉଭୟଚର ପ୍ରାଣୀ ଅଟେ ।
ଖ – ବେଙ୍ଗା – ବେଙ୍ଗାମୁଇଙ୍ଗ୍ ଡାଃତେ ଢ଼ିପାତେ ରହେନା ଜଁତୁ ହାଏ ।
ଓ – ବେଗି – ରବି ଡାକୁଛି ବେଗି ଆସ ।
ଖ – ଜଲ୍‌ଦି – ରବି ରେମାତାଏଗ୍ ଜଲ୍‌ଦି ଆଏ/ଡେଲ୍‌ନା ।
ଓ – ବେଶିଥର – ସତ କହିବାକୁ ବାପା ମତେ ବେଶିଥର କହିଥାନ୍ତି ।
ଖ – ଥର୍ କେ ଥର୍ – ସତ୍ ଗାମ୍‌ନାଃଥମ୍ ବୁଆଗିଙ୍ଗ୍ ଇଙ୍ଗ୍‌ତେ ଥର୍‌କେଥର୍ ଗାମ୍‌ତେ ।
ଓ – ବେସରକାରୀ – ବେସରକାରୀ ଅନୁଷ୍ଠାନ ଲୋକ ଚଲାନ୍ତି ।
ଖ – ବେସାର୍‌କାରୀ – ବେସାର୍‌କାରୀ ଅନୁଷ୍ଠାନ ଲେବୁକି ଚଲାଏ୍‌ତେକି ।

ଓ – ବେଳେ ବେଳେ – ବେଳେବେଳେ ଭୂମିକମ୍ପ ହୋଇଥାଏ ।
ଖ – ମେସନ୍ ମେସନ୍ – ମେସନ୍ ମେସନ୍ ଧର୍ତୀ ଡଲେତା ।
ଓ – ବୋଇତ – ସାଧବପିଲାମାନେ ବୋଇତରେ ବିଦେଶ ଯାଉଥିଲେ ।
ଖ – ଡଙ୍ଗା – ସାଧବ୍କୁଣ୍ଡଃକି ଡଙ୍ଗାତେ ଦୁରୁମ୍ ଦେଶ୍ ସାନ୍ ଖାନ୍ତାକି ।
ଓ – ବୋଧହୁଏ – ବୋଧହୁଏ ବାପା ଆଜି ଘରକୁ ଆସିବେ ।
ଖ – କୋଏଜାନ୍ – କୋଏଜାନ୍! ବୁଆଗିଙ୍ ମୁସା ଅଃବୁଙ୍ ଡେଲ୍ନାକି ।
ଓ – ବୋକା – ବୋକାଲୋକ କିଛି କରିପାରେ ନାହିଁ ।
ଖ – ବେଡା – ବେଡା ଲେବୁ ଇହିଜ ବାଏନା ଉମ୍ ପାଲ୍ତେ ।
ଓ – ବଇଦ – ବଇଦ ଚେରମୂଳୀ ଔଷଧ ଦିଏ ।
ଖ – ବୋଏଦ୍ – ବୋଏଦ୍ ଚେରିମୂଲି କାନ୍ଲା ତେର୍ତେ ।
ଓ – ବୈଶାଖ – ବୈଶାଖ ମାସରେ ଟାଣ ଖରା ହୁଏ ।
ଖ – ଜେଠ୍ – ଜେଠ୍ ଲେରାଙ୍ ମୁରୁକ୍ ଗିଡିଙ୍ ହଏତା ।
ଓ – ବ୍ୟସ୍ତ – ମୁଁ ବିଳମ୍ବରେ ଘରକୁ ଫେରିଲେ ମାଁ ବ୍ୟସ୍ତ ହୁଅନ୍ତି ।
ଖ – ଚିନ୍ତା – ଇଙ୍ ଡେରିତେ ଅଃ ଏଙ୍କିଲାଃ ମାଁଗିଙ୍ ଚିନ୍ତାତେ ଗୁର୍ତା ।
ଓ – ବ୍ୟତୀତ – ମୋ ବ୍ୟତୀତ କେହି ଏ କାମ କରିପାରିବେ ନାହିଁ ।
ଖ – ଛାଡା – ଇଙ୍ଗାଃ ଛାଡା ବେର୍ଜ ଉକାମୁ ବାଏନା ଉମ୍ ପାଲ୍ତେ କି ।
ଓ – ବ୍ୟାଟ୍ – ବ୍ୟାଟ୍ରେ କ୍ରିକେଟ ଖେଳାଯାଏ ।
ଖ – ବେଟ୍ – ବେଟ୍ ବୁଙ୍ କିର୍କେଟ୍ ଏବଃ ତାକି ।
ଓ – ବ୍ୟାଗ – ମୁଁ ବହିପତ୍ର ବ୍ୟାଗରେ ଧରେଁ ।
ଖ – ମୁନା – ଇଙ୍ ବହିପତର୍ ମୁନାତେ ଧଃତେ ତିଙ୍ ।
ଓ – ବ୍ୟାଘ୍ର – ଆମ ଜଙ୍ଗଲରୁ ବ୍ୟାଘ୍ର ଶିକାର ନିଷେଧ ଅଟେ ।
ଖ – କିଡଃ – ଆନିଆଁ ଆଡାୟ୍ତାୟ୍ କିଡଃ କୁମାଙ୍ ବାଏନା ମନାହାଏ ।
ଓ – ବ୍ୟାୟାମ – ବ୍ୟାୟାମ କଲେ ଶରୀର ସୁସ୍ଥ ରହେ ।
ଖ – ବିଆମ୍ – ବିଆମ୍ ବାୟଃଲାଃ ନିରୀ ସୁନ୍ଦର୍ ନିରୋଗ୍ ରହେତା ।
ଓ – ବୃତ୍ତି – ମାଛ ମାରିବା କେଉଟର ବୃତ୍ତି ଅଟେ ।
ଖ – ବେଉସା – କାଡଙ୍ ତାର୍ନା ଝରାଃ ବେଉସା ହାଏ ।
ଓ – ବୃଦ୍ଧି – ଜନସଂଖ୍ୟା ବୃଦ୍ଧି ଦେଶର ବଡ ସମସ୍ୟା ଅଟେ ।
ଖ – ବଢ଼େନା – ଲେବୁସଂଖ୍ୟା ବେଢ଼ନା ଦେଶ୍ଆଃ ମାହାଁ ଚିନ୍ତା ହାଏ ।
ଓ – ବୃତ୍ତ – ବୃତ୍ତର ଗୋଟିଏ କେନ୍ଦ୍ର ଥାଏ ।
ଖ – ଗୋଲ୍ – ଗୋଲ୍ଆଃ ମୁଇଙ୍ଗା କେନ୍ଦ୍ର ଆତା ।

| | | |
|---|---|---|
| ଓ – ବୃଷ୍ଟି | – | ଅନିୟମିତବୃଷ୍ଟି କୃଷିପାଇଁ ଅନୁକୂଳ ନୁହେଁ । |
| ଖ – ବର୍‌ଷା | – | ମେଲାଏମେଲାଏ ବର୍‌ଷା ଡାଃ ତାସ୍ ଲାଗିନ୍ ଠିକ୍ ଆଣିଗ୍ । |
| ଓ – ବୃଦ୍ଧ | – | ବୃଦ୍ଧ ବୟସରେ ସାହାଯ୍ୟ ଆବଶ୍ୟକ । |
| ଖ – ବୁଢ଼ା | – | ବୁଢ଼ା ବୟେସ୍‌ତେ ସାହେଜ୍ ଦର୍‌କାର୍ । |
| ଓ – ବୃଥା | – | ପରିଶ୍ରମ ବୃଥା ଯାଏ ନାହିଁ । |
| ଖ – ବେକାର୍ | – | ମେହେନତ୍ ବେକାର୍ ଉମ୍ ସାନ୍‌ତା । |
| ଓ – ବୃହତ୍ତମ | – | ନଅ ଏକ ଅଙ୍କର ବୃହତ୍ତମ ସଂଖ୍ୟା ଅଟେ । |
| ଖ – ମାହାଁ | – | ନଅ ମୁଇଙ୍ଗ୍ ଅକଂଆନା ମାହାଁ ସଂଖ୍ୟା ହାଏ । |

## (ଭ)

| | | |
|---|---|---|
| ଓ – ଭଲ | – | କ୍ଲୋରୋକୁଇନ୍ ଖାଇବା ପରେ ମୋ ମ୍ୟାଲେରିଆ ଜ୍ୱର ଭଲ ହୋଇଗଲା । |
| ଖ – ଭଲ୍ | – | କ୍ଲୋରୋକୁଇନ୍ ନଃଖେଗ୍‌ତାଏ ଇଙ୍ଗାଃ ମେଲେରିଆ କୁଲ୍‌ଡାଃ ମେଲାଏ ଗଥଃ । |
| ଓ – ଭୟ | – | ବାଘ ଦେଖି ମୁଁ ଭୟ କଲି । |
| ଖ – ବତଙ୍ଗ୍ | – | କିଡଃ ଜୟ୍‌କରି ଇଙ୍ଗ୍ ବତଙ୍ଗ୍ ଗଃକିଙ୍ଗ୍ । |
| ଓ – ଭକ୍ତ | – | ଭକ୍ତମାନେ ଈଶ୍ୱରଙ୍କ ଠାରେ ଆରାଧନା କରନ୍ତି । |
| ଖ – ଭକ୍ତିଆ | – | ଭକ୍ତିଆକି ଭଗମାନ୍‌ଆଃ ପୂଜା ବାଏତେ କି । |
| ଓ – ଭଗ୍ନ | – | ଆମ ଦେଶର ପୁରାତନ କିର୍ତ୍ତୀ ଭଗ୍ନାବସ୍ଥାରେ ରହିଛି । |
| ଖ – ଭଙ୍ଗାଃଟୁଟା | – | ଆନିଆଁ ଦେଶ୍ ଆଃ ପୁର୍‌ନା କିର୍‌ତୀ ଭଙ୍ଗାଃଟୁଟା ଅବସ୍ଥାତେ ଗୁର୍‌ସିଗ୍ । |
| ଓ – ଭରସା | – | ଆମେ ଈଶ୍ୱରଙ୍କଠାରେ ଭରସା ରଖିବା ଉଚିତ । |
| ଖ – ଭାର୍‌ସା | – | ଆନିଙ୍ଗ୍ ଭଗ୍‌ମାନ୍ ଆଃ ତଭ୍‌ଲୁଙ୍ଗ୍‌ତେ ଭାର୍‌ସା ଉନ୍‌ନାଃ କାୟମ୍ । |
| ଓ – ଭକତି | – | ପିତା ମାତାଙ୍କୁ ଭକତି କରିବା ଉଚିତ । |
| ଖ – ଭକ୍ତି | – | ବୁଆ ମାଁ ତେ ଭକ୍ତି ବାଏନାଃ କାୟମ୍ । |
| ଓ – ଭଲ୍ଲୁକ | – | ଭଲ୍ଲୁକ ଅତ୍ୟନ୍ତ ହିଂସ୍ର ଅଟେ । |
| ଖ – ଭାଲୁ/ବାନାୟ୍ | – | ଭାଲୁ ବହୁତ୍ ରାଗି ହାଏ / ଭାଲୁ ଝାକିଆଃତାୟ ଋଦ୍‌ରା ଜଁତୁହାଏ । |
| ଓ – ଭସାଇ | – | ନଦୀ ବଢ଼ିଲେ ଅନେକ ଘର ଭସାଇ ଦିଏ । |
| ଖ – ଭାସାଏ | – | ଖିରମ୍ ବଢ଼େକିଲାଃ କିଃତେ ଅଃ ଭାସାଏ ଡଡ୍‌ଡୁ ତେ । |
| ଓ – ଭର୍ସନା | – | ଅଦାଲତ ସରକାରଙ୍କୁ ଭର୍ସନା କରିଥାଏ । |
| ଖ – କଲେଗ୍‌ନା | – | କୋର୍ଟକଛ୍‌ରୀ ସାର୍‌କାର୍‌ତେ ଠିକ୍ କାମୁ ଉମ୍ ବାୟଲାଃ କଲେଗ୍‌ତା । |
| ଓ – ଭଳି କି ଭଳି | – | ଦୋକାନରେ ଭଳି କି ଭଳି କଣ୍ଢେଇ ଅଛି । |
| ଖ – ସୁନ୍ଦର୍ ସୁନ୍ଦର୍ | – | ଦୁକାନ୍ ତେ ସୁନ୍ଦର୍ ସୁନ୍ଦର୍ ପୁତ୍‌ଲି ଆଃଇ । |
| ଓ – ଭଲ ଲାଗିଲା | – | ବ୍ୟାୟାମ ତାଙ୍କୁ ଭଲ ଲାଗିଲା । |
| ଖ – ଠିକ୍ ଲାଃକି | – | ବିଆମ୍ ଆଡ୍‌ତେ ଠିକ୍ ଲାଃକି । |

ଓ – ଭାତ – ଭାତରୁ ଆମକୁ ଶକ୍ତି ମିଳେ ।
ଖ – ପେଗ୍ – ପେଗ୍ ତାୟ୍ ଆନିଙ୍ଗ୍‌ତେ ବଡକୁଇତା ।
ଓ – ଭାଲୁ – ଭାଲୁ ଉଇ ଖାଇବାକୁ ଭଲପାଏ ।
ଖ – ବାନାୟ୍ – ବାନାୟ ତବ୍‌ଦିର ନଃନା ଥମ୍ ଭଲ କୁଇତେ ।
ଓ – ଭାଇ – ମୋ ଭାଇ କଟକରେ ରହି ଚାକିରି କରନ୍ତି ।
ଖ – ଭାଇ – ଇଙ୍ଗାଃ ଭାଇ କଟକ୍‌ତେ ରହେ କଲା ନକ୍‌ରୀ ବାଏତେ ।
ଓ – ଭାରି – ବାଲି ଭାରୀ ଲାଗେ ।
ଖ – ଉଜନ୍ – ବାଏଲ୍ ଉଜନ୍ ଲାଃତା/କେଁଢେଲ୍ ଲାଃତା ।
ଓ – ଭାଷଣ – ସଭାରେ ଭାଷଣ ଦେଇ ମୁଁ ପୁରସ୍କାର ପାଇଲି ।
ଖ – ଭାଷଣ୍ – ସାଭାତେ ଭାଷଣ୍ ତେର୍ କଲା ଇଙ୍ଗ୍ ପୁରୁସ୍‌କାର୍ କୁଏଗ୍ ।
ଓ – ଭାବ – ଏହାର ଭାବ ମୁଁ ବୁଝି ପାରୁ ନାହିଁ ।
ଖ – ଭାବ୍ – ଉକ୍‌ଡାଃ ଭାବ୍ ଇଙ୍ଗ୍ ବଃୁଝିନା ଉମ୍ ପାଲତାଏଗ୍ ଜିଙ୍ଗ୍ ।
ଓ – ଭାଗ – ଏକ ଟଙ୍କାକୁ ଚାରିଭାଗ କଲେ ପଚିଶ ପଇସା ହୁଏ ।
ଖ – ଭାଗ୍ – ମୁଇଙ୍ଗ୍ ରୁପିଆତେ ଚାଏର୍ ଭାଗ୍ ବାୟଲାଃ ପଚିଶ୍ ପଏସା ଲେଖା ହଏତା ।
ଓ – ଭାଜ୍ୟ – ଯେଉଁ ସଂଖ୍ୟାକୁ ଭାଗ କରାଯାଏ ତାହାକୁ ଭାଜ୍ୟ କହନ୍ତି ।
ଖ – ଭାଜ୍ୟ – ଆତ୍ ସଂଖ୍ୟାତେ ଭାଗ୍ ବାଏଡମ୍‌ତା / ବାଏତେକି ଆଡ୍‌ତେ ଭାଜ୍ୟ ଗାମ୍‌ତେକି ।
ଓ – ଭାଜକ – ଯାହାଦ୍ୱାରା ଭାଗ କରାଯାଏ ତାହାକୁ ଭାଜକ କହନ୍ତି ।
ଖ – ଭାଜକ୍ – ବେରାଃବୁଙ୍ଗ୍ ଭାଗ୍ ବାଏଡମ୍‌ତା / ବାଏତେକି ଆଡ୍‌ତେ ଭାଜକ୍‌ଗାମ୍‌ତେ କି ।
ଓ – ଭାଗଫଳ – ଭାଗକଲେ ଫଳ ଯାହା ମିଳେ ତାହା ଭାଗଫଳ ଅଟେ ।
ଖ – ଭାଗ୍‌ଲକୁ – ଭାଗ୍ ବାଏକରି ଲକୁ ଯାହା କୁଇତା ହଜେଃ ଭାଗ୍‌ଲକୁ ଗାମ୍‌ତେକି ।
ଓ – ଭାଗ୍‌ଶେଷ – ଭାଗକରି ଯାହା ଶେଷ ହେଲା ବା ବଳିଲା ତାହାକୁ ଭାଗଶେଷ କୁହାଯାଏ ।
ଖ – ଭାଗ୍‌ଶେଷ – ଭାଗ୍ ବାଏକରି ଯାହା ଶେଷ୍‌ତେ ରହେକି ବା ବାଞ୍ଚେକି ଆଡ୍‌ତେ ଭାଗଶେଷ ଗାମ୍‌ତେକି ।
ଓ – ଭାଗକେ – ଭାଗକେ ଏକ କିଲୋଗ୍ରାମ ପଡିଛି ।
ଖ – ଭାଗ୍‌ତେ – ଭାଗ୍‌ତେ ମୁଇଙ୍ଗ୍ କେଜି ଗୁର୍‌ସିଗ୍ ।
ଓ – ଭାଙ୍ଗିଗଲା – ହାତରୁ ଖସି କାଚ ଗ୍ଲାସଟି ଭାଙ୍ଗିଗଲା ।
ଖ – ପିଗ୍ ଗଃକି – ତିଃତାଏ ଖସଁ୍‌ରେକେରି କାଁଚଗିଲାସ୍ ଯେଃ ପିଗ୍‌ଗଃକି ।
ଓ – ଭଉଣୀ – ରତ୍ନ ମୋର ସାନ ଭଉଣୀ ଅଟେ ।
ଖ – କୁଲାମ୍ ଡାଏ – ରତ୍ନ ଇଙ୍ଗାଃ କନ୍‌ହନ୍ କୁଲାମ୍‌ଡାଏ ହାଏ ।
ଓ – ଭାଇ ବନ୍ଧୁ – ଆମର ଅନେକ ଭାଇ ବନ୍ଧୁ ଅଛନ୍ତି ।
ଖ – ଭାଏ ବନ୍ଧୁ – ଏଲାଃ କିଃତେ ଭାଏବନ୍ଧୁ ଆଏଗକି ।

ଓ – ଭାଗକୁ – ବାଇଗଣ ଭାଗକୁ ଦଶ ଟଙ୍କା ରହିଛି ।

ଖ – ଭାଗ୍‌ତେ – କାଣ୍ଡରେଗ୍ ଭାଗ୍‌ତେ ଦଶ ରୁପିଆ ରହେସିଗ୍ ।

ଓ – ଭାଗରେ – ମୋ ଭାଗରେ କଲମ ପଡିଲା ।

ଖ – ଭାଃଗତେ – ଇଙ୍ଗ୍ଃ ଭାଃଗତେ ଫଲ୍‌ଟେନ୍ ଗୁର୍‌କି ।

ଓ – ଭିକ – ଅସହାୟ ଲୋକ ଭିକ ମାଗି ବୁଲନ୍ତି ।

ଖ – ଭିଃକ – ବେରାଃବେର୍‌ଜ ଉମ୍ ଆନା ଲେବୁ ଭିଃକ ବର୍‌ନା ବୁଲିତା ।

ଓ – ଭିଡ – ହାଟରେ ବହୁତ ଲୋକଙ୍କର ଭିଡ ଜମେ ।

ଖ – ଭିଡ୍ – ହାଟ୍‌ତେ ମୁରୁକ୍ ଲେବୁକିଆଃ ଭିଡ୍ ଜମେତା ।

ଓ – ଭିନ୍ନ – ତେଲଗୁ ଭାଷା ଓଡିଆ ଭାଷାଠାରୁ ଭିନ୍ନ ଅଟେ ।

ଖ – ଅଲ୍‌ଗା – ତେଲ୍‌ଗୁ ଭାଷା ଉଡିଆ ଭାଷାତାୟ୍ ଅଲ୍‌ଗା ହାଏ ।

ଓ – ଭିନ୍ନତା – ପ୍ରତ୍ୟେକ ଲୋକଙ୍କ ଠାରେ ଭିନ୍ନତା ଦେଖାଯାଏ ।

ଖ – ଅଲ୍‌ଗା ଅଲ୍‌ଗା – ଝାକି ଲେବୁକିଆଃ ତେ ଅଲ୍‌ଗା ଅଲ୍‌ଗା ଜୟ୍‌ତା / ଜୟଡମତା ।

ଓ – ଭୁଷୁଡି – ଦୁର୍ବଳ ଥିବାରୁ ଘରଟି ଭୁଷୁଡି ପଡିଗଲା ।

ଖ – ଭଁଷ୍‌ଡେ – ଦୁର୍‌ବୁଲିଆଃ ଥମ୍ ଅଃଯେଃ ଭଁଷ୍‌ଡେ ଗୁର୍‌ଗଃକି ।

ଓ – ଭିତରେ – ବାଉଁଶ ଭିତରେ ପୋଲା ଥାଏ ।

ଖ – ଭିଃତାର୍‌ତେ – କଣେଙ୍ଗ୍ ଭିଃତାର୍‌ତେ ପୁଲା ଆତା ।

ଓ – ଭୁସ୍ କରି – ମୀନା ବାଲିରେ ଭୁସ୍ କରି ପଡିଗଲା ।

ଖ – ଭୁସ୍ କରି – ମୀନା ବାଏଲ୍ ତେ ଭୁସ୍ କରି ଗୁର୍‌ଗଃକି ।

ଓ – ଭୁଲିବୁନି – ପିତାମାତାଙ୍କ ପରାମର୍ଶ ଭୁଲିବୁନି ।

ଖ – ଆବୁ ଇରିବମ୍ – ବୁଆ ମାଁଃ ଗାମ୍‌ଗାମ୍ କାୟମ୍ ଆବୁ ଇରିବମ୍ ।

ଓ – ଭୂମି – ଉର୍ବର ଭୂମିରେ ଭଲ ଚାଷ ହୁଏ ।

ଖ – ଜମିନ୍ – ପଁକୁ ଜମିନ୍ ତେ ଭଲ୍ ତାସ୍ ହଏତା ।

ଓ – ଭେଲା – ପାରାଦୀପରେ ଜାହାଜ ଭେଲା ଭେଲା ରହିଛି ।

ଖ – ଭେଲା – ପାରାଦୀପ୍ ତେ ଜାହାଜ୍ ଭେଲା ଭେଲା ଆଃଇ ।

ଓ – ଭେରୀ – ଯୁଦ୍ଧ ସମୟରେ ଭେରୀ ବାଜିଉଠେ ।

ଖ – ଭେରୀ – ଯୁଧ ବେଡାତେ ଭେରୀ ବାଜେ ଉଠେତା ।

ଓ – ଭୋକ – କାମ କଲେ ଭୋକ ଲାଗେ ।

ଖ – ବେତୁଡ୍ – କାମୁ କିଲାଃ ବେତୁଡ୍ ଲାଃ ତା ।

ଓ – ଭୋଜି – ଆମେ ଭୋଜି କରିବା ପାଇଁ ବଣକୁ ଯାଇଥିଲୁ ।

ଖ – ଭୁଜି – ଏଲେ ଭୁଜି ବାଏନାଃ ଥମ୍ ଆଡାଏତିଗ୍ ସାନ୍‌ସିଥଃଲେ ।

## (ମ)

| | | |
|---|---|---|
| ଓ – ମନ | – | ସରଳ ମନ ଯାହାର ସେ ଶାନ୍ତିରେ ରହେ । |
| ଖ – ମନ୍ | – | ବେରାଃମନ୍ ସଫା ଆଡି ସୁଖେ ରହେତା । |
| ଓ – ମଜା | – | ଦୋଳି ଖେଳିବାକୁ ଭାରି ମଜା ଲାଗେ । |
| ଖ – ମାଜା | – | ଦୁଲି ଝୁଲେନାଃଥମ୍ ଭାରି ମାଜା ଲାଃତା । |
| ଓ – ମକା | – | ନବରଙ୍ଗପୁର ଅଞ୍ଚଳରେ ପ୍ରଚୁର ମକା ଚାଷ ହୁଏ । |
| ଖ – ଜଣ୍ଡ୍ରା | – | ନବ୍‌ରଙ୍ଗ୍‌ପୁର କେଲ୍‌କେତେ (ଏରିଆତେ) ବହୁତ୍ ଜଣ୍ଡରା ତାସ୍ ହଏତା । |
| ଓ – ମଳ | – | ରାସ୍ତା କଡରେ ମଳ ତ୍ୟାଗ କରନାହିଁ । |
| ଖ – ଇଗ୍ | – | ସଡଗ୍ ତରାତେ ଆବୁ ଇଜେପେ । |
| ଓ – ମଲ୍ଲ | – | ବଡ ହେଲେ ମୁଁ ମଲ୍ଲଯୋଦ୍ଧା ହେବି । |
| ଖ – ମଲ୍ଲ | – | ମାହାଁ କିଙ୍ଗ୍‌ଲାଃ ଇଙ୍ଗ୍ ପହିଲ୍‌ମାନ୍ ହଏନାଏଙ୍ଗ୍ । |
| ଓ – ମଥା | – | ଓଡିଆ ବୋହୂ ମଥାରେ ଓଢ଼ଣା ଟାଣନ୍ତି । |
| ଖ – ବକବ୍ | – | ଉଡିଆ ଭୁଆସେନ୍ ବକବ୍‌ତେ ଉଢ୍‌ନା ତେର୍‌ତେ । |
| ଓ – ମତ୍ସ୍ୟ | – | ଆମ ଗାଁ ପୋଖରୀରେ ମତ୍ସ୍ୟଚାଷ କରାଯାଇଛି । |
| ଖ – କାଡଙ୍ଗ୍ | – | ଏଲାଃ କେଲ୍‌କେଆଃ ମୁଡାତେ କାଡ୍‌ଙ୍ଗ ତାସ୍ ବାଏସିଗ୍ କି । |
| ଓ – ମଞ୍ଜି | – | ମଞ୍ଜିରୁ ଗଛ ବାହାରେ । |
| ଖ – ବିଜମ୍ | – | ବିଜମ୍ ତାଏ ଗାଛା ମୁଃତା । |
| ଓ – ମହିମା | – | ଈଶ୍ୱର ସମସ୍ତ ମହିମା ପାଇବାକୁ ଯୋଗ୍ୟ । |
| ଖ – ମହିମା | – | ଭଗମାନ୍ ଝାକି ମହିମା କୁଇନାଃଥମ୍ ହକ୍‌ଦାର୍ ହାଏ । |
| ଓ – ମଉଁସା | – | ଖରାଛୁଟିରେ ମୁ ମଉସା ଘରକୁ ଯିବି । |
| ଖ – ମଅଁସା | – | ଗିଡିଂ ଛୁଟିତେ ଇଙ୍ଗ୍ ମଅଁସା ଝାନାଃଅଃ ସାନାଏଙ୍ଗ୍ । |
| ଓ – ମରୁଡି | – | ମରୁଡି ହେଲେ ଲୋକେ ବହୁତ କଷ୍ଟ ପାଆନ୍ତି । |
| ଖ – ମର୍‌ଡି / ଆକାଲ୍ | – | ମର୍‌ଡି ହଏକିଲାଃ (ଗୁର୍‌କିଲାଃ) ଲେବୁ କି ବହୁତ୍ କଷଟ୍ କୁଇତେ କି । |
| ଓ – ମହୁଲ | – | ମହୁଲ ଫଳମଞ୍ଜିରୁ ତେଲ ବାହାରେ । |
| ଖ – ମୁରୁନ୍ | – | ମୁରୁନ୍ ଲକୁଆଃ ବିଜମ୍‌ତାଏ ଜୋଲ୍ ମୁଃତା । |
| ଓ – ମଇଁଷି | – | ଆମେ ହଳେ ମଇଁଷି ପାଳିଛୁଁ । |
| ଖ – ବନ୍ତେଲ୍ | – | ଏଲେ ମୁଇଙ୍ଗ୍ ହଲ୍ ବନ୍ତେଲ୍ ଉନ୍‌ସିଗ୍‌ଲେ । |
| ଓ – ମଇଳା | – | ମଇଳା ହାତରେ କିଛି ଖାଇବ ନାହିଁ । |
| ଖ – କେଚ୍‌କେଚା | – | କେଚ୍‌କେଚା ତିଃତେ ଇହିଜ ଆବୁ ନଗେପେ । |
| ଓ – ମଧୁର | – | ଆଖୁରସ ମଧୁର ଲାଗେ । |
| ଖ – ମିଠା | – | କୁସିଆଏର୍ ରସ୍ ମିଠା ଲାଃତା । |

ଓ – ମଉଜ – ଛୁଟି ଦିନରେ ଆମେ ମଉଜ କରିଥାଉଁ ।

ଖ – ମାଜା – ଛୁଟି ଦିନତେ ଏଲେ ମାଜା ବାଏତେଲେ ।

ଓ – ମଝିରୁ – ବାଡିଟା ଠିକ୍ ମଝିରୁ ଭାଙ୍ଗିଗଲା ।

ଖ – ମଃଝିତାଏ – ଡାଣାଃଯେଃ ଠିକ୍ ମଃଝିତାଏ ପିଗ୍ଗଃକି ।

ଓ – ମଳୟ – ବସନ୍ତ ଋତୁରେ ମଳୟ ପବନ ବହେ ।

ଖ – କାଁକର୍ / ଠଣ୍ହା– ଫଗୁନ୍ ଲେରାଙ୍ଗ୍‌ତେ କାଁକର୍ / ଠଣ୍ହା କୟ ତାର୍‌ତେ ।

ଓ – ମଧ୍ୟରେ – ଆମ ମଧ୍ୟରେ ରବି ଅଧିକ ଡେଙ୍ଗା ଅଟେ ।

ଖ – ଭିଃତାର୍‌ତେ – ଏଲାଃ ଭିଃତାର୍‌ତେ ରବି ଅଏତ୍‌କା ଝାଲଙ୍ଗ୍ ହାଏ ।

ଓ – ମର୍ଦ୍ଦଳ୍ – ମର୍ଦ୍ଦଳ ବାଜିଲେ ମିନି ନୃତ୍ୟ କରେ ।

ଖ – ଢୁଲ୍‌କି, ମାନ୍ଦଡ଼ି – ଢୁଲ୍‌କି,ମାନ୍ଦଡ଼ି ସଦମ୍‌କିଲାଃ ମିନି କୁଇଗ୍‌ତା ।

ଓ – ମନ୍ଦିର – ଆରାଧନା କରିବାକୁ ଲୋକେ ମନ୍ଦିରକୁ ଯାଆନ୍ତି ।

ଖ – ଗୁଡ଼ି/ମନ୍ଦିର୍ – ପୂଜା ବାଏନାଃଥମ୍ ଲେବୁକି ଗୁଡ଼ି / ମନ୍ଦିର୍ ବୁଙ୍ଗ୍ ସାନ୍‌ତାକି ।

ଓ – ମନୁଷ୍ୟ – ମନୁଷ୍ୟ ସବୁ ପ୍ରାଣୀ ଠାରୁ ଶ୍ରେଷ୍ଠ ଅଟେ ।

ଖ – ମୁନୁଷ୍ /ଲେବୁ ମୁନୁଷ୍ – ଲେବୁ ଝାକି ଜଁତୁ ଆଃତାୟ୍ ମାହା ହାଏ ।

ଓ – ମନ୍ଦାର – ଆମ ବଗିଚାରେ ଶ୍ୱେତ ମନ୍ଦାର ଫୁଲ ଫୁଟିଛି ।

ଖ – ମନ୍ଦାର୍ – ଏଲାଃ ବାଡିତେ ଲାଲ୍ ମନ୍ଦାର୍ ଲାଆରାଃ ଫୁଃଟେସିଗ୍ ।

ଓ – ମଗର – ଗହୀରା ପାଣିରେ ମଗର ଭଲ ବଢ଼ନ୍ତି ।

ଖ – କୁଟଃ – ଗାସ୍ ଡାଃତେ କୁଟୁଃ ବନେ ମାହାତାକି ।

ଓ – ମୟୁର – ମୟୁର ଡାକ ଦୂରକୁ ଶୁଣା ଯାଏ ।

ଖ – ମେଞ୍ଜୁର୍ – ମେଞ୍ଜୁର ଆଃ ତରଃନା/ରେମାଃନା/ସୁଲ୍‌ନା ଡିସାଃ ଜାକର୍ ଅଣ୍ଡର୍‌ତା ।

ଓ – ମଧ୍ୟବର୍ତ୍ତୀ – ତିନି ଓ ପାଞ୍ଚର ମଧ୍ୟବର୍ତ୍ତୀ ସଂଖ୍ୟା ଚାରି ଅଟେ ।

ଖ – ମଃଝିଆଃ – ଚାଏର୍, ତିନ୍ ଅଡଃ ପାଂଚ ଆଃ ମଃଝି ସଂଖ୍ୟା ହାଏ । / ତିନ୍ ଅଡଃ ପାଁଚ୍‌ଆଃ ମଃଝି ସଂଖ୍ୟା ଚାଏର୍ ହାଏ ।

ଓ – ମହୁମାଛି – ମହୁମାଛି ମହୁ ସଂଗ୍ରହ କରେ ।

ଖ – ମହୁକଣେ – ମହୁକଣେ ମଦରସ୍ କାବ୍‌ତିଗ୍‌ତେ ।

ଓ – ମନେ ମନେ – ମୁଁ ଜଣେ ଭଲ ଗାୟକ ହେବି ବୋଲି ମନେ ମନେ ଭାବୁଛି ।

ଖ – ମନେ ମନେ – ଇଙ୍ଗ୍ ମୁଇଙ୍ଗ୍ ବନେ ଗୀତ୍‌ୱାଲ୍ ହଏନାଏଙ୍ଗ୍ ଗାମ୍‌କରି ମନେ ମନେ ଭାବେତା ଏଗ୍‌ଜିଙ୍ଗ୍ ।

ଓ – ମହୋତ୍ସବ – ବାର୍ଷିକ ମହୋତ୍ସବରେ ଆମେ ଯୋଗ ଦେଲୁଁ ।

ଖ – ମାହାତିହାର୍ – ବରଷ୍‌କିଆ ମାହାତିହାର୍‌ତେ ଏଲେ ଡାମ୍‌କିଲେ / ଯୋଗ ତେରଃଲେ/ମିଶେ କିଲେ ।

ଓ – ମଳଦ୍ୱାର – ମଳଦ୍ୱାର ସଫାରଖ ।

ଖ – ଚାପାଲ୍ – ଚାପାଲ୍ ସାଫା ଉନେପେ ।

ଓ – ମନୋହର – ବିଲହୁଡାରେ ବୁଧୁଲି ଫୁଲ ମନୋହର ଶୋଭାପାଏ ।

ଖ – ସୁନ୍ଦର/ଲୁଭ୍‌ଲୁଭାନ୍– ଆଙ୍କାଲ ଆଃ ହିଡୋ ତେ ବୁଧୁଲିଲାଃରା ସୁନ୍ଦର / ଲୁଭ୍‌ଲୁଭାନ ଜଏତା ।

ଓ – ମନମାରି – ଫେଲ୍ ଖବର ଶୁଣି ମୁନୀ ମନମାରି ବସିଛି ।

ଖ – ମନ୍ ଦୁଃଖ – ଫେଲ୍‌ଗଃନା ରିଜଲ୍ ଅଣ୍ଡର୍ କରି ମୁନୀ ମନ୍ ଦୁଃଖ ବାଏକରି ଡକସିଗ୍ ।

ଓ – ମରାମତି – ପୁରୁଣା ଘରର ମରାମତି ଆବଶ୍ୟକ ।

ଖ – ସଜ୍‌ଡାଏନା – ବାଇର୍ ଅଃତେ ସଜ୍‌ଡାଏନା ଦର୍‌କାର୍ ।

ଓ – ମନଯୋଗ – ପିଲାଏ ପାଠପଢ଼ାରେ ମନଯୋଗ ଦେବା ଉଚିତ ।

ଖ – ମନ୍‌ଧିଆନ୍ – କୁଣୁଃକି ପାଠ୍‌ପଢ଼ାତେ ମନ୍‌ଧିଆନ୍ ତେର୍‌ନାଃ କାୟମ୍ ।

ଓ – ମନଭରି – ନନ୍ଦନକାନନର ପଶୁପକ୍ଷୀଙ୍କୁ ମୁଁ ମନଭରି ଦେଖିଲି ।

ଖ – ମନ୍‌ଭରେ – ନନ୍ଦନ୍‌କାନନ୍ ଆଃ ଜିବ୍‌ଜଁତୁ କିତେ ଇଙ୍ଗ୍ ମନ୍‌ଭରେ କରି ଜଏଗ୍ ।

ଓ – ମଲାଭଳି – କୁମ୍ଭୀରଟିଏ ମଲାଭଳି ପଡିରହିଛି ।

ଖ – ଗୋଏଗ୍‌ଗୁଡ – କୁଟଃ ମୁଇଙ୍ଗ୍ ଗୋଏଗ୍‌ଗୁଡ ଗୁରସିଗ୍ ।

ଓ – ମନିଟର – ରମାକୁ ଆମ ଶ୍ରେଣୀରେ ମନିଟର ବଛାଯାଇଛି ।

ଖ – ମେନ୍‌ଟର୍ – ରମାତେ ଏଲାଃ କିଲାସ୍‌ଆଃ ମେନ୍‌ଟର୍ ବାଏସିଗ୍ ଲେ ।

ଓ – ମନ୍ଥର – କଚ୍ଛପ ମନ୍ଥର ଗତିରେ ଚାଲେ ।

ଖ – ଧୀରେ – କଛୁ/କୁଲୁ ଧୀରେ ଧୀରେ ସାଙ୍ଗ୍‌ଗୁଟ୍‌ତା ।

ଓ – ମନୋରଞ୍ଜନ – ସେ କୌତୁକ ଦେଖାଇ ମନୋରଞ୍ଜନ କରାଏ ।

ଖ – ମନୋରଞ୍ଜନ୍ – ଆଡି ମଜାକିଆ ଅବ୍‌ଜ କରି ମନୋରଞ୍ଜନ୍ ବାଏତେ ।

ଓ – ମନାସୁଥିବା – ଆମେ ଆମ ଦେଶର ଶୁଭ ମନାସୁଥିବା ।

ଖ – ଭାବେନା – ଆନିଙ୍ଗ୍ ଆନିଆଁ ଦେଶ୍ ଆଃ ହିତ୍ ଭାବେନାଃ କାୟମ୍ ।

ଓ – ମନେପକାଉଁ – ଅତୀତର ଗୌରବ ଆମେ ମନେ ପକାଉଁ ।

ଖ – ସୋର୍‌ଗୁର୍‌ନା – ଆଘଲିଆଃ ଗଉରବ୍ ଆନିଙ୍ଗ୍ ସୋର୍ ଅବ୍‌ଗୁର୍ ତେନିଙ୍ଗ୍ ।

ଓ – ମସ୍‌ଜିଦ୍ – ମୁସଲମାନମାନେ ମସ୍‌ଜିଦକୁ ଯାଇ ପ୍ରାର୍ଥନା କରନ୍ତି ।

ଖ – ମସ୍‌ଜିଦ୍ – ପାଠାନ୍‌କି ମସ୍‌ଜିଦ୍ ସାନ୍‌କଲା ପାର୍‌ଥାନା / ଗହାଏର୍ ବାଏତେ କି ।

ଓ – ମହମବତୀ – ମହମବତୀ ଭିତରେ ସୂତାଟିଏ ଥାଏ ।

ଖ – ମହମ୍‌ବତୀ – ମହମ୍‌ବତୀଆଃ ଭିଃତାର୍‌ତେ ସୁଃତର୍‌ମ୍ ମୁଇଙ୍ଗ୍ ଆତା ।

ଓ – ମାଳ – ସଭାରେ ଅତିଥିଙ୍କୁ ଫୁଲମାଳ ଦିଆଗଲା ।

ଖ – ମାଲା – ସଭାତେ ଅତିଥିତେ ଫୁଲ୍‌ମାଲା ତେରଃକି ।

| | | |
|---|---|---|
| ଓ – ମାଟି | – | ଚିକିଟା ମାଟିରେ ଭଲ ଫସଲ ହୁଏ । |
| ଖ – ଲଃଖା | – | ଚିକ୍‌ଟିଆ ଲଃଖାତେ ବନେତାସ୍ ହଏତା । |
| ଓ – ମାଖି | – | ତେଲ ମାଖି ଗାଧୋଇବା ଭଲ । |
| ଖ – ଗସଃକରି | – | ଜୋଲ୍ ଗସଃକରି ଉଆଃନା ଭଲହାଏ । |
| ଓ – ମାଛ | – | ମାଛ ଗାଲିସି ଦ୍ୱାରା ଶ୍ୱାସକ୍ରିୟା କରେ । |
| ଖ – କାଡଙ୍ଗ୍ | – | କାଡଙ୍ଗ୍ ଗାଲ୍‌ସାବୁଙ୍ଗ୍ ନିନାସ୍ ଡଟ୍‌ତେ । |
| ଓ – ମାଂସ | – | ହାଡ ସହିତ ମାଂସ ଲାଗିଥାଏ । |
| ଖ – କୁମାଙ୍ଗ୍ | – | ଜାଙ୍ଗ୍‌ସରି କୁମାଙ୍ଗ୍ ଲାଃସିଃତା । |
| ଓ – ମାମୁଁ | – | ଗତକାଲି ମାମୁ ଆମ ଘରକୁ ଆସିଥିଲେ । |
| ଖ – ମାମୁଁ | – | ଇଡାଃ ମାମୁଁ ଏଲାଃ ଅଃବୁଙ୍ଗ୍ ଡେଲ୍‌ସିଥଃକି । |
| ଓ.– ମାଡପିଟ୍ | – | ମଦ୍ୟପମାନେ ମାଡପିଟ୍ କରିଥାନ୍ତି । |
| ଖ – ମାର୍‌ପିଟ୍ | – | ମାତୁଆଲ୍‌କି ମାର୍‌ପିଟ୍ ବାଏତେକି । |
| ଓ – ମାଇଲା | – | ରିମି ରବିକୁ ମାଇଲା । |
| ଖ – ଗିଲଃ | – | ରିମି ରବିତେ ଗିଲଃ । |
| ଓ – ମାଠିଆ | – | ମାଠିଆରେ ଅଳ୍ପ ପାଣି ଥିଲା । |
| ଖ – କଡ୍‌ସୀ | – | କଡ୍‌ସୀତେ ଇଚିଃ ଡାଃ ଆକି । |
| ଓ – ମାଗିବା | – | ମାଗିବା ଅପେକ୍ଷା ଦେବା ଶ୍ରେୟସ୍କର । |
| ଖ – ବର୍‌ନା | – | ବର୍‌ନା ତାଏ ତେର୍‌ନା ମାହାଁ ହାଏ । |
| ଓ – ମାଉସୀ | – | ଆମ ମାଉସୀ କଲିକତାରେ ରହନ୍ତି । |
| ଖ – ମଅଁସୀ | – | ଏଲାଃ ମଅଁସୀ କଲ୍‌କତାତେ ରହେତାକି । |
| ଓ – ମାଗଣା | – | ଟି.ବି ଔଷଧ ମାଗଣାରେ ମିଳେ । |
| ଖ – ମଙ୍ଗ୍‌ନା | – | ଟି.ବି. କାନ୍‌ଲା ମଙ୍ଗ୍‌ନା କୁଇତା । |
| ଓ – ମାଧ୍ୟମ | – | ବିଦ୍ୟୁତ ସରବରାହ ପାଇଁ ତାର ମାଧ୍ୟମ ଅଟେ । |
| ଖ – ବୁଙ୍ଗ୍ | – | ଲାଇନ୍ ସାନ୍‌ନା ଡେଲ୍‌ନାଃ ଥମ୍ ତାର୍‌ବୁଙ୍ଗ୍ ହଏତା । |
| ଓ – ମାଣ୍ଡିଆ | – | ମାଣ୍ଡିଆ ଜାଉ ଦେହପାଇଁ ହିତକାରକ । |
| ଖ – କୁଦା / ମଡିଆ | – | କୁଦା ଜାଉ ନିରୀଆଃ ଥମ୍ ବହୁତ୍ ଭଲ୍ ହାଏ । |
| ଓ – ମାଡ ଗୋଲ | – | ଦୁଷ୍ଟମାନେ ମାଡଗୋଳ ଖୋଜନ୍ତି । |
| ଖ – କଲେକ୍ କେନ୍ଦାର୍ | – | ବଦ୍‌ମାସ୍ କି କଲେକ୍ କେନ୍ଦାର୍ ଲାମ୍‌ତେକି । |
| ଓ – ମାଇ କୁକୁଡା | – | ମାଇ କୁକୁଡା ଅଣ୍ଡା ଦିଏ । |
| ଖ – ମାଇ ସିଙ୍କ୍‌କୋଏ | – | ମାଇ ସିଙ୍ଗ୍‌କୋଏ ଆଣା ତେର୍‌ତେ । |

ଓ – ମାଛବାଲା – ମାଛବାଲା ମାଛ ବିକ୍ରି କରେ ।
ଖ – କାଡଙ୍ଗ୍‌ବାଲା – କାଡଙ୍ଗ୍‌ବାଲା କାଡଙ୍ଗ୍ ଅବ୍‌ସଙ୍ଗ୍‌ତେ ।
ଓ – ମାଁର ଭାଇ – ମାଁର ଭାଇକୁ ଆମେ ମାମୁ କହୁଁ ।
ଖ – ମାଗାଃ ଭାଇ – ମାଗାଃଭାଇତେ ଆନିଙ୍ଗ୍ ମାମୁଁ ଗାମ୍‌ତେନିଙ୍ଗ୍ ।
ଓ – ମାଁର ଭଉଣୀ – ମାଁର ଭଉଣୀକୁ ଆମେ ମାଉସୀ କହୁଁ ।
ଖ – ମାଁଗାଃ ବହେନ – ମାଁଗାଃ ବହେନ୍‌ତେ ଆନିଙ୍ଗ୍ ମଅଁସୀ ଗାମ୍‌ତେନିଙ୍ଗ୍ ।
ଓ – ମ୍ୟାଚ – ଆମ ବିଦ୍ୟାଳୟରେ କ୍ରିକେଟ ମ୍ୟାଚ ଚାଲିଛି ।
ଖ – ମେଚ୍ – ଏଲାଃ ଇସ୍‌କୁଲ୍‌ତେ କିର୍‌କେଟ୍ ମେଚ୍ ଚଲେସିଗ୍ ।
ଓ – ମିରିଗ – ବାଘ ନ ଥିଲେ ମିରିଗ ନାଚ କରନ୍ତି ।
ଖ – ହରିନ୍ – କିଡଃ ଉମ୍‌ଆକିଲାଃ ହରିନ୍‌କି କୁଇଗ୍‌ତାକି ।
ଓ – ମିତ – ମାଙ୍କଡ ଓ କୁମ୍ଭୀର ମିତ ବସିଥିଲେ ।
ଖ – ମିତ / ସଏହା – ବାନ୍ଦ୍ରା ର କୁଟଃ ମିତ ଡକସିଥଃ କିଆର୍ ।
ଓ – ମିଠା – ରସଗୋଲା ଭାରି ମିଠା ଲାଗେ ।
ଖ – ମିଠା – ରସ୍‌ଗୁଲା ବେଶୀ (ଖୋବ୍) ମିଠା ଲାଃତା ।
ଓ – ମିସ୍ତ୍ରୀ – ଘର ତିଆରିପାଇଁ ମିସ୍ତ୍ରୀର ଆବଶ୍ୟକତା ରହିଛି ।
ଖ – ମିସ୍ତ୍ରୀ – ଅଃ ବାଏନାଃଥମ୍ ମିସ୍ତ୍ରୀଆଃ ଦର୍‌କାର୍ ଆଃଇ ।
ଓ – ମିଶାଣ – ମିଶାଣ ଗଣିତରେ ଚାରି ସୂତ୍ରରେ ଗୋଟିଏ ।
ଖ – ମିଶାଏନା – ମିଶାଏନା ଗନିତ୍‌ତେ ଚାଏର୍‌ଟା ନିୟମ୍ ତାଏ ମୁଇଙ୍ଗ୍ ହାଏ ।
ଓ – ମିଳିତ – ମିଳିତ ଉଦ୍ୟମରେ ଅସାଧ୍ୟ ସାଧିତ ହୁଏ ।
ଖ – ମିଶେକରି – ମିଶେକରି ଚେରେଷ୍ଟା ବାୟଃଲାଃ ଉମ୍ ହଏନା କାମୁଜ୍ ହଏଗଃତା ।
ଓ – ମୁଁ – ମୁଁ ସବୁବେଳେ ସତ କଥା କହିବି ।
ଖ – ଇଙ୍ଗ୍ – ଇଙ୍ଗ୍ ଝାକିଭେରେ ସତ୍ କାୟମ୍ ଗାମିଙ୍ଗ୍ ।
ଓ – ମୁହିଁ – ମୁହିଁ ତାହା କରି ଦେଖାଇଥିଲି ।
ଖ – ଇଙ୍ଗ୍ – ଇଙ୍ଗ୍ ହଜେଃ ବାୟ୍‌କରି ଅବ୍‌ଜ ସିଥେଗ୍ ।
ଓ – ମୁଣ୍ଡ – ଖରାରୁ ରକ୍ଷା ପାଇବାକୁ ହେଲେ ମୁଣ୍ଡରେ ଧଳା ଟୋପି ପିନ୍ଧ ।
ଖ – ବକବ୍‌ତେ – ଗିଡିଙ୍ଗ୍ ତାଏ ବାଞ୍ଚେନାଃଥମ୍ ବକବ୍‌ତେ ପଣ୍ଡ୍ରା ଟୁପି ସୁଏପେ ।
ଓ – ମୁଣା – ମୁଁ ମୁଣାରେ ବହି ପଟା ଧରେଁ ।
ଖ – ମୁନା – ଇଙ୍ଗ୍ ମୁନାତେ ବହିପତର୍ ଧଃତେ ତିଙ୍ଗ୍ ।
ଓ – ମୁକ୍ତ – ବିଦ୍ୟାଳୟ ଏକ ଦଣ୍ଡମୁକ୍ତ ଅଂଚଳ ଅଟେ ।
ଖ – ମେଲା – ଇସକୁଲ୍ ମୁଇଙ୍ଗ୍ ଡଣ୍ ତେରନା ମେଲା ଏରିଆ ହାଏ ।

ଓ – ମୁଗ – ଧାନ କଟା ସରିଲେ ମୁଗ ବୁଣା ହୁଏ ।
ଖ – ମୁଃଘ/ବରେ – ବାଃ ସାଏବାଃ ବଙ୍କିଲାଃ ମୁଃଘ ବିଡ଼୍ନା ହଏତା ।
ଓ – ମୂଖ୍ୟ – ସରପଞ୍ଚ ପଞ୍ଚାୟତର ମୁଖ୍ୟ ଅଟନ୍ତି ।
ଖ – ମୂଖିଆ – ସରପଞ୍ଚ ପନ୍‌ଚେତ୍‌ଆଃ ମୂଖିଆ ହାଏ ।
ଓ – ମୁଦ୍ରା – ମୁଦ୍ରା ଦେଇ ଆମେ ସବୁ କିଛି କିଣି ପାରିବା ।
ଖ – ପଏସା – ପଏସା ତେର୍‌କରି ଆନିଙ୍ଗ୍ ଯାହାକିଛି ସଙ୍ଗ୍‌ନା ପାଲେନିଙ୍ଗ୍ ।
ଓ – ମୁଣ୍ଡି – ମନ୍ଦିରର ମୁଣ୍ଡି ଖୁବ୍ ଉଚ୍ଚରେ ରହିଛି ।
ଖ – ମୁଡି – ମନ୍ଦିର୍‌ଆଃ ମୁଡି ଖୋବ୍‌ତଭଲୁଙ୍ଗ୍‌ତେ ରହେସିଗ୍ ।
ଓ – ମୂଳକ – ବାଘ ବଣ ମୂଳକର ରାଜା ଅଟେ ।
ଖ – ରାଏଜ୍ – କିଡଃ ଆଡାୟ୍ ରାଏଜ୍‌ଆଃ ରାଜା ହାଏ ।
ଓ – ମୁହୁର୍ତ୍ତ – ଘରପୋଡିଲେ ମୁହୂର୍ତ୍ତକ ମଧ୍ୟରେ ସର୍ବନାଶ ହୁଏ ।
ଖ – ଏକ୍ ନିମିଟ୍ – ଅଃ ଗେବ୍‌କିଲାଃ ଏକ୍ ନିମିଟ୍ ଭିଃତାର୍‌ତେ ନାର୍‌ଖାର୍ ହଏତା ।
ଓ – ମୁହାଣ – ନଦୀ ସମୁଦ୍ର ମୁହାଣରେ ମିଶେ ।
ଖ – ମୁହାନ୍ – ଖିରମ୍ ସମ୍‌ଦୁର୍ ମୁହାନ୍ ତେ ମିଶେତା ।
ଓ – ମୁଣ୍ଡାଇ – ବୁଢ଼ୀଟି ଝାଟି ମୁଣ୍ଡାଇ ଧରିଛି ।
ଖ – ଗଃସିଗ୍ – କାଣାଏବଃଯେଃ ଝିର୍‌ଝିଟି ଗଃସିଗ୍ ।
ଓ – ମୁଣ୍ଡୁଳା – ଠିକ୍ ଉତ୍ତର ଉପରେ ମୁଣ୍ଡୁଳା ବୁଲାଅ ।
ଖ – ଗୋଲ୍ – ଠିକ/ରାଇଟ୍ ଉତର୍ ତଭଲୁଙ୍ଗ୍‌ତେ ଗୋଲ୍ ବୁଲାଏପେ ।
ଓ – ମୁଖଶାଳା – ଏହି ମନ୍ଦିରର ମୁଖଶାଳା ଭାଙ୍ଗି ଯାଇଛି ।
ଖ – ଛୁମ୍‌ଦୁଆର୍
/ମୁଗୁମ୍‌ଦୁଆର୍ – ଉ ଗୁଡିଆଃ ଛୁମ୍‌ଦୁଆର୍ / ମୁଗୁମ୍‌ଦୁଆର୍ ପିଗ୍ ଗଃସିଗ୍ ।
ଓ – ମୁଷ୍ଟି – ମୁଷ୍ଟି ଆଘାତ ଭାରି ବାଧେ ।
ଖ – ବିଧା – ମୁଟ୍‌କା ଗିଲ୍‌ଗିଲ୍ ମୁରୁକ୍ କସୁତା ।
ଓ – ମୂଲ୍ୟ – ସମୟ ବହୁ ମୂଲ୍ୟ ଅଟେ ।
ଖ – ଦାମ୍ – ସମେ ଆଃ ଦାମ୍ ବହୁତ୍ ହାଏ ।
ଓ – ମୂଳଧନ – ମୁଁ ଅଳ୍ପ ମୂଳଧନରେ ଛୋଟ ବ୍ୟବସାୟ କରିବି ।
ଖ – ପୁଞ୍ଜି – ଇଙ୍ଗ୍ କମ୍ ପୁଞ୍ଜିତେ କନ୍‌ହନ୍ ବେଉସା ବାଇଙ୍ଗ୍ ।
ଓ – ମୂଷା – ମୂଷା ଖାଦ୍ୟଶସ୍ୟ ଖାଇ ନଷ୍ଟ କରେ ।
ଖ – କନେ – କନେ ବାଃ, ରୁମ୍‌କୁବ୍, କଡେଗ୍, ନଃକରି ବର୍‌ବାଏଦ୍ ବାଏତେ ।
ଓ – ମୂର୍ତ୍ତି – ପୂଜା ପରେ ମୂର୍ତ୍ତି ବିସର୍ଜନ କରାଯାଏ ।
ଖ – ମୂର୍ତ୍ତି – ପୂଜାଃ ବାଦେ / ଲଃଡ଼ଃ ମୂର୍ତ୍ତି ଉହୁଲାଏ ତେକି ।

ଓ – ମୂଷିକ – ମୂଷିକ ମାନେ ଗର୍ତ୍ତଭିତରେ ବାସ କରନ୍ତି ।
ଖ – କନେ – କନେ କି ଲାତା ଭିଃତାର୍ତେ ରହେତାକି ।
ଓ – ମୃଦୁ – ବାୟୁ ମୃଦୁ ମନ୍ଦ ଗତିରେ ପ୍ରବାହିତ ହେଉଛି ।
ଖ – ସୁଲ୍‌ସୁଲ୍ – କୟ ସୁଲ୍‌ସୁଲିଆ ବଃ ଧୀରେ ଧୀରେ କୟତାଏଗ୍ ।
ଓ – ମେଘ – ମେଘ ଥଣ୍ଡା ହେଲେ ବର୍ଷା ହୁଏ ।
ଖ – ତିରିବ୍ – ତିରିବ୍ ଠଣ୍ହା ହଏକିଲାଃ ବର୍‌ଷା ହଏତା ।
ଓ – ମେଳା – ପ୍ରତିବର୍ଷ ଆମ ଗ୍ରାମରେ ମେଳା ଅନୁଷ୍ଠିତ ହୁଏ ।
ଖ – ମେଳା – ହରେକ୍ ବଛର୍ ଏଲାଃ କେଲ୍‌କେତେ ମେଳା ଡକତା ।
ଓ – ମେଣ୍ଢା – ମେଣ୍ଢା ଲୋମରେ କମ୍ବଳ ତିଆରି ହୁଏ ।
ଖ – ଭେଡି – ଭେଡି ଉଲି ତାଏ କମଲ୍ ତିଆର୍ ହଏତା ।
ଓ – ମେଘମାଳା – ବର୍ଷାଋତୁରେ ମେଘମାଳା ଭାସେ ।
ଖ – ତିରିବ୍ ଭେଲା – ବର୍‌ଷା ଲେରାଙ୍ଗ୍ ଭେଲା ଭେଲା ତିରିବ୍ ଭାସେତା ।
ଓ – ମୋର – ମୋର ବୟସ ଆଠ ବର୍ଷ ଅଟେ ।
ଖ – ଇଙ୍ଗାଃ – ଇଙ୍ଗାଃ ବଏସ୍ ଆଟ୍ ବରଷ୍ ହାଏ ।
ଓ – ମୋଟ – ବିଜ୍ଞାନରେ ମୋଟ ନମ୍ବର ଶହେ ଥାଏ ।
ଖ – ଟୁଟାଲ୍ – ବିଜ୍ଞାନତେ ଟୁଟାଲ୍ ମାର୍‌କା ଶହେ ଆତା ।
ଓ – ମୋଟା – ମୋଟା ବ୍ୟକ୍ତିମାନଙ୍କୁ ଧାଇଁବା କଷ୍ଟକର ।
ଖ – ମଃଠ – ମଃଠ ଲେବୁକିତେ ବଡ୍‌କେନା ବହୁତ୍ କଷଟ୍ ହାଏ ।
ଓ – ମୋ ଯୋଗୁଁ – ମୋ ଯୋଗୁଁ ଦେଶ ଗର୍ବୀତ ହେବ ।
ଖ – ଇଙ୍ଗାଃଥମ୍ – ଇଙ୍ଗାଃଥମ୍ / ଇଙ୍ଗାଃଚଲ୍‌ତେ ଦେଶ୍ ଗର୍‌ବୀତ୍ ହଏନା ।
ଓ – ମୋବାଇଲ – ମୋବାଇଲ ଫୋନ ଦ୍ୱାରା ଅନେକ କାର୍ଯ୍ୟ ସାଧିତ ହେଉଛି ।
ଖ – ମୋବେଲ୍ – ମୋବେଲ୍ ଫୁନ୍‌ଆଃ ଚଲ୍‌ତେ ଖୋବ୍ କାମୁ ହଏନା ପାଲ୍‌ତାଏଗ୍ ।
ଓ – ମୋକଦ୍ଦମା – ରମା ବିରୁଦ୍ଧରେ ବର୍ତ୍ତମାନ ମୋକଦ୍ଦମା ଚାଲିଛି ।
ଖ – କେସ୍ – ରମାଃ ଖିଲାପ୍‌ତେ ତାମା କେସ୍ ଚଲେସିଗ୍/ଚଲେତାଏଗ୍ ।
ଓ – ମୈତ୍ରୀ – ପରସ୍ପର ଆମେ ମୈତ୍ରୀଭାବ ଚାହୁଁ ।
ଖ – ଭାଇ ସାଲହା – ଆନିଆଁଃଆନିଆଁଃ ଭିଃତାର୍ତେ ଏଲେ ଭାଇ ସାଲ୍‌ହା ଚାହେଁତାଏଗ୍‌ଲେ ।
ଓ – ମୌଜ / ମଉଜ – ପର୍ବ ପର୍ବାଣିରେ ଲୋକେ ମଉଜ କରିଥାନ୍ତି ।
ଖ – ମାଜା ମଜ୍‌ଲିସ୍ – ତିହାର୍‌ବାହାର୍ ତେ ଲେବୁକି ମାଜା ମଜ୍‌ଲିସ୍ ବାଏସିଃତେକି ।
ଓ – ମୌଳିକ – ସୁନା ଏକ ମୌଳିକ ପଦାର୍ଥ ଅଟେ ।
ଖ – ମୌଳିକ – ସନା ମୁଇଙ୍ଗ୍ ଆଖିର ବାଲେବାଲେ (ମୌଳିକ) ଜିନିଷ୍ ହାଏ ।

ଓ – ମୌଖିକ – ରବି ମୌଖିକ ଉତ୍ତର ଦେଇ ପାରିଲା ନାହିଁ ।

ଖ – ଡମଡ୍ ଡମଡ୍ ତେ ଗାମ୍‌ନା– ରବି ଡମଡ୍ ଡମଡ୍ ତେ ଗାମ୍‌ନା ଉମ୍ ପାଲଃ ।

## (ଯ)

ଓ – ଯଜ୍ଞ – ଆମ ଗ୍ରାମରେ ବିଶ୍ୱଶାନ୍ତି ଯଜ୍ଞ ହୋଇଥିଲା ।

ଖ – ହୁମ୍ (ଯଜ୍ଞ) – ଏଲାଃ ପାଡାତେ ବିଶ୍ୱଶାନ୍ତି ହୁମ୍ (ଯଜ୍ଞ) ହଏସିଥଃ ।

ଓ – ଯନ୍ତ୍ର – ଯନ୍ତ୍ର ଦ୍ୱାରା ଜଟିଳ କାମ ସହଜରେ ହୋଇଥାଏ ।

ଖ – ମେସିନ୍ – ମେସିନ୍ ବୁଙ୍ଗ୍ ମୁସ୍‌କୁଲ କାମୁଜ ସହଜ୍‌ତେ ହଏସିଃତା ।

ଓ – ଯଶ – ବଡ ଲୋକଙ୍କ ଯଶ ପୃଥିବୀ ସାରା ବ୍ୟାପିଥାଏ ।

ଖ – କିରତ୍ (ନାମ୍) – ମାହାଁ ଲେବୁକିଆଃ ନାମ୍ ପୁର୍‌ଥିଗଟା ଏବଃସିଃତା ।

ଓ – ଯଥା – ରିମି ଯଥା ଅର୍ଥ କହିପାରିଲା ।

ଖ – ଯଥା – ରିମି ଯଥାଃ ଅର୍ଥ ଗାମ୍‌ନା ପାଲଃ ।

ଓ – ଯତ୍ନ – ବାର୍ଦ୍ଧକ୍ୟ ବେଳେ ଯତ୍ନ ନେବା ଆବଶ୍ୟକ ।

ଖ – ଯତନ୍ – କେଣର୍‌ବଃ ବେଡାତେ ଯତନ୍ ଡଡ୍‌ନା ଜରୁରୀ ହାଏ ।

ଓ – ଯାହାର – ଯାହାର ବୟସ ଅଠର ବର୍ଷ ସେ ଭୋଟ ଦେଇ ପାରିବ ।

ଖ – ବେରାଃ – ବେରାଃ ବଏସ୍ ଅଠ୍‌ର ବରଷ ଆଡି ଭୋଟ୍ ତେର୍‌ନା ପାଲେ ।

ଓ – ଯାତ୍ରା – ଯାତ୍ରାରେ ଅନେକ ଲୋକ ଆନନ୍ଦିତ ହୁଅନ୍ତି ।

ଖ – ଜାତ୍‌ରା – ଜାତ୍‌ରାତେ କିଃତେ ଲେବୁ ଲେରେଃ ତାକି (ମାନାୟତେ୍କି) ।

ଓ – ଯାନବାହନ – ଯାନବାହନ ନିମନ୍ତେ ଭଲ ରାସ୍ତା ଆବଶ୍ୟକ ।

ଖ – ଗାଡି ଘଡା – ଗାଡିଘଡାଃଥମ୍ ବନେ ସଡ୍‌କ ଦର୍‌କାର୍ ।

ଓ – ଯାଗା – ଉପଯୁକ୍ତ ଜାଗା ବାଛି ଫଳ ଚାଷ କର ।

ଖ – ଠାଣ୍ଅ – ବଁଢ଼ିହା ଠାଣ୍ଅ ରାଏ କରି ବରେ/ବଗିଚା ବାଏପେ ।

ଓ – ଯାତ୍ରା – ରେଳ ଯାତ୍ରା ଆମୋଦ ଦାୟକ ଅଟେ ।

ଖ – ସାନ୍‌ନା – ରେଲ୍‌ଗାଡିତେ ସାନ୍‌ନା ଆରାମ୍ ଲାଃତା ।

ଓ – ଯାଦୁକର – ଆମ ବିଦ୍ୟାଳୟକୁ ଜଣେ ଯାଦୁକର ଆସିଥିଲେ ।

ଖ – ଯାଦୁଗାର୍ – ଏଲାଃ ଇସ୍‌କୁଲ ବୁଙ୍ଗ୍ ମୁଇଙ୍ଗ୍ ଯାଦୁଗାର୍, ଯାଦୁବାଲା ଡେଲ୍‌ସିଥଃ ।

ଓ – ଯୁଦ୍ଧ – ପାକିସ୍ଥାନ ଆମ ସହିତ ଅନେକ ବାର ଯୁଦ୍ଧ କରିଛି ।

ଖ – ଲଢ଼େ – ପାକିସ୍ଥାନ୍ ଆନିଆଁଃ ସରି କିଃତେକିଃତେ ଥର୍ ଲଢ଼େ ସିଗ୍ ।

ଓ – ଯୁଗ୍ମ – ଲତା ଓ ରମା ଖେଳରେ ଯୁଗ୍ମ ବିଜେତା ହେଲେ ।

ଖ – ଯୁଡା – ଲତା ର ରମା ଏବଃନାତେ ଦୁହିଝନ୍ ଜିତେକି କିଆର୍।

ଓ – ଯୁକ୍ତାକ୍ଷର – ‘ଙ୍କ’ ଏକ ଯୁକ୍ତାକ୍ଷର ଅଟେ ।

ଖ – ଯୁକ୍ତାକ୍ଷର୍ (ମେସା ସାଝା) –‘ଙ୍କ’ ମୁଇଙ୍ଗ୍ ମେସା ସାଝା ଅକ୍ଷର ହାଏ ।

ଓ – ଯୁକ୍ତ – ମୋ ବଡଭାଇ ଯୁକ୍ତ ଦୁଇ ବିଜ୍ଞାନ ପଢ଼େ ।
ଖ – ଯୁକ୍ତ – ଇଙ୍ଗାଃ ମାହାଭାଇ ଏଗାରକିଲାସ୍ ବିଜ୍ଞାନ୍ ପଢ଼େତା ।
ଓ – ଯୁବକ – ଯୁବକମାନେ ଅସାଧ୍ୟ କାର୍ଯ୍ୟ କରିପାରନ୍ତି ।
ଖ – ଯୁଆନ୍ ବେଟା – ଜୁଆନ୍ ବେଟାକି ଉମ୍ ହଏନାକାମୁତେ ବାଏନା ପାଲ୍ତେକି ।
ଓ – ଯେଉଁ – ଯେଉଁ ଜାତି ଯେତେ ଶିକ୍ଷିତ ସେ ଜାତି ସେତେ ଉନ୍ନତ ।
ଖ – ଯେନ୍ – ଆତ୍ ଜାଏତ (ସମାଜ୍) ଯେତ୍କି ଶିକ୍ଷିତ୍ ହ ଜାଏତ୍ (ସମାଜ୍) ହେତ୍କି ଉନ୍ନତ୍ ହାଏ ।
ଓ – ଯୋଜନା – ପ୍ରତ୍ୟେକ କାର୍ଯ୍ୟ ଯୋଜନାନୁସାରେ ହେବା ଉଚିତ ।
ଖ – ବିଚାର୍ – ଝାକି କାମୁ ବିଚାର୍ ଅନୁସାର୍ତେ ହଏନାଃ କାୟମ୍ ।
ଓ – ଯୋଡ – ଦୁଇଟି କାଠିକୁ ଯୋଡ ।
ଖ – ଜଡେନା – ଦୁଇଟା ଖୁଟିତେ ଯଡେଏ ।
ଓ – ଯୋଡା – କାଉ ଯୋଡା ରାବୁଛନ୍ତି ।
ଖ – ଦୁଇଟା – କୁଆଃ ଦୁଇଟା କଟ୍ରେତାଏଗ୍କିଆର୍ ।
ଓ – ଯୋଡି – ଦୁଇଟି ବଳଦ ଉତ୍ତମ ଯୋଡି ହୋଇଛନ୍ତି ।
ଖ – ଯୁଡି – ଦୁଇଟା ଅରେଗ୍ ବଢ଼ିଆ ଜୁଡି ହଏସିଗ୍ କିଆର୍ ।
ଓ – ଜ୍ଞାନ – ପୁସ୍ତକ ପଠନ ଦ୍ୱାରା ଜ୍ଞାନ ବଢ଼େ ।
ଖ – ବୁଃଦ୍ଧି – ବହି ପଢ଼େ କିଲାଃବୁଃଦ୍ଧି ବଢ଼େତା ।

## (ର)

ଓ – ରଙ୍ଗ – ମୟୂର ଚିତ୍ରରେ ସଠିକ୍ ରଙ୍ଗ ଲଗାଅ ।
ଖ – ରଙ୍ଗ୍ – ମେଞ୍ଜୁର୍ ଫଟୋତେ ଠିକ ରଙ୍ଗ୍ ଲାଗାଏପେ ।
ଓ – ରଙ୍ଗିନ – ରଙ୍ଗିନ ପ୍ରଜାପତିଟିଏ ଫୁଲରେ ବସିଛି ।
ଖ – ରଙ୍ଗିନ୍ – ରଙ୍ଗିନ୍ ପାପ୍ଲା ମୁଇଙ୍ଗ୍ ଲାଃରାଃତେ ଡକସିଗ୍ ।
ଓ – ରାଜା – ଆମ ଦେଶରେ ଆଜି କାଲି ଆଉ ରାଜା ନାହାଁନ୍ତି ।
ଖ – ରାଜା – ଆନିଆଃ ଦେଶ୍ତେ ଉପାଡି ଅଡଃ ରାଜା ମଃଡେକ୍ କି ।
ଓ – ରଡି – ବାଘ ରଡି ଶୁଣିଲେ ଭୟ ଲାଗେ ।
ଖ – ଗର୍ଜେନା – କିଡଃ ଗର୍ଜେନା ଅଣ୍ଡର୍ଅଃଲାଃ ବତଙ୍ଗ୍ ଲାଃତା ।
ଓ – ରକ୍ତ – ରକ୍ତରେ ପ୍ରାଣ ଥାଏ ।
ଖ – ଇୟାମ୍ – ଇୟାମ୍ ତେ ଜୀବନ୍ ଆତା ।
ଓ – ରସୁଣ – ରସୁଣର ରଙ୍ଗ ଧଳା ଅଟେ ।
ଖ – ଲେସୁନ୍ /ଋସ୍ଣମ୍– ଲେସୁନ୍ ଋସ୍ଣମ୍ଆଃ ରଙ୍ଗ୍ ପଣ୍ଡରା ହାଏ / ଋସ୍ଣମ୍ ।
ଓ – ରକ୍ଷଣ ବେକ୍ଷଣ – ରକ୍ଷଣ ବେକ୍ଷଣ ଅଭାବରେ ସ୍ମୃତି ନଷ୍ଟ ହୁଏ ।
ଖ – ଦେଖା ରେଖା – ଦେଖା ରେଖା ଅଭାବ୍ତେ ସ୍ମୃତି ଖାରାପ୍ ହଏତା ।

ଓ – ରକ୍ଷା କରିବା – ପ୍ରଜାଙ୍କୁ ରକ୍ଷା କରିବା ସରକାରଙ୍କ କାର୍ଯ୍ୟ ।
ଖ – ବାଞ୍ଚାଏନା – ପାର୍‌ଜାକିତେ ବାଞ୍ଚାଏନା ସାର୍‌କାର୍ ଆଃ କାମୁହାଏ ।
ଓ – ରାବ – ଚଢ଼େଇ ରାବ ଭାରି ମଧୁର ଶୁଭେ ।
ଖ – ତରଃନା – କନ୍‌ଥେଡ୍‌କିଆଃ ତରଃନା ବଡା ସୁନ୍ଦର୍ ଅଣ୍ଡର୍‌ତା ।
ଓ – ରାଜା – ରାଜା ମାନେ ପରସ୍ପର ଯୁଦ୍ଧ କରୁଥିଲେ ।
ଖ – ରାଜା – ରାଜାକି ଆଡ୍‌କିଆଃଆଡ୍‌କିଆଃ ଭିଃତାର୍‌ତେ ଯୁଦ୍ଧ ବାଏଖାନ୍‌ତେକି ।
ଓ – ରାସ୍ତା – ମଫସଲ ଅଞ୍ଚଳରେ ଭଲ ରାସ୍ତା ନ ଥାଏ ।
ଖ – ସଡକ୍ – ଗାଁଗହ୍‌ଲିତେ ବନେ ସଡକ୍ ଉମ୍ ଆତା ।
ଓ – ରାତି – ଜହ୍ନ ରାତିରେ ତାରା ମାନେ ଲୁଚି ଯାଆନ୍ତି ।
ଖ – ଇଡିବ୍ – ଲେରାଙ୍ଗ୍‌ତଃତେ ସିଂକମ୍‌କି ଲେଡ୍‌ଗଃତାକି ।
ଓ – ରାନ୍ଧି – ମାଆ ଆମ ପାଇଁ ଭାତ ରାନ୍ଧି କାମକୁ ଯାଏ ।
ଖ – ଗଙ୍‌କରି – ମାଆ ଆନିଆଁଃଥମ୍ ପେଗ୍ ଗଙ୍‌କରି କାମୁ ସାନ୍‌ତା ।
ଓ – ରାଶି – ରାଶି ଖଜା ଭାରି ମିଠା ଲାଗେ ।
ଖ – ତେଲ୍‌ମୁଇଙ୍ଗ୍ – ତେଲମୁଇଙ୍ଗ୍ ଖାଜା ମୁରୁକ୍ ସେବୁଲ୍ ଲାଃତା ।
ଓ – ରାଜି – ସେ ମୋ ସହିତ ଯିବାକୁ ରାଜି ହେଲା ।
ଖ – ରାଜି – ଆଡି ଇଙ୍ଗାଃସରି ସାନ୍‌ଆଃଥମ୍ ରାଜି ହଏକି ।
ଓ – ରାଜତ୍ୱ – ନିର୍ବାଚିତ ସରକାର ପାଞ୍ଚବର୍ଷ ରାଜସ୍ୱ ଆଦାୟ କରନ୍ତି ।
ଖ – ରାଏଜ୍ ଶାସନ୍ – ଜିତେସିଃନା ସାର୍‌କାର୍ ପାଁଚ ବରଷ୍ ରାଏଜ୍ ଶାସନ୍ ବାଏତେ ।
ଓ – ରାଜସ୍ୱ – ସରକାର ପ୍ରଜାଙ୍କଠାରୁ ରାଜସ୍ୱ ଆଦାୟ କରନ୍ତି ।
ଖ – ମାଲ୍‌ଗୁଜାରୀ – ସାର୍‌କାର୍ ପର୍‌ଜା କିଆଃ ତାୟ ମାଲ୍‌ଗୁଜାରୀ ଆଦାୟ ବାଏତେ ।
ଓ – ରାଷ୍ଟ୍ରଭାଷା – ହିନ୍ଦୀ ଆମର ରାଷ୍ଟ୍ରଭାଷା ଅଟେ ।
ଖ – ରାଷ୍ଟ୍ରଭାଷା – ହିନ୍ଦୀ ଆନିଆଁଃ ରାଷ୍ଟ୍ରଭାଷା ହାଏ ।
ଓ – ରାଜଉଆସ – ରାଜ ଉଆସ ଗୁଡିକ ଜାତୀୟସମ୍ପତ୍ତି ହୋଇଛି ।
ଖ – ରାଜ୍ ମହଲ୍ – ରାଜ୍‌ମହଲ୍ କି (ଜାତିଆଃ) ଦେଶ୍‌ଆଃ ସମ୍ପତି ହଏସିଗ୍ ।
ଓ – ରିକସା – ରିକ୍ସା ତିନୋଟି ଚକ ଥାଏ ।
ଖ – ରେକ୍‌ସା – ରେକ୍‌ସାତେ ତିନ୍‌ଟା ଚାକା ଆତା ।
ଓ – ରୁଦ୍ଧ – ବୁଢ଼ା ଲୋକଟି ଶ୍ୱାସ ରୁଦ୍ଧହୋଇ ମରିଗଲା ।
ଖ – ଅଟ୍‌କେଗଃନା – କେଣ୍ଡର୍‌ବଃ ଯେଃ ନିନାସ୍ ଅଟ୍‌କେ ଗଃନା ବୁଙ୍ଗ୍ ଗୋଏଗ୍ ଗଃକି ।
ଓ – ରୁଚି – ପିଠା ଖାଇବାରେ ମୋର ରୁଚି ଅଛି ।
ଖ – ରୁଚେନା – କଲଂ ନଃନାତେ ଇଙ୍ଗା୍ ଅଭ୍ୟାସ୍ ଆଃଇ ।

ଓ - ଋତୁ - ବର୍ଷକ ଛଅ ଋତୁ ।
ଖ - ରିତୁ - ବରଷ୍ ତେ ଛଅ ଟା ରିତୁ ଆଃଇ ।
ଓ - ରେଖା - ଏକାଧିକ ବିନ୍ଦୁ ମିଶି ରେଖା ହୁଏ ।
ଖ - ରେଖା / ଗାର୍ - ମୁଇଙ୍ଗ୍‌ତାୟ ଅଏତ୍‌କା ବିନ୍ଦୁ ମିଶେକିଲା ଗାର୍ ହଏତା / ରେଖା ହଏତା ।
ଓ - ରୋଗ - ମାଛି ହଇଜା ରୋଗର ବାହକ ଅଟେ ।
ଖ - କସୁ - କଣେଃ ହଏଜା କସୁଆଃ ବାହାକ୍ ହାଏ ।
ଓ - ରୋପଣ - ଜେଜେବାପା ଆମପାଇଁ ଗଛଟିଏ ରୋପଣ କରିଥିଲେ ।
ଖ - ଉନ୍‌ନା - ଆଜା ଏଲାଃଥମ୍ ଦାରୁମୁଇଙ୍ଗ୍ ଉନ୍‌ସିଥଃ ।
ଓ - ରୋଷେଇ - ପ୍ରତି ବିଦ୍ୟାଳୟରେ ରୋଷେଇ ଘର ରହିଛି ।
ଖ - ରାନ୍ଧା ଅଃ - ହରେକ୍ ଇସ୍‌କୁଲ୍‌ତେ ରାନ୍ଧା ଅଃ ଆଃଇ ।
ଓ - ରୋଗୀ - ଏଡସ୍ ରୋଗୀ ନିୟମିତ ଔଷଧ ଖାଇବା ଉଚିତ ।
ଖ - ବେମାରୀ - ଏଡସ୍ ବେମାରୀ ଝାକିଦିନ କାନ୍‌ଲା ନଃନା କାୟମ୍ ।
ଓ - ରୋଗୀଣା - ଲୋକଟା ରୋଗୀଣା ଦେଖାଯାଉଛି ।
ଖ - ବେମ୍‌ରିହା - ଲେବୁ ଯେଃ ବେମ୍‌ରିହା ଗୁଡ୍ ଯଏତାଏଗ୍ ।
ଓ - ରୌଦ୍ର - ରୌଦ୍ରତାପରେ କୂଅ ପୋଖରୀ ପାଣି ଶୁଖିଯାଏ ।
ଖ - ଗିଡିଂ - ଗିଡିଂଆଃ ଲବ୍‌ନାତେ ଚୂଆଁମୁଣାଃଡାଃ ରାଗାଏଗଃତା ।

## (ଲ)

ଓ - ଲତା - କଖାରୁ ଲତା ରଞ୍ଜାରେ ମାଡି ଯାଉଛି ।
ଖ - ଜୁଡୁ - ଖାଖୁର୍‌ଲା ଜୁଡୁ ରାଏଁଞ୍ଜାସାରା ଡାଲଗଃତାଏଗ୍ ।
ଓ - ଲଟା - ଘର ଚାରି ପାଖରେ ଥିବା ଲଟାବୁଦା ସଫା କର ।
ଖ - ଲାଟା - ଅଗାଃ ଚାର୍‌ହି ପାଖଆଃ ଲାଟାବୁଦା ସାଫା ବାୟେପେ ।
ଓ - ଲକ୍ଷ୍ୟ - ଶିକ୍ଷକ ହେବାପାଇଁ ମୋର ଲକ୍ଷ୍ୟ ଅଛି ।
ଖ - ଆଶା - ମାଷ୍ଟର ହଏନାଃଥମ୍ ଇଙ୍ଗାଃ ଆଶା ଆଃଇ ।
ଓ - ଲମ୍ବା - ଭୋଟ ଦେବାକୁ ଲୋକେ ଲମ୍ବାଧାଡିରେ ଠିଆ ହୋଇଛନ୍ତି ।
ଖ - ଲମ୍ବା - ଭୋଟ ତେର୍‌ନାଃଥମ୍ ଲେବୁକି ଲମ୍ବା ଲାଇନ୍ ତେ ତଙ୍ଗ୍‌ହନ୍ ସିଗ୍‌କି ।
ଓ - ଲମ୍ଫ - ମାଙ୍କଡଟି ଲମ୍ଫଦେଇ ଦୌଡି ଗଲା ।
ଖ - ଚିଲାଙ୍ଗ୍ - ବାନ୍ଦ୍‌ରାଯେଃ ଚିଲାଙ୍ଗ୍ କରି ବତ୍‌କେଗଃକି ।
ଓ - ଲଙ୍କା - ନାଲି ଲଙ୍କା ଅଧିକ ରାଗ ହୁଏ ।
ଖ - ମାର୍‌ଚି - ଲାଲ୍ ମାର୍‌ଚି ଅଏତ୍‌କା ସିଉଡ୍‌ତେ ।
ଓ - ଲକ୍ଷଣ - ବେଳେ ବେଳେ ଆକାଶରେ ଅଦ୍ଭୁତ ଲକ୍ଷଣ ଦେଖାଯାଏ ।
ଖ - ଚିହ୍ନା - ମେସନ୍ ମେସନ୍ ଆକାଶ୍‌ତେ ଅଜବ୍ କିସମ୍ ଆଃ ଚିହ୍ନା ଜଏତା ।

ଓ – ଲଢ଼େଇ – ବିନା ଅସ୍ତ୍ରରେ ନିର୍ବାଚନ ଲଢ଼େଇ ହୁଏ ।

ଖ – ଲଢେ – ବିନା/ଏନେମ୍ ହାତ୍‌ହଥିଆର୍ ବୁଙ୍ଗ ଭୋଟ୍ ଲଢ଼େ ହଏତା ।

ଓ – ଲାଞ୍ଜ – ଗାଈ ତାର ଲାଞ୍ଜରେ ମାଛି ଅଡାଏ ।

ଖ – ପାତା – ଗାଏ ଆଡିଆଃ ପାତାବୁଙ୍ଗ୍ କଣେଃ ନନ୍‌ତେ ।

ଓ – ଲାଲ୍ – କୁକୁର ଲାଳ ବିଷାକ୍ତ ଅଟେ ।

ଖ – ଲାର୍ – ସଲଃ ଆଃ ଲାର୍ ବିଷ୍ ହାଏ ।

ଓ – ଲାଲ – ଲାଲ ଗୋଲାପ ଦେଖିବାକୁ ଖୁବ ସୁନ୍ଦର ।

ଖ – ଲାଲ୍ / ଲାଲିହା – ଲାଲିହା ଗୁଲାପ୍ ଜଏନାଃଥମ୍ ଖୋବ୍ ସୁନ୍ଦର୍ ।

ଓ – ଲାଗିବ – ଘର ତିଆରି ପାଇଁ ୨୧ ହଜାର ଟଙ୍କା ଲାଗିବ ।

ଖ – ଲାଃଆନା – ଅଃ ତିଆର୍ ବାଏନାଃଥମ୍ ଏକୁଶ ହାଜାର୍ ରୁପିଆ ଲାଃନା ।

ଓ – ଲାଜ – ନୂଆଁ ଲୋକଙ୍କୁ ମୁହଁ ଦେଖାଇବା ମୋତେ ଲାଜ ଲାଗେ ।

ଖ – ଗିଆଲ୍ – ତମ୍‌ନେ ଲେବୁକିତେ ରୁମାଙ୍ଗ୍ ଅବ୍‌ଜନା ଇଙ୍ଗ୍ ତେ ଗିଆଲ୍ ଲାଃତା ।

ଓ – ଲାଭ – କମ୍ ଦାମରେ କିଣି ଅଧିକ ଦାମରେ ବିକିଲେ ଲାଭ ହୁଏ ।

ଖ – ଫାଏଦା – କମ୍ ଦାମ୍ ବୁଙ୍ଗ୍ ସଙ୍ଗ୍‌କଲା ଅଏତ୍‌କା ଦାମ୍‌ତେ ଅବ୍‌ସଙ୍ଗଃଲାଃ ଫାଏଦା ହଏତା ।

ଓ – ଲିଭାଇ – କଳାପଟାର ଲେଖାକୁ ଶିକ୍ଷକ ଲିଭାଇ ଦେଲେ ।

ଖ – ମବ୍‌ଲିଗ୍ – କଲାପଟାଃ ଲେଖାତେ ମାଷ୍ଟର୍ ମବ୍‌ଲିବ୍ (ମେଟାଏ) ଗଥଃ ।

ଓ – ଲିଚୁ – ଲିଚୁ ଏକ ମିଠା ଫଳ ଅଟେ ।

ଖ – ଲିଚି – ଲିଚି ମୁଇଙ୍ଗ୍ ମିଠା ଲକୁ ହାଏ ।

ଓ – ଲୁଗା – ଭିକାରୀଟି ଚିରା ଲୁଗା ପିନ୍ଧିଛି ।

ଖ – ଛିଡ୍‌ହା – ଭିଖାରୀ ଯେଃ ଗାଃଗାଃ ଛିଡ୍‌ହା ସୁଇସିଗ୍ ।

ଓ – ଲୁହ – ଆଖିରୁ ଲୁହ ଝରେ ।

ଖ – ରମଡ୍ ଡାଃ – ମଡ୍‌ତାଏ ରମ୍‌ଡ ଡାଃ ଗୁର୍‌ତା ।

ଓ – ଲୁଚି – ଚୋରଟି ଲୁଚି ପଳାଇଲା ।

ଖ – ଲେଡ୍ – ଚର୍‌ହା ଯେଃ ଲେଡ୍ ଜାରଃ ।

ଓ – ଲୁଣ – ସମୁଦ୍ର ପାଣିରୁ ଲୁଣ ମରାଯାଏ ।

ଖ – ବିଲୁଙ୍ଗ୍ – ସମ୍‌ଦୁର୍ ଡାଃ ତାୟ୍ ବିଲୁଙ୍ଗ୍ ତାର୍‌ଡମ୍‌ତା ।

ଓ – ଲେବଲ କ୍ରସିଂ – ରେଲ୍ ରାସ୍ତା ପାର ହେବାକୁ ଲେବଲ କ୍ରସିଂ ଥାଏ ।

ଖ – ଫାଟକ୍ – ରେଲ୍ ସଡ୍‌କ ପାର ହଏନାଃଥମ୍ ଫାଟକ୍ ଲାଃସିଃତା ।

ଓ – ଲେଖ – ପ୍ରତିଦିନ ହସ୍ତାକ୍ଷର ଲେଖ ।

ଖ – ଲେଖାଏନା – ଝାକି ଦିନ ହସ୍ତଲିପି ଲେଖାଏପେ ।

ଓ – ଲେଖାଲେଖି – ସମୟ ମିଳିଲେ ମୁଁ ଲେଖାଲେଖି କରେ ।
ଖ – ଲେଖାଲେଖି – ସମେ କୁଇକିଲାଃ ଇଙ୍ଗ୍ ଲେଖାଲେଖି ବାଏତିଙ୍ଗ୍ ।
ଓ – ଲୋକସଂଖ୍ୟା – ପ୍ରତିଦିନ ଲୋକସଂଖ୍ୟା ବଢୁଛି ।
ଖ – ଲେବୁ ସଂଖ୍ୟା – ହରେକ୍ ଦିନ୍ ଲେବୁ ସଂଖ୍ୟା ବଢ଼େତାଏଗ୍ ।
ଓ – ଲୋଟି – ପିଲାଟି ତଳେ ଲୋଟି କାନ୍ଦୁଛି ।
ଖ – ଗୁର୍‌କରି – କୁଣ୍ଡୁଃ ଯେଃ ତୁତାତେ ଗୁର୍‌କରି ଇୟାମ୍ ତାଏଗ୍ ।
ଓ – ଲୋଭି – ଲୋଭୀର ଧନ ଅନ୍ୟମାନେ ଖାଆନ୍ତି ।
ଖ – ଲୁଭିଆ – ଲୁଭିଆଃ ଧନ୍/ସମ୍ପତ୍ତି ଅଲ୍‌ଗାକି ନଃତେକି ।

## (ୱ)

ଓ – ୱିକେଟ – କ୍ରିକେଟ ଖେଳରେ ଏଗାରଟି ୱିକେଟ ଥାଏ ।
ଖ – ଉଇକେଟ୍ – କିର୍‌କେଟ୍ ଏବଃତେ ଏଗାରଟା ଉଇକେଟ୍ ଆତା ।

## (ସ)

ଓ – ସର – କ୍ଷୀରରେ ସର ବସିଛି ।
ଖ – ସର୍ – ତମ୍‌ଲେଙ୍ଗ୍‌ତେ ସର୍ ଡକସିଗ୍ ।
ଓ – ସତ୍ୟ – ସତ୍ୟ ଚିର ସତେଜ ଅଟେ ।
ଖ – ସତ୍ – ସତ୍ ଝାକି ଭେରେ / ଝାକି ଦିନ୍ ସତେଜ୍ ହାଏ ।
ଓ – ସର୍ପ – ଦୁଷ୍ଟ ଲୋକ ସର୍ପ ସମାନ ଅଟନ୍ତି ।
ଖ – ବୁଙ୍ଗାମ୍ – ବଦମାସ୍ ଲେବୁ ବୁଙ୍ଗାମ୍ ସମାନ ହାଏ ।
ଓ – ସଦା – ପିତାମାତା ସଦାସର୍ବଦା ଆମର ଯତ୍ନ ନିଅନ୍ତି ।
ଖ – ଝାକିଭେରେ – ବୁଆ ମାଁ ଝାକି ଭେରେ ଆନିଆଃ ଯତନ୍ ଡଡ୍‌ତେକି ।
ଓ – ସଭା – ସଭାରେ ଭାଷଣ ଦେବାପାଇଁ ମୋତେ ବଛାଯାଇଛି ।
ଖ – ମିଟିଂ – ମିଟିଂ ତେ ଭାଷଣ୍ ତେର୍‌ନାଃଥମ୍ ଇଙ୍ଗ୍‌ତେ ରାଏସିଗ୍ କି ।
ଓ – ସତେ – ଆଜି ବାପା ଆସିବେ, ସତେ ନା କଣ ?
ଖ – ସଃତଗା – ସଃତଗା ! ମୁସା ବୁଆ ଡେଲ୍‌ନା ନ ଇ ଆତି ?
ଓ – ସାଥି – ଆଜିକାଲି ପ୍ରତି ଗାଁରେ ଗାଁସାଥି ରହିଛନ୍ତି ।
ଖ – ସାଥି/ସାଙ୍ଗ – ଉପାଡି ଝାକି କେଲ୍‌କେତେ ଗାଁ ସାଥି/ସାଙ୍ଗ ଆଏଗ୍‌କି ।
ଓ – ସତ୍ – ସତ୍ ମାର୍ଗରେ ଯିବାପାଇଁ ପିତାମାତା ପରାମର୍ଶ ଦିଅନ୍ତି ।
ଖ – ସତ୍ – ସତ୍ ଗଏଝୁଙ୍ଗ୍‌ତେ ସାନ୍‌ନାଃଥମ୍ ବୁଆ ମାଁ ସାଲ୍‌ହା ତେର୍‌ତେକି ।
ଓ – ସରା – ସରାରେ ମାଣ୍ଡିଆ ଜାଉ ରାନ୍ଧିବା ।
ଖ – ଡିବି – ଡିବିତେ ମଡିଆ ଜାଉ ଗଙ୍ଗେନିଙ୍ଗ୍ ।

ଓ – ସାରୁ – ସାରୁପତ୍ରରେ ପାଣି ଢ଼ଳ ଢ଼ଳ ହୁଏ ।

ଖ – ସାରୁ / ପେଚ୍‌କି – ସାରୁ ଉଲାଃତେ ଡାଃ ଢ଼ଳ୍ ଢ଼ଳାଏତା ।

ଓ – ସାଧୁ – ମୁଁ ସାଧୁ ଉପାୟରେ ପରୀକ୍ଷା ଦେବି ।

ଖ – ସାଧୁ – ଇଂ ସାଧୁ ଉପାୟ୍‌ତେ ପରକ୍ଷା (ପରଖିଆ) ତେରିଙ୍ ।

ଓ – ସିଧା – ଆମ ଗାଁ ରୁ ଆମ ସାଙ୍ଗଘର ଗାଁକୁ ସିଧା ରାସ୍ତା ଯାଇଛି ।

ଖ – ସିଧା – ଏଲାଃ କେଲ୍‌କେତାୟ ଇଙ୍ଗାଃ ସିରିଆଃ ପାଡା ଯାକର୍ ସିଧା ସଡ୍‌କ ସାନ୍‌ସିଗ୍ ।

ଓ – ସାଙ୍ଗ – ରବି ମୋର ପିଲା ବେଳର ସାଙ୍ଗ ଅଟେ ।

ଖ – ସରି – ରବି ଇଙ୍ଗାଃ କୁଣ୍ଡୁଃ ବେଡାଃ ସରି ହାଏ ।

ଓ – ସାଧା – ବେଳେ ବେଳେ ପୋଲିସ ସାଦା ପୋଷାକ ପିନ୍ଧି ବୁଲନ୍ତି ।

ଖ – ସାଦା – ମେସନ୍‌ମେସନ୍ ପୁଲୁସ୍ କି ସାଦା ପେଁଟ୍ କୁର୍‌ତା ସୁଇକଲା ବୁଲିତାକି ।

ଓ – ସହ – ମାଧୁରୀ ସହ ରୀତା ନଦୀକୁ ଯାଇଛି ।

ଖ – ସରି – ମାଧୁରୀ ସରି ରୀତା ଖିରମ୍ ତିଗ୍ ସାନ୍‌ସିଗ୍ ।

ଓ – ସବୁ – ପରୀକ୍ଷାରେ ମୁଁ ସବୁ ପ୍ରଶ୍ନର ଉତ୍ତର ଲେଖିଛି ।

ଖ – ଝାକି – ପରଖିଆତେ ଇଙ୍ ଝାକି ପରଶନ୍‌ଆଃ ଉତର୍ ଲେଖାସିଙ୍ ।

ଓ – ସରି – ମଧୁବାବୁଙ୍କ ସଙ୍ଗେ କିଏ ସରି ହେବ ?

ଖ – ସମାନ୍ – ମଧୁବାବୁ ସରି ବେର୍ ସମାନ୍ ହଏନା ?

ଓ – ସାର – ଜୈବିକ ସାର ଜମିକୁ ଉର୍ବର ରଖେ ।

ଖ – ସାର୍ – ଜୈବିକ୍ ସାର୍ ଜମିନ୍‌ତେ ହାଲ୍‌କା ଉନ୍‌ତେ ।

ଓ – ସକାଳ – ସକାଳ ହେଲେ ଲୋକେ କାମକୁ ବାହାରନ୍ତି ।

ଖ – ମିଆଁ – ମିଆଁ କିଲାଃ ଲେବୁକି କାମୁବୁଙ୍ ମୁଃଁତାକି ।

ଓ – ସଜନା – ସଜନା ପତ୍ର ଦେହ ପାଇଁ ହିତକର ।

ଖ – ମୁନ୍‌ଗା – ମୁନ୍‌ଗା ସାଃ ନିରୀଆଃଥମ୍ ଭଲ ହାଏ ।

ଓ – ସଜାଡି – ତୁମର ଖାତାପତ୍ର ସଜାଡି ରଖ ।

ଖ – ସାଜାଏନା – ଆମ୍ପାଃ ଖାତାପତର୍ ସାଜାଏ ଉନେପେ ।

ଓ – ସରାଗ – ମାଉଁସୀ ସରାଗରେ ମୋତେ କୋଳେଇ ଧରିଲେ ।

ଖ – ଗେଲ୍‌ହାତେ – ମଁସୀ ଗେଲ୍‌ହାତେ ଇଙ୍‌ତେ କୁଡୁମ୍‌ତେ ଧଃତେଅଃ ।

ଓ – ସାହାଯ୍ୟ – ବନ୍ୟାବିପନ୍ନଙ୍କୁ ସାହାଯ୍ୟ ଆବଶ୍ୟକ ।

ଖ – ମଦେତ୍ – ବଃଢ଼ି ଡାଃତେ ଭାସେଗଃଖାନ୍ନା ଲେବୁକିତେ ମଦେତ୍ ଦର୍‌କାର୍ ।

ଓ – ସଡକ – ପ୍ରତି ପଞ୍ଚାୟତକୁ ପ୍ରଧାନମନ୍ତ୍ରୀ ସଡକ ଯାଇଛି ।

ଖ – ସଡଗ୍ – ଝାକି ପାଂଚାୟତବୁଙ୍ ପ୍ରଧାନ୍‌ମନ୍ତ୍ରୀ ସଡ୍‌ଗ୍ ସାନ୍‌ସିଗ୍ ।

| | | | |
|---|---|---|---|
| ଓ – | ସମ୍ପଦ | – | ଆମରାଜ୍ୟ ଖଣିଜସମ୍ପଦରେ ପରିପୂର୍ଣ୍ଣ ଅଟେ । |
| ଖ – | ସମ୍‌ପତି | – | ଆନିଆଁ ରାଏଜ୍ ଖନିଜ୍ ସମ୍‌ପତିତେ ଭରପୁର୍ ଆଃଇ । |
| ଓ – | ସମ୍ଭବ | – | ପରିବେଶ ସୁରକ୍ଷା କରିବା ସମ୍ଭବ ଅଟେ । |
| ଖ – | ସମ୍ଭବ୍ | – | ପରିବେଶ ସୁର୍‌କ୍ଷା ବାଏନା ସମ୍ଭବ୍ ହାଏ । |
| ଓ – | ସନ୍ତୁଷ୍ଟ | – | ବାର୍ଷିକ ଫଳାଫଳରେ ମୁଁ ସନ୍ତୁଷ୍ଟ ଅଟେ । |
| ଖ – | ସନ୍ତୁଷ୍ | – | ବରଷ୍‌କିଆ ରିଜଲ୍‌ତେ ଇଙ୍ଗ୍ ସନ୍ତୁଷ୍ ଆଏଜିଙ୍ଗ୍ । |
| ଓ – | ସର୍ବତ | – | ଖରା ସମୟରେ ସର୍ବତ ପିଇବାକୁ ଭଲ ଲାଗେ । |
| ଖ – | ସର୍ବତ | – | ଗିଡିଂ ଭେରେ ସର୍ବତ୍ ଉଡ୍‌ନା ଭଲ୍ ଲାଃତା । |
| ଓ – | ସର୍ବଦା | – | ସର୍ବଦା ପ୍ରଫୁଲ୍ଲ ମନରେ ରହିବା ଆବଶ୍ୟକ । |
| ଖ – | ଝାକିଭେରେ | – | ଝାକିଭେରେ ହସି ଖୁସିତେ ରହେନାଃ କାୟମ୍ । |
| ଓ – | ସବୁଜ | – | ବର୍ଷାଋତୁରେ ପରିବେଶ ସବୁଜ ରହେ । |
| ଖ – | ସାଗୁଆ | – | ବର୍‌ଷା ଲେରାଂ ଚାର୍‌ହି କୁର୍‌ତି ସାଗୁଆ ରହେତା । |
| ଓ – | ସତେଜ | – | ସକାଳେ ମନ ସତେଜ ଥାଏ । |
| ଖ – | ଫୁର୍ତ୍ତି | – | ମିଆତେଃ ମନ୍ ଫୁର୍ତ୍ତି ଆତା । |
| ଓ – | ସଫା | – | ପାଇଖାନା ଯିବାପରେ ସାବୁନରେ ହାତ ସଫା କର । |
| ଖ – | ଗୁଇକ୍‌ତୁନା | – | ଲାଏଗକସୁକିକ କରି ସାବୁନ୍ ବୁଙ୍ଗ୍ ତିଃ ଗୁଇକ୍‌ତୁନାପେ । |
| ଓ – | ସଭିଙ୍କ | – | ମହାତ୍ମା ଗାନ୍ଧି ସଭିଙ୍କ ପ୍ରିୟ ନେତା ଥିଲେ । |
| ଖ – | ଝାକିଆ | – | ମହାତ୍ମା ଗାନ୍ଧି ଝାକିଆଃ ପ୍ରିୟ ନେତା ଆକି । |
| ଓ – | ସର୍ଦ୍ଦାର | – | ସର୍ଦ୍ଦାରଙ୍କ ଆଦେଶ ମାନି ସୈନ୍ୟମାନେ କାମ କରନ୍ତି । |
| ଖ – | ସର୍ଦ୍ଦାର୍ | – | ସାର୍ଦ୍ଦାର୍ ଆଃ ଆଦେଶ୍ ମାନେ କରି ସଇନିକ୍ କାମୁ ବାଏତେକି । |
| ଓ – | ସପୁରୀ | – | ସପୁରୀ ଏକ ମିଠା ଫଳ ଅଟେ । |
| ଖ – | ସପ୍‌ରୀ | – | ସପ୍‌ରୀ ମୁଇଙ୍ଗ୍ ମିଠା ଲକୁ ହାଏ । |
| ଓ – | ସପ୍ତାହ | – | ସାତ ଦିନରେ ଏକ ସପ୍ତାହ । |
| ଖ – | ହାପ୍‌ତା | – | ସାତ୍ ଦିନ୍ ତେ ମୁଇଙ୍ଗ୍ ହାପ୍‌ତା । |
| ଓ – | ସହିଷ୍ଣୁ | – | ଭଲ ଲୋକ ସହିଷ୍ଣୁ ହୁଅନ୍ତି । |
| ଖ – | ସହେନା | – | ଭଲ୍ ଲେବୁ ଝାକି ସହେତେ । |
| ଓ – | ସରଗ | – | ସରଗ ଏକ ଆନନ୍ଦମୟ ସ୍ଥାନ ବୋଲି ବିଶ୍ୱାସ କରାଯାଏ । |
| ଖ – | ସରଗ୍ | – | ସରଗ୍ ମୁଇଙ୍ଗ୍ ବଢ଼ିଆ ଠାଣ୍ ହାଏ ଗାମ୍‌କରି ବିଶ୍ୱାସ ବାଏତେକି । |
| ଓ – | ସମାନ | – | ଆଜିକାଲି ପୁଅ ଓ ଝିଅକୁ ସମାନ ଅଧିକାର ମିଳିଛି । |
| ଖ – | ସମାନ୍ | – | ଉପାଡି ବେଟାର ବେଟୀତେ ସମାନ୍ ଅଧିକାର୍ କୁଇସିଗ୍ । |

ଓ – ସଭିଏଁ – ଆମେ ସଭିଏଁ ଭାରତବାସୀ ଅଟୁ ।
ଖ – ଝାକିଗା – ଆନିଙ୍ଗ୍ ଝାକିଗା ଭାରତବାସୀ ହାଏନିଙ୍ଗ୍ ।
ଓ – ସପ୍ତମ – ସପ୍ତମ ଦିନରେ ହାଟ ହୁଏ ।
ଖ – ସାତ୍ ଦିନ୍ – ସାତ୍ ଦିନ୍ ତେ ହାଟ୍ ହଏତା ।
ଓ – ସହିତ – ରବି ସହିତ ମୁଁ ସର୍କସ ଦେଖିବାକୁ ଗଲି ।
ଖ – ସରି – ରବି ସରି ଇଙ୍ଗ୍ ସର୍କସ୍ ଜଏନା ସାନ୍‌କିଙ୍ଗ୍ ।
ଓ – ସମସ୍ତେ – ସମସ୍ତେ ଶାନ୍ତିରେ ରହିବାକୁ ଚାହାଁନ୍ତି ।
ଖ – ଝାକିଗା – ଝାକିଗା ଶାନ୍ତିତେ ରହେନାଃଥମ୍ ମନ୍ ବାଏତେକି ।
ଓ – ସଜାଇ – ମୋ ପଢ଼ାଘରକୁ ସଜାଇ ରଖିଛି ।
ଖ – ସାଜାଏ – ଇଙ୍ଗ୍ାଃ ପାଟ୍ ପଢ଼ା କୁଠ୍‌ରୀତେ ସାଜାଏ ଉନ୍‌ସିଙ୍ଗ୍ ।
ଓ – ସଜବାଜ – ତୁରୀ ବାଜିଲେ ସୈନ୍ୟମାନେ ଯୁଦ୍ଧ ପାଇଁ ସଜବାଜ ହେଉଥିଲେ ।
ଖ – ସଜ୍‌ବାଜ୍ – ବିଗୁଲ୍ ବାଜେକିଲାଃ ସଇନିକି ଯୁଧଃଆଃଥମ୍ ସଜ୍‌ବଜ୍ ହଏଖାନ୍‌ତାକି ।
ଓ – ସ୍ୱପ୍ନ – ସ୍ୱପ୍ନରେ ମୁଁ ଆକାଶରେ ଉଡୁଥିଲି ।
ଖ – ମୁଇନା – ମୁଇନାତେ ଇଙ୍ଗ୍ ଆକାଶ୍‌ତେ ଲେଙ୍ଗ୍‌ଖାନ୍‌ତାଏଙ୍ଗ୍ ।
ଓ – ସରଗରେ – ମାମୁ ମତେ ସରାଗରେ କୋଳରେ ବସାଇଲେ ।
ଖ – ଆଦର୍ କରି – ମାମୁ ଇଙ୍ଗ୍‌ତେ ଆଦର୍‌ତେ କୁଡୁମ୍‌ତେ ଡକ୍‌କୟଃକି ।
ଓ – ସଞ୍ଚୟ – ଆସନ୍ତା କାଲି ପାଇଁ ଆଜି ସଞ୍ଚୟ କରିବା ଶିଖ ।
ଖ – ଉନ୍‌ନା – ତୁଡ୍‌ଗାଃଥମ୍ ମୁସାତାୟ ଉନ୍‌ନା ସିଖେନାପେ ।
ଓ – ସଲଖି – ବାଡିଟି ଆପେ ସଲଖି ଗଲା ।
ଖ – ସଲ୍‌ଖେ – ଡାଣାଃ ଯେଃ ଆପେ ସଲ୍‌ଖେ ଗଃକି ।
ଓ – ସହିବା – ସହିବା ଗୁଣ ଯାହା ପାଖରେ ଥାଏ ସେ ଧନ୍ୟ ।
ଖ – ସହେନା – ସହେନା ଗୁଣ୍ ବେରାଃ ଆତା ଆଡି ଧଏନ୍ ।
ଓ – ସୈନ୍ୟ – ସୈନ୍ୟମାନେ ପ୍ରାଣଦେଇ ଦେଶ ରକ୍ଷା କରନ୍ତି ।
ଖ – ସଇନି – ସଇନିକ୍ କି ଜୀବନ୍ ତେର୍ କଲା ଦେଶ୍ ବାଞ୍ଚାୟ୍ ତେକି ।
ଓ – ସମ୍ବର – ଆଜିକାଲି ସମ୍ବର ପ୍ରଜାତି ବଣରୁ ଲୋପ ପାଇଲାଣି ।
ଖ – ସମର୍ – ଉପାଡି ସମର୍ ଜାଏତ୍ ଆତାୟତାୟ ବଙ୍ଗ୍‌ଗଃକି ମେନ ଡିଗ୍ ।
ଓ – ସଦସ୍ୟ – ରମା ଆମ ପରିବାରର ସଦସ୍ୟ ଅଟନ୍ତି ।
ଖ – ମୁଖିଆ /ମେମର୍ – ରମା ଏଲାଃ କୁଟୁମ୍ ଆଃ ମୁଇଙ୍ଗ୍ ମେମର୍ ହାଏ ।
ଓ – ସର୍କସ – ସର୍କସରେ ବିଭିନ୍ନ ଖେଳ ଦେଖିବାକୁ ମିଳେ ।
ଖ – ସର୍କସ – ସର୍କସତେ ନାନା ରକମ୍ ଆଃ ଏବଃ ଜଏନାଃଥମ୍ କୁଇତା ।

ଓ – ସଜାଡିବା – ବଜାରକୁ ଯିବାପାଇଁ ମୁଁ ସାଇକେଲ ସଜାଡିବା ଆରମ୍ଭ କରିଛି ।
ଖ – ସାଜାଏନା – ହାଟ୍ ବୁଙ୍ଗ୍ ସାନ୍‌ନାଃଥମ୍ ଇଙ୍ଗ୍ ବାଏସ୍‌କଲ୍ ସାଜାଏନା ସୁରୁ ବାଏସିଙ୍ଗ୍ ।
ଓ – ସଞ୍ଜ – ସଞ୍ଜ ହେଲେ ବେଳ ବୁଡିଯାଏ ।
ଖ – ମାଛି ଆନ୍ଧାର୍ – ଆନ୍ଧାର୍ ହଏକିଲାଃ ବେଡ୍ ବିଡିବ୍ ଗଃତା / ଆନ୍ଧାର ହଏକିଲାଃ ବେଡ଼ ଉମ୍ ଜଏତା ।
ଓ – ସମଗ୍ର – ସମଗ୍ର ଜିଲ୍ଲାରେ ଶୀତର ପ୍ରକୋପ ବଢ଼ିଛି ।
ଖ – ସାରା (ଝାକି) – (ଝାକି)ସାରା ଜିଲାତେ ରାଙ୍ଗାଃ ପ୍ରକୋପ୍ ବଢ଼େସିଗ୍ ।
ଓ – ସମାଧାନ – ସରପଞ୍ଚ ଗାଁ ବିବାଦ ସମାଧାନ କରନ୍ତି ।
ଖ – ବୁଝାଏନା/ସମାଧାନ୍– ସରପଁଚ୍ ପାଡାଃ କେଲ୍‌କେଆଃ ଝଗ୍‌ଡା ସମାଧାନ୍ ବାଏତେ ।
ଓ – ସମ୍ବିଧାନ – ଆମଦେଶର ଏକ ବୃହତ ସମ୍ବିଧାନ ରହିଛି ।
ଖ – ସମ୍ବିଧାନ୍ – ଆନିଆଁଃ ଦେଶ୍ଆଃ ମୁଇଙ୍ଗ୍ ବଡେମାହା ସମ୍ବିଧାନ୍ ଆଃଇ ।
ଓ – ସମ୍ଭାଳିବା – ଦୁଃଖ ସମ୍ଭାଳିବା ଏକ ମହତ୍‌ଗୁଣ ଅଟେ ।
ଖ – ସମ୍‌ଢ଼ାଏନା – ବିପଦ୍ ସମଢ଼ାଏନା ମୁଇଙ୍ଗ୍ ମହତ୍ ଗୁନ୍ ହାଏ ।
ଓ – ସଉକି – ରମା ସଉକିରେ ସୁନ୍ଦର ଯୋତା ପିନ୍ଧିଛି ।
ଖ – ସଉକ୍‌ତେ – ରମା ସଉକ୍‌ତେ ସୁନ୍ଦର ଜୁତା ସୁଇସିଗ୍ ।
ଓ – ସମତୁଲ – ଗୋପବନ୍ଧୁଙ୍କ ସହ କିଏ ସମତୁଲ ହୋଇପାରେ ?
ଖ – ସମାନ୍/ସରି – ଗୋପ୍‌ବନ୍ଧୁଆଃ ସରି ବେର୍ ସରି ହଏନା ପାଲେ ?
ଓ – ସରିସୃପ – ସର୍ପ ଏକ ସରିସୃପ ପ୍ରାଣୀ ଅଟେ ।
ଖ – ସରିସୃପ୍ – ବୁଙ୍ଗାମ୍ ମୁଇଙ୍ଗ୍ ସରିସୃପ୍ ଜୀବ୍ ହାଏ ।
ଓ – ସମ୍ମୁଖୀନ – ବିପଦ ସମ୍ମୁଖୀନ ହେଲେ ଭୟ କରନାହିଁ ।
ଖ – ସାମ୍‌ନା – ବିପଦ୍ ଆଃ ସାମନା ହଏକିଲାଃ ଆବୁ ବତଙ୍ଗ୍‌ନାପେ ।
ଓ – ସମର୍ଥନ – ମୁଁ ମୋ ସାଙ୍ଗର କଥାକୁ ସମର୍ଥନ କଲି ।
ଖ – ହଁ ଗାମ୍‌ନା – ଇଙ୍ଗ୍ ଇଙ୍ଗାଃ ସରିଆଃ କାୟମ୍‌ତେ ହଁ ଗାମେଗ୍ ।
ଓ – ସଚେତନ – ପରିବେଶ ପ୍ରତି ସଚେତନ ରହିବା ଉଚିତ ।
ଖ – ସୋର୍ – ପରିବେଶ୍ଆଃଥମ୍ ସୋର୍ ଉନ୍‌ନାଃ କାୟମ୍ ।
ଓ – ସହଯୋଗ – ଲୋକ ସହଯୋଗ କଲେ ସମାଜ ଆଗକୁ ବଢ଼ିବ ।
ଖ – ମଦତ୍ – ଲେବୁ ମଦତ୍ ତେରଃଲାଃ ସାମାଜ୍ ଆଘ୍‌ଲିତିଗ୍ ବଢ଼େନା ।
ଓ – ସଙ୍ଗେ ସଙ୍ଗେ – ଖବର ପାଇ ଦମକଳଗାଡି ସଙ୍ଗେ ସଙ୍ଗେ ପହଞ୍ଚିଲା ।
ଖ – ସାଙ୍ଗେ ସାଙ୍ଗ୍ – ଖଭେର୍ କୁୟଃନ ଦମ୍‌କଲ୍‌ଗାଡି ସାଙ୍ଗେସାଙ୍ଗ୍‌ଡାମ୍‌କି ।
ଓ – ସପ୍ତର୍ଷି ମଣ୍ଡଳ – ଅନ୍ଧାର ରାତିରେ ସପ୍ତର୍ଷି ମଣ୍ଡଳ ସ୍ପଷ୍ଟ ଦେଖାଯାଏ ।
ଖ – ବାଜ୍‌ଖଟ – ଇଡିବ୍‌ତେ ବାଜ୍‌ଖଟ୍ ତରେ ଇଞ୍ଜୋର୍ ଜଏତା ।

| | | |
|---|---|---|
| ଓ – ସଂଗ୍ରହ | – | ମୁଁ ନେତାମାନଙ୍କ ଛବି ସଂଗ୍ରହ କରି ରଖେଁ । |
| ଖ – କାବ୍ତିଗ୍ନା | – | ଇଙ୍ଗ୍ ଲିଡର୍କିଆଃ ଫଟୁ କାବ୍ତିଗ୍ କରି ଉନ୍ତିଙ୍ଗ୍ । |
| ଓ – ସମ୍ପର୍କ | – | ରବି ସହିତ ମୋର ଉତ୍ତମ ସମ୍ପର୍କ ରହିଛି । |
| ଖ – ସମ୍ପର୍କ | – | ରବି ସରି ଇଙ୍ଗାଃ ବନେ ସମ୍ପର୍କ ଆଃଇ । |
| ଓ – ସଂଗୀତ | – | ସଂଗୀତ ମୋର ଅତି ପ୍ରିୟ ଅଟେ । |
| ଖ – ଆଲଙ୍ଗ | – | ଆଲଙ୍ଗ୍ ଇଙ୍ଗାଃ ପହିଲା ପସନ୍ ହାଏ । |
| ଓ – ସନ୍ଧ୍ୟା | – | ସନ୍ଧ୍ୟା ହେଲେ ତାରା ଦେଖାଯାନ୍ତି । |
| ଖ – ଇଡିବ୍/ମାଛିଆନ୍ଧାର୍ | – | ମାଛିଆନ୍ଧାର୍ ହଏକିଲାଃ ସିମ୍କମ୍ ଜଏତାକି । |
| ଓ – ସଂଗ୍ରାମୀ | – | ଭଗତ ସିଂ ଜଣେ ସଂଗ୍ରାମୀ ଯୁବା ଥିଲେ । |
| ଖ – ଲଢ଼େନା | – | ଭଗତ ସିଂ ମୁଇଙ୍ଗ୍ ଲଢ଼େନା ବେଟା ଆକି । |
| ଓ – ସଂପଦ | – | ସଂପଦ ବେଳେ ବହୁ ସଖା ହୁଅନ୍ତି । |
| ଖ – ଧନ ଆତାଭେରେ | – | ଧନ୍ ଆତାଭେରେ ବହୁତ୍ ଜୁଡି ହଏତାକି । |
| ଓ – ସଂକଳ୍ପ | – | ସମାଜ ସେବା ପାଇଁ ଆମେ ସଂକଳ୍ପ କରିଛୁ । |
| ଖ – କିରିଆନଃନା | – | ସମାଜ୍ ସେବାଃଥମ୍ ଏଲେ କିରିଆ ନଃସିଗ୍ଲେ । |
| ଓ – ସଂଗ୍ରାମ | – | ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କର । |
| ଖ – ଲଢେନା | – | ଅନ୍ୟାୟ୍ ଆଃ ବିରୋଧ୍ତେ ଲଢେନାପେ । |
| ଓ – ସଙ୍କେତ | – | ରାସ୍ତାରେ ଦିଆଯାଇଥିବା ସଙ୍କେତ ମାନି ଗାଡିଚଲାଅ । |
| ଖ – ଚିହ୍ନା | – | ସଡକ୍ ତେ ତେର୍ତେର୍ଆନା ଚିହ୍ନାତେ ମାନେ କରି ଗାଡି ଚଲାଏପେ । |
| ଓ – ସଂକୁଚିତ | – | ବୃଦ୍ଧବେଳେ ଚର୍ମ ସଂକୁଚିତ ହୋଇଥାଏ । |
| ଖ – ଲୁଚାକୁଚା | – | ବୁଢା ହଏକିଲାଃ ଚମ୍ଡା ଲୁଚାକୁଚା ଜଏତା/ହଏତା । |
| ଓ – ସଂଗୃହିତ | – | ଆମ ଶ୍ରେଣୀର ପୁରୁଣା ପାଠ୍ୟ ପୁସ୍ତକ ସଂଗୃହିତ ହେଲା । |
| ଖ – ଜାମା | – | ଏଲାଃ କିଲାସ୍ ଆଃ ପୁର୍ନା ପଢାବହି ଜାମା ହଏକି । |
| ଓ – ସଂଗୀତ ଦଳ | – | ମୁଁ ଗୋଟିଏ ସଂଗୀତ ଦଳରେ ଗୀତ ଗାଏ । |
| ଖ – ଗିତୁଆଲ୍ ଦଲ୍ | – | ଇଙ୍ଗ୍ ମୁଇଙ୍ଗ୍ ଗୀତୁଆଲ୍ ଦଲ୍ତେ ଆଲଙ୍ଗ୍ ଆଲ୍ଙ୍ଗ୍ତାଏଙ୍ଗ୍ । |
| ଓ – ସଂରକ୍ଷଣ | – | ବାଳିକା ମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଇଛି । |
| ଖ – ରିଜାବ୍ | – | ବେଟୀକିଆଃଥମ୍ ଜାଗା / ଠାଣ୍ ରିଜାବ୍ ଉନ୍ଉନ୍ ଆଃଇ । |
| ଓ – ସାଧାରଣ | – | ଜନ ସାଧାରଣ ଭୋଟ ଦେଇ ସରକାର ଗଢନ୍ତି । |
| ଖ – ସାଧାରନ୍ | – | ସାଧାରନ୍ ଲେବୁ କି ଭୋଟ୍ ତେର୍କଲା ସାର୍କାର୍ ଗଢାଏତେକି । |
| ଓ – ସାରଣୀ | – | ସହଜରେ ବୁଝିବା ପାଇଁ ସାରଣୀ ସାହାଯ୍ୟକରେ । |
| ଖ – ରୁଟିନ୍ | – | ସହଜ୍ତେ ବୁଃଝିନାଃଥମ୍ ରୁଟିନ୍ ସାହେଜ୍ ବାଏତେ । |

ଓ – ସାକ୍ଷାତ – ହଠାତ ମୋ ବନ୍ଧୁଙ୍କ ସହ ମୋ ସାକ୍ଷାତ ହେଲା ।
ଖ – ଭେଃଟନା – ହଠାତ୍ ଇଙ୍ଗାଃ ସରିଗିଙ୍ଗ୍ଆଃସରି ଇଙ୍ଗ୍ ଭେଃଟ୍ଡମ୍କିଙ୍ଗ୍ ।
ଓ – ସାପ – ସାପୁଆମାନେ ସାପ ଖେଳାନ୍ତି ।
ଖ – ସାଁପୁଆ – ସାଁପୁଆଁ ବୁଙ୍ଗାମ୍ ଏବଃତେ (ଏଃବଃତେ) ।
ଓ – ସାନ ଚିହ୍ନ – ସାନ ସଂଖ୍ୟା ସୂଚାଇବା ପାଇଁ ସାନ ଚିହ୍ନ ଦିଆଯାଏ ।
ଖ – କନ୍ହନ୍ ଚିହ୍ନ – କନ୍ହନ୍ ସଂଖ୍ୟା କଙ୍ଗ୍ନାଃଥମ୍ କନ୍ହନ୍ ଚିହ୍ନ ତେର୍ତେକି ।
ଓ – ସାଙ୍ଗ – ରବି ମୋର ପିଲା ଦିନର ସାଙ୍ଗ ଅଟେ ।
ଖ – ସରି – ରବି ଇଙ୍ଗାଃ କୁଣ୍ଡୁଃ ବେଡାଃ ସରି ହାଏ ।
ଓ – ସାଗର – ଆମ ଦେଶକୁ ତିନି ଦିଗରେ ସାଗର ଘେରି ରହିଛି ।
ଖ – ସମ୍ଦୁର୍ – ଆନିଆଃ ଦେଶ୍ତେ ତିନିହି ଦିଗ୍ ସମ୍ଦୁର୍ ଭରେ ରହେସିଗ୍ ।
ଓ – ସାଥେ – ବଜାରକୁ ମୁଁ ବାପାଙ୍କ ସାଥେ ସାଥେ ଯାଏଁ ।
ଖ – ସରି ସରି – ହାଟ୍ଃ ବୁଙ୍ଗ୍ ଇଙ୍ଗ୍ ବୁଆଗିଙ୍ଗ୍ଆଃ ସରି ସରି ସାନ୍ତାଏଙ୍ଗ୍ ।
ଓ – ସାହସ – ରବି ସାହସ କରି ନଦୀରୁ ରମାକୁ ଉଦ୍ଧାର କଲା ।
ଖ – ଡିଡ୍ – ରବି ଡିଡ୍ ଧଃତେ କରି ଖ୍ରିରମ୍ ତାଏ ରମାତେ ଉଦ୍ଧାର ବାୟଃ ।
ଓ – ସାଜସଜ୍ଜା – ଭାଇଙ୍କ ବାହାଘର ବେଳେ ଆମେ ସାଜସଜ୍ଜା କଲୁ ।
ଖ – ସଜାଏନା – ଭାଇ ଆଃ ବିହାଭେରେ ଏଲେ ଅଃଦୁଆର୍ ସାଜାଏ ଅଃଲେ ।
ଓ – ସାମୁହିକ – ପୋଖରୀ ସଫା ଏକ ସାମୂହିକ କାର୍ଯ୍ୟ ଅଟେ ।
ଖ – ଝାକିଆଃ – ବଁନ୍ଧ/ମୁଣା ସଫା ବାଏନା ମୁଇଙ୍ଗ୍ ଝାକିଆଃ କାମୁ ହାଏ ।
ଓ – ସାଉଁଳା – ମାଆଙ୍କର ସ୍ନେହଭରା ସାଉଁଳା ମୋତେ ଶାନ୍ତି ଦିଏ ।
ଖ – ସାଉଁଳାଏନା – ମାଁ ଗିଙ୍ଗ୍ଆଃ ଲେମ୍ଲେମାକରି ସାଉଁରାଏନା ଇଙ୍ଗ୍ତେ ସୁଖ ଲାଃତା ।
ଓ – ସିଞ୍ଚିବା – କେହି ଅଚେତ ହେଲେ ମୁହଁରେ ପାଣି ସିଞ୍ଚିବା ଉଚିତ ।
ଖ – ଛିଟ୍କାଏନା – ବେର୍ ଅଚେତ୍ ହଏଗଃକିଲାଃ ତମ୍ଡ୍ତେ ଡାଃ ଛିଟ୍କାଏନାଃ କାୟମ୍ ।
ଓ – ସିଲିଣ୍ଡର – ଦୋକାନୀ ସିଲିଣ୍ଡରରେ ଗ୍ୟାସ୍ ବିକ୍ରି କରେ ।
ଖ – ସିଲିଣ୍ଡର୍ – ଦୁକାନୀ ସିଲିଣ୍ଡର୍ତେ ଗେସ୍ ଅବସଙ୍ଗ୍ ତେ ।
ଓ – ସିମ୍ପାଞ୍ଜି – ଆଫ୍ରିକା ଜଙ୍ଗଲରେ ସିମ୍ପାଞ୍ଜି ମାନେ ରହନ୍ତି ।
ଖ – ବନ୍ ମନୁଷ୍ – ଆଫ୍ରିକାଃ ଆଡାୟ୍ତେ ବନ୍ମନୁଷ୍ କି ରହେତାକି ।
ଓ – ସିଂହ – ସିଂହ ସବୁଠାରୁ ବଳବାନ୍ ପଶୁ ଅଟେ ।
ଖ – ମାହା କିଡୋଃ – ମାହାକିଡୋଃ ଝାକିଆଃତାୟ ବହ୍ଙ୍ଗର୍ ପଶୁ ହାଏ ।
ଓ – ସୀମା – ଆମ ଦେଶକୁ ସୀମା ସୁରକ୍ଷା ବାହିନୀ ଜଗନ୍ତି ।
ଖ – ସୀମାନ୍ – ଆନିଆଃ ଦେଶ୍ଆଃ ସୀମାନ୍ତେ / ବୁଡର୍ତେ ସୀମାନ୍ ବାଞ୍ଚାଏନା ସଇନିକି ଆଗୁର୍ତେକି ।

ଓ – ସୁସ୍ଥ – ଦୀର୍ଘ ଦିନ ପରେ ମୋ ଜେଜେ ସୁସ୍ଥ ହେଲେ ।
ଖ – ବନେବଃ – ଖୋବ୍ ଦିନ୍ ପରେ ଇଙ୍ଗ୍ ଆଜାଗିଙ୍ଗ୍ ବନେବଃ ହଏକି ।
ଓ – ସୁଯୋଗ – ଗତ ବର୍ଷ ମୁଁ ଚିଲିକା ଦେଖିବାର ସୁଯୋଗ ପାଇଥିଲି ।
ଖ – ମଉକା – ସାନ୍‌କି ମେମନ୍ ଇଙ୍ଗ୍ ଚିଲିକା ଜଏନାଃଥମ୍ ମଉକାକୁଇସିଥେଗ୍ ।
ଓ – ସୁନ୍ଦର – ଆମ ଗାଁ ପାହାଡ ଦୂରରୁ ସୁନ୍ଦର ଦିଶେ ।
ଖ – ସୁନ୍ଦର୍ – ଏଲାଃ / ଆନିଆଁଃ କେଲ୍‌କେଆଃ ବିରୁ ଡିସାଃତାୟ୍ ସୁନ୍ଦର୍ ଜଏତା ।
ଓ – ସୁଫଳ – ଶ୍ରମ କଲେ ସୁଫଳ ମିଳେ ।
ଖ – ଲାଭ୍ – ମେହେନତି ବାୟଃଲାଃ ଲାଭ କୁଇତା ।
ଓ – ସୁସ୍ୱାଦ – ସେପଟା ଏକ ସୁସ୍ୱାଦ ଫଳ ଅଟେ ।
ଖ – ମୁରୁକ୍ ସେବୁଲ୍ – ସେପ୍‌ଟା ମୁଇଙ୍ଗ୍ ମୁରୁକ୍ ସେବୁଲ୍ ଲକୁ ହାଏ ।
ଓ – ସୁଆଦିଆ – ଅମୃତଭଣ୍ଡା ଏକ ସୁଆଦିଆ ଫଳ ଅଟେ ।
ଖ – ଭଲ ସେବୁଲ୍ – ପବିତା ମୁଇଙ୍ଗ୍ ବନେ ସେବୁଲ୍ ଲକୁ ହାଏ ।
ଓ – ସୂର୍ଯ୍ୟ – ସୂର୍ଯ୍ୟ କିରଣ ବାଜି ଜଳ ବାଷ୍ପ ହୁଏ ।
ଖ – ବେଡଃ – ବେଡଃଆଃ ତାରାସ୍‌ଠଃକରି ଡାଃ ଭାଫ୍ ହଏତା ।
ଓ – ସ୍ୱରଯନ୍ତ୍ର – ରେଡିଓ ଏକ ସ୍ୱରଯନ୍ତ୍ର ଅଟେ ।
ଖ – ଶବଦ୍ ମିସିନ୍ – ରିଡିଓ ମୁଇଙ୍ଗ୍ ଶବଦ୍ ମିସିନ୍ ହାଏ ।
ଓ – ସୂଚକ – ଥର୍ମୋମିଟରରେ ପାରଦ ସୂଚକ ଭଳି କାମ କରେ ।
ଖ – ଚିହ୍ନାଏନା – ଥର୍ମୋମିଟର୍‌ତେ ପାରଦ୍ ଚିହ୍ନାଏନା/ଅବକଙ୍ଗ୍‌ନା ଗୁଡ କାମୁ ବାଏତେ ।
ଓ – ସୂଚାଇବା – ବିଦ୍ୟାଳୟରେ ସମୟ ନିର୍ଘଣ୍ଟ ସୂଚାଇବା ଆବଶ୍ୟକ ।
ଖ – ଅବ୍‌କଙ୍ଗ୍‌ନା/ବାଣଏନା – ଇସ୍‌କୁଲ୍‌ତେ ସମେ ବାତାଏନା ନିହାତି ଜରୁରୀ ହାଏ ।
ଓ – ସୂଚନା – ପ୍ରଧାନ ଶିକ୍ଷକ ପରୀକ୍ଷା ସମ୍ବନ୍ଧରେ ସୂଚନା ଦେଲେ ।
ଖ – ସୂଚ୍‌ନା – ହେଡମାଷ୍ଟର ପରଖିଆ ବିଷେତେ ସୂଚ୍‌ନା ତେରଃକି ।
ଓ – ସୂତ୍ର – ବାପା କଳି ସମାଧାନର ସୂତ୍ର ବାହାର କଲେ ।
ଖ – ଗଃଝୁଙ୍ଗ୍ – ବୁଆ କଲି ଝାଗଡାଃ ଫାଏସାଲା ବାଏନାଃଥମ୍ ଗଃଝୁଙ୍ଗ୍ ଅଃଫେରଃ ।
ଓ – ସେଠାରେ – ମୁଁ ଧାଇଁ ଯାଇ ଦେଖିଲି ସେଠାରେ କେହି ନ ଥିଲେ ।
ଖ – ହତେ – ଇଙ୍ଗ୍ ବତ୍‌କେକରି ଜୟେଗ୍, ହତେ ବେର୍‌ଜ ମଃ ଆନା କି ।
ଓ – ସେବା – ବରିଷ୍ଠ ନାଗରିକମାନଙ୍କୁ ସେବା କରିବା ଉଚିତ ।
ଖ – ସେବା – ବୁଢା ଲେବୁକିତେ ସେବା ବାଏନାଃ କାୟମ୍ ।
ଓ – ସେପଟେ – ଏ ପଟେ ରାସ୍ତା ବନ୍ଦ, ସେପଟ ଦେଇ ଆସ ।
ଖ – ହାନ୍‌ପାର୍ – ଉ ପାର୍ ସଡକ୍ ବନ୍ଦ ଆଃଇ ହାନ୍‌ପାର୍ ତେର୍‌କଲା ଡେଲ୍‌ନାପେ ।

| | | |
|---|---|---|
| ଓ – ସେମାନେ | – | ସେମାନେ ଗୀତ ଗାଉଛନ୍ତି । |
| ଖ – ଆଡ୍‌କି | – | ଆଡ୍‌କି ଆଲଙ୍ଗ୍ ଆଲଙ୍ଗ୍ ତାଏଗ୍‌କି । |
| ଓ – ସେହିତ | – | ମିଳି ସହିତ ଆମ ଶ୍ରେଣୀ ମନିଟର । |
| ଖ – ଆଡ୍‌କି | – | ମିଳି ଆଡ୍‌କିକ ଏଲାଃ କିଲାସ୍ ଆଃ ମେନ୍‌ଟର୍ । |
| ଓ – ସ୍ନେହ | – | ଆମେ ପିତା ମାତାଙ୍କର ସ୍ନେହ ଆଦର ପାଇ ବଢ଼ିଛୁଁ । |
| ଖ – ଲେମ୍‌ଲେମା | – | ଆନିଆଃ ବୁଆ ମାଁଃ ଲେମ୍‌ଲେମା କୁଇ କରି ମାହାସିଗ୍‌ନିଙ୍ଗ୍ । |
| ଓ – ସେଓ | – | ଆମ ଅଂଚଳରେ ସେଓ ଚାଷ ହୁଏ ନାହିଁ । |
| ଖ – ସେଓ | – | ଆନିଆଃ ଅଂଚଲ୍‌ତେ ସେଓ ତାସ୍ ଉମ୍ ହଏତା । |
| ଓ – ସେହି | – | ସେହି ଘରେ ମୋର ବନ୍ଧୁ ରହନ୍ତି । |
| ଖ – ହ | – | ହ ଅଃତେ ଇଙ୍ଗା ସରି ରହେତା । |
| ଓ – ସେହିପରି | – | ସେହିପରି କାମ କରିବା ଉଚିତ । |
| ଖ – ହଘାଏ | – | ହଘାଏ କାମୁ ବାଏନାଃ କାୟମ୍ । |
| ଓ – ସେନାପତି | – | ସେନାପତି ଯୁଦ୍ଧ ଚଳାନ୍ତି । |
| ଖ – ସେନାପତି | – | ସେନାପତି ଯୁଦ୍ଧ ଚଲାଏତେ । |
| ଓ – ସଦନ | – | ବଡହେଲେ ମୁଁ ସେବା ସଦନଟିଏ ଖୋଲିବି । |
| ଖ – ଅଃ | – | ମାହା ନାଏଙ୍ଗ୍ ଲାଃ ଇଙ୍ଗ୍ ସେବାବାଏନାଃଥମ୍ ଅଃ ମୁଇଙ୍ଗ୍ ବାଇଙ୍ଗ୍ । |
| ଓ – ସୈନ୍ୟ | – | ସୈନ୍ୟମାନେ ଯୁଦ୍ଧ କରନ୍ତି । |
| ଖ – ସଇନି | – | ସଇନିକ୍ କି ଯୁଦ୍ଧ ବାଏତେକି । |
| ଓ – ସୌର ମଣ୍ଡଳ | – | ସୂର୍ଯ୍ୟ ଓ ନଅଟି ଗ୍ରହକୁ ନେଇ ସୌରମଣ୍ଡଳ । |
| ଖ – ସୌର ମଣ୍ଡଲ୍ | – | ବେଡ ର ନଅଟା ଗର୍‌ହତେ ଡଟ୍‌କଲା ସୌରମଣ୍ଡଲ । |
| ଓ – ସ୍ୱପ୍ନ | – | ମୁଁ ଆଜି ଗୋଟିଏ ଭଲ ସ୍ୱପ୍ନ ଦେଖିଲି । |
| ଖ – ମୁଇନା | – | ଇଙ୍ଗ୍ ମୁସା ମୁଇଙ୍ଗ୍ ବନେ ମୁଇଁ ମୁଇଁ ମୁଇସିଙ୍ଗ୍ । |
| ଓ – ସ୍ୱଭାବ | – | ରମାର ସ୍ୱଭାବ ଅତି ସୁନ୍ଦର ଅଟେ । |
| ଖ – ସଭାବ୍ | – | ରମାଃ ସଭାବ୍ ମୁରୁକ୍ ବଢ଼ିଆ ହାଏ । |
| ଓ – ସ୍ୱଚ୍ଛ | – | ଗୋଳିଆ ପାଣି ବସିଗଲେ ସ୍ୱଚ୍ଛ ଦେଖାଯାଏ । |
| ଖ – ସାଫା | – | ଖେନ୍ଦଲା/ଗେନ୍ଦଲ୍ ଡାଃ ଡକଗଃକିଲାଃ ସାଫା ଜଏତା । |
| ଓ – ସ୍ୱର | – | ରିମି ସ୍ୱର ବଦଳାଇ କଥା ହୋଇପାରେ । |
| ଖ – ଗାଲା | – | ରିମି ଗାଲା ବଦ୍‌ଲାଏକରି କାୟମ୍‌ନା ପାଲ୍‌ତେ । |
| ଓ – ସ୍ୱୟଂଚାଳିତ | – | ଏଟିଏମ୍ ସ୍ୱୟଂଚାଳିତ ଯନ୍ତ୍ର ଅଟେ । |
| ଖ – ଆପ୍‌ନେ ଆପ୍ | – | ଏଟିଏମ୍ ଆପ୍‌ନେ ଆପ୍ ଚଲେନା ମେସିନ୍ ହାଏ । |

ଓ – ସ୍ୱାଧୀନ – ଆମେ ସ୍ୱାଧୀନ ଭାବରେ କାର୍ଯ୍ୟ କରିପାରୁଁ ।
ଖ – ସ୍ୱାଧୀନ୍ – ଆନିଙ୍ଗ୍ ସ୍ୱାଧୀନ୍‌ତେ କାମୁନା ପାଲ୍‌ତେନିଙ୍ଗ୍ । / ଆନିଙ୍ଗ୍ ଆନିଆଃ ନିଜର୍ ଅଧିନ୍‌ତେ କାମୁତାନିଙ୍ଗ୍ ।
ଓ – ସ୍ୱାସ୍ଥ୍ୟ – ଆମ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା ।
ଖ – ନିରୀ – ଏଲାଃ ଇସ୍‌କୁଲ୍‌ତେ ନିରିଆଃ ଯାଁଚ ବାୟଃକି ।
ଓ – ସ୍ୱାସ୍ଥ୍ୟ ସେବା – ସରକାର ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଅନ୍ତି ।
ଖ – ନିରୀ ଆଃଜତନ୍ – ସାର୍‌କାର୍ ନିରୀଆଃ ଜତନ୍ ଉଡ୍‌ନାଃଥମ୍ ଦାଗ୍‌ଦାର୍ ତେର୍‌ତେ।
ଓ – ସ୍ୱାର୍ଥ – ଆଜିକାଲି ସମସ୍ତେ ସ୍ୱାର୍ଥ ଚେଷ୍ଟା କରୁଛନ୍ତି ।
ଖ – ସ୍ୱାର୍ଥ – ଉପାଡି ଝାକିଗା ନିଜର୍ ନିଜର୍ ସ୍ୱାର୍ଥ ଚେରେଷ୍ଟା ବାଏତା୍ଏଗ୍‌କି ।
ଓ – ସ୍ୱାସ୍ଥ୍ୟକେନ୍ଦ୍ର – ପ୍ରତି ପଞ୍ଚାୟତରେ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି ।
ଖ – ଆସ୍‌ପାତାଲ୍ – ହରେକ୍ ପଂଚେତ୍ ତେ ଆସ୍‌ପାତାଲ୍ ଆଃଇ ।
ଓ – ସ୍ଥଳୀ – ଜଙ୍ଗଲ ଜୀବଜନ୍ତୁଙ୍କ ବାସସ୍ଥଳୀ ଅଟେ ।
ଖ – ଡେରା – ଆଡାୟ୍ ଜୀବ୍‌ଜଁତୁକିଆଃ ଡେରା ହାଏ ।
ଓ – ସ୍ଥିର – ସମସ୍ତେ ଗୋଟିଏ ଜାଗାରେ ଏକଜୁଟ ହେବାକୁ ସ୍ଥିର କରାଯାଇଛି ।
ଖ – କାୟ୍‌ମକାଥା – ଝାକିଗା ମୁଇଙ୍ଗ୍ ଠାଣ୍‌ତେ ଭେଃଟ ଡମନାଃଥମ୍ କାୟମ୍‌କାଥା ବିଚାର୍ ହଏସିଗ୍ ।
ଓ – ସ୍ଥାନ – ଗାଁର ସବୁସ୍ଥାନ ସଫାସୁତରା ରଖାଯାଉ ।
ଖ – ଠାଣ – ପାଡାଃ ଝାକିଠାଣ ସଫାସୁଥ୍‌ରା ଅବ୍‌ଉନ୍‌ଏପେ ।
ଓ – ସ୍ଥାନୀୟ ମାନ – ପ୍ରତିଅଙ୍କର ସ୍ଥାନୀୟ ମାନ ରହିଛି ।
ଖ – ନିଜର ଜାଗା – ଝାକି ସଂଖ୍ୟାଃ ନିଜର୍ ନିଜର୍ ଜାଗା (ଠାଣ)ରହେସିଗ୍ ।
ଓ – ସ୍ଥାପନ – ଆମ ଗ୍ରାମରେ ଡାକ ଘର ସ୍ଥାପନ କରାଗଲା ।
ଖ – ଡକକି – ଏଲାଃ କେଲ୍‌କେତେ ପୋ–ଟଫିସ୍ ଡକସିଗ୍ ।
ଓ – ସ୍ଥଳଭାଗ – ଆମେ ସ୍ଥଳଭାଗରେ ବାସକରୁଁ ।
ଖ – ରାଗାଏ ଠାଣତେ – ଆନିଙ୍ଗ୍ ରାଗାଏଠାଣତେ ରହେତାନିଙ୍ଗ୍ ।
ଓ – ସ୍ଥାବର – ଆମର ସ୍ଥାବର ସମ୍ପତ୍ତି କିଛି ନାହିଁ ।
ଖ – ଥାବର୍ – ଆନିଆଃ ଥାବ୍‌ର ସମ୍‌ପତି ଇହିଜ ମଃଡେଗ୍।
ଓ – ସ୍ପର୍ଶ – ଆଜିକାଲି ସ୍ପର୍ଶ ଦ୍ୱାରା ଚିକିତ୍ସା କରାଯାଉଛି ।
ଖ – ଜିବ୍‌କଲା – ଉପାଡି ଜିବ୍‌କଲା କସୁମେବ୍‌ଲାଏ ତାଏଗ୍‌କି।
ଓ – ସ୍ପୃହା – ପଦଯାତ୍ରା କରିବାରେ ମୋର ସ୍ପୃହା ନାହିଁ ।
ଖ – ଇଛା – ସାଉଡ୍ ସାନ୍‌ନାଆଥମ୍ ଇଙ୍ଗାଃ ମୁଟେ ଇଛା ମଃଡେଗ୍ ।
ଓ – ସ୍ପଷ୍ଟ – ବହିର ଛବି ଗୁଡିକ ସ୍ପଷ୍ଟ ଦେଖା ଯାଉଛି ।
ଖ – ପୂରାସାଫା – ବହି ଆଃ ଫଟୁକି ପୂରା ସାଫା ଜଏତାଏଗ୍ ।

ଓ – ସ୍ପର୍ଶକ – ପ୍ରତି କୋଣର ଏକାଧିକ ସ୍ପର୍ଶକ ଥାଏ ।

ଖ – ସ୍ପର୍ଶକ – ଝାକି କନାଃ ମୁଇଙ୍ଗ୍‌ତାଏ ଅଏତ୍‌କା ସ୍ପର୍ଶକ ଆତା ।

ଓ – ସ୍ଫୁର୍ତ୍ତି – ସକାଳେ ବ୍ୟାୟାମ କଲେ ସ୍ଫୁର୍ତ୍ତି ଲାଗେ ।

ଖ – ଫୁର୍ତ୍ତି – ମିଆଃତେ ବିଆମ୍ ବାୟଃଲାଃ ଫୁର୍ତ୍ତି ଲାଃତା ।

ଓ – ସ୍ଫୁଲିଙ୍ଗ୍ – ପଥରରେ ଲୁହାବାଜିଲେ ଅଗ୍ନି ସ୍ଫୁଲିଙ୍ଗ୍ ବାହାରେ ।

ଖ – ଜାଡାଙ୍ଗ୍ – ସରେଙ୍ଗ୍‌ତେ ଲୁଆଙ୍ଗ୍ ଠଃଖଲାଃ ଜାଡାଙ୍ଗ୍‌ନେ ତିମ୍‌ସମ୍ ମୁଃତା ।

ଓ – ସ୍ଖଳନ – ବର୍ଷା ଦିନେ ପର୍ବତର ପଥର ସ୍ଖଳନ ହୁଏ ।

ଖ – ଧଁସ୍‌କେନା – ବର୍ଷାଦିନ ବିରୁଆଃ ସରେଙ୍ଗ୍ ଧଁସ୍‌କେତା ।

ଓ – ସ୍କୁଲ – ସ୍କୁଲ ଏକ ପବିତ୍ର ସ୍ଥାନ ଅଟେ ।

ଖ – ଇସ୍‌କୁଲ – ଇସ୍‌କୁଲ୍ ମୁଇଙ୍ଗ୍ ନିର୍ମଲ୍ ଜାଗା ହାଏ ।

ଓ – ସ୍ତ୍ରୀ ଲୋକ – ଜଣେ ସ୍ତ୍ରୀଲୋକର ମଜୁରୀ ପୁରୁଷ ସହିତ ସମାନ ।

ଖ – କନ୍‌ସେଲ୍‌ଡୁଃ – ମୁଇଙ୍ଗ୍ କନ୍‌ସେଲ୍ ଡୁଗାଃ ମଜ୍‌ରୀ ମର୍‌ଦ ସରି ସମାନ୍ ।

ଓ – ସ୍ତମ୍ଭ – ପୋଢ୍ ପୂଜା ବେଳେ ସ୍ତମ୍ଭଟିଏ ପୋତାଯାଏ ।

ଖ – ଖୁଣ୍ଟ୍ – ବନ୍‌ତେଲ୍ ପୂଜାଭେରେ ଖୁଣ୍ଟ୍ ମୁଇଙ୍ଗ୍ ସୁମ୍‌ତେ କି ।

ଓ – ସ୍ନାନ – ସକାଳ ସ୍ନାନ ଦେହକୁ ହିତ ।

ଖ – ଉଆଃନା – ମିଆଁତେ ଉଆଃକିଲାଃ ନିରିଆଥମ୍ ଭଲ ହାଏ ।

ଓ – ସ୍କେଲ – ସ୍କେଲ ସାହାଯ୍ୟରେ ଗାର କାଟି ମପା ଯାଏ ।

ଖ – ଇସ୍‌କେଲ୍ – ଇସ୍‌କେଲ୍‌ବୁଙ୍ଗ୍ ଗାର୍ ଡେଗ୍‌କଲା ଏଡ୍‌ତେକି ।

## (ଷ)

ଓ – ଷଣ୍ଢ – ବଜାରରେ ଷଣ୍ଢଟିଏ ଉତ୍ପାତ କରୁଛି ।

ଖ – ଷଣ୍ – ହାଟ୍‌ତେ ଷଣ୍ ମୁଇଙ୍ଗ୍ ଉତ୍ପାତ୍ ବାଏତାଏଗ୍ ।

## (ଶ)

ଓ – ଶବ୍ଦ – ରାତିରେ ଶବ୍ଦ ଅଧିକ ଦୂରକୁ ଯାଇପାରେ ।

ଖ – ଶବଦ୍ – ଇଡିବ୍‌ତେ ଶବଦ୍ ଅଏତ୍‌କା ଡିସାଃ ସାନ୍‌ନାପାଲ୍‌ତେ ।

ଓ – ଶସ୍ୟ – ଶସ୍ୟ ଅମଳ ବେଳେ ଗାଁ ମୁଖରିତ ହୋଇଥାଏ ।

ଖ – ବାଃ କଡେଗ୍ – ବାଃ କଡେଗ୍ ଅବେନ୍‌ନା ଭେରେ ପାଡାଗଟା ଲେରୈଃ ବେରୁଡ୍‌ତା ।

ଓ – ସର୍ଦ୍ଦି – ରମାକୁ ଗତ କାଲିଠାରୁ ସର୍ଦ୍ଦି ଜ୍ୱର ଧରିଛି ।

ଖ – ମଃଡାଃ – ରମାତେ ଇଡାଃତାୟ୍ ମଃଡାଃ କୁଲ୍‌ଡାଃ ଧଃତେସିଗ୍ ।

ଓ – ଶକ୍ତି – ଭାତ ରୁଟି ଇତ୍ୟାଦିରୁ ଆମକୁ ଶକ୍ତି ମିଳେ ।

ଖ – ବଡ/ତାକତ୍ – ପେଗ୍ ରୁଟି ନାନା ରକମ୍‌ଆଃ ନନଃତାୟ୍ ଆନିଙ୍ଗ୍ ତେ ବଡ / ତାକ୍‌ତ କୁଇତା ।

| | | |
|---|---|---|
| ଓ – ଶର | – | ଆଗକାଳରେ ଧନୁଶର ଧରି ଯୁଦ୍ଧ କରୁଥିଲେ । |
| ଖ – କାଃ କମ୍ | – | ଆଘ୍‌ଲି କାଃ, କମ୍, ଧଃତେ କରି ଲଢେ ଖାନ୍‌ତା କି । |
| ଓ – ଶଶୀ | – | ଶରତ ଶଶୀ ନିର୍ମଳ ଦେଖାଯାଏ । |
| ଖ – ଲେରାଙ୍ଗ୍ | – | ଦାଶ୍‌ରା ଲେରାଙ୍ଗ୍ ଲେରାଙ୍ଗ୍‌ଯେଃ ସାଫା ଜୟତା । |
| ଓ – ଶଙ୍ଖା | – | ଶଙ୍ଖାରୀ ଶଙ୍ଖା ସଜାଇ ରଖିଛି । |
| ଖ – ଚୁଡ଼ି | – | ଚୁଡ଼ିବାଲା ଚୁଡ଼ି ସାଜାଏକରି ଉନସିଗ୍ । |
| ଓ – ଶରୀର | – | ସୁସ୍ଥ ଶରୀର ସୁସ୍ଥ ମନ । |
| ଖ – ନୀରି | – | ତାଜା ନୀରି ତାଜା ମନ୍ । |
| ଓ – ଶରଣ | – | ଗରିବ ଲୋକ ଧନୀ ଠାରେ ଶରଣ ନିଅନ୍ତି । |
| ଖ – ଆସ୍‌ରା | – | ଗରିବ୍ ଲେବୁ ଧନୀଆଃ ତେ ଆସ୍‌ରା ଡଡ୍‌ତେକି । |
| ଓ – ଶରଧା | – | ମହାତ୍ମା ଗାନ୍ଧୀଙ୍କୁ ଆମେ ଶରଧାରେ ବାପୁ ଡାକୁ । |
| ଖ – ମାଏନ୍ ବୁଙ୍ଗ୍ | – | ମହାତ୍ମା ଗାନ୍ଧୀତେ ଆନିଙ୍ଗ୍ ମାଏନ୍‌ବୁଙ୍ଗ୍ ବାପୁ ରେମାଃତେନିଙ୍ଗ୍ । |
| ଓ – ଶ୍ରବଣ | – | ଶ୍ରବଣ ଭିନ୍ନକ୍ଷମ ମାନଙ୍କୁ ଶ୍ରବଣ ଯନ୍ତ୍ର ଦିଆଯାଏ । |
| ଖ – ଅଣ୍ଡର୍‌ନା | – | ଭଏଁରା କିତେ ଅଣ୍ଡର୍‌ନା ମେସିନ୍ ତେର୍‌ତେକି । |
| ଓ – ଶସ୍ତ୍ର | – | ଜଣେ ସୈନ୍ୟ ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ ଥାଏ । |
| ଖ – ହାଁଥ ହଥିଆର୍ | – | ମୁଇଙ୍ଗ୍ ସଇନି ହାଁଥ ହଥିଆର୍ ବୁଙ୍ଗ୍ ସଜାଏ ଡମ୍‌ସିଃତା । |
| ଓ – ଶଙ୍ଖି | – | ଆମର ଗୋଟିଏ ଶଙ୍ଖି ବିଲେଇ ଅଛି । |
| ଖ – ଶଙ୍ଖି | – | ଏଲାଃ ମୁଇଙ୍ଗ୍ ଶଙ୍ଖି ବିଲେ ଆଃଇ । |
| ଓ – ଶତକ୍ | – | ଶହେ ଏକ ଶତକ ସ୍ଥାନରେ ଥାଏ । |
| ଖ – ଶତକ୍ | – | ଶହେଆଃ ମୁଇଙ୍ଗ୍ ତିନ୍ ନମର୍ ଠାଣ ଆତା । |
| ଓ – ଶାନ୍ତି | – | ଆଜିକାଲି ସମସ୍ତଙ୍କୁ ଶାନ୍ତି ଆବଶ୍ୟକ ହେଉଛି । |
| ଖ – ଶାନ୍ତି | – | ଉପାଡି ଝାକିତେ ଶାନ୍ତି ଦର୍‌କାର୍ ଗୁର୍‌ତାଏଗ୍ । |
| ଓ – ଶାଳ | – | ଆମ ଗାଁ ପାହାଡରେ ବଡବଡ ଶାଳଗଛ ଅଛି । |
| ଖ – ସାର୍‌ଗିଆ | – | ଏଲାଃ କେଲ୍‌କେଆଃ ଆଡାଏତେ ବଡେ ବଡେ ସାର୍‌ଗିଆ ଦାରୁ ଆଃଇ । |
| ଓ – ଶାସ୍ତି | – | ପିଲାମାନଙ୍କୁ ଶାସ୍ତି ଦେବା ଅନୁଚିତ । |
| ଖ – ଡଣ୍ | – | କୁଣ୍ଡୁଃ କିତେ ଡଣ୍ ତେର୍‌ନା ଠିକ୍ ଆଣିଗ୍ । |
| ଓ – ଶାସନ | – | ନିର୍ବାଚିତ ସରକାର ଦେଶ ଶାସନ କରନ୍ତି । |
| ଖ – ଶାସନ୍ | – | ନିର୍ବାଚିତ୍ ସାରକାର୍ ଦେଶ୍ ଶାସନ୍ ବାୟତେକି । |
| ଓ – ଶାସକ | – | ଆମ ଦେଶରେ ଅନେକ ଉତ୍ତମ ଶାସକ ଅଛନ୍ତି । |
| ଖ – ନେତା | – | ଆନିଆଁଃ ଦେଶ୍‌ତେ ଖୋବ୍ ଭଲ୍ ନେତା ଆଇଗ୍ କି । |

ଓ – ଶାଗୁଆ – ଶୁଆ ଦେହର ରଙ୍ଗ ଶାଗୁଆ ଅଟେ ।
ଖ – ଶାଗୁଆ – ମିଟୁଆଃ ନିରୀଆଃ ରଙ୍ଗ୍ ଶାଗୁଆ ହାଏ ।
ଓ – ଶାଗୁଣା – ଆଜିକାଲି ଶାଗୁଣାମାନେ ଲୋପ ପାଇଗଲେ ।
ଖ – ରାବନ୍ – ଉପାଡି ରାବନ୍ କି ବଙ୍ଗ୍ ଗଃକିମେନ୍ / ରାବନ୍ ଅଡଃ ମଃଡେଗ୍ ।
ଓ – ଶିଖିଲେ – ଆମ ସ୍କୁଲର ଝିଅମାନେ ଓଡିଶୀ ନୃତ୍ୟ ଶିଖିଲେ ।
ଖ – ଶିଖେକିମେନ୍ – ଏଲାଃ ଇସ୍‌କୁଲଃଆଃ ବେଟୀକି ଉଡିଶୀ ନାଚ୍ ଶିଖେ କିମେନ୍ ।
ଓ – ଶିଶିର – ଶୀତ ଋତୁରେ ଶିଶିର ପଡେ ।
ଖ – ଆଲାମ୍‌ଡାଃ – ରାଙ୍ଗା ଲେରାଙ୍ଗ୍ ଆଲାମ୍‌ଡାଃ ଗୁର୍‌ତା ।
ଓ – ଶିଶୁ – ଶିଶୁ ଅଧିକ ଯତ୍ନ ଆବଶ୍ୟକ କରେ ।
ଖ – କୁଣୁଃ – କୁଣୁଃତେ ଅଏତ୍‌କା ଯତନ୍ ଡଡ୍‌ନା ଲାଃତା ।
ଓ – ଶିଳ – ଶିଳରେ ବେସର ବଟାଯାଏ ।
ଖ – ପାଃଟଶର୍ – ପାଃଟଶର୍ ବୁଙ୍ଗ୍ ମାସ୍‌ଲା ରିଡ୍‌ତେକି ।
ଓ – ଶିମ୍ବଲଟା – ଶିମ୍ବଲଟା ରଞ୍ଜାରେ ମାଡି ଯାଇଛି ।
ଖ – ଅର୍‌ସିଙ୍ଗ୍‌ଜୁଡୁ – ଅର୍‌ସିଙ୍ଗ୍‌ଜୁଡୁ ରାଏଁଞ୍ଜ୍‌ତେ ମାଡେ ଡକ୍‌ସିଗ୍ ।
ଓ – ଶିଆଳି – ଶିଆଳୀ ପତ୍ରରେ ଖଲି ତିଆରି ହୁଏ ।
ଖ – ଲାଡାମ୍ ଉଲାଃ – ଲାଡାମ୍ ଉଲାଃତାଏ ଖଲ୍‌ଡାଃ ତିଆର୍ ହଏତା ।
ଓ – ଶୀତ – ପ୍ରବଳ ଶୀତରେ କିଛି ଲୋକ ମରିଯାନ୍ତି ।
ଖ – ରାଙ୍ଗା – ଖଣ୍ ଖଣ୍ ରାଙ୍ଗାତେ କିଃତେ ଲେବୁ ଗୋଇଗ୍‌ଗଃତାକି ।
ଓ – ଶିକାରୀ – ଶିକାରୀ ଫାସ ବସାଇ ପକ୍ଷୀ ଧରେ ।
ଖ – ଧୁନ୍‌କିଆ – ଧୁନ୍‌କିଆ ଫାନ୍ଦ୍ ଅଃଢେକଲା କନ୍‌ଥେଡ୍ ଧଃତେତେ ।
ଓ – ଶୀଘ୍ର – ଆଜି ମୁଁ ଶୀଘ୍ର ଘରକୁ ଫେରିଲି ।
ଖ – ଝଟ୍ – ମୁସା ଇଙ୍ଗ୍ ଝଟ୍ ଅଃବୁଙ୍ଗ୍ ଏଙ୍ଗ୍‌କିଙ୍ଗ୍ ।
ଓ – ଶୀତଋତୁ – ଶୀତଋତୁ ପରିବା ଚାଷ ପାଇଁ ଅନୁକୂଳ ଅଟେ ।
ଖ – ରାଙ୍ଗାଲେରାଙ୍ଗ୍ – ରାଙ୍ଗାଲେରାଙ୍ଗ୍ ଶାଃ ସବ୍‌ଜି ତାସ୍‌ଆଃଥମ୍ ବଁଢିଆ ହାଏ ।
ଓ – ଶୀର୍ଷ – ପର୍ବତ ଶୀର୍ଷଭାଗ ସମତଳ ଥାଏ ।
ଖ – ତଭ୍‌ଲୁଙ୍ଗ୍ – ବିରୁଆଃ ତଭ୍‌ଲୁଙ୍ଗ୍ ତେ ସମାନ୍ ଆତା ।
ଓ – ଶୁଆ – ଶୁଆର ଅଣ୍ଟ ନାଲି ଅଟେ ।
ଖ – ରୁପା/ମିଟୁ – ରୂପା/ମିଟୁଆଃ ତମଡ୍ ଲାଲ୍ ହାଏ ।
ଓ – ଶୁଭ୍ର – ଖରାଦିନେ ଶୁଭ୍ର ପୋଷାକ ଆରାମ ଦାୟକ ଅଟେ ।
ଖ – ପଣ୍ଡ୍‌ରା – ଗିଡିଙ୍ଗ୍ ଦିନ ପଣ୍ଡରା କୁର୍‌ତା ଆରାମ୍ ଲାଃତା ।

ଓ – ଶୁଣ୍ଢ – ହାତୀ ଶୁଣ୍ଢରେ ଡାଳଭାଙ୍ଗେ ।
ଖ – ଶୁଣ୍ / ଛୁର୍ – ହାତୀ ଶୁଣ୍ / ଛୁର୍ ବୁଙ୍ଗ୍ ଡାଲ୍ ପିଗ୍ତେ ।
ଓ – ଶୁଷ୍କ – ଶୁଷ୍କ ଭୂମିରେ ଗଜା ଉଠିବା କଷ୍ଟ ।
ଖ – ରାଗାଏ – ରାଗାଏ ଜମିନ୍‌ତେ ଗାଜା ହଏନା ମସ୍‌କୁଲ୍ ହାଏ ।
ଓ – ଶୁଖିବା – ପ୍ରଚଣ୍ଡ ଖରାରେ ପୋଖରୀ ଗୁଡିକ ଶୁଖିଯାଏ ।
ଖ – ରାଗାଏନା – ରାଅ ରାଅ ଗିଡିଙ୍ଗ୍ ତେ ବନ୍ଧ ମୁଡା କି ରାଗାଏ ଗଃତା ।
ଓ – ଶୁଭ – ଶୁଭ ଖବରଟିଏ ଶୁଣି ମୁଁ ଖୁସି ହେଲି ।
ଖ – ଭଲ୍ – ଭଲ୍ ଖଭେର୍ ମୁଇଙ୍ଗ୍ ଅଣ୍ଡର୍‌କରି ଇଙ୍ଗ୍ ଲେରୈଃ ଗଃକିଙ୍ଗ୍ .
ଓ – ଶୁଖିଲା – ଲୋକେ ଶୁଖିଲା କାଠ ଜଙ୍ଗଲରୁ ସଂଗ୍ରହ କରନ୍ତି ।
ଖ – ରାଗାଏ – ଲେବୁକି ରାଗାଏ ସଂଗ୍ଲ ଆଡାୟ୍‌ତାୟ୍ କାବ୍‌ତିଗ୍ ତେକି ।
ଓ – ଶୁଣିବା – ଗୁରୁଜନଙ୍କ କଥା ଶୁଣିବା ଉତ୍ତମ ଅଟେ ।
ଖ – ଅଣ୍ଡର୍‌ନା/ମାନେନା – ମାହାଲେବୁ କିଆଃ କାୟମ୍ ଅଣ୍ଡର୍‌ନା ମାନେନା ଭଲ୍ ଗୁନ୍ ହାଏ ।
ଓ – ଶୁଙ୍ଘିବା – ଫୁଲକୁ ପାଖରୁ ଶୁଙ୍ଘିବା ଅନୁଚିତ ।
ଖ – ଜୁଇଁନା – ଫୁଲ୍‌ତେ ଏକର୍‌ତାୟ ଉମ୍ ଜୁଇଁତେ କି ।
ଓ – ଶୂନ – ଶୂନର ମୂଲ୍ୟ ନାହିଁ ।
ଖ – ଶୂନ୍ – ଶୂନ୍ ଆଃ ମୂଲ୍ ମଃଡେଗ୍ ।
ଓ – ଶୃତଲିଖନ – ପ୍ରତିଦିନ ଶୃତଲିଖନ ଅଭ୍ୟାସ କର ।
ଖ – ଅଣ୍ଡର୍‌କରି ଲେଖାନା– ଝାକି ଦିନ ଅଣ୍ଡର୍‌କରି ଲେଖାନା ଅଭ୍ୟାସ୍ ବାଏପେ ।
ଓ – ଶୃଙ୍ଖଳା – ପ୍ରତି କାର୍ଯ୍ୟରେ ଶୃଙ୍ଖଳା ରହିବା ଆବଶ୍ୟକ ।
ଖ – ସୁରୁଖୁରୁ – ଝାକି କାମୁ ସୁରୁଖୁରୁତେ ହଏନାଃ କାୟମ୍ ।
ଓ – ଶୃଗାଳ – ଶୃଗାଳ ବଡ ଚତୁର ଅଟେ ।
ଖ – କୁଲିହା – କୁଲିହା ବଡା ଚତୁର୍ ହାଏ ।
ଓ – ଶେଷ – ପରୀକ୍ଷା ଶେଷ ହେଲେ ମୁଁ ମାମୁ ଘରକୁ ଯିବି ।
ଖ – ବଙ୍କିଲାଃ – ପର୍‌ଖିଆ ବଙ୍କିଲାଃ ଇଙ୍ଗ୍ ମାମୁ ଅଃ ସାନାଏଙ୍ଗ୍ ।
ଓ – ଶେଉଳ – ଶେଉଳ ମାଛ ଭାରି ସୁଆଦିଆ ।
ଖ – ଶେହୁଲ୍ – ଶେହୁଲ୍ କାଡଙ୍ଗ୍ ମୁରୁକ୍ ସେବୁଲ୍ ।
ଓ – ଶ୍ରେଣୀ – ମୁଁ ତୃତୀୟ ଶ୍ରେଣୀରେ ପଢେ ।
ଖ – କିଲାସ୍ – ଇଙ୍ଗ୍ ତିନ୍ କିଲାସ୍ ତେ ପଢେତାଏଙ୍ଗ୍ ।
ଓ – ଶୋଇବା – ବେଶି ଶୋଇବା ଦେହପାଇଁ କ୍ଷତିକାରକ ।
ଖ – ଗିତାଃନା – ବେଶୀ ଗିତାଃକିଲାଃ ନିରୀଆଃଥମ୍ ଖାରାପ୍ ହାଏ ।

ଓ – ଶୋଇବା ଘର – ଆମ ଶୋଇବା ଘର ନାହିଁ ।
ଖ – ଗିତାଃନା ଅଃ – ଏଲାଃ ଗିତାଃନା ଅଃ ମଃଡେଗ୍ ।
ଓ – ଶୋଷ – ଖରାଦିନେ ବାରମ୍ବାର ଶୋଷ ଲାଗେ ।
ଖ – ବେତୁଡ୍ ଡାଃ – ଗିଡିଙ୍ଗ୍ ଦିନ ଶେଷେଥର୍ ବେତୁଡ୍ ଡାଃ ଲାଃତା ।
ଓ – ଶୋରିଷ – ସୋରିଷରୁ ତେଲ ବାହାର କରାଯାଏ ।
ଖ – କାତର୍ – କାତର୍ ତାଏ ଜୋଲ୍ ଅଃମୁଃତେକି ।
ଓ – ଶୋଭା – କାଶ୍ମୀରର ଶୋଭାରେ ସମସ୍ତେ ମୋହିତ ହୁଅନ୍ତି ।
ଖ– ସୁନ୍ଦର୍ – କାଶ୍ମୀର ଆଃ ସୁନ୍ଦର୍ ଝାକିତେ ମୁହାଁଏତେ ।
ଓ – ଶୌଚ – ରମା ଶୌଚ ପାଇଁ ପାଇଖାନାକୁ ଗଲା ।
ଖ – ଉଆଃନା /ଇଗ୍ନା– ରମା ଇଗନାଃଥମ୍ / ଉଆଃନାଥମ୍ ପାଏଖାନା ବୁଙ୍ଗ୍ ସାନ୍କି ।
ଓ – ଶ୍ୟାମଳ – ବର୍ଷା ଋତୁରେ ପରିବେଶ ଶ୍ୟାମଳ ଦିଶେ ।
ଖ – ଶାଗୁଆ – ବର୍ଷା ଲେରାଙ୍ଗ୍ ଚାରହି ଦିଗ୍ ସାଗୁଆ ଜୟ୍ତା ।
ଓ – ଶ୍ୱାସ – ଜୀବମାନେ ଶ୍ୱାସକ୍ରିୟା କରନ୍ତି ।
ଖ – ସାହାଁସ୍ – ଜୀବନ୍ ଆନା ଜଁତୁକି ସାହାଁସ୍ ଅଲ୍ନା ଡଡ୍ନା ବାଏତେକି ।

## (ହ)

ଓ – ହୁଁ – ଆଇ ଗପ କହିବା ବେଳେ ମୁଁ, ହୁଁ ମାରେ ।
ଖ – ହୁଁକାର୍ – ଆଇ କଥ୍ନୀ ଗାମ୍ନାଭେରେ ଇଙ୍ଗ୍ ହୁଁକାର୍ ତେର୍ତିଙ୍ଗ୍ ।
ଓ – ହଳ – କୃଷକର ହଳ ହିଁ ବଳ ଅଟେ ।
ଖ – ତନଙ୍ଗ୍ – ତାସୀଆଃ ତନଙ୍ଗ୍ୟେଃ ବଡ ହାଏ ।
ଓ – ହନୁ – କୁକୁରକୁ ଦେଖି ହନୁ ଦୌଡିଗଲା ।
ଖ – ହନୁ – ସଲାଃତେ ଜୟ୍କରି ହନୁ ବାନ୍ଦରା ବତ୍କେ ଗଃକି ।
ଓ – ହତା – ବିଦ୍ୟାଳୟର ହତା ପରିଷ୍କାର ରଖ ।
ଖ – ଭିଃତାର୍ – ଇସ୍କୁଲ୍ ଭିତାର୍ ସାଫାସୁଥର୍ ଉନେପେ ।
ଓ – ହସି – ତା’ କଥା ଶୁଣି ରିମି ହସି ଦେଲା ।
ଖ – ଲାଡାଃ – ଆଡିଆଃ କାୟମ୍ ଅଣ୍ଡର୍କରି ରିମି ଲାଡାଃ ଗଥଃ ।
ଓ – ହଣ୍ଡା – ପିତ୍ତଳ ହଣ୍ଡାରେ ମାଂସ ଭଲ ସିଝେ ।
ଖ – ହାଣ୍ଲା – ପିତ୍ତଲ୍ ହାଣ୍ଲାତେ କୁମାଙ୍ଗ୍ ବନେ ଇସିନ୍ତା ।
ଓ – ହସ୍ତି – ହସ୍ତୀ ଦାନ୍ତରେ ସୁନ୍ଦର କାରୁକାର୍ଯ୍ୟ ହୁଏ ।
ଖ – ହାଁଥୀ – ହାଁଥୀ ଗନେତେ ସୁନ୍ଦର୍ ସୁନ୍ଦର୍ ଜିନିଷ୍ ତିଆର୍ ହଏତା ।
ଓ – ହଂସ – ହଂସ ଉଭୟଚର ପକ୍ଷୀ ଅଟେ ।
ଖ – ଗେଡେ – ଗେଡେ ଦୁହି ଜାଗାତେ ରହେନା କନ୍ଥେଡ୍ ହାଏ ।

ଓ – ହଟାଇ – ରବି ଲୋକଙ୍କୁ ହଟାଇ ଆଗକୁ ଦୌଡିଗଲା ।

ଖ – ହାଟାଏ – ରବି ଲେବୁକିତେ ହାଟାଏ୍ କରି ଆଘ୍ଲିତିଗ୍ ବତ୍‌କେକି / ବତ୍‌କେ ଗଃକି ।

ଓ – ହଳଦୀ – କନ୍ଧମାଳ ହଳଦୀ ବିଶ୍ୱ ପ୍ରସିଦ୍ଧ ।

ଖ – ସାଙ୍ଗ୍ ସାଙ୍ଗ୍ – କନ୍ଧମାଳ ଆଃ ସାଙ୍ଗ୍ ସାଙ୍ଗ୍ ସାରା ଦୁନିଆଁ ନାଁ ବାଏସିଗ୍ ।

ଓ – ହରିଣ – ଆମ ଜଙ୍ଗଲରୁ ହରିଣ ବଂଶ ଲୋପ ପାଇ ଗଲାଣି ।

ଖ – ହରିନ୍ – ଆନିଆଁଃ ଆଡାଏତାୟ୍ ହରିନ୍ ଆଃ ବଅଁଶ ବିଡିବ୍ ଗଃକିଡିଗ୍ ।

ଓ – ହଲାଇ – ପ୍ରଶାନ୍ତ ଡାଳ ହଲାଇ ଆମ୍ବ ଝଡାଇଲା ।

ଖ – ହିଲାଏ – ପ୍ରଶାନ୍ତ ଡାଲ୍ ହିଲାଏ କରି କାୟାର୍ ଅବ୍‌ଗୁରଃ ।

ଓ – ହଜମ – ବୃଦ୍ଧ ହେଲେ ହଜମ ଶକ୍ତି କମିଯାଏ ।

ଖ – ପଚେନା – ବୁଢାହଏକିଲାଃ ପଚେନା ଶକ୍‌ତି କମେଗଃତା ।

ଓ – ହରଣ – କ୍ରମିକ ବିୟୋଗକୁ ହରଣ କୁହାଯାଏ ।

ଖ – ହରନ୍ – ତୁତାଃତୁତା ବିଯୋଗ ବାୟ୍‌ନାତେ ହରନ୍ ଗାମ୍‌ତେକି ।

ଓ – ହଳଦିଆ – ଜହ୍ନି ଫୁଲର ରଙ୍ଗ ହଳଦିଆ ।

ଖ – ହଲ୍‌ଦିଆ – ଜହ୍ନି ଫୁଲ୍‌ଆଃ ରଙ୍ଗ ହଲ୍‌ଦିଆ ।

ଓ – ହସିଖେଳି – ଆମ ପିଲାଦିନ ହସଖେଳରେ ଚାଲିଗଲା ।

ଖ – ଲାଡାଃ ଏବଃ – ଆନିଆଃ କୁଣୁଃଦିନଆଃ ଦିନ ଲାଡାଃଏବଃ କରି ଯାରଃ ।

ଓ – ହସି ହସି – ଦେଶ ପାଇଁ ଆମେ ହସିହସି ଜୀବନ ଦେବା ।

ଖ – ଲାଡାଃ ଲାଡାଃ – ଦେଶ୍ ଆଃଥମ୍ ଆନିଙ୍ଗ୍ ଲାଡାଃ ଲାଡାଃ ଜୀବନ୍ ତେରେନିଙ୍ଗ୍ ।

ଓ – ହତ୍ୟାକରିବା – ନରହତ୍ୟା କରିବା ମହାପାପ ଅଟେ ।

ଖ – ତାର୍‌ଗଃନା – ଲେବୁତାର୍‌ନା ମାହାପାପ୍ ହାଏ ।

ଓ – ହଳଦୀ ବସନ୍ତ – ହଳଦୀବସନ୍ତ ଏକ ସୁନ୍ଦର ପକ୍ଷୀ ଅଟେ ।

ଖ – ହଲ୍‌ଦୀ ବସନ୍ତ – ହଲ୍‌ଦୀ ବସନ୍ତ ମୁଇଙ୍ଗ୍ ସୁନ୍ଦର୍ କନ୍ଥେଡ୍ ହାଏ ।

ଓ – ହାତ – ହାତରେ ଆମେ ଅନେକ କାର୍ଯ୍ୟ କରୁଁ ।

ଖ – ତିଃ – ତିଃତେ ଆନିଙ୍ଗ୍ ଖୋବ୍‌କାମୁ କାମୁତାନିଙ୍ଗ୍ ।

ଓ – ହାଟ – ଆମ ଗାଁରେ ଶନିବାର ଦିନ ହାଟ ବସେ ।

ଖ – ହାଟ୍ – ଏଲାଃ କେଲ୍‌କେତେ ଶନିବାର୍ ଦିନ୍ ହାଃଟ ଡକତା ।

ଓ – ହାଣ୍ଡି – ଆଜିକାଲି ମାଟିହାଣ୍ଡି ଆଉ ଚଲୁନାହିଁ ।

ଖ – କୁୟୁ – ଉପାଡି ଲଃଖାଃକୁୟୁ ଅଡଃ ମଃ ଚଲେନା ।

ଓ – ହାର – ମୋତିହାର ଦେହକୁ ସୁନ୍ଦର ଦିଶେ ।

ଖ – ମାଲି – ମୁତିଆଃ ମାଲି ସୁଇନାଃଥମ୍ ସୁନ୍ଦର ଜଏତା / ନିରିତେ ଭଲ ଜଏତା ।

ଓ – ହାରମୋନିୟମ୍ – ମୁଁ ହାରମୋନିୟମ ବଜାଇ ଶିଖୁଛି ।

ଖ – ହାର୍ମନୀ – ଇଙ୍ଗ୍ ହାର୍ମନୀ ବାଜାଏନା ଶିଖେ ତାଏଗ୍‌ଜିଙ୍ଗ୍ ।

ଓ – ହାତୀ – ଆଜିକାଲି ହାତୀମାନେ ଗାଁ ଗଣ୍ଡାକୁ ପଶି ଆସୁଛନ୍ତି ।

ଖ – ହାଁଥୀ – ଉପାଡି ହାଁଥୀ କି ପାଡା ପାଡା ଡିଆର୍ ଗଃତାଏଗ୍‌କି ।

ଓ – ହାୱା – ଖରାଦିନର ଗରମ ହାୱା ସମ୍ଭାଳି ହୁଏ ନାହିଁ ।

ଖ – କୟ – ଗିଡିଂ ଦିନଆଃ ଲବ୍‌ଲବ୍ କୟ ସହେନା ଉମ୍ ହଏତା ।

ଓ – ହାଲିଆ – ପାହାଡ ଚଢିଲେ ଖୁବ୍ ହାଲିଆ ଲାଗେ ।

ଖ – ଥାକେ – ବିରୁ ଡେବ୍‌କିଲାଃ ଖୋବ୍ ଥାକେ ଲାଃତା ।

ଓ – ହାଲୁକା – ଶିମିଳି ତୁଳା ଖୁବ୍ ହାଲୁକା ଲାଗେ ।

ଖ – ଉଲାସ୍ / ଉସାସ୍ – ସେମ୍‌ଡି ରୁଆ ଖୋବ୍ ଉସାସ୍ ଲାଃତା ।

ଓ – ହାଜର – ବାପା ଡାକିଲେ ମୁଁ ତୁରନ୍ତ ହାଜର ହୁଏ ।

ଖ – ଡାମ୍‌ନା – ବୁଆଗିଙ୍ଗ୍ ରେମାଖଃଲାଃ ଇଙ୍ଗ୍ ସାଙ୍ଗେସାଙ୍ଗ୍ ଡାମ୍‌ତାଏଙ୍ଗ୍ ।

ଓ – ହାରିବା – ହାରିବା ଦ୍ୱାରା ଜିତିବାର ଇଚ୍ଛା ଜାତ ହୁଏ ।

ଖ – ହାରେନା – ହାରେ କିଲାଃ ଜିତେନାଃଥମ୍ ମନ୍ ହଏତା/ଇଚାବ୍‌ଡମ୍‌ତା ।

ଓ – ହାରିବା – ୱାର୍ଲ୍ଡ କପ୍‌ରେ ଅଷ୍ଟ୍ରେଲିଆ ଭାରତକୁ ହରାଇଲା ।

ଖ – ହାରାୟ୍‌ନା – ୱାଲକପ୍‌ତେ ଅଷ୍ଟ୍ରେଲିଆ ଭାରତ୍‌ତେ ହାରାଏ ଗଥଃ ।

ଓ – ହାରିବା – ଗତ କାଲି ତା.୨୬.୦୩.୨୦୧୫ ଭାରତ ୱାଲଡକପରେ ହାରିଗଲା ।

ଖ – ହାରେନା – ଇଡାଃ ତା.୨୬.୦୩.୨୦୧୫ ଭାରତ୍ ୱାଲକପ୍‌ତେ ହାରେଗଃକି ।

ଓ – ହାହାକାର – ବାପାଙ୍କ ମୃତ୍ୟୁରେ ଆମେ ହାହାକାର ହେଇଗଲୁ ।

ଖ – ଇୟାମ୍‌ନା – ବୁଆଃ ନାସେନାତେ ଏଲେ ଇୟାମ୍ ଇୟାମ୍ ବେସୋର୍ ହଏ ଗଃକିଲେ ।

ଓ – ହାଇକୋର୍ଟ – ହାଇକୋର୍ଟ ରାଜ୍ୟର ସର୍ବୋଚ୍ଚ ବିଚାରାଳୟ ଅଟେ ।

ଖ – ହାଏକୋଟ୍ – ହାଏକୋଟ୍ ରାଏଜ୍‌ଆଃ ଝାକିଆଃତାୟ ମାହାଁ ବିଚାର୍‌ବାଏନା ଠାଣ ହାଏ ।

ଓ – ହିମ – ଶୀତଦିନେ କାଶ୍ମୀରରେ ହିମପାତ ହୁଏ ।

ଖ – କାଁକର୍ /ଆଡେଲ୍– ରାଙ୍ଗା ଦିନ କାଶ୍ମୀରତେ କାଁକର୍ / ଆଡେଲ୍ ଗୁର୍‌ତା ।

ଓ – ହିସାବ – ସାହୁକାରମାନେ କିଣାବିକାର ହିସାବ ରଖନ୍ତି ।

ଖ – ହିସାବ୍ – ସାହାକାର୍ କି ସଙ୍ଗ୍‌ନା ଅବ୍‌ସଙ୍ଗ୍‌ନାଃ ହିସାବ୍ ଉନ୍‌ତେକି ।

ଓ – ହିଂସ୍ରଜନ୍ତୁ – ଜଙ୍ଗଲରେ ଅନେକ ହିଂସ୍ରଜନ୍ତୁ ଥାନ୍ତି ।

ଖ – ଖେଡ୍‌ଖେଡ୍ ଜଁତୁ – ଆଡାୟ୍‌ତେ ଖେଡ୍‌ଖେଡ୍ ଜଁତୁ ଆତାକି ।

ଓ – ହେଜ – ତୁମେ ବଡ ହେଲେ ପିତା ମାତାଙ୍କର ସ୍ନେହ ହେଜକର ।

ଖ – ସୁର୍‌ତାନା – ଆମ୍‌ପେ ମାହାଁ କିପେଲାଃ ବୁଆ ମାଁଃ ଲେମ୍‌ଲେମା ସୁର୍‌ତାତେପେ ।

ଓ – ହେବ – ଏବର୍ଷ ଭଲ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି ।
ଖ – ହଏନା – ଉ ବରଷ୍ ବନେ ବର୍ଷା ହଏନା ଗାମ୍ କରି ଖଭେର୍ ତେର୍ସିଗ୍ କି ।
ଓ – ହେବାଭଳି – ଆଜି ବର୍ଷା ହେବା ଭଳି ଦିଶୁଛି ।
ଖ – ହଏନା ଗୁଡ୍ – ମୁସା ବର୍ଷା ହଏନା ଗୁଡ୍ ଜଏତାଏଗ୍ ।
ଓ – ହେଟା ବାଘ – ହେଟାବାଘ ମଲା ଜୀବଜନ୍ତୁଙ୍କ ହାଡ ବୋହିନିଏ ।
ଖ – ହୁଣାର୍ – ହୁଣାର୍ ଗୋଏଗ୍ ଜୀବ୍ ଜଁତୁ କିଆଃ ଜାଙ୍ଗ୍ ଗଃଡଡ୍ତେ ।
ଓ – ହୃତପିଣ୍ଡ – ହୃତପିଣ୍ଡ ଶରୀରକୁ ଶୁଦ୍ଧରକ୍ତ ବିତରଣ କରେ ।
ଖ – ମାୟୁଙ୍ଗ୍ – ମାୟୁଙ୍ଗ୍ ନିରୀତେ ସାଫାଇୟାମ୍ ତାଇଗ୍ ତେ ।

## (କ୍ଷ)

ଓ – କ୍ଷତି – ବେଳେବେଳେ ବର୍ଷା ଅଭାବରୁ ଫସଲ କ୍ଷତି ହୁଏ ।
ଖ – ଉଜାଏର୍ – ମେସନ୍ ମେସନ୍ ବର୍ଷା ଅଭାବ୍ତେ ତାସ୍ ଉଜାଏର୍ ହଏତା ।
ଓ – କ୍ଷୀର – ମାଁ କ୍ଷୀର ଶିଶୁପାଇଁ ଅମୃତ ଅଟେ ।
ଖ – ତମ୍ଲେଙ୍ଗ୍ – ମାଁଃ ତମ୍ଲେଙ୍ଗ୍ କୁଣୁଃଆଃ ଥମ୍ ଅମରଦ୍ ହାଏ ।
ଓ – କ୍ଷୁଦ୍ରତମ – ଏକ ସବୁଠାରୁ କ୍ଷୁଦ୍ରତମ ପୂର୍ଣ୍ଣସଂଖ୍ୟା ଅଟେ ।
ଖ – ଝାକିଆଃତାୟ୍ କନ୍ହନ୍– ଏକ୍ ଝାକିଆଃତାୟ କନ୍ହନ୍ ପୂରନ୍ ସଂଖ୍ୟା ହାଏ ।
ଓ – କ୍ଷେତ୍ର – କନ୍ଧମାଳ କୃଷି ନିମନ୍ତେ ଉତ୍ତମ କ୍ଷେତ୍ର ନୁହେଁ ।
ଖ – ଜାଗା – କନ୍ଧମାଲ ତାସ୍ବାସ୍ ଆଃ ଥମ୍ ଭଲ୍ ଜାଗା ଆଣିଗ୍ ।
ଓ – କ୍ଷେତ – କ୍ଷେତରେ ଗୋବର ଖତ ଦେଲେ ଭଲ ଫସଲ ହୁଏ ।
ଖ – ଆଙ୍କାଲ୍ – ଆଙ୍କାଲ୍ ତେ ଗବର୍ ଖତ୍ ତେରଃଲାଃ ଭଲ୍ତାସ୍ ହଏତା ।

## କଥୋପକଥନ
## ଓଡ଼ିଆ – ଖଡ଼ିଆ
## ୧ମ – ୨ୟ – ୩ୟ ଶ୍ରେଣୀ ନିମନ୍ତେ

ଓ – ତୁମର ନାମ କଣ ?
ଖ – ଆମାଃ ନାଁ ଇନା ?
ଓ – ତୁମ ବାପାଙ୍କ ନାମ କଣ ?
ଖ – ଆମାଃ ବୁଆ ନମାଃ ନାଁ ଇନା ?
ଓ – ତୁମ ମାଁଙ୍କ ନାମ କଣ ?
ଖ – ଆମାଃ ମାଁନମ୍ ଆଃ ନାଁ ଇନା ?
ଓ – ଆଜି କଣ ଖାଇଛ ?
ଖ – ମୁସା ଇଆତି ନଃ ସମ୍ ?

ଓ – ଲକ୍ଷ୍ମୀ ଏଠିକି ଆସ ।

ଖ – ଲକ୍ଷ୍ମୀ ଉତିଗ୍ ଆଏ ।

ଓ – ତାକୁ ଟିକିଏ କୁହ ।

ଖ – ଆଡ଼୍ତେ ଇଚିଃ ଗାମେ ।

ଓ – କାଲି ଆଗରେ ବସିବ ।

ଖ– ତୁଡା ଆଘଲି ଡକ୍ନାପେ ।

ଓ – କାଲି ଆଗରେ ଆସିବ ।

ଖ – ତୁଡା ଆଘଲି ଡେଲ୍ନାପେ ।

ଓ – ତୁମେ କେତେବେଳେ ସ୍କୁଲକୁ ଆସ ?

ଖ – ଆମ୍ପେ କିଃତାଃତେ ଇସ୍କୁଲ୍ ଡେଲ୍ତାପେ ?

ଓ – ସ୍କୁଲ କେତେବେଳେ ଛୁଟି ହୁଏ ?

ଖ – ଇସ୍କୁଲ କିଃତାଃତେ ଛୁଟି ହଏତା ?

ଓ – ସ୍କୁଲରେ ପ୍ରାର୍ଥନା କର କି ?

ଖ – ଇସ୍କୁଲ୍ତେ ପାର୍ଥାନା ବାଏତେପେନ ?

ଓ – ପିଲା ମାନେ ବୁଝିଲ କି ?

ଖ – କୁଣୁଃ କି ବୁଃଝି କିପେ ନ ?

ଓ – ଜାଣିଥିବା ପିଲା ହାତ ଟେକ ।

ଖ – ସଏଗ୍ ଛିଃ ନା କୁଣୁଃ ତିଃ ଟେକେଏପେ ।

ଓ – ଡର ନାହିଁ ।

ଖ – ଆବୁ ବତଙ୍ଗ୍ ନାପେ ।

ଓ – ନ ବୁଝିଲେ ପଚାର ।

ଖ – ଉମ୍ ବୁଃଝିକିଲାଃ ପଚ୍ରାଏପେ ।

ଓ – ପିଲା ମାନେ ପାଟି କର ନାହିଁ ।

ଖ – କୁଣୁଃକି ଆବୁ କିର୍ଲାଏ ନାପେ ।

ଓ – ଦଳ ଗଠନ କର ।

ଖ – ଦଲ୍ ବାଏପେ ।

ଓ – ସମସ୍ତେ ଅଂଶ ଗ୍ରହଣ କର ।

ଖ – ଝାକିଗା ଭାଗ୍ ଡଡେପେ ।

ଓ – ଡ୍ରିଲ କରିବା ।

ଖ – ଡ୍ରିଲ ବାଏନିଙ୍ଗ୍ ।

ଓ – ଖେଳ ପଡିଆକୁ ଯିବା ।
ଖ – ଏବଃ ନା ପାଡିଆବୁଙ୍ ସାନାନିଙ୍ ।
ଓ – ପୁରସ୍କାର ପାଇବା ।
ଖ – ପୁରୁସ୍କାର କୁଏନିଙ୍ ।
ଓ – ରାମ ଉଠ ।
ଖ – ରାମ ବେରୁଡ୍ ନା ।
ଓ – ସମସ୍ତେ ଧାଡିରେ ଠିଆ ହୁଅ ।
ଖ – ଝାକି ଗା ଧାଡିତେ ତଙ୍ହନ୍ ନାପେ ।
ଓ – ଆଖି ବନ୍ଦ କର ।
ଖ – ମଡ୍ ବନ୍ଦ ବାଏପେ/ମଡ୍ ଜାପିଡ୍ ଏପେ ।
ଓ – ସୋନୁ ଘଣ୍ଟା ବାଡାଅ ।
ଖ – ସୋନୁ ଘଣ୍ଟିତେ ବାଜାଏ ।
ଓ – ନଖ କାଟିଛ ?
ଖ – ରାମାଡ୍ ଡେଗ୍ସିଗ୍ପେ ?
ଓ – ମୁଣ୍ଡରେ ତେଲ ଲଗାଇବ ।
ଖ – ବକବ୍ ତେ ଜୋଲ୍ ଲାଗାଏପେ ।
ଓ – ଖବର କାଗଜ ପଢ ।
ଖ – ଖବର୍ କାଗଜ୍ ପଢେନାପେ ।
ଓ – ତୁ ତାକୁ କଣ କଲୁ ?
ଖ – ଆମ୍ ଆଡିତେ ଇ ବାୟବ୍ ?
ଓ – ନ ଜାଣିଲେ ମତେ ପଚାର ।
ଖ – ଉମ୍ ସଛଃ ଲାଃ ଇଙ୍ ତେ ପଚ୍ରାଏପେ ।
ଓ – ବର୍ତ୍ତମାନ ବହି ବାହାର କର ।
ଖ – ତାମା ବହି ଅଃଫେରେପେ ।
ଓ – ଫୁଲ ଗଛରେ ପାଣି ଦିଅ ।
ଖ – ଲାଃରାଃ ଦାରୁତେ ଡାଃ ତେରେପେ ।
ଓ – ତୁମ ବାରିରେ କିକି ଗଛ ଲଗାଇଛ ?
ଖ – ଆମ୍ପାଃ ବାଡିତେ ଇକିଇକି ଦାରୁ ଉନ୍ସିଗ୍ପେ ?
ଓ – ନମସ୍କାର କର ।
ଖ – ଜୁହାର ବାଏପେ ।

ଓ – ଅଳିଆ ଗାତରେ ପକାଅ ।

ଖ – କାଚ୍‌ରା ଢ଼ଢ଼ାତେ ଘାଲେପେ ।

ଓ – ଜ୍ୱର ହେଲେ କେଉଁ ଔଷଧ ଖାଇବ ?

ଖ – କୁଲଡାଃ ହଏକିଲାଃ ଆତ୍ କାନ୍‌ଲା ନଗେପେ ?

ଓ – ଅଳସୁଆ ଦୁଃଖ ପାଏ ।

ଖ – ଅଲ୍‌ସୁହା କସୁ କୁଇତେ/କୁଡିଃ କସୁ କୁଇତେ ।

ଓ – ତୁମ ପଡିଶା ଘରେ କିଏ ରହନ୍ତି ?

ଖ – ଆମ୍‌ପାଃ ଅଃ ଏକର୍‌ତେ ବେର୍ ରହେତା ?

ଓ – ନଖ ବଢିଲେ କଣ ହେବ ?

ଖ – ରାମାଡ ମାହା କିଲାଃ ଇ ହଏତା ?

ଓ – ସମସ୍ତେ ମିଳିମିଶି ଖେଳିବା ।

ଖ – ଝାକିଗା ମିଶେକଲା ଏବଃ ନାନିଙ୍ଗ୍ ।

ଓ – କଳି କର ନାହିଁ ।

ଖ – କଲେଗ୍ କେନ୍ଦାର୍ ଆବୁ ବାଏପେ / ହଏନାପେ

ଓ – ଆହା !

ଖ – ଓହ .., ଅ...ହ !

ଓ – ମୁଁ କହୁଛି ତୁମେ ଶୁଣ ।

ଖ – ଇଙ୍ଗ୍ ଗାମ୍‌ତାଏଗ୍ ଜିଙ୍ଗ୍ ଆମ୍‌ପେ ଅଣ୍ଡର୍‌ଏପେ ।

ଓ ଖାତା ଅଦଳବଦଳ କରିବ ।

ଖ – ଖାତା ଆଦ୍‌ଲା ବାଦ୍‌ଲା ବାଏପେ ।

ଓ – ଗୋଲେଇ କରି ବସ ।

ଖ – ଗୋଲବାଏକରି ଡକ୍‌ନାପେ ।

ଓ – କେଉଁ ପଶୁମାନେ ଲୋକଙ୍କ ସହିତ ରହନ୍ତି ?

ଖ – ଆତ୍‌ଆତ୍ ଜୀବଜଁତୁକି ଲେବୁକିଆଃ ସରି ରହେତାକି ?

ଓ – ତୁମେ ଘରେ କିକି ପକ୍ଷୀ ପାଳୁଛ ?

ଖ – ଆମ୍‌ପେ ଅଃତେ ଇଇ କନ୍‌ଥେଡ୍ ବୁଇତେପୋ/ବୁଇସିଗ୍‌ପେ ?

ଓ – କଣ କହୁଥିଲ ?

ଖ – ଇ ଗାମ୍‌ତାଏଗ୍ ଜମ୍ / ଇ ଗାମ୍‌ଖାନ୍ ତେପେ ?

ଓ – କଣ କରୁଥିଲ ?

ଖ – ଇ ବାଏଖାନ୍‌ତେପେ ?

ଓ –  ପାଣି ପିଇଲ କି ?

ଖ –  ଡାଃ ଉଥଃପେନ ?

ଓ –  ପିଲାଟି ପଡିଗଲା, ତାକୁ ଉଠାଅ ।

ଖ –  କୁଣୁଃଯେଃ ଗୁର୍‌ଗଃକି, ଆଡ୍‌ତେ ବେବ୍‌ରୁଡ୍‌ଏପେ ।

ଓ –  ତୁମ ଘରେ କିଏ କିଏ ରୁହନ୍ତି ?

ଖ –  ଆମ୍‌ପାଃ ଅଃତେ ବେର୍‌ବେର୍ ରହେତାକି ?

ଓ –  ତୁମ ଘରେ କିଏ ରୋଷେଇ କରନ୍ତି ?

ଖ –  ଆମ୍‌ପାଃ ଅଃତେ ବେର୍ ଗଙ୍ଗ୍‌ତେକି ?

ଓ –  ତୁମ ମାମୁ ଘର କେଉଁଠି ?

ଖ –  ଆମ୍‌ପାଃ ମାମୁ ଅଃ ଆତେ ?

ଓ –  ତୁମ ପାଖ ପିଲାକୁ ପଚାର ।

ଖ –  ଆମାଃ ଏକର୍ ଆଃ ବେଟାତେ ପଚ୍‌ରାଏ ।

ଓ –  ଛାଡି ଛାଡି ବସ ।

ଖ –  ମେଲାଏ ମେଲାଏ ଡକନାପେ ।

ଓ –  ନିଜ ନିଜ ବହି ଖୋଲ ।

ଖ –  ନିଜର୍ ନିଜର୍ ବହି ମେଲା ବାଏପେ ।

ଓ –  ତୁମେ ବଡ ହେଲେ କଣ କରିବ ?

ଖ –  ଆମ୍‌ପେ ମାହା କିପେଲାଃ ଇ ବାଏପେ ?

ଓ –  ପିଲେ ତାଲି ମାର ।

ଖ –  କୁଣୁଃ କି ଥାପ୍‌ଡି ତାରେପେ ।

ଓ –  ତୁମ ଶ୍ରେଣୀରେ ମନିଟର କିଏ ?

ଖ –  ଆମ୍‌ପାଃ କିଲାସ୍ ତେ ମେନ୍‌ଟର୍ ବେର୍ ହାଏ ?

ଓ –  ତୁମକୁ କିଏ ମାରିଲା ?

ଖ –  ଆମ୍‌ତେ ବେର୍ ଗିଲଃ ?

ଓ –  କାହିଁକି କାନ୍ଦୁଛ ?

ଖ –  ଇନାଃଥମ୍ ଇୟାମ୍‌ତାଏଗ୍‌ଜମ୍ ?

ଓ –  ମନଦେଇ ଶୁଣ ।

ଖ –  ମନତେର୍‌କଲା ଅଣ୍ଡରେ ।

ଓ –  ଗପ ଶୁଣ ।

ଖ –  କଥ୍‌ନୀ ଅଣ୍ଡର୍‌ଏପେ ।

ଓ – ତୁମ ପ୍ରଧାନଶିକ୍ଷକଙ୍କ ନାମ କଣ ?

ଖ – ଆମ୍ପାଃ ହେଡ୍‌ମାଷ୍ଟର୍ ଆଃ ନା ଇନା ?

ଓ – ପିଲାମାନେ ହାଜରା ପକାଅ ।

ଖ – କୁଣ୍ଡୁଃକି ହାଜ୍‌ରା ଅବ୍‌ଗୁରେପେ ।

ଓ – ତୁମେ ଏଠିକି ଆସ ।

ଖ – ଆମ୍‌ପେ ଉତିଗ୍ ଆଏପେ ।

ଓ – ତୁମ ଗ୍ରାମର ନାମ କଣ ?

ଖ – ଆମ୍ପା ପାଡାଃନା ଇନା/ଆମ୍ପାଃ କେଲ୍‌କେ୍ଆଃ ନା ଇନା ?

ଓ – ମୁଁ ସକାଳୁ ଉଠି ମୁହଁ ଧୁଏ ।

ଖ – ଇଙ୍ଗ୍ ମିଆଁଃତାଏ ବେରୁଡ୍‌କଲା ତମଡ୍ ଗୁଇଗଡ୍‌ଡାଃତିଙ୍ଗ୍/ଗୁଇଗତୁ ଟାଏଙ୍ଗ୍ ।

ଓ – ସକାଳୁ ଉଠି ଦାନ୍ତ ଘସିବା ।

ଖ – ମିଆଃଁତାଏ ବେରୁଡ୍‌କଲା ଗନେ ଆର୍‌ଗିନାନିଙ୍ଗ୍/ରେତ୍‌ଏନିଙ୍ଗ୍ ।

ଓ – ଉଷୁମ ଖାଦ୍ୟ ଖାଇବା ।

ଖ – ଲବ୍ ଲବ୍ ପେଗ୍ ନଗେନିଙ୍ଗ୍ ।

ଓ – ବାସି ଖାଦ୍ୟ ଖାଇଲେ ରୋଗ ହୁଏ ।

ଖ – ବାସି ପେଗ୍ ନଃଖଃଲା କସୁରାଙ୍ଗା ହଏତା ।

ଓ – ମାଛିବସା ଖାଦ୍ୟ ଖାଇବା ନାହିଁ ।

ଖ – କଣେ ଡକସିଃନା ନନଃ ଆବୁ ନଗେପେ ।

ଓ – ଚପଲ ପିନ୍ଧି ପାଇଖାନା ଯିବ ।

ଖ – ଛାଲ୍‌ପା ସୁଇକଲା ଇଗ୍ନା/ହାଡାନା ସାନାପେ ।

ଓ – ଶ୍ରେଣୀରେ ଧାଁ ଧପଡ ହୁଅ ନାହିଁ ।

ଖ – କିଲାସ୍ ତେ ବତ୍‌କାଧୂଆଁ ଆବୁ ହଏନାପେ ।

ଓ – ଚକା ମାଡି ବସ ।

ଖ – ଚାକାତାର୍ କଲା ଡକନାପେ ।

ଓ – ସାନ ପିଲାଙ୍କୁ ସ୍ନେହ କର ।

ଖ – କନ୍‌ହନ୍ କୁଣ୍ଡୁଃ କିତେ ଚୁମା ତେରେପେ/ଲେମଲେମା ବାୟେପେ ।

ଓ – ଆସନ୍ତା କାଲି ଅଙ୍କ ଲେଖିଆସିବ ।

ଖ – ତୁଡା ଅଙ୍କ ଲେଖା ଅଲପେ ।

ଓ – ଦୁଷ୍ଟ କଥା ହୁଅ ନାହିଁ ।

ଖ – ଖାରାପ୍ କାୟମ୍ ଆବୁ କାୟମ୍‌ନାପେ ।

ଓ – ଏଇଟା ତାକୁ ଦେ ।

ଖ – ଉଜେଃ ଆଡ୍‌ତେ ତେରେ ।

ଓ – ତୁମେ ଦୁହେଁ ବାଣ୍ଟି ଦିଅ ।

ଖ – ଆମ୍ଭାର ଦୁହିଝନ୍ ତାଏଗ୍ ଗଡେବାର୍ ।

ଓ – କାନ୍ଥ ବାଡ ମଇଳା କର ନାହିଁ ।

ଖ – କାଁଥି ଘେରାକିତେ କେଚ୍‌କେଚା ଆବୁ ବାୟେପେ ।

ଓ – କ'ଣ ହେଲା ପିଲେ ?

ଖ – ଇ ହଏକି କୁଣୁଃ କି ?

ଓ – ତାର ସିଙ୍ଘାଣି ପୋଛି ଦିଅ ।

ଖ – ଆଡିଆଃ ଜଁତେ ଜଡ୍ ଗଡେ/ଜଡ୍ ଗଡେପେ ।

ଓ – ସାର୍ଟର ବୋତାମ ଲଗାଅ ।

ଖ – କୁର୍ତ୍ତାଃ ବଟମ୍ ଲାଗାୟେ/ଲାଗାଏ ପେ ।

ଓ – ଭଲରେ ପଢିଲେ ପାସ ହେବ ।

ଖ – ଭଲ୍ ପଢେକିଲାଃ ପାସ୍ ହଏନାମ୍ /ପାସ୍ ହଏନାପେ ।

ଓ – ତୁମ ମୁଣ୍ଡ ଦେଖାଅ ?

ଖ – ଆମାଃ/ଆମ୍ପାଃ ବକବ୍ ଅବ୍‌ଜୟେ ପେ ?

ଓ – ତୁମର କପାଳ ଦେଖାଅ ?

ଖ – ଆମାଃ/ଆମ୍ପାଃ ସମଙ୍ଗ୍ ଅବ୍‌ଜୟେ ପେ ?

ଓ – ତୁମର ନାକ ଦେଖାଅ ?

ଖ – ଆମାଃ/ଆମ୍ପାଃ ରମଙ୍ଗ୍ ଅବ୍‌ଜୟେ ପେ ?

ଓ – ତୁମର ଜିଭ ଦେଖାଅ ?

ଖ – ଆମାଃ/ଆମ୍ପାଃ ଲାଙ୍ଗ୍ ଅବ୍‌ଜୟେ/ଅବ୍‌ଜୟେ ପେ ?

ଓ – ତୁମର ମାଳି ଦେଖାଅ ?

ଖ – ଆମାଃ/ଆମ୍ପାଃ ମାଳି ଅବ୍‌ଜୟେ /ଅବ୍‌ଜୟେ ପେ ?

ଓ – ତୁମର ବେକ ଦେଖାଅ ?

ଖ – ଆମାଃ/ଆମ୍ପାଃ କଙ୍କ ଅବ୍‌ଜଏ /ଅବ୍‌ଜଏ ପେ ?

ଓ – ତୁମ ମୁହଁ ଦେଖାଅ ?

ଖ – ଆମାଃ/ଆମ୍ପାଃ ତମଡ୍ ଅବ୍‌ଜୟେ /ଅବ୍‌ଜୟେ ପେ ?

ଓ – ତୁମର ଛାତି ଦେଖାଅ ?

ଖ – ଆମାଃ/ଆମ୍ପାଃ ମାୟୁଙ୍ଗ୍ ଅବ୍‌ଜୟେ /ଅବ୍‌ଜୟେ ପେ ?

ଓ – ତୁମର ପେଟ ଦେଖାଅ ?

ଖ – ଆମାଃ/ଆମ୍ପାଃ ଲାଏଗ୍ ଅବ୍‌ଜୟେ /ଅବ୍‌ଜୟେ ପେ ?

ଓ – ତୁମର କାନ ଦେଖାଅ ?

ଖ – ଆମାଃ/ଆମ୍ପାଃ ଲୁତୁର୍ ଅବ୍‌ଜୟେ /ଅବ୍‌ଜୟେ ପେ ?

ଓ – ତୁମର ଗାଲ ଦେଖାଅ ?

ଖ – ଆମାଃ/ଆମ୍ପାଃ କୁଲୁଃତାର ଅବ୍‌ଜୟେ /ଅବ୍‌ଜୟେ ପେ ?

ଓ – ତୁମର ଓଠ ଦେଖାଅ ?

ଖ – ଆମାଃ/ଆମ୍ପାଃ ଚଣ୍ ଅବ୍‌ଜୟେ /ଅବ୍‌ଜୟେ ପେ ?

ଓ – ତୁମର ଗୋଡ ଦେଖାଅ ?

ଖ – ଆମାଃ/ଆମ୍ପାଃ କାଟା ଅବ୍‌ଜୟେ /ଅବ୍‌ଜୟେ ପେ ?

ଓ – ତୁମର ପାଦ ଦେଖାଅ ?

ଖ – ଆମାଃ/ଆମ୍ପାଃ ପାଃଦ ଅବ୍‌ଜୟେ /ଅବ୍‌ଜୟେ ପେ ?

ଓ – ତୁମର ଆଙ୍ଗୁଳି ଦେଖାଅ ?

ଖ – ଆମାଃ/ଆମ୍ପାଃ ଆଙ୍ଗ୍‌ଠି ଅବ୍‌ଜୟେ /ଅବ୍‌ଜୟେ ପେ ?

ଓ – ତୁମର ଦାନ୍ତ ଦେଖାଅ ?

ଖ – ଆମାଃ/ଆମ୍ପାଃ ଗନେ ଅବ୍‌ଜୟେ /ଅବ୍‌ଜୟେ ପେ ?

ଓ – ତୁମର ପାଦ ଆଙ୍ଗୁଠି ଦେଖାଅ ?

ଖ – ଆମାଃ/ଆମ୍ପାଃ ପାଃଦ ଆଃ ଆଙ୍ଗ୍‌ଠି ଅବ୍‌ଜୟେ /ଅବ୍‌ଜୟେ ପେ ?

ଓ – ତୁମର ଗୋଟିଏ ହାତରେ କେତୋଟି ଆଙ୍ଗୁଠି ଅଛି ?

ଖ – ଆମାଃ/ଆମ୍ପାଃ ମୁଇଙ୍ଗ୍ ତିଃ ତେ କିଃତେଟା ଆଙ୍ଗ୍‌ଠି ଆଃଇ ?

ଓ – ବୁଢା ଆଙ୍ଗୁଠି ଦେଖାଅ ?

ଖ – ବୁଢା ଆଙ୍ଗ୍‌ଠି ଅବ୍‌ଜୟେ /ଅବ୍‌ଜୟେ ପେ ?

ଓ – ସାମନା ଆଙ୍ଗୁଠି ଦେଖାଅ ?

ଖ – ଆଘ୍‌ଲିଆଃ ଆଙ୍ଗ୍‌ଠି ଅବ୍‌ଜୟେ/ ଅବ୍‌ଜଏ ପେ ?

ଓ – ମୁଦି ଆଙ୍ଗୁଠି ଦେଖାଅ ?

ଖ – ମୁଃଧି ଆଙ୍ଗ୍‌ଠି ଅବ୍‌ଜୟେ/ଅବ୍‌ଜଏପେ ?

ଓ – କାଣୀ ଆଙ୍ଗୁଠି ଦେଖାଅ ?

ଖ – ଚିନି ଆଙ୍ଗ୍‌ଠି ଅବ୍‌ଜଏ/ପେ ?

ଓ – ତୁମେ କାହା ସାହାଯ୍ୟରେ ସ୍ୱାଦ ଜାଣିପାର ?

ଖ – ଆମ୍/ଆମ୍ପେ ଆତବୁଙ୍ଗ୍ ସେବୁଲ୍ କଙ୍ଗ୍‌ତେପେ ?

ଓ – ଆମେ ଜିଭ ସାହାଯ୍ୟରେ ସ୍ୱାଦ ଜାଣିପାରୁ ।
ଖ – ଇଙ୍ଗ/ ଏଲେ /ଆନିଙ୍ଗ୍ – ଲାଙ୍ଗ୍‌ବୁଙ୍ଗ୍ ସେବୁଲ୍ କଙ୍ଗ୍‌ତେନିଙ୍ଗ୍ / କଙ୍ଗ୍‌ତିଙ୍ଗ୍ / କଙ୍ଗ୍‌ତେଲେ ।
ଓ – ତୁମେ କେଉଁ ହାତରେ ଭାତ ଖାଅ ?
ଖ – ଆମ୍/ଆମ୍ପେ ଆତ୍‌ତିଃ ବୁଙ୍ଗ୍ ପେଗ୍ ନଅତେପେ ?
ଓ – ଆମେ ଡାହାଣ ହାତରେ ଭାତ ଖାଉ ।
ଖ – ଆନିଙ୍ଗ୍ ଭୁଜେନ୍ ତିଃତେ ପେଗ୍ ନଃତେନିଙ୍ଗ୍ ।
ଓ – ତୁମେ କାହା ଦ୍ୱାରା କାମ କର ?
ଖ – ଆମ୍ / ଆମ୍ପେ ଆତ୍ ବୁଙ୍ଗ୍ କାମୁତାପେ ?
ଓ – ଆମେ ହାତ ସାହାଯ୍ୟରେ କାମ କରୁ ।
ଖ – ଆନିଙ୍ଗ୍ ତିଃ ବୁଙ୍ଗ୍ କାମୁ ତାନିଙ୍ଗ୍ ।
ଓ – ତୁମେ କାହା ସାହାଯ୍ୟରେ ଠିଆ ହୁଅ ?
ଖ – ଆମ୍ପେ ବେରା ସାହାୟ୍‌ତାତେ ତଙ୍ଗହନ ତାପେ ?
ଓ – ଆମେ ଗୋଡ ସାହାଯ୍ୟରେ ଠିଆ ହେଉ ।
ଖ – ଏଲେ କାଟା ବୁଙ୍ଗ୍ ତଙ୍ଗ୍‌ହନ ତାଲେ ।
ଓ – ତୁମେ କାହା ସାହାଯ୍ୟରେ ଡିଆଁ ମାର ?
ଖ – ଆମ୍ପେ ବେରାଃ ସାହାୟ୍‌ତାତେ ଡେଗେତାପେ ?
ଓ – ଆମେ ଗୋଡ ସାହାଯ୍ୟରେ ଡେଉଁ ।
ଖ – ଏଲେ/ଆନିଙ୍ଗ୍ କାଟାଃ ସାହାୟ୍‌ତାତେ ଡେଗେତାନିଙ୍ଗ୍ ।

## ଅଙ୍ଗ ଭଙ୍ଗୀ

| | | |
|---|---|---|
| ଠିଆ ହୁଅ | – | ତଙ୍ଗ୍‌ହନ୍ ନାପେ (ବେରୁଡ୍ ନାପେ) । |
| ବସ | – | ଡକନାପେ । |
| ବୁଲିଯାଆ | – | ମୁଇଙ୍ଗ୍ ଭାଉଁର ବୁଲିନାପେ । |
| ତୁମ ମୁଣ୍ଡ ଛୁଅଁ | – | ଆମ୍ପା ବକବ୍ ଜିବେପେ । |
| ତଳକୁ ଦେଖ | – | ତୁତାତିଗ୍ ଜୟେପେ । |
| ଉପରକୁ ଦେଖ | – | ତଭ୍‌ଲୁଙ୍ଗ୍‌ତିଗ୍ ଜୟେପେ । |
| ତାଳି ବଜାଅ | – | ଥାପ୍‌ଡି ତାରେ ପେ । |
| ଜିଭ ଦେଖାଅ | – | ଲାଙ୍ଗ୍ ଅବ୍‌ଜଏପେ । |
| ଡାହାଣ ହାତ ଦେଖାଅ | – | ଭୁଜେନ୍ ତିଃ ଅବ୍‌ଜଏପେ । |
| ବାମ ହାତ ଦେଖାଅ | – | ଡେରି ତିଃ ଅବ୍‌ଜଏପେ । |
| ବାମ ଗୋଡ ଦେଖାଅ | – | ଡେର୍‌ହି କାଟା ଅବ୍‌ଜୟେପେ । |
| ଡାହାଣ ଗୋଡ ଦେଖାଅ | – | ଭୁଜେନ୍ କାଟା ଅବ୍‌ଜୟେପେ । |

| | | |
|---|---|---|
| ଅଣ୍ଟା ହଲାଅ | - | କଡି ହିଲାଏପେ । |
| ତଳକୁ ଝୁଙ୍କ | - | ହେଡୁଙ୍ଗ୍ ନାପେ । |
| ଶୋଇ ଯାଅ | - | ଗିତାଃ ନାପେ । |
| ଉଠି ଯାଅ | - | ବେରୁଡ୍ ନାପେ । |
| ବସି ଯାଅ | - | ଡକ ନାପେ । |
| ଗୀତ ଗାଅ ଓ ନାଚ | - | ଆଲଙ୍ଗ୍ ନାପେ ର କୁଇଗ୍ ନାପେ । |
| କାନ ଧର | - | ଲୁତୁର୍ ଧଃତେ ପେ । |
| ପେନସିଲ୍ ଦେଖାଅ | - | ଶିଶା ଅବ୍‌ଜୟେପେ । |
| ମୁହଁ ବନ୍ଦ କର | - | ତମଡ୍ ବନ୍ଦ ବାୟେପେ/ଖାପାଏପେ । |
| ବହି ବାହାର କର | - | ବହି ଅଃଫେରେପେ । |
| ଖାତାରେ ଲେଖ | - | ଖାତାତେ ଲେଖାଏପେ । |
| କଥା ହୁଅ | - | କାୟମ୍ ନାପେ । |
| ଗୁରୁଜୀଙ୍କୁ ନମସ୍କାର କର | - | ମାଷ୍ଟର୍‌ତେ ଜୁହାର୍ ବାଏପେ / ଆଜ୍ଞାତେ ଜୁହାର୍ ବାଏପେ |
| ଭଗବାନଙ୍କୁ ପ୍ରାର୍ଥନା କର | - | ଭଗମାନ୍ ତେ ପାରଥାନା ବାୟେପେ / ରେମାଃଏପେ। |
| ଆଖି ବନ୍ଦ କର | - | ମଡ୍ ଜାପିଡ୍‌ଏପେ । |

## ମାନସାଙ୍କ - ମୌଖିକ

ଓ - ଗୋଟିଏ ଗାଈର କେତୋଟି ଗୋଡ ?
ଖ - ମୁଇଙ୍ଗ୍ ଗାୟ୍‌ଆଃ କିଃତେଟା କାଟା ?
ଓ - ଗୋଟିଏ ରିକ୍‌ସାର କେତୋଟି ଚକ ?
ଖ - ମୁଇଙ୍ଗ୍ ରିକ୍‌ସାଃ କିଃତେଟା ଚାକା ?
ଓ - ଗୋଟିଏ ସାଇକେଲ୍‌ର କେତୋଟି ଚକ ?
ଖ - ମୁଇଙ୍ଗ୍ ବାଏସ୍‌କଲ୍ ଆଃ କିଃତେଟା ଚାକା ?
ଓ - ତୁମର ଗୋଟିଏ ହାତରେ କେତୋଟି ଆଙ୍ଗୁଠି ଅଛି ?
ଖ - ଆମ୍ପା/ଆମାଃ ମୁଇଙ୍ଗ୍ ତିଃତେ କିଃତେଟା ଆଙ୍ଗ୍‌ଠି ଆଃଇ ?
ଓ - ତୁମର କେତୋଟି ଆଖିଅଛି ?
ଖ - ଆମାଃ/ଆମ୍ପାଃ କିଃତେଟା ମଡ୍ ଆଃଇ ?
ଓ - ଗଛଲତାର ଜୀବନ ଅଛି କି ?
ଖ - ଦାରୁ ଲାତାଃ ଜୀବନ୍ ଆଃଇ ନ ?
ଓ - ଦୁଇଟି ପଶୁର ନାମ କହ ?
ଖ - ଦୁଇଟା ପଶୁଆଃ ନାଁ ଗାମେପେ ?

ଓ – ଦୁଇଟି ଗଛର ନାମ କହ ?
ଖ – ଦୁଇଟା ଦାରୁ ଆଃ ନାଁ ଗାମେପେ ?
ଓ – ତିନୋଟି ଜିନିଷର ନାମ କହ ?
ଖ – ତିନ୍ଟା ଜିନିଷ୍ ଆଃ ନାଁ ଗାମେପେ ?
ଓ – କେଉଁଟି ସଜୀବ ଓ କେଉଁଟି ନିର୍ଜୀବ ?
ଖ – ଆଜେଃ ବରଲ୍ ର ଆଜେ ଗୋଏଗ୍ ସିଗ୍ ? (ମୂଷା, କୁକୁଡା, ମଟର, ପଥର)
ଓ – ତୁମ ଗୋଡର ଆଣ୍ଠୁ ଦେଖାଅ ?
ଖ – ଆମ୍ମା କାଟାଃ ହାଁଠୁ ଅବ୍ଜୟେପେ ?
ଓ – ତୁମ ହାତର କାଣୀ ଆଙ୍ଗୁଠି ଦେଖାଅ ?
ଖ – ଆମ୍ମାଃ ତିଃଗା ଚିନି ଆଙ୍ଗ୍ଠି ଅବ୍ଜଏପେ ?
ଓ – ଆମେ କାହା ଦ୍ୱାରା ଗନ୍ଧ ବାରିପାରୁଁ ?
ଖ – ଆନିଙ୍ଗ୍ ଆତ୍ବୁଙ୍ଗ୍ ଘାଣିନାଜେ କଙ୍ଗ୍ତେନିଙ୍ଗ୍ ?
ଓ – ମୁଣ୍ଡ ନ କୁଣ୍ଡାଇଲେ କଣ ହେବ ?
ଖ – ବକବ୍ ଉମ୍ କାଃଥଲାଃ ଇ ହଏନା ?

## ଗଣିତ ୧ରୁ ୧୦ (ଅଙ୍କ ଏକତାଏ ଦଶ୍)

| | | | | |
|---|---|---|---|---|
| ୧. | ଏକ | – | ୧. | ମୁଇଙ୍ଗ୍ |
| ୨. | ଦୁଇ | – | ୨. | ଉବାର |
| ୩. | ତିନି | – | ୩. | ତିନ୍ |
| ୪. | ଚାରି | – | ୪. | ଚାଏର୍ |
| ୫. | ପାଞ୍ଚ | – | ୫. | ପାଁଚ |
| ୬. | ଛଅ | – | ୬. | ଛ |
| ୭. | ସାତ | – | ୭. | ସାତ୍ |
| ୮. | ଆଠ | – | ୮. | ଆଟ୍ |
| ୯. | ନଅ | – | ୯. | ନ |
| ୧୦. | ଦଶ | – | ୧୦. | ଦଶ୍ |

| **ଏକ ବଚନ – ମୁଇଙ୍ଗ୍** | | | **ବହୁ ବଚନ – ଖୋବ୍ (ଅନେକ)** | | |
|---|---|---|---|---|---|
| ଗୋଟିଏ ଆଖି | – | ମଇଙ୍ଗ୍ ମଡ୍ | ଦୁଇଟି ଆଖି | – | ଦୁଇଟା ମଡ୍ |
| ଗୋଟିଏ କାନ | – | ମୁଇଙ୍ଗ୍ ଲୁତର | ଦୁଇଟି କାନ | – | ଦୁଇଟା ଲୁତୁର |
| ଗୋଟିଏ ଗୋଡ | – | ମୁଇଙ୍ଗ୍ କାଟା | ଦୁଇଟା ଗୋଡ | – | ଦୁଇଟା କାଟା |
| ଗୋଟିଏ ହାତ | – | ମୁଇଙ୍ଗ୍ ତିଃ | ଦୁଇଟା ହାତ | – | ଦୁଇଟା ତିଃ |

| | | | | | |
|---|---|---|---|---|---|
| ଗୋଟିଏ ଗାଲ | - | ମୁଇଙ୍ଗ୍ କୁଲୁଃତାର | ଦୁଇଟା ଗାଲ | - | ଦୁଇଟା କୁଲୁଃତାର |
| ଗୋଟିଏ ଓଠ | - | ମୁଇଙ୍ଗ୍ ଚଣ୍ | ଦୁଇଟା ଓଠ | - | ଦୁଇଟା ଚଣ୍ |
| ଗୋଟିଏ ପାଦ | - | ମୁଇଙ୍ଗ୍ ପାଃଦ | ଦୁଇଟା ପାଦ | - | ଦୁଇଟା ପାଃଦ |

**ଏକ - ମୁଇଙ୍ଗ୍** **ଅନେକ - ଖୋବ**

| | | | |
|---|---|---|---|
| ଗୋଟିଏ ଆଙ୍ଗୁଠି | - ମୁଇଙ୍ଗ୍ ଆଙ୍ଗ୍ଠି | ଦଶଟି ଆଙ୍ଗୁଠି | - ଦଶ୍ ଟା ଆଙ୍ଗ୍ଠି |
| ଗୋଟିଏ ଦାନ୍ତ | - ମୁଇଙ୍ଗ୍ ଗନେ | ଦଶଟି ଦାନ୍ତ | - ଦଶ୍ ଟା ଗନେ |
| ଗୋଟିଏ ବାଳ | -ମୁଇଙ୍ଗ୍ ଉଳି | ଦଶଟି ବାଳ | - ଦଶ୍ ଟା ଉଳି |
| ଗୋଟିଏ ପାଦ ଆଙ୍ଗୁଠି | -ମୁଇଙ୍ଗ୍ ପାଃଦ ଆଙ୍ଗ୍ଠି | ଦଶଟି ପାଦ ଆଙ୍ଗୁଠି | - ଦଶ୍ ଟା ପାଃଦ ଆଙ୍ଗ୍ଠି |

**ପୁରୁଷ ଲିଙ୍ଗ** **ସ୍ତ୍ରୀ ଲିଙ୍ଗ**

| | | | | | |
|---|---|---|---|---|---|
| ବାଳକ | - | ବେଟା | ବାଳିକା | - | ବେଟୀ |
| ବାପା | - | ବୁଆ | ମାଆଁ | - | ମାଁଆ |
| ଭାଇ | - | ଭାଇ | ଭଉଣୀ | - | ବହେନ୍ |
| ଆଜ୍ଞା | - | ଆଜ୍ଞା (ମହାଶୟ) | ମାଡାମ୍ | - | ମାଡାମ୍ (ମହାଶୟା) |
| ପୁଅ | - | ବେଟା | ଝିଅ | - | ବେଟୀ |
| ସେ | - | ଆଡି | ସେ | - | ଆଡି |
| ପୁରୁଷ | - | ମରଦ | ସ୍ତ୍ରୀ | - | କନ୍ସେଲ୍ |

## ଗଣିତ (ଅଙ୍କ)

ଓ - ୧ର କ୍ରମିକ ଯୋଗ ୧ରୁ ୧୦ ପର୍ଯ୍ୟନ୍ତ କର -

ଖ - (୧) ମୁଇଙ୍ଗ୍ ଆ କ୍ରମିକ୍ ଯୋଗ୍ ମୁଇଙ୍ଗ୍ତାୟ ଦଶ୍ ଯାକର ବାୟେପେ -

| | |
|---|---|
| ୧+୧ = ୨ | **୨ର କ୍ରମିକ ଯୋଗ ୨୦ ପର୍ଯ୍ୟନ୍ତକର-** |
| ୨+୧ = ୩ | ୨+୨=୪ |
| ୩+୧ = ୪ | ୪+୨=୬ |
| ୪+୧ = ୫ | ୬+୨=୮ |
| ୫+୧ = ୬ | ୮+୨=୧୦ |
| ୬+୧ = ୭ | ୧୦+୨=୧୨ |
| ୭+୧ = ୮ | ୧୨+୨=୧୪ |
| ୮+୧ = ୯ | ୧୪+୨=୧୬ |
| ୯+୧ = ୧୦ | ୧୬+୨=୧୮ |

ଓ - ଏହିପରି ୨୦ ପର୍ଯ୍ୟନ୍ତ କର । ୧୮+୨=୨୦

ଖ - ଉଘାୟ ୨୦ଜାକର୍ ବାୟେପେ । ଓ- ଏହିପରି ବାରମ୍ବାର ଅଭ୍ୟାସ କର ।

ଖ- ଉଘାୟ ଥର୍କେଥର୍ ଅଭିଆସ୍ ବାଏପେ ।

**କ୍ରମିକ ବିୟୋଗ**

୧୦-୧ = ୯

୧୦-୨ = ୮

୧୦-୩ = ୭

୧୦-୪ = ୬

୧୦-୫ = ୫

୧୦-୬ = ୪

୧୦-୭ = ୩

୧୦-୮ = ୨

୧୦-୯ = ୧

ଓ - ଏହିପରି ୨୦ ପର୍ଯ୍ୟନ୍ତ କର ।

ଖ - ଉଘାୟ୍ ୨୦ଜାକର୍ ବାୟେପେ ।

## (ମାନସାଙ୍କ - ମୌଖିକ)

ଓ - ତୁମ ହାତ ଓ ଗୋଡର ଆଙ୍ଗୁଠି ମିଶି କେତେ ?

ଖ - ଆମ୍ଭା ତିଃ ର କାଟାଃ ଆଙ୍ଗ୍ଠି ମିଶେ କଲା କିଃତେ ହଏନା ?

ଓ - ଗୋଟିଏ ଗାଇ ଓ ଦୁଇଟି କୁକୁଡାର ଗୋଡ ମିଶି କେତେ ହେବ ?

ଖ - ମୁଇଙ୍ଗ୍ ଗାଏ ର ଦୁଇଟା ସିଙ୍କୋଏ ଆଃ କାଟା ମିଶେ କିଲାଃ କିଃତେଟା ହଏନା ?

ଓ - ଗୋଟିଏ ରିକ୍ସା ଓ ଗୋଟିଏ ସାଇକେଲର ଚକ ମିଶି କେତେ ?

ଖ - ମୁଇଙ୍ଗ୍ ରିକ୍ସା ର ମୁଇଙ୍ଗ୍ ବାଏସ୍କଲ ଆଃ ଚାକା ମିଶେକିଲା କିଃତେ ହଏନା ?

ଓ - ୧ରେ ୧ ମିଶିଲେ କେତେ ?

ଖ - ମୁଇଙ୍ଗ୍ ତେ ମୁଇଙ୍ଗ୍ ମିଶେ କିଲାଃ କିଃତେ ?

ଓ - ଗୋଟିଏ ଘୋଡାର କେତୋଟି ଶିଙ୍ଗ ଥାଏ ?

ଖ - ମୁଇଙ୍ଗ୍ ଘଡାଃ କିଃତେଟା ସିଙ୍ଗ୍ ଆତା ?

ଓ - ଦାନ୍ତ ନ ଘସିଲେ କଣ ହେବ ?

ଖ - ଗନେ ଉମ୍ ରେତଃଅଃଲାଃ ଇ ହଏନା ?

ଓ - ଖାଇବା ପୂର୍ବରୁ ହାତ କାହିଁକି ଧୋଇବ ?

ଖ - ନଃନା ଆଘ୍ଲି ତିଃ ଇନାଃଥମ୍ ଗୁଇଗ୍ତୁ ନାପେ ?

ଓ - ଶୀତ ଦିନେ କି ପ୍ରକାର ପୋଷାକ ଦରକାର ?

ଖ - ରାଙ୍ଗାଦିନ ଇଘାୟ୍ ଡ୍ରେସ୍ ଦର୍କାର୍ ?

ଓ - ଏ ସବୁ ଜିନିଷ କି କାମରେ ଲାଗେ ?

ଖ - ଉ ଝାକି ଜିନିଷ ଇ କାମୁତେ ଲାଃତା ? (ଛାତା, ବିଚନା, ବାଲଟିନ୍, କମଲ୍)

## ଅଙ୍କ

**ପରମ ମିତ୍ର – ପରମ ମିତ୍ର କେବଳ ୧୦ ମଧ୍ୟରେ ରହିବ ।**

| | | |
|---|---|---|
| ୧ର ପରମ ମିତ୍ର | - | ୯ |
| ୨ର ପରମ ମିତ୍ର | - | ୮ |
| ୩ର ପରମ ମିତ୍ର | - | ୭ |
| ୪ର ପରମ ମିତ୍ର | - | ୬ |
| ୫ର ପରମ ମିତ୍ର | - | ୫ |
| ୬ର ପରମ ମିତ୍ର | - | ୪ |
| ୭ର ପରମ ମିତ୍ର | - | ୩ |
| ୮ର ପରମ ମିତ୍ର | - | ୨ |
| ୯ର ପରମ ମିତ୍ର | - | ୧ |

## ନୀତି ବାକ୍ୟ

ଓ – ଆମେ ଯଦି କାହାକୁ ହସାଇ ପାରିବା ନାହିଁ, ତେବେ ଲୁହ ବି ଦେବା ନାହିଁ ।

ଖ – ଆନିଙ୍ଗ୍ ଯଦି ବେର୍‌ତେ ଲାବ୍‌ଡାନା ଉମ୍ ପାଲେ ନିଙ୍ଗ୍ ଲାଃ ଆଡ୍‌ତେ କସୁ ଜ ଉମ୍ ତେର୍‌ନାଃ କାୟମ୍ ।

ଓ – କୌଣସି ପ୍ରକାରେ ହଁ କହିବାନି, ଯଦି ମନ ଭିତରେ ନାଁ ଅଛି ।

ଖ – କୌଣସି ପର୍‌କାର୍‌ତେ ହଁ ଉମ୍ ଗାମନାଃ କାୟମ୍ ଯଦି ମନ୍ ଭିଃତାର୍‌ତେ କୁଟ୍‌କୁଟ୍ ଆକିଲାଃ ।

ଓ – ସର୍ବଦା ମନେ ରଖିବା ଆମର ଚରିତ୍ର ହିଁ ଆମର ଭାଗ୍ୟ ।

ଖ – ସଦାବେଳେ ମନେ ଉନ୍‌ନାଃ କାୟମ୍ ଆନିଆଁଃ ଚରିତ୍ର (ବେଭାର) ଯେ ଭାଗ୍ୟ ହାଏ ।

ଓ – ଜଣକର ଆଶା ଠାରୁ ଅଧିକ ଦିଅ କିନ୍ତୁ ଯାହା ଦେଉଛ ଖୁସି ମନରେ ଦିଅ ।

ଖ – ମଡୁଆଃ ଆଶାତାଏ ଅଏତ୍‌କା ତେରେପେ ଲେକିନ୍ ଯାହା ତେରେପେ ହରଷ୍ ମନ୍‌ତେ ।

## ଆଲଙ୍ଗ୍ –

ଆୟପେ ଏବଃନାନିଙ୍ଗ୍ ଆନିଙ୍ଗ୍ ଆଲଙ୍ଗ୍ ନାନିଙ୍ଗ୍
କୁବୁଃ କୁବୁଃ କୁବୁଃ କରି ଆଘ୍ଲି ସାନାନିଙ୍ଗ୍
କୁବୁଃ କୁବୁଃ କୁବୁଃ କରି ପଛଲି ଏଙ୍ଗ୍‌ନାନିଙ୍ଗ୍
କୁବୁଃ କୁବୁଃ ଆଲଙ୍ଗ୍ କରି ଲାବ୍‌ଡା ଗଡେନିଙ୍ଗ୍
ଆନିଙ୍ଗ୍ ଲାବ୍‌ଡା ଗଡେନିଙ୍ଗ୍ ।
ଆଏପେ ଏବଃନାନିଙ୍ଗ୍ .................................. ।
ଝୁଲେ ଝୁଲେ ଝୁଲେ କରି ଭୂଜେନ୍ ସାନାନିଙ୍ଗ୍
ଝୁଲେ ଝୁଲେ ଝୁଲେ କରି ଡେର୍‌ହି ସାନାନିଙ୍ଗ୍

ହଲେ ଝୁଲେ ଆଲଙ୍ଗ୍ କରି ଲାବ୍ଡା ଗଡେନିଙ୍ଗ୍ ।
ଆନିଙ୍ଗ୍ ଲାବ୍ଡା ଗଡେନିଙ୍ଗ୍ ।
ଆଏପେ ...............................
ଆୟପେ ଏବଃନାନିଙ୍ଗ୍ ଆନିଙ୍ଗ୍ ବେଙ୍ଗା ହଏନା ନିଙ୍ଗ୍
ଡେଗେ ଡେଗେ ଡେଗେ କରି ଆଘ୍ଲି ସାନାନିଙ୍ଗ୍
ଡେଗେ ଡେଗେ ଡେଗେ କରି ପଛଲି ଏଙ୍ଗନାନିଙ୍ଗ୍
ଡେଗେ ଡେଗେ ଡେଗେ କରି ଲାବ୍ଡା ଗଡେନିଙ୍ଗ୍ ଆନିଙ୍ଗ୍ ଲାବ୍ଡା ............
ଆୟପେ ଏବଃନାନିଙ୍ଗ୍ ଆନିଙ୍ଗ୍ ହାଥୀ ହଏନାନିଙ୍ଗ୍
ଝୁଲେ ଝୁଲେ ଝୁଲେ କରି ଆଘ୍ଲି ସାନାନିଙ୍ଗ୍
ଝୁଲେ ଝୁଲେ ଝୁଲେ କରି ପଛଲି ଏଙ୍ଗ୍ନାନିଙ୍ଗ୍
ଆନିଙ୍ଗ୍ ପଛଲି .................
ହଲେ ଝୁଲେ କରି ଆନିଙ୍ଗ୍ ଆଲଙ୍ଗ୍ ନାନିଙ୍ଗ୍ ଆନିଙ୍ଗ୍ ଲାବ୍ଡା ..............

**ଓଡିଆ –**

ଆସ ଖେଳିବା ଆମେ ଗୀତ ଗାଇବା
ନଇଁ ନଇଁ ନଇଁ ନଇଁ ଆଗକୁ ଯିବା
ନଇଁ ନଇଁ ନଇଁ ନଇଁ ପଛକୁ ଯିବା
ନଇଁ ନଇଁ ଗୀତ ଗାଇ ହସାଇ ଦେବା ..... ଆମେ ହସାଇ ଦେବା
ଆସ ଖେଳିବା ଆମେ ଗୀତ ଗାଇବା ।
ଝୁଲି ଝୁଲି ଝୁଲି ଝୁଲି ବାମକୁ ଯିବା
ଝୁଲି ଝୁଲି ଝୁଲି ଝୁଲି ଡାହାଣକୁ ଯିବା ।
ହଲି ଝୁଲି ଗୀତ ଗାଇ ହସାଇ ଦେବା – ଆମେ ହସାଇ ଦେବା ।
ଆସ ଖେଳିବା ଆମେ ବେଙ୍ଗୁଲି ହେବା
ଡେଇଁ ଡେଇଁ ଡେଇଁ ଡେଇଁ ଆଗକୁ ଯିବା
ଡେଇଁ ଡେଇଁ ଡେଇଁ ଡେଇଁ ପଛକୁ ଯିବା
ଡେଇଁ ଡେଇଁ ଗୀତ ଗାଇ ହସାଇ ଦେବା – ଆମେ ହସାଇ ଦେବା ।
ଆସ ଖେଳିବା ଆମେ ହାଥୀ ହୋଇବା
ଝୁଲି ଝୁଲି ଝୁଲି ଝୁଲି ଆଗକୁ ଯିବା
ଝୁଲି ଝୁଲି ଝୁଲି ଝୁଲି ପଛକୁ ଯିବା
ହଲି ଝୁଲି ଗୀତ ଗାଇ ହସାଇ ଦେବା ..... ଆମେ ହସାଇ ଦେବା ।
ଆସ ଖେଳିବା ଆମେ ଗୀତ ଗାଇବା ......... ।

## ଢଗ ଢମାଲି – ଧାନ୍ଧାଃ

## ପ୍ରକୃତି ସମ୍ବନ୍ଧୀୟ ଲୋକ କଥା । (ପ୍ରକୃତି ବିଶେଷେତେ ଲେବୁ କାୟମ୍)

ଓ – ମୁଁ ଆସିଲା ପରେ ତୁମେ ଯାଅ । (ସୂର୍ଯ୍ୟ ଓ ଚନ୍ଦ୍ର)

ଖ – ଇଙ୍ଗ୍ ତେଲ୍‌ତାଏଙ୍ଗ୍ ଭେରେ ଆମ୍ ସାନ୍‌ତାମ୍ । (ବେଡଃ ର ଲେରାଙ୍ଗ୍)

ଓ – ଗୋଟିଏ ଦନା ଫୁଲ ଗଣି ପାରିବ ? (ତାରା)

ଖ – ମୁଇଙ୍ଗ୍ ଚକ୍‌ନି ଫୁଲ କଲ୍‌ନା ପାଲମ୍ ? (ସିମ୍‌କମ୍)

ଓ – ଗୋଟିଏ ଶାଳ ଗଛକୁ କୁରାଢୀ ମଧ୍ୟ କାଟି ପାରେ ନାହିଁ । (ଛାଇ)

ଖ – ମୁଇଙ୍ଗ୍ ରେଙ୍ଗାଲ୍ ଦାରୁତେ ବୁଡିଆ ଜ ଉମ୍ ଖପେତା/ଡେଗ୍‌ତେ । (ଲଙ୍ଗେ)

ଓ – ଜଣେ ଲୋକ ସବୁବେଳେ ସାଙ୍ଗହୋଇ ଯିବା ଆସିବା କରେ । (ଛାଇ)

ଖ – ମୁଇଙ୍ଗ୍ ଲେବୁ ଝାକି ଭେରେ ସରି ସରି ଗା ସାନ୍‌ତା ର ଡେଲ୍‌ତା । (ଲଙ୍ଗେ)

ଓ – ଏମିତି ଲୋକ ଗୋଟିଏ ଅଛି ଯେତେ ଖାଇଲେ ମଧ୍ୟ ପେଟ ପୂରେ ନାହିଁ । (ନିଆଁ)

ଖ – ଉଘାଏ୍ ଭୁଖାଃ ଲେବୁ ମୁଇଙ୍ଗ୍ ଆଃଇ ଯେତ୍‌କି ନଃଖ ଲାଃଜ ଲାଏଗ୍ ଉମ୍ ବେଶୁତା । (ତିମ୍‌ସମ୍)

ଓ – ବାପାଠାରୁ ପୁଅ ଆଗ ଜନ୍ମ ନିଏ । (ନିଆଁ ଓ ଧୂଆଁ )

ଖ – ବୁଆ ଡମାଃତାଏ ବେଟା ଡମ୍ ଆଘ୍‌ଲି ଜନ୍ମେତା । (ତିମ୍‌ସମ୍‌ର କୁହୁଲା)

ଓ – ନାଲି ବଳଦ ଖାଇ ଖାଇ ଯାଏ, କଳିଆ ବଳଦ ଶୋଇ ଶୋଇ ଯାଏ । (ନିଆଁ ଓ ଅଙ୍ଗାର)

ଖ – ଲାଲ ଅରେଗ୍ ନଃଗା ସାନ୍‌ତା ମଘେର୍ ଅରେଗ୍ ଗିତାଃ ଗା ସାନ୍‌ତା । (ତିମ୍‌ସମ୍ ର ଲାରେଗ୍)

ଓ – ଗୋଟିଏ ବୁଢାଲୋକ ଉପରେ ବନ୍ଧ ବାନ୍ଧେ । (ଇନ୍ଦ୍ରଧନୁ)

ଖ – ମୁଇଙ୍ଗ୍ କେଣର୍‌ବଃ ତଉଲୁଙ୍ଗ୍ ତେ ବାନ୍ଧା କଙ୍ଗ୍‌ତେ । (ରାମଧୂନ୍)

## ସମୟ ସମ୍ବନ୍ଧୀୟ – ସମେ ବିଷେତେ

ଓ – ନାଲି ଗାଈ ବିଛାଇ ଦିଏ, କାଳି ଗାଈ ଏକତ୍ରିତ କରେ । (ଦିନ ଓ ରାତି)

ଖ – ଲାଲ୍ ଗାଏ ଛିତିର୍‌ଛାନ୍ ବାଏତେ ର କାଳି ଗାଏ କାବ୍‌ତିଗ୍‌ତେ । (ଇଡିବ୍ ର ତୁନ୍‌ବଃ)

ଓ – ପନ୍ଦର ଭାଇ ଅଛନ୍ତି । ଗୋଟିଏ ରୁଟିକୁ ଚଉଦ ଜଣ ଖଣ୍ଡ ଖଣ୍ଡ କରି ଖାଆନ୍ତି କିନ୍ତୁ ସୁବୁଠାରୁ ଛୋଟ ଭାଇ ଗୋଟାରୁଟି ଖାଏ । (ଜହ୍ନ ଓ ପୂର୍ଣ୍ଣିମା)

ଖ – ପନ୍ଦ୍ର ଭାଇ ଆଏଗ୍ କି । ମୁଇଙ୍ଗ୍ କଲଙ୍ଗ୍ ତେ ଚଉଦ ଭାଇ ଖଣ୍ ଖଣ୍ କରି ନଃତେ କି । ଲେକିନ୍ ଝାକିଆଃ ତାଏ କନ୍‌ହନ୍ ଭାଇ ଗଟା କଲଙ୍ଗ୍ ନଃତେ । (ଲେରାଙ୍ଗ୍‌ର ପୁନି)

ଓ – ବାର ଭାଇ ଓ ସାତ ଭଉଣୀ ଗୋଟିଏ ମା ର ସନ୍ତାନ । (ଗୋଟିଏ ବର୍ଷ)

ଖ – ବାର ଭାଇର ସାତ୍ ବହେନ୍ ମୁଇଙ୍ଗ୍ ମାଗାଃ କୁଣ୍ଡୁଃ । (ମୁଇଙ୍ଗ୍ ବରଷ)

## ଭୂମି ସମ୍ବନ୍ଧୀୟ – ଜମିନ୍ ବିଷେତେ

ଓ – ହଜାରେ ଲତା ଗୋଟିଏ ଗଛ । (ବଜାର, ହାଟ)

ଖ – ହାଜାର ଜୁଡୁ ମୁଇଙ୍ଗ୍ ଝଁପା । (ହାଃଟ)

ଓ – ଗୋଟିଏ ମୂଳ ହଜାରେ ଲହ । (ହାଟ ଓ ବାଟ)

ଖ – ମୁଇଙ୍ଗ୍ ସୁମଃ ମୁଇଙ୍ଗ୍ ହାଜାର ଜୁଡୁ । (ହାଟ୍ ର ଗଏଗ୍‌ଝୁଙ୍ଗ୍)

ଓ – ଗୋଟିଏ ପୁରୁଷର ଚାଳିଶ ଜଣ ପତ୍ନୀ । (ହାଟ ଓ ବାଟ)

ଖ – ମୁଇଙ୍ଗ୍ ମର୍‌ଦ ଆଃ ଦୁଇକୋଏର କାଣାୟ । (ହାଃଟ ର ଗଏଗ୍ ଝୁଙ୍ଗ୍)

ଓ – ଯିବ ଯଦି ଯାଅ – ମତେ ଛାଡିକି ଯାଅ । (ପାଦ)

ଖ – ସାନାମ୍ ଲାଃ ସାନାମ୍ – ଇଙ୍ଗ୍ ତେ ମେଲାଏ ଟୁୟମ୍ । (ପାଃଦ)

ଓ – ଏମିତି ନଈ ଅଛି ଯେଉଁ ନଈରେ ପାଣି ବହେ ନାହିଁ, ଏମିତି ପର୍ବତ ଅଛି ସେଠାରେ ଗଛପତ୍ର ଜନ୍ମ ନିଏ ନାହିଁ, ଏମିତି ବାଟ ଅଛି ଯେଉଁଠାରେ ଲୋକମାନେ ଯାଆସ କରନ୍ତି ନାହିଁ, ଏମିତି ସମୁଦ୍ର ଅଛି ଯେଉଁଠାରେ ଜାହାଜ ଯାତାୟାତ କରେ ନାହିଁ। ଏକ ପଦରେ ପ୍ରକାଶ କର । (ନକ୍ସା)

ଖ – ଆତ୍ ଖିରମ୍ ହାଏ ହତେ ଡାଃ ଉମ୍ ଲେଙ୍ଗେତା, ଆତ୍ ବୀରୁ ହାଏ ହତେ ଦାରୁ ଉମ୍ ପଡ୍‌ତା, ଆତ୍ ଗଏଗ୍ ଝୁଙ୍ଗ୍ ହାଏ ହତେ ଲେବୁ ଉମ୍ ସାନ୍‌ତା, ଆତ୍ ସମୁଦର୍ ହାଏ ହତେ ବିବାନ୍ ଉମ୍ ଚଲେତା – ମୁଇଙ୍ଗ୍ ପଦ୍‌ତେ ବାତାୟେ । (ନକ୍‌ସା)

## ଉଦ୍ଭିଦ ସମ୍ବନ୍ଧୀୟ – ଦାରୁ ବିଷେତେ

ଓ – ଗୋଟିଏ ଗଛରେ ମିଠେଇ ଓ ମିଠେଇ । (କେନ୍ଦୁ, ଡିମିରି, ପିପ୍‌ଲି ଫଳ)

ଖ – ମୁଇଙ୍ଗ୍ ଦାରୁ ତେ ମିଠେ ଆଃ ମିଠେ । (ତିଡେଲ୍, ଲୁଆ, ଜାରାଃଲକୁ)

ଓ – କଞ୍ଚା ଖାଇଲେ ତାର ମଞ୍ଜିକୁ, ପାଚିଲା ଖାଇଲେ ତାର ଛେଲିକୁ ଖିଆ ଯାଏ । (ଖଜୁରୀ)

ଖ – ବରଲ ନଃଖଃଲାଃ ଆଡିଆ ଜାଙ୍ଗ୍ ତେ, ବେଲମ୍ କିଲାଃ ଆଡିଆ ଉସାଲ୍ ତେ ନଃତେ କି, ଇ ହାଏ ଗାମେ ପେ । (ଖେଜୁର୍)

ଓ – ଗୋଟିଏ ପିଲା ମୁଣ୍ଡରେ ପଗଡି ମାରି ଜନ୍ମ ନିଏ । (କେନ୍ଦୁ ଓ ତାଳ)

ଖ – ମୁଇଙ୍ ବେଟା ବକବ୍ ତେ ପଗ୍‌ଡି ତାର୍ କଲା ଜନ୍‌ମେତା ।
(ଡିଡେଲ୍ ର ତାଲ୍)

ଓ – ଗୋଟିଏ ଗଛରେ କେବଳ ହାଣ୍ଡି ଫଳିଛି । (ଡିମ୍ବିରି)

ଖ – ମୁଇଙ୍ ଦାରୁ ତେ ଅବ୍‌ଗା କୁୟୁ । (ଲୁଆ)

ଓ – ଜଣେ ସ୍ତ୍ରୀଲୋକ ସବୁବେଳେ ଅସଂଖ୍ୟ ଛୁଆ ଜନ୍ମ କରେ । (ଡିମ୍ବିରି ଫଳ)

ଖ – ମୁଇଙ୍ କନ୍‌ସେଲ୍ ଝାକି ଭେରେ ହାଜାର କୁଣୁଃ ଜନ୍‌ମାଏତେ । (ଲୁଆ)

ଓ – ମାଁ ପୁଅର ଗୋଟିଏ ନାମ । (ବରଫଳ, ବରକୋଳି)

ଖ – ମାଡମ୍ ବେଟା ଡମାଃ ମୁଇଙ୍ ଗା ନିମି । (ଇରିନ୍ ର ତାପ୍‌କାର୍)

ଓ – ଗୋଟିଏ ଚଢେଇର ଅନ୍ତନଳୀ ଖୁବ୍ ମିଠା । (ଡମ୍ କୁର୍ଲୁ)

ଖ – ମୁଇଙ୍ କନ୍‌ଥେଡ୍ ଆଃ ପଟାଡମ୍ ମୁରୁକ୍ ସେବୁଲ୍ । (ଡମ୍ ଖୁର୍‌ଲୁ)

ଓ – ମିଳିମିଳା ହୋଇଥିବା କୁକୁରର ମାଂସ ବହୁତ ମିଠା । (ପଣସ)

ଖ – ଖାସ୍‌ଖାସା ସଲଃ କୁମାଂ ବଡା ସେବୁଲ । (କଠର୍)

ଓ – ବାପାଙ୍କ ବିବାହ ସମୟରେ ପୁଅ ନାଚେ । (ଶାଳ ଫଳ)

ଖ – ବୁଆ ଡମାଃ ବିହାତେ ବେଟା ଡମ୍ କୁଇଗ୍ ତା । (ସାର୍‌ଗିଆ ଲକୁ)

ଓ – ଗୋଟିଏ ଗଛରେ ପାନିଆ ଉପରେ ପାନିଆ । (କରଞ୍ଜ ଫଳ)

ଖ – ମୁଇଙ୍ ଦାରୁତେ କାନାଃସିଃ ର କାନାଃସିଃ । (କୋର୍‌ଞ୍ଜୋ)

ଓ – ଗୋଟିଏ ପକ୍ଷୀର ମୁଣ୍ଡରେ ମାଂସ । (ଭେଲୁଆଁ)

ଖ – ମୁଇଙ୍ କନ୍‌ଥେଡ ଆଃ ବକବ୍ ତେ କୁମାଙ୍ । (ଶୋ ଶୋ)

ଓ – ଗୋଟିଏ ଗଛରେ ମାନ୍ଦଳ ଉପରେ ମାନ୍ଦଳ । (ପଣସ)

ଖ – ମୁଇଙ୍ ଦାରୁତେ ମାନ୍ଦ୍‌ଡି ଆଃ ମାନ୍ଦ୍‌ଡି । (କଠର୍)

ଓ – ଜନ୍ମ ନେବା ସମୟରେ କପଡା ପିନ୍ଧିଥାଏ, ବୃଦ୍ଧ ହେଲେ ପିନ୍ଧେ ନାହିଁ । (ବାଉଁଶ)

ଖ – ଜନ୍‌ମେତା ଭେରେ ଛିଡା ସୁଇତେ, ବୁଡାକି ଲାଃ ଉମ୍ ସୁଇତେ । (କଡେଙ୍)

ଓ – ପିତ୍ତଳର ଗଡୁ ଭିତରେ ବହୁତ ହଳଦୀ । (ବେଲ)

ଖ – ପିତଲ୍ ଆଃ ଲଟା ଭିଃତାର୍‌ତେ ଲାଲ ସାଙ୍ ସାଙ୍ । (କୁଲାବ୍)

ଓ – ଗୋଟିଏ ଗଛରେ ଢେଲା ଉପରେ ଢେଲା । (ବେଲ)

ଖ – ମୁଇଙ୍ ଦାରୁ ତେ ଅବ୍‌ଗା ଢେଲ୍‌କା । (କୁଲାବ୍)

ଓ – ପଚି ସଢି ଗଲେ ବହୁତ ମିଠା । (କଦଳୀ)

ଖ – ଲରଃ ଭେରେ ବଡା ସେବୁଲ୍ । (କଦେଲ୍)

ଓ – ଉପରେ ବସା ତଳେ ଅଣ୍ଡା । (ମହୁଲ)

ଖ – ତଉଲୁଙ୍ ତେ ଖତା ତୁତାତେ ଆଣ୍ଆ । (ମୁରୁନ୍)

ଓ – ବାହାରେ ମାଂସ ଭିତରେ ହାଡ, ତା ଭିତରେ ଆହୁରି ମାଂସ । (ଆମ୍ବ, ଟାକୁ, କୁଇଲି)

ଖ – ବାହାରି କୁମାଙ୍ ଭିଃତାର୍ ଜାଙ୍, ହକ୍ଡାଃ ଭିଃତାର୍ତେ ଅଡଃ କୁମାଙ୍ । (କାୟାର୍, ଟାଁକୁ, କୁଇଲି)

ଓ – ଲତା ନ ଥାଇ କନ୍ଦ ମୂଳ । (ରୁଗ୍ଡା, ପୁଟୁ)

ଖ – ଏନେମ୍ ଜୁଡୁ ଆଃ ଠୁକୁ ପଡବ୍ । (ରୁଗ୍ଡା, ପୁଟୁ)

ଓ – ଗୋଟିଏ ଗଞ୍ଜା କୁକୁଡା ଗୋଟିଏ ଗୋଡରେ ଠିଆ ହୁଏ । (ଛତୁ)

ଖ – ମୁଇଙ୍ କକ୍ର ସି୍କୋଏ ମୁଇଙ୍ କାଟାତେ ତଙ୍ହନ୍ତା । (ଉଡ୍)

ଓ – ଗୋଟିଏ ଘରର ଗୋଟିଏ ଖୁଣ୍ଟ । (ଛତୁ)

ଖ – ମୁଇଙ୍ ଅଗାଃ ମୁଇଙ୍ ଗା ଖୁଣ୍ଟ । (ଉଡ୍)

ଓ – ଜଣେ ଲୋକର ହାତ ଧରିଲେ ସମସ୍ତଙ୍କ ରୋଗ ଜଣାପଡେ । (ଭାତ)

ଖ – ମୁଡୁଆଃ ତିଃ ଧଃତେ ଅଃଲାଃ ଝାକିଆଃ କସୁ କଙ୍ଡମ୍ତା । (ପେଗ୍)

ଓ – ବନ୍ଧମଝିରେ ଜହ୍ନ ଚମକୁଥାଏ । (ତାଇ ଓ ପିଠା)

ଖ – ବନ୍ଧ୍ ଆଃ ମଃଝିତେ ଲେରାଙ୍ ଚମ୍କେତା । (ତାଇ ର କଲଙ୍)

ଓ – ଲାଲ ପୁଅ ହାଏ ହାଏ କରୁଛି । (ଲଙ୍କା)

ଖ – ଲାଲ୍ ବେଟା ହାଏ ହାଏ ଗାମ୍ତାଏଗ୍ । (ମାର୍ଚି)

ଓ – ଫୁଲ ନା ଫଳ ତଥାପି ସହର ସହର ବିକ୍ରି ହୁଏ । (ଲୁଣ)

ଖ – ଲାଃରାଃ ନ ଲକୁ ଲାଃଜ ସହର୍ ସହର୍ ଅବସଙ୍ତେକି । (ବିଲୁଙ୍)

ଓ – କଳା ବୋଦାର ଧଳା ରକ୍ତ । (ହାଣ୍ଡିଆ)

ଖ – ମଘେର ଖଁସି ଆଃ ପଣ୍ଡ୍ରା ଇୟାମ୍ । (ଝାରା)

ଓ – ଗୋଡି ଭଳିଆ ଧାନ ନ ଥାଇ ଚାଉଳ । (ଲୁଣ)

ଖ – ରକେଡ୍ ଗୁଡ୍ ଏନେମ୍ ବାଗାଃ ରୁମକୁବ୍ । (ବିଲୁଙ୍)

ଓ – ହାତୀ ପାଦରେ ଜହ୍ନ ଜନ୍ମ ନିଏ । (ତାଇ ଓ ପିଠା)

ଖ – ହାଁଥୀ ପାଃଦତେ ଲେରାଙ୍ ଜନ୍ମେସିଗ୍ । (ତାଇ ର କଲଙ୍)

## ପ୍ରାଣୀ ସମ୍ବନ୍ଧୀୟ – ଜଁତୁ ବିଷେତେ

ଓ – ଜଣେ ଲୋକ ରାତିସାରା ଅନିଦ୍ରା ରହେ ଓ ଦିନରେ ଶୁଏ । (କୁକୁର)

ଖ – ମୁଇଙ୍ ଲେବୁ ଇଡିବ୍ ତେ ଚେତେ ତେ ର ତୁନ୍ବଃତେ ଗିତାଃତା । (ସଲଃ)

ଓ -   କଳାଅଛି କିନ୍ତୁ ଗୋଡ ନାହିଁ, ଡେଣା ଅଛି କିନ୍ତୁ ପର ନାହିଁ କଣ ଅଟେ ? (ବାଦୁଡି)

ଖ -   ମଘେର ଆଇ ଲେକିନ୍ କାଟା ମଃଡେଗ୍ , ପନେର୍ ଆଇ ଲେକିନ୍ ବେଲେଡ୍ ମଃଡେଗ୍ - ଇ ହାଏ ଗାମେପେ  ? (ଭାଦୁଲ)

ଓ -   ମାଁ ର ମଧ୍ୟ ଲାଞ୍ଜ ନାହିଁ, ବାପାର ମଧ୍ୟ ଲାଞ୍ଜ ନାହିଁ, ଦିନେ ମୁଁ ମଧ୍ୟ ଲାଞ୍ଜ ହୀନ ହୋଇଯିବି । (ବେଙ୍ଗ୍ ଓ ବେଙ୍ଗ୍ ଡୁଣ୍ଡଲୁ)

ଖ -   ମାଁ ଜ ଡୁଣି, ବୁଆ ଜ ଡୁଣି, ମୁସନିଙ୍ଗ୍ ଇଙ୍ଗ୍ ଜ ଡୁଣି ହଏ ଗଃନାଏଙ୍ଗ୍ । (କେଣଡ୍ ର ଡୁନ୍‌ଲୁ)

ଓ -   ଗୋଟିଏ ବୁଢୀର ଛାତିରେ ଦାନ୍ତ । (କଙ୍କଡା)

ଖ -   ମୁଇଙ୍ଗ୍ କାଣାଏ୍ ବଗାଃ ମାୟୁଙ୍ଗ୍ ତେ ଗନେ । (ଖାଙ୍ଗାଡା)

ଓ -   ଜଣେ ମନୁଷ୍ୟର ମେରୁଦଣ୍ଡ ନାହିଁ, ହାଡ ମଧ୍ୟ ନାହିଁ । (ଜୋକ)

ଖ -   ମୁଇଙ୍ଗ୍ ଲେବୁ ଆଃ ମେରୁଜାଙ୍ଗ୍ ମଃଡେଗ୍ ନ ଜାଙ୍ଗ୍ ଜ ମଃଡେଗ୍ । (ଜୋକ୍)

ଓ -   ଗୋଟିଏ ଗଛ ପବନ ନ ଥାଇ ମଧ୍ୟ ହଲେ । (କୁକୁର ଲାଞ୍ଜ)

ଖ -   ମୁଇଙ୍ଗ୍ ଦାରୁ ଏନେମ୍ କୟତେ ହିଲେତା । (ସଲଃ ପାତା)

ଓ -   ମୁଣ୍ଡରୁ ହାତ, ହାତରେ ନାକ । (ହାତୀ ଶୁଣ୍ଢ)

ଖ -   ବକବ୍ ତାୟ ତିଃ, ତିଃ ତେ ରମଙ୍ଗ୍ । (ହାଁଥୀ ଶୁଣ୍)

ଓ -   ମୁଣ୍ଡ ବିହୀନ ଲୋକ ଦୁଆର ମୁହଁରେ ବସିଥାଏ । (କଙ୍କଡା)

ଖ -   ବକବ୍ ଉମ୍ ଆନା ଲେବୁ ଛୁମ୍ ଦୁଆର୍‌ତେ ଡକ୍ ସିଃତା । (ଖାଙ୍ଗାଡା)

ଓ -   ଜଣେ ରାଜା ବିନା ଗଛ, ବିନା ଖୁଣ୍ଟିରେ ଘର ତିଆରି କରେ । (ଉଇ)

ଖ -   ମୁଇଙ୍ଗ୍ ରାଜା ଏନେମ୍ ଦାରୁ ଏନେମ୍ ଖୁଣ୍ଟତେ ଅଃ ବାଏତେ । (ତବ୍‌ଦିର)

ଓ -   ଗୋଟିଏ ଖାସି ମାରିଲେ ଦୁଇଟି ପଥରରେ ରକ୍ତ ଲାଗେ । (ଉକୁଣୀ ଓ ନଖ)

ଖ -   ମୁଇଙ୍ଗ୍ ଖଁସି ତାରଃଲାଃ ଦୁଇଟା ସରେଙ୍ଗ୍ ତେ ଇୟାମ୍  ଲାଃତା । (ସେଃ ର ରାମାଡ୍)

ଓ -   ଜଣେ ଲୋକ ଲାଞ୍ଜରେ ଛୁଞ୍ଚି ରଖେ । (ବିଛୁ)

ଖ -   ମୁଇଙ୍ଗ୍ ଲେବୁ ଆଡିଆଃ ପାତାତେ ସୁଃଟୀ ଉନ୍‌ତେ । (ବିଛୁ)

ଓ -   ତିନୋଟି ଗୋଡ ଭୂଇଁରେ ଗୋଟିଏ ଗୋଡ ଉପରେ ବିନା ଘଡଘଡିରେ ବର୍ଷା । (କୁକୁର ମୂତ୍ର)

ଖ -   ତିନ୍‌ଟା କାଟା ଉସ୍‌ଲଃତେ ମୁଇଙ୍ଗ୍ କାଟା ତଭ୍‌ଲୁଙ୍ଗ୍ ତେ ଏନେମ୍ ତିରିବ୍ ଆଃ ଡାଃ । (ସଲଃ ହାଡା)

ଓ -   କଞ୍ଚା ମାଂସରେ ଶାଳଗଛ ହୁଏ । (ସିଙ୍ଗ)

ଖ -   ବରଲ୍ କୁମାଙ୍ଗ୍ ତେ ରେଙ୍ଗାଲ୍ ଦାରୁ ପଡ୍‌ତା । (ଡେଣେଙ୍ଗ୍)

ଓ -   ଜଣେ ବୁଢୀ ଚନା ଢାଳି ଢାଳି ଯାଏ । (ଛେଳି ଗୁହ)

ଖ – ମୁଇଙ୍ କାଣାୟ୍ ବଃ ଚାନା ଘାଲ୍‌ଗା ଘାଲ୍‌ଗା ସାନ୍‌ତା । (ମେରମ୍ ଲେଣି)

ଓ – ଗୋଟିଏ ପ୍ରାଣୀର ଲାଞ୍ଜରେ ପଇସା ଥାଏ । (ମୟୂର ପୁଚ୍ଛ)

ଖ – ମୁଇଙ୍ ଜଁତୁ ଆଃ ପାତାତେ ପଏସା ଆତା । (ମେଞ୍ଜୁର ଝାଏଲ)

ଓ – ଗୋଟିଏ ଝୁମ୍‌ପୁଡିରେ ଦୁଇ ମାଠିଆ ପାଣି ଥାଏ । (ଅଣ୍ଡା)

ଖ – ମୁଇଙ୍ କୁମ୍ବାତେ ଉବାର ଭାଁଣା ଡାଃ ଆତା । (ଆଣା)

## ଶରୀର ସମ୍ବନ୍ଧୀୟ – ନିରୀ ବିଷେତେ

ଓ – ଗୋଟିଏ ପାହାଡରେ ଗଣ୍ଠି ନ ଥାଇ ବାଉଁଶ ଅଛି । (ବାଳ)

ଖ – ମୁଇଙ୍ ବୀରୁତେ ଏନେମ୍ ଗଏଁଟ୍ ଆଃ କଣେଙ୍ ଆଇ । (ଉଲି)

ଓ – ବସା ଥାଏ କିନ୍ତୁ ଅଣ୍ଡା ଦିଏ ନାହିଁ । (ଖୋସା)

ଖ – ଖତା ବେଲ୍‌ତେ ଲେକିନ୍ ଆଣା ଉମ୍ ତେର୍‌ତେ । (ଖୁସା)

ଓ – ଗୋଟିଏ ବୋଦାକୁ ପଛପାଖରେ ବନ୍ଧା ଯାଏ । (ଖୋସା)

ଖ – ମୁଇଙ୍ ବକ୍‌ଡା ତେ କୁଣାବ୍ ଡିଗ୍ ତଲ୍‌ତେକି । (ଖୁସା)

ଓ – ଭୂମିକୁ ଢାଙ୍କି ଦେଲେ ଅନ୍ଧାର ହୋଇଯାଏ, ଖୋଲିଲେ ଉଜ୍ଜ୍ୱଳ ଦେଖା ଯାଏ । (ଆଖି)

ଖ – ଉସ୍‌ଲଃ ଡାଲ୍‌ଡମ୍‌କିଲାଃ ଆନ୍ଧାର୍ ଜୟ୍‌ତା, ରୁଃ ଗଥଃ ଲାଃ ପାତାର୍ ଜୟ୍‌ତା । (ମଡ୍)

ଓ – ଜଣେ ପଡେ, ଦୁଇ ଜଣ ଦେଖନ୍ତି, ପାଞ୍ଚ ଜଣ ଗୋଟାନ୍ତି, ଜଣେ ଖାଏ ହେଲେ କେବଳ ଜଣେ ସ୍ୱାଦ ପାଏ । (ଫଳ, ଆଖି, ଆଙ୍ଗୁଠି, ମୁହଁ, ଜିଭ)

ଖ – ମୁଇଙ୍ ଗୁର୍‌ତା, ବାରିଆଜୟ୍‌ତେ କିଆର, ପାଁଚ୍ ଝନ୍ ରାମ୍‌ତେକି, ମୁଡୁ ନଃତେ ଲାଃ ମୁଡୁଗା ସେବୁଲ୍ କୁଇତେ । (ଲକୁ, ମଡ୍, ଆଙ୍ଗ୍‌ଠି, ତମଡ୍, ଲାଙ୍ଗ୍)

ଓ – ଗୋଟିଏ ଦ୍ୱୀପରେ ଦୁଇଟି ଡାଲା ବସିଛି । (କାନ)

ଖ – ମୁଇଙ୍ ଟୁକୁତେ ଦୁଇଟା ଡାଲା ଡକସିଗ୍ । (ଲୁତୁର୍)

ଓ – ଗୋଟିଏ ଝୁମ୍‌ପୁଡିର ଦୁଇଟି ଦ୍ୱାର । (ନାକ)

ଖ – ମୁଇଙ୍ କୁମ୍ବା’ ଉବାର୍ ଟାଙ୍ ଦୁଆର୍ । (ରମଙ୍ଗ୍)

ଓ – ଛୋଟ କପଡା ଶୁଖିବାକୁ ଜାଣେ ନାହିଁ । (ଜିଭ)

ଖ – କନ୍‌ହନ୍ ଛିଡା ରାଗାୟ୍‌ନା ଉମ୍ ସଏଗ୍‌ତେ । (ଲାଙ୍ଗ)

ଓ – ଗୋଟିଏ ପଥରରେ ପାଣି ଝରେ । (ଝାଳପାଣି ଓ ମୁଣ୍ଡ କପାଳ)

ଖ – ମୁଇଙ୍ ସରେଙ୍ ତେ ଡାଃ ପାଝ୍‌ରେତା । (ଗହ୍‌ଦେ ଡାଃ ର ସମଙ୍ଗ୍)

## ଘରୋଇ ବସ୍ତୁ ସମ୍ବନ୍ଧୀୟ - ଅଗାଃ ଜିନିଷ୍ ପତର୍ ବିଷେତେ

ଓ - ଭିତରେ ନରମ ଉପରେ କଠିଣ । (ଗୁଙ୍ଗୁ)

ଖ - ଭିଃତାର୍ ତେ ଗୁଦା ତଭଲୁଙ୍ଗତେ ଆଁଟ୍ । (ଘୁଙ୍ଘୁ)

ଓ - ଗୋଟିଏ ବୁଢ଼ୀର ଭିତରେ ମାଂସ, ବାହାରେ ହାଡ, ମୁଣ୍ଡରେ ଚୁନ୍ଦି । (ଗୁଙ୍ଗୁ)

ଖ - ମୁଇଙ୍ଗ୍ କାଣାୟ୍ ବଗାଃ ଭିଃତାର୍‌ତେ କୁମାଙ୍ଗ୍, ବାହାରିତେ ଜାଙ୍ଗ୍ ବା ପାଞ୍ଜ୍‌ର, ବକବ୍ ତେ ଚୁନ୍ଦି । (ଘୁଙ୍ଘୁ)

ଓ - ଯୁଆଳି କରିବା ସମୟରେ ଗୋଟିଏ ବଳଦ, ଫିଟାଇବା ସମୟରେ ଦୁଇଟି ବଳଦ । (ଦାନ୍ତ କାଠି)

ଖ - ରବ୍ କମ୍ ନା ଭେରେ ମୁଇଙ୍ଗ୍ ଅରେଗ୍, କାଏଗ୍ ନା ଭେରେ ଉବାର୍ ଅରେଗ୍ । (ଆର୍‌ଗି ଡାଣାଃ ବା ଆର୍‌ଗିନା)

ଓ - ଜଣେ ବୁଢ଼ୀ ଜନ୍ମ ନେଲାପରେ ସଙ୍ଗେ ସଙ୍ଗେ ବସେ । (ହାଣ୍ଡି)

ଖ - ମୁଇଙ୍ଗ୍ କାଣାୟ୍‌ବଃ ଜନ୍‌ମେତାନ ସାଙ୍ଗେ ସାଙ୍ଗ୍ ଡକତା । (କୁୟୁ)

ଓ - ଜଣେ ବୁଢ଼ୀର ପିଠିରେ ଦାନ୍ତ । (ଚଟେଇ)

ଖ - ମୁଇଙ୍ଗ୍ କାଣାୟ୍ ବଗାଃ କୁଣାବ୍ ତେ ଅବଗା ଗନେ । (ପାଟିଆ)

ଓ - ଗୋଟିଏ ପକ୍ଷୀ ତା ଲାଞ୍ଜରେ ପାଣି ପିଏ । (ଲଣ୍ଠନ)

ଖ - ମୁଇଙ୍ଗ୍ କନ୍‌ଥେଡ୍ ଆଡିଆଃ ପାତା ଡମ୍ ବୁଙ୍ଗ୍ ଡାଃ ଉଡ୍‌ତେ । (ଲାଲଟିନ୍)

ଓ - ଯିବା ସମୟରେ ନଇଁ ନଇଁ ଯାଏ, ଆସିବା ସମୟରେ ଠିଆ ହୋଇ ଆସେ । (ହାଣ୍ଡି)

ଖ - ସାନ୍‌ନା ଭେରେ ଲେକଃଗା ସାନ୍‌ତା ଡେଲ୍‌ନା ଭେରେ ଡିଡିଗା ଡେଲ୍‌ତା । (କୁୟୁ)

ଓ - ଗୋଟିଏ ଝିଅକୁ ଜନ୍ମ ଦେଲାପରେ ମାଡ ଖାଏ ହେଲେ ସିନ୍ଦୂର ପିନ୍ଧିଲା ପରେ ଆଉ ମାଡ ଖାଏ ନାହିଁ । (ହାଣ୍ଡି)

ଖ - ମୁଇଙ୍ଗ୍ ବେଟିତେ ଜନ୍‌ମେତା ଭେରେ ଗା ଗିଲ୍‌ତେ କି ଲାଃ ସିନ୍ଦ୍‌ରମ୍ ଲାଃକିଲାଃ ଉମ୍ ଗିଲ୍‌ତେ କି । (କୁୟୁ)

ଓ - ଯାଇ ପାରେ, ଆସି ପାରେ ନାହିଁ । (ଶର)

ଖ - ସାନ୍‌ନା ପାଲ୍‌ତେ ଡେଲ୍‌ନା ଉମ୍ ପାଲ୍‌ତେ । (କମ୍)

ଓ - ମଲା ମେଣ୍ଢା ନିଶ୍ୱାସ ପ୍ରଶ୍ୱାସ ନିଏ । (ଚେପୁଆ)

ଖ - ଗୋଏଗ୍ ଗୋଏଗ୍ ଭେଡି ନିନାସ୍ ଉଡ୍ ତେ । (ଚେପୁଆ)

ଓ - ଜଣେ ବୁଢାର ମଝି ପିଠିରେ ଚୁନ୍ଦି ଥାଏ । (କେଜିର ଧରିବା ରଶି)

ଖ - ମୁଇଙ୍ଗ୍ କେଣର୍‌ବଗାଃ ମଃଝି କୁଣାବ୍‌ତେ ଚୁନ୍ଦି । (କେଜିତେ ଧଃତେନା କେକେଃ)

ଓ - ବାଦଲ ଘିଡଘିଡ ଚଡ୍‌ଚଡ୍ କରେ, ମାଛ ସବୁ ତଳକୁ ଓହ୍ଲାଏ । ( ମାନ୍ଦଳ)

ଖ - ତିରିବ୍ ଘିଡ୍‌କେତା, ବୁଦନୁ କାଡଙ୍ଗ୍ ଉତ୍‌ରେତା । (ମାନ୍ଦ୍‌ଡି)

ଓ - ଘନ ଜଙ୍ଗଲରେ ନାଲି ବଳଦ ବୋବାଏ । (ମାନ୍ଦଳ)

ଖ - ଅଖଣ୍ଡି ଆଡାୟ୍ ତେ ଲାଲ୍ ଅରେଗ୍ ହାଁକତେ । (ମାନ୍ଦ୍ଡି)

## ସରୀସୃପ ଜାତୀୟ - ବୁଙ୍ଗାମ୍ ବିଷେତେ

ଓ - ସମସ୍ତ ସର୍ପର ମୁଣ୍ଡ ଓ ଲାଞ୍ଜ ଜଣାଯାଏ କିନ୍ତୁ ଗୋଟିଏ ସାପର ମୁଣ୍ଡ ଓ ଲାଞ୍ଜ ଜଣା ପଡେନାହିଁ । (ବାହୁଙ୍ଗା)

ଖ - ଝାକି ବୁଙ୍ଗାମ୍ ଆଃ ବକବ୍ ର ପାତା କଙ୍ଗ୍ଡମ୍ତା ଲେକିନ୍ ମୁଇଙ୍ଗ୍ ବୁଙ୍ଗାମ୍ ଆଃ ପାତାର ବକବ୍ ଉମ୍ କଙ୍ଗ୍ଡମ୍ତା । (ଆର୍ଗଃ)

ଓ - ଗୋଟିଏ ଗଡୁ ପାଣି ପିଇବା ସମ୍ଭବ ନୁହେଁ । (କଥା)

ଖ - ମୁଇଙ୍ଗ୍ ଲୁଟା ଡାଃତେ ଉଡ୍ନା ଉମ୍ ପାଲ୍ଡମ୍ତା । (କାୟମ୍)

ଓ - କମାରକୁ ବାଘ ଖାଇଲା, ମୟୂର କହିବାକୁ ଯାଉଛି । (ବନ୍ସୀ, ମାଛ, ଫୁହି)

ଖ - ନାଏଗମ୍ତେ କିଡୋଃ ନଃଖଃ, ମେଞ୍ଜୁର୍ ଗାମ୍ନା ସାନ୍ତାଏଗ୍ । (ବନ୍ସୀ, କାଡଙ୍ଗ୍, ଫୁହି)

ଓ - ଜିଭ ଫଟା, ମୁହଁ କଟା କାର୍ଯ୍ୟରେ ଦେଶର ଶାସନ ଚାଲେ । (କଲମ, ନିବ୍)

ଖ - ଲାଙ୍ଗ୍ ପାଃପାଃ ତମଡ୍ ଡେଗ୍ ଡେଗ୍ ହକ୍ଡାଃ କାମୁ ବୁଙ୍ଗ୍ ରାଏ୍ଜ ଚଲେତା । (ଫଲ୍ଟେନ୍ ପେନ୍ ର ନିବ୍)

ଓ - ତୁମ ବାପା କୁଆଡେ ଯାଇଛନ୍ତି ଝିଅ ? - ମୋ ପିତା ଉପରକୁ ତଳ ଓ ତଳକୁ ଉପର କରିବା ପାଇଁ ଯାଇଛନ୍ତି । (ହଳ କରିବାକୁ)

ଖ - ନନୀ ବୁଆନମ୍ ଆତୁ ସାନ୍ସିଗ୍ ? - ବୁଆଗିଙ୍ଗ୍ ତଭଲୁଙ୍ଗ୍ ଆଃ ଯେଃ ତୁତା ର ତୁତାଃ ଯେ ତଭଲୁଙ୍ଗ୍ ବାୟନା ସାନସିଗ୍ । (ତନଙ୍ଗ୍ ଫାନ୍ଦାନା)

ଓ - ଗୋଟିଏ ବ୍ରାହ୍ମଣ କପଡା ମାପି ପାରେ ନାହିଁ । (ରାସ୍ତା)

ଖ - ମୁଇଙ୍ଗ୍ ବାଡମ୍ ଛିଡା ଏଡନା ଉମ୍ ପାଲତେ । (ଗଏ୍ଝୁଙ୍ଗ୍)

ଓ - ଚେଁଚ ଗୁଣ୍ଡ ଭାରି ସୁଆଦିଆ । (ନିଦ) ?

ଖ - ଚେଁଚ୍ ଗୁଣା ମୁରୁକ୍ ସେବୁଲ୍ । (ଲେମେଡ)

ଓ - ନଖରେ ଛେଚି ଗିଳି ଦିଅ । (କୁସୁମ୍)

ଖ - ଇଚାବ୍ କୁନ୍ଦ୍ରୁ ନଲ୍କାବ୍ । (ବାଙ୍ଗ୍ରୁ)

ଓ - ସେ ଗଲା ଏ ଆସିଲା । (ନଜର)

ଖ - ଆଡ଼ି ସାନ୍କି ର ଡେଲ୍କି । (ନଜେର୍)

ଓ - ସବୁ ଜଳି ଗଲା କିନ୍ତୁ ଗଣ୍ଠି ରହିଗଲା । (ନାମ)

ଖ - ଝାକି ଗେବ୍ ଗଃକି ଲେକିନ୍ ଗଏଁଟ୍ ଉମ୍ ଗେବ୍କି । (ନାଁ)

ଓ – ଦୁଃଖ ମତେ ମାରିପାରିବ ନାହିଁ । (ନାମ)

ଖ – କସୁ ଇଙ୍ ତେ ତାର୍‌ନା ଉମ୍ ପାଲ୍‌ତେ । (ନାଁ)

ଓ – ଗୋଟିଏ ଗଛରେ ଗୋଟିଏ ପତ୍ର । (ଝଣ୍ଡା)

ଖ – ମୁଇଙ୍ ଦାରୁ ତେ ମୁଇଙ୍ ଗା ଉଲାଃ । (ଝଣ୍ଡା)

ଓ – ଲିପ୍‌ଲିପ୍ ଚଢେଇ ସବୁଦେଖେ । (ପତ୍ର ଓ ଚିଠି)

ଖ – ଲିପ୍ ଲିପ୍ କନ୍‌ଥେଢ୍ ଦୁନିଆଁ ଜୟ୍‌ତେ । (ଉଲାଃ ର ଚିଠି)

ଓ – ତୁମ୍ୱା ଫାଟି ଯାଏ କିନ୍ତୁ ରଶି ଛିଣ୍ଡେ ନାହିଁ । (ନାମ)

ଖ – ତୁମ୍ୱା ପାଃତା ଲେକିନ୍ ଟାଙ୍‌ନା ଉମ୍ ତିଗ୍‌ତା । (ନାଁ)

*●*